ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

@drjyotiprasad

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **କାହାଣୀ ବିଭାଗ** | | **୨୧** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୪ | ଅଶୋକ ବିଶ୍ୱାଳ | ୨୨ |
| ଲକ୍ଷ୍ମୀ ନାରାୟଣ ଓ ରସଗୋଲା | ନିତ୍ୟରଞ୍ଜନ ନନ୍ଦ | ୩୪ |
| ଆଲୋଡ଼ନ | ଅମୃତ ନାରାୟଣ ଶତପଥୀ | ୪୧ |
| ରାକ୍ଷୀ ଭିଜିଗଲା ଆଖି ଲୁହରେ | ବାସନ୍ତୀ ଲତା ଜେନା | ୪୫ |
| ମାଛ ଝୋଳ | ସରୋଜ କୁମାର ସାହୁ | ୪୮ |
| ବାପା | ସୁନନ୍ଦା ମହାନ୍ତି | ୫୦ |
| ଏକ କଲେଜ ଝିଅର ଅକୁହା କାହାଣୀ | କୁଞ୍ଜ ବିହାରୀ ସାହୁ | ୫୨ |
| ଦାମ୍ପତ୍ୟ ଜୀବନ | ସୋନାଲି ଗଡ଼ନାୟକ | ୫୮ |
| ମେ ମାସ, ରଙ୍ଗ ବରଫ ଆଉ କୁସୁମ ଅପା | ଯଶୋଶ୍ରୀ ବେହେରା | ୬୧ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୮ |
| **କବିତା ବିଭାଗ** | | **୭୩** |
| ସଲିଳ (ଜଳ) | ଶିବ ନାରାୟଣ ଦାଶ | ୭୪ |
| ମାତୃସ୍ତୁତି | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୭୭ |
| ସ୍ୱପ୍ନ | ମୃତ୍ୟୁଞ୍ଜୟ ପାତ୍ର | ୭୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଭୋଟ ଭିକ୍ଷା | ଅମୃତ ନାରାୟଣ ଶତପଥୀ | ୮୧ |
| ବାଣୀ ବନ୍ଦନା | ନିରଞ୍ଜନ ସାହୁ | ୮୩ |
| ବୁଝି ଗଲିଣି | ବିନୟ ମହାପାତ୍ର | ୮୪ |
| ସାର୍ଥକ ହେବ ଜୀବନ | ହରେରାମ ପଣ୍ଡା | ୮୫ |
| ରାଜ ରାଜେଶ୍ୱର ବେଶ | ପୁଷ୍ପାଞ୍ଜଳୀ ପଣ୍ଡା | ୮୬ |
| ବନ୍ଧୁତା | ଆଶୁତୋଷ ମେହେର | ୮୭ |
| ଜେଜେମା | ଅର୍ଚ୍ଚନା ଆଚାର୍ଯ୍ୟ | ୮୮ |
| କେତେଦିନ ମନ ଖେଳିବୁ ଖେଳ | ତାରା ପ୍ରସାଦ ଜେନା | ୯୦ |
| କିଏ ଆସୁଛି | ବିଶ୍ୱଜିତ ନାଥ | ୯୧ |
| ଅସରାଏ ଲୁହ | ଧୀରେନ୍ଦ୍ର କୁମାର ପ୍ରଧାନ | ୯୨ |
| ସହର ଦେଲାଣି ଗାଆଁକୁ ଗିଳି | ନୀଳମଣି ଚାନ୍ଦ | ୯୩ |
| କାଗଜ ଡଙ୍ଗା | ବୃନ୍ଦାବନ ପ୍ରଧାନ | ୯୪ |
| ଆଜିର ସମାଜ | ଅନନ୍ତ କୁମାର | ୯୫ |
| ନୁହୁରୀ ଶାଶୁ | ଶିଶିର କୁମାର ପଣ୍ଡା | ୯୬ |
| ଆଇନା | ହରପ୍ରିୟା ପାତ୍ର | ୯୭ |
| ଏଇଠି ଚେରାପୁଞ୍ଜି | ଦୀନବଂଧୁ ବେଜ | ୯୯ |
| ଟିଣି ଟିଣି ଟିଣିକି ଟିଣା | ଦିବାକର ନାୟକ | ୧୦୧ |
| କବିର କବିତା | ସିଦ୍ଧେଶ୍ୱର ତ୍ରିପାଠୀ | ୧୦୨ |
| ଅତିରୁ ଇତି | ବାସନ୍ତୀ ଲତା ଜେନା | ୧୦୪ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଲଣ୍ଠନ | ସରୋଜ କୁମାର ସାହୁ | ୧୦୬ |
| ତୁମ ଆଶେ | ଜ୍ୟୋତିପ୍ରଭା ରଥ | ୧୦୭ |
| ଧାରା ଶ୍ରାବଣ | ଅମରନାଥ ବାରିକ | ୧୦୮ |
| ମେଘ ଡଗର | ବାଲାଜୀ ସେଠୀ | ୧୦୯ |
| ତୁମ ଅନୁପସ୍ଥିତି | ଆଦରମଣି ପ୍ରଧାନ | ୧୧୧ |
| ରକ୍ତସ୍ନାନ | ବାପିନି ସିଂ | ୧୧୩ |
| ପହିଲି ଆଷାଢ଼ ବର୍ଷା ଛିଟା | ଲକ୍ଷ୍ମୀଧର ସିଂ | ୧୧୪ |
| ମିଳିଯାଆନ୍ତା କି ସେହି | ପ୍ରଶାନ୍ତ ବ୍ରହ୍ମା | ୧୧୫ |
| ବାଜପକ୍ଷୀ | ବିନୟାନନ୍ଦ ବସ୍ରସ୍ୟ | ୧୧୬ |
| ଆତ୍ମହତ୍ୟା କାହିଁକି ! | ପଙ୍କଜ କୁମାର ମଙ୍ଗଳ | ୧୧୭ |
| ସହରର ମିଜାଜ | ସ୍ମିତା ପଣ୍ଡା | ୧୧୯ |
| ତିନୋଟି ଏକପଦୀ | ସୁବ୍ରତ କୁମାର ପ୍ରଧାନ | ୧୨୧ |
| ଶ୍ରାବଣୀ | ସତ୍ୟନାରାୟଣ ମିଶ୍ର | ୧୨୨ |
| ଏବେ ବି ପାଉଛି ଭଲ | ଶାନ୍ତନୁ କୁମାର ରାଉତ | ୧୨୩ |
| ରାକ୍ଷୀ, ରକ୍ଷା ଓ ମୁଁ | ଦିନେଶ ମେହେର | ୧୨୪ |
| ଆମ ଗାଆଁ ମାଟି ମହୁଲଭଟା | କୁମରଲାଲ ରଣା | ୧୨୫ |
| ଅଦଭୁତ ସମୟ | ଭବାନୀ ଶଙ୍କର ଦାଶ | ୧୨୬ |
| ଗୁରୁ ହିଁ ମଙ୍ଗଳମୟ | ମନୋରଞ୍ଜନ ସୁରୁଜାଳ | ୧୨୭ |
| ଆମ ତ୍ରିରଙ୍ଗା | ରାକେଶ ମୁଦୁଲି | ୧୨୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବନ୍ଧୁ | ରାହୁଲ ଚନ୍ଦ୍ର ଘଡ଼େଇ | ୧୩୦ |
| ଦେବଦାସୀ | କିରଣ କୁମାର ମହାନ୍ତି | ୧୩୪ |
| କହଲୋ ମା' ବସୁନ୍ଧରା | ଅହଲ୍ୟା ଦାଶ | ୧୩୭ |
| ଏଇ ଓଡ଼ିଶା ବୁକୁରେ | ନିକୁଞ୍ଜ କୁମାର ଘୋଷ | ୧୩୮ |
| ପ୍ରେମ ପ୍ରତାରଣା | ବିଶ୍ୱଭୂଷଣ ତାଣ୍ଡି | ୧୪୦ |
| ଆମ ଜୀବନ | ସାଇ ପ୍ରସାଦ ସାହୁ | ୧୪୧ |
| ଅନ୍ତିମ ଇପ୍ସିତର ସନ୍ଧାନରେ | ଆଦିତ୍ୟ ମହାପାତ୍ର | ୧୪୨ |
| ଖାଦ୍ୟ ସ୍ନେହେ ବନ୍ଧା ଖାଦକ | ରାଧାମୋହନ ପୁଜାହାରୀ | ୧୪୪ |
| ପୂର୍ଣ୍ଣିମାକଞ୍ଜରି | ଅନସୂୟା ପଣ୍ଡା | ୧୪୭ |
| ବାଲିଘର ଓ ସାବିତ୍ରୀ | ପ୍ରହ୍ଲାଦ ସାହୁ | ୧୪୯ |
| ସ୍ତ୍ରୀୟା | ଦଣ୍ଡାସି ପ୍ରଧାନ | ୧୫୧ |
| ସ୍ୱାଭିମାନ | ସୁପ୍ରିୟା ପଣ୍ଡା | ୧୫୩ |
| **ସଂବଲପୁରୀ ବିଭାଗ** | | **୧୫୪** |
| ଛୁଆ ଦିନ୍ | ବିଶ୍ୱନାଥ ଭୁଏ | ୧୫୫ |
| ମୁଇଁ ପାଠ୍ ପଢ଼ାମି | ପ୍ରଗନ୍ କୁମାର ପାତ୍ର | ୧୫୬ |
| ଖଁଣ୍ ମଧୁର୍ କଥା ଦୁଇପଦ୍ | ସନ୍ତୋଷ କୁମାର ଅଦାବର | ୧୫୮ |
| **ପ୍ରବନ୍ଧ ବିଭାଗ** | | **୧୫୯** |
| ଏ କେମିତିଆ କୃଷ୍ଣ କେଜାଣି | ବିଜୟ କୁମାର ସାହୁ | ୧୬୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସତ୍ୟବାଦୀର ସଖା ପଣ୍ଡିତ ଗୋଦାବରୀଶ | ଅକ୍ଷୟ କୁମାର ରାଉତ | ୧୬୮ |
| ଭାଷା ସୁରକ୍ଷାର ଅଗ୍ରସାରଥୀ ଗୌରୀ ଶଙ୍କର ରାୟ | ଅସିତ ମହାନ୍ତି | ୧୭୩ |
| ନ୍ୟାୟାଳୟ | ପଙ୍କଜ କୁମାର ପାଣିଗ୍ରାହୀ | ୧୭୮ |
| ଜୀବନଯାତ୍ରା | ଡଃ ମନୋରଞ୍ଜନ ବିଷୋୟୀ | ୧୮୫ |
| ରାକ୍ଷୀ | ଆଲୋକ କୁମାର ସାହୁ | ୧୮୮ |
| ଆତ୍ମହତ୍ୟା | ମଧୁସ୍ମିତା ସାହୁ | ୧୯୦ |
| ଆମ ସ୍ୱାଧୀନତା | ତ୍ରିନାଥ ନନ୍ଦୀ | ୧୯୪ |
| କଣ୍ଠଶିଳ୍ପୀ ପବନଦୀପ୍ ରାଜନ୍ | ରାମଚନ୍ଦ୍ର ପ୍ରଧାନ | ୧୯୭ |
| ମାତୃଭାଷା | ସୁନନ୍ଦା ମହାନ୍ତି | ୧୯୯ |
| ତକିଆ କହିବା ରାତିର ବେଦନା | ଅନନ୍ତ କୁମାର | ୨୦୧ |
| ବିଶେଷ ସୂଚନା | | ୨୦୩ |


## ବିଶେଷ ସୂଚନା

ଆପଣ ପଠାଇଥିବା ସମସ୍ତ ଆଲେଖ୍ୟ ଆମର ଏହି ପତ୍ରିକାକୁ ସମୃଦ୍ଧ କରିଥିବା ହେତୁ ଆପଣଙ୍କୁ ଏକ ସ୍ୱୀକାର ତଥା ସମ୍ମାନ ପତ୍ର ଦିଆଯାଉଛି । ଏଇ ପତ୍ର ଆପଣ ଆମ ୱେବ ସାଇଟ୍‌ରୁ ଡାଉନଲୋଡ୍ କରି ପାରିବେ । ଜୁନ ଏବଂ ଜୁଲାଇ ମାସର ଆଲେଖ୍ୟ ପଠାଇଥିବା ବନ୍ଧୁମାନଙ୍କୁ ଅନୁରୋଧ ସେମାନେ ନିଜ ନିଜ ମାନପତ୍ର ସାଇଟରୁ ଡାଉନଲୋଡ୍ କରି ନିଅନ୍ତୁ । ଚଳିତ ମାସର ମାନପତ୍ର ଆଉ ଦିନେ ଦୁଇଦିନ ଭିତରେ ଉପସ୍ଥାପନ କରାଯିବ । ସେଇ ସମ୍ବନ୍ଧୀୟ ସୂଚନା ଆମର ହ୍ୱାଟସ୍‌ଆପ୍ ଗ୍ରୁପ୍ ଏବଂ ଟେଲିଗ୍ରାମ୍ ଗ୍ରୁପରେ ମଧ୍ୟ ଜଣାଇ ଦିଆଯିବ । ଯୋଗଦିଅନ୍ତୁ : ୯୦୪୦୯୮୫୪୬୩ , ୭୦୦୮୫୬୭୦୮୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଭାରତବର୍ଷର ଛଅସ୍ତରୀତମ ସ୍ୱାଧୀନତା ଦିବସରେ ସରକାରଙ୍କ ଦ୍ୱାରା ଆହ୍ୱାନ ଦିଆଯାଇଥିବା ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଆମେ ସମସ୍ତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆସନ୍ତୁ ଆମେ ସମସ୍ତେ ଏହି ଉତ୍ସବରେ ଉତ୍ସାହର ସହ ଅଂଶଗ୍ରହଣ କରିବା ଏବଂ ଆମ ଘରେ ଜାତୀୟ ତ୍ରିରଙ୍ଗା ପତାକା ଲଗାଇବା । ନିଜ ଘରେ ତ୍ରିରଙ୍ଗା ପତାକାକୁ ସସମ୍ମାନ ଲଗାଇବା ସହ ଆମର ସୋସିଆଲ୍ ନେଟୱର୍କ୍ ପ୍ରୋଫାଇଲ୍ ଛବିରେ ମଧ୍ୟ ତ୍ରିରଙ୍ଗାକୁ ସ୍ଥାନ ଦେବା ।

ଭାରତୀୟ ଗଣତନ୍ତ୍ରର ପ୍ରଧାନ ସେବକ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ପ୍ରାୟ ନିଜ ଘରେ ତ୍ରିରଙ୍ଗା ପତାକା ଲଗାଇବା ଯୋଜନା କରୁଥିବା ବେଳେ ସୋସିଆଲ ମିଡିଆରେ ମଧ୍ୟ ଆମ ପ୍ରୋଫାଇଲ୍ ଛବିରେ ତ୍ରିରଙ୍ଗା ସ୍ଥାନ ଦେଇ ସାରିଛୁ । ଅବଶ୍ୟ ପ୍ରଧାନମନ୍ତ୍ରୀ ନ କହିଥିଲେ ସୁଦ୍ଧା ଆମେ ନିଜେ ବି ଏତକ ପ୍ରତିବର୍ଷ କରି ଆସୁଛୁ । କେବଳ ଆମେ ନୁହେଁ, ବରଂ ବିଗତ ବର୍ଷ ମାନଙ୍କରେ ଆମେ ଏହି ଚଳଣି ଦେଖି ଆସୁଛୁ । ଅବଶ୍ୟ ଓଡ଼ିଆ ଭାଷାରେ କଥାଟିଏ ଅଛି, ଗୋଠ ମାତିଲେ ଖଣ୍ଡିଆ ମାତେ । ଏହି ନ୍ୟାୟରେ ଅନେକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତି ମଧ୍ୟ ସମାନ ଭାବରେ କାମ କରୁଛନ୍ତି । ହେଲେ ଏହା ଭୁଲ ତ ନୁହେଁ !!! ଦେଶ ପାଇଁ ଭାବନା ଅନ୍ୟକୁ ଦେଖିବା ପରେ ବି ହେଉ ଯଦି ଜାଗ୍ରତ ହେଉଛି, ତାହେଲେ ଏହା ଭଲ କଥା ।

ଫେସବୁକରେ କିନ୍ତୁ କିଛି ବନ୍ଧୁ ପୋଷ୍ଟ କରିଛନ୍ତି ଯେ ଏହା ସବୁ ଲୋକ ଦେଖାଣିଆ ଜିନିଷ । କଣ ପ୍ରୋଫାଇଲ୍ ଛବିରେ ତ୍ରିରଙ୍ଗା ଲଗାଇଲେ ହିଁ ମୋ ଦେଶପ୍ରେମ ପ୍ରମାଣିତ ହେବ ? ପ୍ରକୃତ ଦେଶପ୍ରେମ ହୃଦୟରେ ରହିବା ଉଚିତ୍ ଇତ୍ୟାଦି ଇତ୍ୟାଦି ।

ସେମାନେ ଠିକ୍ କଥା କହୁଛନ୍ତି । ପ୍ରକୃତ ଦେଶପ୍ରେମ ଆମ ହୃଦୟରେ ସର୍ବଦା ଜ୍ୱଳନ୍ତ ଭାବରେ ରହିବା ଆବଶ୍ୟକ । ହେଲେ ଯେଉଁମାନେ ନିଜ ଛବିରେ ତ୍ରିରଙ୍ଗା ଲଗାଇଛନ୍ତି ସେମାନଙ୍କ ହୃଦୟରେ ନିଶ୍ଚୟ ଦେଶପ୍ରେମ ଥିବ ବୋଲି ମୋତେ ମନେ ହୁଏ । ଅବଶ୍ୟ ଯେଉଁମାନେ ତ୍ରିରଙ୍ଗା ଲଗାଇ ନାହାନ୍ତି ଏବଂ ଏହାଦ୍ୱାରା ଦେଶପ୍ରେମ ପ୍ରମାଣିତ ହୁଏ କି ବୋଲି ପ୍ରଶ୍ନ କରୁଛନ୍ତି ସେମାନଙ୍କ ହୃଦୟରେ କଣ ଅଛି ସେମାନେ ଜାଣିଥିବେ ।

ଆମେ ସମସ୍ତେ ଦେଶପ୍ରେମୀ ଏଥିପାଇଁ ଆମକୁ କୌଣସି ସାର୍ଟିଫିକେଟ ଆବଶ୍ୟକ ନାହିଁ । ଏବଂ ପ୍ରୋଫାଇଲ୍ ଛବିରେ ତ୍ରିରଙ୍ଗା ରହୁ କି ନ ରହୁ, ଆମ ସମସ୍ତଙ୍କ ହୃଦୟରେ ଭାରତ ପାଇଁ ପ୍ରେମ ଭର୍ତ୍ତି ହୋଇ ରହିଛି, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ତାହେଲେ, ଯଦି ଆମେ ପ୍ରୋଫାଇଲ୍ ଛବିରେ ମଧ୍ୟ ତ୍ରିରଙ୍ଗା କୁ ସ୍ଥାନ ଦେଇ ଦେବା ତ ଆମ ଦେଶ ପ୍ରେମ କମ ହୋଇଯିବ ନାହିଁ । ଏହା ଆମେ କୌଣସି ଲାଭର ବା ଲୋଭର ବଶବର୍ତ୍ତୀ ହୋଇ କରୁନାହୁଁ । ସମସ୍ତେ କରୁଛନ୍ତି ଆମେ ବି କରୁଛୁ । ଏହାଦ୍ୱାରା ଆମେ ବିଶାଳ ଭାରତବର୍ଷ ଦେଶ ପ୍ରତି ଆମର ସ୍ନେହ, ପ୍ରେମ, ସମ୍ମାନ, ଓ ଦାୟିତ୍ୱବୋଧ ରହିଛି ବୋଲି ନିଜକୁ ନିଜେ ଜଣାଉଛୁ । ଏହା ଦ୍ୱାରା ଆମେ କାହାଠାରୁ ଅଧିକ ଦେଶପ୍ରେମୀ ବୋଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରମାଣ କରିବାକୁ ଚାହୁଁ ନାହୁଁ । ଆମେ ଚାହୁଁଛୁ ସମସ୍ତେ ଆମ ଭଳି ଦେଶପ୍ରେମ ରେ ଉଦବୁଦ୍ଧ ହୁଅନ୍ତୁ । ଏହା ସାମାଜିକ ବ୍ୟବସ୍ଥାରେ ଆମ ଆସ୍ଥା ଓ ବିଶ୍ୱାସ ତଥା ଦେଶ ପ୍ରେମକୁ ଉଜାଗର କରୁ ।

ତେଣୁ, ଯଦି ଆପଣଙ୍କୁ ଇଚ୍ଛା ହେଉନାହିଁ ନିଜ ପ୍ରୋଫାଇଲ୍ ଛବିରେ ତ୍ରିରଙ୍ଗା ରଖନ୍ତୁ ନାହିଁ, କିନ୍ତୁ ଆମ ଭଳି ଯେଉଁମାନେ ତ୍ରିରଙ୍ଗାପତାକାକୁ ସମ୍ମାନ ଦେଉଛନ୍ତି ସେମାନଙ୍କୁ ନିରୁତ୍ସାହିତ କରନ୍ତୁ ନାହିଁ ।

ବୁଦ୍ଧିଜୀବୀ, ସମ୍ମାନସ୍ପଦ ବ୍ୟକ୍ତିତ୍ୱ ହିସାବରେ ଆପଣଙ୍କ ସମ୍ମାନ ସବୁବେଳେ ସମାଜରେ ରହୁ କିନ୍ତୁ ଆପଣଙ୍କ କର୍ମ ଆପଣଙ୍କୁ ସାମୁହିକ ଭାବରେ ଅସମ୍ମାନିତ କରିବାକୁ ପ୍ରେରିତ ନ କରୁ । ଆପଣଙ୍କ ପ୍ରତି ଥିବା ସମ୍ମାନ ପୂର୍ବବତ ଅକ୍ଷୁର୍ଣ୍ଣ ରହିବ ପାଇଁ ଆପଣଙ୍କୁ ଉଦ୍ୟମ କରିବାକୁ ପଡ଼ିବ । ଜନ ସମୂହର ହାର୍ଦ୍ଦିକ ଇଚ୍ଛାକୁ ସମ୍ମାନ ଦେବାକୁ ପଡ଼ିବ । ନଚେତ୍ ଆପଣ ନିଜର ବଞ୍ଚିଥିବା ସମ୍ମାନ ଟିକକ ହରାଇବେ, ଏଥିରେ ଆଦୌ ସନ୍ଦେହ ନାହିଁ ।

ଗତ କାଲିଠାରୁ ପ୍ରାୟ ଅଧିକାଂଶ ଗଣମାଧ୍ୟମରେ ଭାରତୀୟ ଗଣତନ୍ତ୍ରର ସ୍ୱାଧୀନତା ଦିବସର ଅମୃତ ମହୋତ୍ସବ ପାଳନ କରାଯାଉଥିବା ଅଗଣିତ ଭିଡ଼ିଓ ଦେଖିବାକୁ ମିଳୁଛି । ପ୍ରତ୍ୟେକ ଗାଁ ଓ ସହରରେ ଶିଶୁମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଦେଶପ୍ରେମରେ ଓତପ୍ରୋତ ଭାବରେ ଜଡ଼ିତ ହୋଇ ଏହି ଉତ୍ସବକୁ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରୁଥିବାର ଦେଖିଲେ ମନ ପ୍ରଫୁଲ୍ଲିତ ହୋଇ ଯାଉଛି । ଏହି ଉତ୍ସବକୁ ନେଇ ବିଭିନ୍ନ ପ୍ରକାରର ନୂତନ ପରିବେଷଣ, ଗୀତ, କବିତା, କଥା ଓ ସଭା ସମିତିର ଆୟୋଜନ ବି ହେଉଛି । ବସ୍ତୁତଃ ଏହା ଏକ ସର୍ବଭାରତୀୟ ସ୍ତରରେ ଆୟୋଜିତ ହେଉଥିବା ଆମ ଦେଶର ପ୍ରଥମ ପ୍ରକୃତ ସ୍ୱାଧୀନତା ଉତ୍ସବ ବୋଲି କହିଲେ ଅତ୍ୟୁକ୍ତି ହେବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ।

ଆମେ ସମସ୍ତେ ଭାରତୀୟ । ଆମର ଧର୍ମ ଭାରତୀୟତା । ଜାତି ଧର୍ମ ନିର୍ବିଶେଷରେ ଆମେ ସମସ୍ତେ ଏକ ସମ୍ବିଧାନର ଅଧୀନରେ ସୁଖ ଓ ସ୍ୱାଛନ୍ଦ୍ୟର ଜୀବନ ବିତାଉଛେ । ଆମ ସମ୍ବିଧାନ ଆମକୁ ଅନେକ ସୁବିଧା ଓ ଅଧିକାର ପ୍ରଦାନ କରୁଥିବା ବେଳେ ଆମଠାରୁ କିଛି କର୍ତ୍ତବ୍ୟ ମଧ୍ୟ ଦାବୀ କରେ । ଆମେ ସମସ୍ତେ ଆମର କର୍ତ୍ତବ୍ୟ ପାଳନ କରିବା ପାଇଁ ମଧ୍ୟ ଅନୁରୂପ ଭାବରେ ଅଗ୍ରସର ହେବା ଯେଉଁଭଳି ଭାବରେ ଆମେ ଆମର ଅଧିକାର ପାଇଁ ଅଗ୍ରସର ହେଉଛୁ ।

ଚଳିତ ବର୍ଷ ଏକ ଉଲ୍ଲେଖନୀୟ ସଫଳତା ଭାରତୀୟ ଖେଳ ଜଗତକୁ ମିଳିଛି । ସଦ୍ୟ ସମାପିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ପର୍ଦ୍ଧାରେ ଭାରତୀୟ ଅଂଶଗ୍ରହଣକାରୀ ମାନେ ଉଚ୍ଛ୍ୱସିତ ଭାବରେ ସଫଳତା ପାଇ ଦେଶକୁ ସମ୍ମାନିତ କରିଛନ୍ତି । ବିଶେଷତଃ ମୁଷ୍ଟିଯୁଦ୍ଧ ଏବଂ ଭାରୋତ୍ତଳନ ଆଦି ସ୍ପର୍ଦ୍ଧାରେ ଭାରତର ଏକଚାଟିଆ ଅଧିକାର ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତୀୟ ଦଳରେ ସାମିଲ ହୋଇଥିବା ସମସ୍ତ ଖେଳାଳି ନିଜର ପାରୁପର୍ଯ୍ୟନ୍ତ ପ୍ରଚେଷ୍ଟା କରି ଦେଶପାଇଁ ସୁନାମ ଆଣିଥିବାରୁ ସମସ୍ତ କ୍ରୀଡ଼ାବିତଙ୍କୁ ହାର୍ଦ୍ଦିକ ସମ୍ମାନ ଓ ଶୁଭେଚ୍ଛା ଜଣାଉଛି । ଯେଉଁମାନେ ପଦକ ପାଇନାହାନ୍ତି, ସେମାନେ ନିରୁତ୍ସାହିତ ନ ହୋଇ ପୁନର୍ବାର ପାଇବାକୁ ଚେଷ୍ଟା କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଖେଳ ପ୍ରତିସ୍ପର୍ଦ୍ଧାର ପ୍ରତ୍ୟେକ ସୋପାନରେ ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବ୍ୟକ୍ତିଗତ ଭାବରେ ଶୁଭେଚ୍ଛା ଜଣାଇବା ଏବଂ ସେମାନଙ୍କ ମନୋବଳକୁ ସମୃଦ୍ଧ କରିବାର ଉଦ୍ୟମକୁ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଉଛି ।

ଆମ ରାଜ୍ୟ ପାଇଁ ଅତ୍ୟନ୍ତ ଆନନ୍ଦର କଥା ଆମ ରାଜ୍ୟର ଜଣେ ମହିଳା ନେତ୍ରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ତ୍ତମାନ ଆମ ଦେଶର ସର୍ବୋଚ୍ଚ ନାଗରିକର ସମ୍ମାନ ପାଇଛନ୍ତି । ଭାରତର ପ୍ରଥମ ନାଗରିକ ହେବାର ଗୌରବ ଓଡ଼ିଆ ଝିଅ ଶ୍ରୀମତି ଦ୍ରୌପଦୀ ମୁର୍ମୁ ପାଇଛନ୍ତି । ନିର୍ବାଚନରେ ସେ ପ୍ରାକ୍ତନ ରାଜନୀତିଜ୍ଞ ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଯଶୋବନ୍ତ ସିହ୍ନାଙ୍କୁ ବିପୁଳ ଭୋଟରେ ହରାଇ ବିଜୟୀ ହୋଇଥିଲେ । ବିଗତ ଜୁଲାଇ ୨୫ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସେ ଏହି ପଦବୀରେ ଅଭିଶିକ୍ତ ହେବାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ତଥା ପ୍ରଥମ ଆଦିବାସୀ ରାଷ୍ଟ୍ରପତି ହେବାର ଗୌରବ ସେ ପାଇଛନ୍ତି । ଉପରାଷ୍ଟ୍ରପତି ଭାବରେ ଶ୍ରୀ ଜଗଦୀପ ଢଙ୍କର ବିଜୟୀ ହୋଇଛନ୍ତି । ଶ୍ରୀମତି ମୁର୍ମୂଙ୍କ ପୂର୍ବରୁ ଓଡ଼ିଶାରୁ ଶ୍ରୀ ଭି ଭି ଗିରି ମଧ୍ୟ ରାଷ୍ଟ୍ରପତି ହୋଇଥିଲେ ।

ଯଦି ଆଜି ଦିନର କଥା ଆମେ କହିବା, ତାହେଲେ ଯେଉଁ ଶବ୍ଦ ସବୁଠାରୁ ଅଧିକ ଶୁଣିବାକୁ ମିଳୁଛି ତାହା ହେଉଛି, ବୟକଟ୍ ବା ବିରୋଧ । ବିରୋଧ କାହାର ? ବିରୋଧ ହେଉଛି ଏକ ଚଳଚ୍ଚିତ୍ରର । ଆର୍ଶ୍ଚର୍ଯ୍ୟର କଥା ଏତେ ବିଶାଳ ଦେଶରେ ଜନ ସାଧାରଣଙ୍କର କଣ ଆଉ କୌଣସି କାମ ନାହିଁ, ଯେ ଏକ ସାମାନ୍ୟ ଚଳଚ୍ଚିତ୍ରକୁ ବିରୋଧ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି । ନିକଟ ଅତୀତରେ ମୁକ୍ତିଲାଭ କରିଥିବା ଏକ ଚଳଚ୍ଚିତ୍ର 'ଲାଲ ସିଂ ଚଢ୍ଢା'କୁ ପ୍ରବଳ ବିରୋଧର ସାମନା କରିବାକୁ ପଡ଼ିଛି । ଅଭିନେତା ଅମୀର ଖାନ ପ୍ରଯୋଜିତ ଏବଂ ଅଭିନୀତ ଏହି ଚଳଚ୍ଚିତ୍ର ଏକ ପ୍ରସିଦ୍ଧ ଇଂରାଜୀ ଚଳଚ୍ଚିତ୍ର 'ଫରେଷ୍ଟ ଗମ୍ପ'ର କାହାଣୀର ଛାୟାରେ ନିର୍ମିତ ହୋଇଛି । ଫରେଷ୍ଟ ଗମ୍ପ୍ ଚଳଚ୍ଚିତ୍ର ଏକ ବହୁତ ଲୋକପ୍ରିୟ ଚଳଚ୍ଚିତ୍ର ଥିଲା ଯାହା ଅସ୍କାର ଭଳି ପୁରସ୍କାର ପାଇଥିଲା । ସେହି ଚଳଚ୍ଚିତ୍ରର ଭାରତୀୟକରଣ କରିବାର ପ୍ରଚେଷ୍ଟା କରିଥିବା ଅଭିନେତା ଅମୀର ଖାନ ନିଜର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅତୀତର କିଛି ବକ୍ତବ୍ୟ ଏବଂ ଚଳଚ୍ଚିତ୍ରରେ ସନାତନୀ ହିନ୍ଦୁ ଧର୍ମର ଦେବୀଦେବତା ତଥା ପରମ୍ପରାକୁ ହୀନ କରି ଦର୍ଶାଇଥିବାର ଆକ୍ଷେପ କରି ଲୋକମାନେ ଏହି ନବନିର୍ମିତ ଚଳଚ୍ଚିତ୍ରକୁ ବିରୋଧ କରୁଥିବା କଥା ଜଣାଇଛନ୍ତି ।

ଅମୀର ଖାନଙ୍କୁ ଲୋକ ପରଫେକ୍ସନିଷ୍ଟ ବା ଅତି ଉଚ୍ଚକୋଟୀର ଅଭିନେତା ଭାବରେ ଜାଣନ୍ତି ଏବଂ ତାଙ୍କର ପ୍ରାୟ ଅଧିକାଂଶ ଚଳଚ୍ଚିତ୍ର ସୁପର୍ ହିଟ୍ ହେବାର ନଜିର ରହିଛି । କିନ୍ତୁ ଦୁଃଖର ବିଷୟ 'ଲାଲ୍ ସିଂ ଚଡ଼ଢ଼ା' ଚଳଚ୍ଚିତ୍ର ସେଇ ପ୍ରକାରର କୌଣସି ଯାଦୁ ଦେଖାଇ ପାରିଲା ନାହିଁ । ପ୍ରାୟ ତିନିଶହ କୋଟି ଟଙ୍କାରେ ନିର୍ମିତ ଏହି ଚଳଚ୍ଚିତ୍ର, ବିଗତ ତିନି ଦିନରେ ସମୁଦାୟ ତିରିଶି କୋଟି ଟଙ୍କାର ବ୍ୟବସାୟ କରିପାରିଲା ।

ଉଲ୍ଲେଖଯୋଗ୍ୟ ଯେ ଅଭିନେତାଙ୍କର ଏକ ଚଳଚ୍ଚିତ୍ର 'ପିକେ'ରେ ସେ ହିନ୍ଦୁ ଦେବୀଦେବତାଙ୍କ ଅପମାନ କରିଥିଲେ । ଏହି ଚଳଚ୍ଚିତ୍ରରେ ସେ କ୍ରିଏଟିଭ୍ ଫ୍ରିଡମ୍ ନାଁରେ ଅନେକ ଏଭଳି ଦୃଶ୍ୟର ଅବତାରଣା କରିଥିଲେ ଯାହା ଫଳରେ ଜଣେ ବ୍ୟକ୍ତି ଧାର୍ମିକ ଭାବରେ ଆହତ ହେବ ହିଁ ହେବ । ଏହି ଚଳଚ୍ଚିତ୍ର ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରି କହିଥିଲେ ଯେ ଯଦି ଆପଣଙ୍କୁ ଭଲ ଲାଗୁନାହିଁ, ତା ହେଲେ ଚଳଚ୍ଚିତ୍ରକୁ ଦେଖନ୍ତୁ ନାହିଁ । ଯାହା ଲୋକଙ୍କୁ ବହୁତ ଆଘାତ ଦେଇଥିଲା ଏବଂ ସେହି ପରିପ୍ରେକ୍ଷୀରେ ଚଳିତ ଚଳଚ୍ଚିତ୍ରପାଇଁ ବିରୋଧାଭାସ ସୃଷ୍ଟି ହୋଇଥିଲା । ଏବଂ ଏହାର ବିରୋଧ ଏତେ ମାତ୍ରାରେ ହୋଇଛି ଯେ ଗୋଟିଏ ଫ୍ଲପ୍ ହୋଇଥିବା ଚଳଚ୍ଚିତ୍ର ମଧ୍ୟ ପ୍ରଥମ ଦିନରେ ଅନ୍ୟୁନ ଏହାଠାରୁ ଭଲ ବ୍ୟବସାୟ କରୁଥିବା ବେଳେ ଏହି ଚଳଚ୍ଚିତ୍ର ଅତ୍ୟନ୍ତ ଶୋଚନୀୟ ଭାବରେ ଧରାଶାୟୀ ହୋଇଛି । ଅଭିନେତା ଅମୀର ଖାନ ଏକ ସର୍ବସାଧାରଣ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିବା ସମୟରେ କଥା ଛଳରେ କହିଥିଲେ ଯେ ଭାରତରେ ଅସହିଷ୍ଣୁତା ବଢ଼ିବାକୁ ଲାଗିଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ଏଥିପାଇଁ ସେ ନିଜ ପରିବାରର ସୁରକ୍ଷା ପାଇଁ ଚିନ୍ତିତ । ଏହିଭଳି ମନ୍ତବ୍ୟ ମଧ୍ୟ ତାଙ୍କୁ ଦେଶପ୍ରେମୀଙ୍କ ଦୃଷ୍ଟିରେ ଏକ ନକାରାତ୍ମକ ଚରିତ୍ର ଭାବରେ ଉପସ୍ଥାପିତ କରିବାକୁ ଯଥେଷ୍ଟ ଥିଲା । ଏହି ସବୁ କାରଣରୁ ଲୋକମାନେ ଅମୀର ଖାନଙ୍କ ଚଳଚ୍ଚିତ୍ରକୁ ବିରୋଧ କରିବାକୁ ନିବେଦନ କରିଥିଲେ ।

କୋଭିଡ଼ ମହାମାରୀ ସମୟରେ ମୃତ୍ୟୁବରଣ କରିଥିବା ସୁଶାନ୍ତ ସିଂ ରାଜପୁତଙ୍କ ହତ୍ୟାର ରହସ୍ୟ ବର୍ତ୍ତମାନ ସୁଦ୍ଧା ଅନ୍ଧାରରେ ଥିବା ବେଳେ ଏହାକୁ ଆତ୍ମହତ୍ୟା ବୋଲି ପ୍ରାରମ୍ଭିକ ଭାବରେ ବର୍ଣ୍ଣନା କରାଯାଉଥିଲେ ସୁଦ୍ଧା ଏକ ବିଶାଳ ବର୍ଗ ଏହାକୁ ହତ୍ୟାକାଣ୍ଡ ବୋଲି ବିଚାର କରନ୍ତି । ସୁଶାନ୍ତ ସିଂ ମୃତ୍ୟୁବରଣ ପରେ ପରେ ସମୁଦାୟ ବଲିଉଡ୍ ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେବାକୁ ଲାଗିଥିଲା । ପ୍ରଥମତଃ କୋଭିଡ଼ ହେତୁ ସିନେମା ହଲ୍ ସବୁ ବନ୍ଦ ହୋଇଥିଲା ଆଉ ଏଇ ସମୟରେ ବଲିଉଡ଼କୁ ବିରୋଧ ଆରମ୍ଭ ହେବାପରେ, କୋଭିଡ଼ ପରବର୍ତ୍ତି ସମୟରେ ମୁକ୍ତିଲାଭ କରିଥିବା ପ୍ରାୟ ସମସ୍ତ ଚଳଚ୍ଚିତ୍ର ଅତ୍ୟନ୍ତ ନିରୁତ୍ସାହିତ କରିବା ଭଳି ପ୍ରଦର୍ଶନ କରି ଆସିଛନ୍ତି । କାଶ୍ମୀର ଫାଇଲସ୍ ଏବଂ ଭୁଲଭୁଲୟା ୨ କୁ ଛାଡ଼ିଦେଲେ ବାକି ସମସ୍ତ ହିନ୍ଦି ଚଳଚ୍ଚିତ୍ର ଫ୍ଲପ୍ ବୋଲି ପ୍ରମାଣିତ ହୋଇଛନ୍ତି । ଏହା ମାତ୍ର ଏକ ସମ୍ଭାବନା ନ ହୋଇ ବରଂ ପ୍ରବଳ ଜନମତ ବୋଲି ଜାଣିବାକୁ ହେବ । ଧିରେ ଧିରେ ଲୋକଙ୍କ ମନ ଚିରାଚରିତ ଚଳଚ୍ଚିତ୍ରରୁ ଉଠିବାକୁ ଲାଗିଲାଣି । ଯେତେବେଳେ ଦକ୍ଷିଣର ଅନେକ ଚଳଚ୍ଚିତ୍ର ସର୍ବଭାରତୀୟ ତଥା ବିଶ୍ୱସ୍ତରୀୟ ପ୍ରଦର୍ଶନ ଦେଖାଉଛନ୍ତି, ସେତେବେଳେ ହିନ୍ଦୀ ଚଳଚ୍ଚିତ୍ରରେ ସେହି ଏକା ପ୍ରକାରର କଥାବସ୍ତୁ, ବିଶାଳ ବର୍ଗର ଧାର୍ମିକ ଆସ୍ଥାକୁ ଆଘାତ ଦେବାଭଳି ସମ୍ବାଦ, ଦେଶକୁ ଅପମାନିତ କରିବାଭଳି କଥାବସ୍ତୁ ଆଦିକୁ ନେଇ ନିର୍ମାଣ କରାଯାଉଛି । ତେଣୁ ବଲିଉଡ୍ ଏହାର ଔଜଲ୍ୟତା ଧିରେ ଧିରେ ହରାଇବାକୁ ବସିଲାଣି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଗତ ସପ୍ତାହର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି, ବିହାର ରାଜ୍ୟରେ ଶାସନ କଳରେ ବ୍ୟାପକ ପରିବର୍ତ୍ତନ । ବିହାରର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ନିତିଶ କୁମାର ହଠାତ ଅପ୍ରତ୍ୟାଶିତ ଭାବରେ ଭାରତୀୟ ଜନତା ପାର୍ଟି ସହ ନିଜ ଦଳର ଅନୁବନ୍ଧନକୁ ବରଖାସ୍ତ କରିଦେଇ ପୁଣି ଥରେ ରାଷ୍ଟ୍ରୀୟ ଜନତା ଦଳ ସହ ମେଣ୍ଟ ସରକାର ଗଠନ କରିଛନ୍ତି । ଅବଶ୍ୟ ଏଥିରେ ଆଶ୍ଚର୍ଯ୍ୟ ହେବାଭଳି କୌଣସି କଥା ନାହିଁ, କାରଣ ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ନିତିଶ କୁମାର ପ୍ରାୟତଃ ପ୍ରତି ଦୁଇବର୍ଷ ଅନ୍ତରରେ ଏହିଭଳି ଦଳ ବଦଳ ରାଜନୀତି କରିଥାନ୍ତି । ସେଇଥିପାଇଁ ସେ ସ୍ୱଳ୍ପ ସମୟ ମଧ୍ୟରେ ବିହାରରେ ଆଠଥର ମୁଖ୍ୟମନ୍ତ୍ରୀ ପଦବୀର ଶପଥ ଗ୍ରହଣ କରି ସାରିଛନ୍ତି । ଭ୍ରଷ୍ଟାଚାର କୁ ଆଧାର କରି ବିଗତ ସମୟରେ ନିତିଶ କୁମାର ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡ଼ି ଠାରୁ ନିଜକୁ ଦୂରେଇ ଦେଇ ଭାଜପା ସମର୍ଥନରେ ଶାସନ ଭାର ଗ୍ରହଣ କରିଥିଲେ । ବୋଧହୁଏ ଏଥିପାଇଁ କୁହାଯାଇଛି, ଯେ ରାଜନୀତିରେ କେହି ବି ଶତ୍ରୁ ବା ମିତ୍ର ନଥାନ୍ତି । ଏଠି ପ୍ରକୃତରେ ଘଡ଼ିକୁ ଘଡ଼ି ରଙ୍ଗ ବଦଳାଇବା ଲୋକ ହିଁ ଦେଖାଯାଆନ୍ତି ।

ବିଶ୍ୱସ୍ତରରେ ଯେଉଁ ସବୁ ଘଟଣା ଆମକୁ ଚିନ୍ତିତ କରୁଛି ସେଥି ମଧ୍ୟରେ ଚୀନ ଓ ତାଇବାନ୍ ପ୍ରସଙ୍ଗ ପ୍ରମୁଖ । ତାଇବାନକୁ ଚୀନ ସରକାର ନିଜର ଅଧୀନସ୍ଥ ବୋଲି ଧରି ନେଇଛନ୍ତି । ଏବଂ ଏଥିପାଇଁ ଉଭୟ ଦେଶ ମଧ୍ୟରେ ଅଶାନ୍ତି ଅନେକ ଦଶନ୍ଧିରୁ ଲାଗି ରହିଛି । ବିଗତ ଦିନରେ ଆମେରୀକା ସରକାରଙ୍କ ଜଣେ ବରିଷ୍ଠ ପଦବୀଧାରୀ ତାଇବାନ୍ ଭ୍ରମଣରେ ଆସିବା ପରିପ୍ରେକ୍ଷୀରେ ଚୀନ ଏହାର ବିରୋଧ କରିବା ସହ ତାଇବାନ୍ ଉପରେ ଆକ୍ରମଣ କରିବା ଭଳି ଧମକ ଦେଇଥିଲା । ଏବଂ ଏହି ମାମଲା ବର୍ତ୍ତମାନ ଉତ୍ତେଜନା ଅବସ୍ଥାରେ ରହିଛି, ସମ୍ଭବତଃ ଉଗ୍ର ଆକ୍ରମଣ ଭଳି ଅବସ୍ଥା ନ ଆସିଲେ ସୁଦ୍ଧା ଏହା ଦ୍ୱାରା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମଗ୍ର ଏସିଆ ମହାଦେଶରେ ପୁଣିଥରେ ଯୁଦ୍ଧର ବିଭୀଷିକା ଦେଖା ନ ଯିବ ବୋଲି କିଏ କହିବ ।

ଅନ୍ୟ ଏକ ଘଟଣାରେ ପ୍ରସିଦ୍ଧ ଲେଖକ ସଲମାନ ରସଦିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ମୁମ୍ବାଇରେ ଜନ୍ମିତ ଶ୍ରୀ ରସଦି ବିଗତ ଶତାବ୍ଦିରେ ଇସଲାମ ଧର୍ମର ଗ୍ରନ୍ଥ ଉପରେ ଆଧାରିତ ଏକ ପୁସ୍ତକ 'ସାଟାନିକ୍ ଭର୍ସେସ୍' ଲେଖି, ଅତ୍ୟନ୍ତ ପ୍ରସିଦ୍ଧ ହୋଇଯାଇଥିଲେ । ଏହି ପୁସ୍ତକରେ ଲିଖିତ ତଥ୍ୟ କିଭଳି ଭ୍ରମାତ୍ମକ ଏବଂ ଏହା କଦାପି ଶାନ୍ତିର ଧର୍ମ ନୁହେଁ ବୋଲି ସେ ବିଶ୍ୱବ୍ୟାପୀ ଅନେକ ଦେଶରେ ତଥ୍ୟାତ୍ମକ କଥନ ଉପସ୍ଥାପନ କରିଛନ୍ତି । ବର୍ତ୍ତମାନ ସପ୍ତମ ଦଶକରେ ଥିବା ଶ୍ରୀ ରସଦି, ଗତକାଲି ଆମେରିକାରେ ଏକ ବିଶ୍ୱବିଦ୍ୟାଳୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରୁଥିବା ସମୟରେ ଏକ ମୁସଲିମ୍ ଯୁବକ ହଠାତ ମଞ୍ଚ ଉପରକୁ ଉଠିଯାଇ ରସଦିଙ୍କ ଉପରେ ମରଣାତ୍ମକ ଆକ୍ରମଣ କରିଥିଲା, ଏଥିରେ ଶ୍ରୀ ରସଦି ଗୁରୁତର ଭାବରେ ଆହତ ହେବା ସହ ତାଙ୍କୁ ତୁରନ୍ତ ହେଲିକପ୍ଟର ଦ୍ୱାରା ଚିକିତ୍ସା ବ୍ୟବସ୍ଥାପାଇଁ ନିଆଯାଇଥିବା ବେଳେ ଆତତାୟୀଙ୍କୁ ଗିରଫ କରାଯାଇଛି । ଶୁଣାଯାଉଛି ରସଦୀଙ୍କ ଅବସ୍ଥା ବର୍ତ୍ତମାନ ବି ଗୁରୁତର ରହିଛି, ଏହି ଆକ୍ରମଣରେ ସେ ନିଜର ଏକ ଆଖି ହରାଇଛନ୍ତି ।

ଅତୀତରେ ଶ୍ରୀ ରସଦିଙ୍କ ଲିଖିତ ପୁସ୍ତକ ବିରୋଧରେ ଜନ ଅସନ୍ତୋଷ ହେବାଫଳରେ ଏହି ପୁସ୍ତକକୁ ତତ୍କାଳୀନ ଭାରତ ସରକାର ପ୍ରତିବନ୍ଧିତ କରିଥିଲେ । ଏହିଭଳି ବିଶ୍ୱର ପ୍ରାୟ ପଚାଶରୁ ଅଧିକ ଇସଲାମ୍ ମାନ୍ୟତା ଥିବା ଦେଶ ତାଙ୍କ ବିରୋଧରେ ଫତୁଆ ଜାରି କରିଥିଲେ । ତାଙ୍କର ପୁସ୍ତକକୁ ଯେଉଁମାନେ ବିଭିନ୍ନ ଭାଷାରେ ଅନୁବାଦ କରିଥିଲେ ସେ ସମସ୍ତଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଛି । ଜାପାନୀ ଭାଷାରେ ଅନୁବାଦ କରିଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲେଖକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଗୁରୁତର ଭାବରେ ଆହତ ହୋଇଛନ୍ତି ।

ଶ୍ରୀଲଙ୍କାର ଅବସ୍ଥା ଗୁରୁତର ଥିବା ବେଳେ ବର୍ତ୍ତମାନ ଆମ ପଡୋଶୀ ପାକିସ୍ତାନ ଦେଇ ଦିଗରେ ଗତି କରୁଥିବା ଅନୁମାନ କରାଯାଉଛି । ଏଭଳି ପରିସ୍ଥିତି ସମ୍ଭବତଃ ବଙ୍ଗଳାଦେଶରେ ମଧ୍ୟ ଦେଖିବାକୁ ମିଳିପାରେ ବୋଲି ଶୁଣାଯାଉଛି । ବିଗତ ଦିନରେ ବଙ୍ଗଳାଦେଶରେ ପେଟ୍ରୋଲିୟମ ପଦାର୍ଥର ଦର ପଚାଶ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ପରେ ଦେଶରେ ଅଶାନ୍ତିର ବାତାବରଣ ଦେଖାଦେଇଛି । ଦେଶ ଗୃହଯୁଦ୍ଧ ଭଳି ଅବସ୍ଥାର ସମ୍ମୁଖୀନ ହେବାର ସମସ୍ତ ସମ୍ଭାବନା ଦେଖାଯାଉଥିବା ବେଳେ, ଆଗାମୀ ଦିନରେ ଦେଶ ଦେବାଳିଆ ପରିସ୍ଥିତିର ସମ୍ମୁଖୀନ ହେବ ବୋଲି ଅର୍ଥନୀତିଜ୍ଞ ମାନେ ମତ ଦେଇଛନ୍ତି । ରୁଷ ୟୁକ୍ରେନ୍ ଯୁଦ୍ଧ ପରିସ୍ଥିତିକୁ ବିରୋଧ କରୁଥିବା ୟୁରୋପିଆନ୍ ୟୁନିୟନର ଦେଶମାନଙ୍କୁ ରୁଷ ପ୍ରାକୃତିକ ଗ୍ୟାସ ଯୋଗାଇବା ବନ୍ଦ କରିଦେବାପରେ ସେହି ସବୁ ଦେଶ ମାନଙ୍କରେ ମଧ୍ୟ ଜାଳେଣୀ ପାଇଁ ପେଟ୍ରୋଲିୟମ ପଦାର୍ଥ ମାନଙ୍କର ଦାମ ପାଖାପାଖି ୨୭ ପ୍ରତିଶତ ବୃଦ୍ଧି ପାଇ ସାରିଲାଣି । ଯେଉଁ ଦେଶମାନେ ଦିନ ଥିଲା ନିଜକୁ ବିଶ୍ୱର ନିୟନ୍ତା ଏବଂ ହର୍ତ୍ତାକାର୍ତ୍ତା ବୋଲି ବିବେଚନା କରୁଥିଲେ ଏବଂ ଭାରତ ଭଳି ବିକାଶଶୀଳ ଦେଶକୁ ବିଶ୍ୱର ସମସ୍ତ ପରିବେଶ ଜନିତ ସମସ୍ୟାର ଗନ୍ତାଘର ବୋଲି କହି ଆସୁଥିଲେ ସେମାନେ ଏବେ ନିଜେ କୋଇଲା ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ଏବଂ ଏଥିପାଇଁ ବିଶ୍ୱସ୍ତରରେ ଜଳବାୟୁ ପ୍ରଦୁଷଣ ବୃଦ୍ଧି ପାଇବାକୁ ଲାଗିଛି । ପରିବେଶ ନିୟନ୍ତ୍ରଣରେ ଭାରତ ସରକାର ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ବେଳେ ୟୁରୋପ୍ ଏବଂ ଆମେରିକା ଭଳି ଦେଶ ଏବେ ଅଧିକ ପ୍ରଦୁଷଣ ସୃଷ୍ଟି କରୁଥିବା ଜଣାଯାଉଛି ।

ଆସନ୍ତାକାଲି ଭାରତର ସ୍ୱାଧୀନତା ଦିବସ । ପୁଣିଥରେ ଆମେ ଆମ ଦେଶର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଜୟଗାନ କରିବା । ଯେଉଁମାନେ ସ୍ୱେଚ୍ଛାହୀନ ଭାବରେ ଏହି ଦେଶମାତୃକା ପାଇଁ ବିଦେଶୀ ଶକ୍ତି ସହ ଲଢ଼ିଥିଲେ ଏବଂ ଆମକୁ ଅତ୍ୟନ୍ତ ମୂଲ୍ୟବାନ ସ୍ୱାଧୀନତା ଆଣିଦେଇଥିଲେ ସେଇ ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆହ୍ୱାନ ଇପତ୍ରିକା ତଥା ଆହ୍ୱାନ ଓଡ଼ିଆ ପରିବାର ତରଫରୁ ସଶ୍ରଦ୍ଧ ସମ୍ମାନ ଜଣାଉଛି ।

ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ । ଆପଣଙ୍କ ଭଲ ପାଇବା, ସହଯୋଗ ଏବଂ ସ୍ନେହାଶୀର୍ବାଦ ଆହ୍ୱାନର ଉତ୍ତରୋତ୍ତର ଉନ୍ନତିରେ ସହାୟକ ହେବ ।

ସମସ୍ତଙ୍କୁ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ।

ଭାରତ ମାତାକି ଜୟ, ବନ୍ଦେ ମାତରମ୍

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା, ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କାହାଣୀ ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୪



ଅଶୋକ ବିଶ୍ୱାଳ

ଏଠି ବହୁତ ଗହୀର ପାଣି ନୁହେଁ । ବାଘୁଣୀଟି ଧୀରେ ଧୀରେ ଚାଲିବାକୁ ଲାଗିଲା । ଆଗକୁ ଟିକିଏ ଅଧିକ ପାଣି କିନ୍ତୁ ତା'ର ଗୋଡ ପାଉଥିଲା । ସେ ମୁଣ୍ଡଟିକୁ ଟିକିଏ ଉପରକୁ କରି ଦେଉଥିଲା । କାଦୁଅ ଯୋଗୁଁ ତା'ର ପୂର୍ଣ୍ଣ ଆକୃତିକୁ ଜାଣିବାଟା କଷ୍ଟ । ମୁଣ୍ଡଟି ଯାହା ଭଲ ଭାବରେ ଦେଖାଯାଉଥିଲା । ବାଘୁଣୀଟି ଖୁବ୍ ସାବଧାନ ଥିଲା । ଏଣିକି ଆଗକୁ ତା'କୁ କେହି ଲକ୍ଷ୍ୟ ନକରନ୍ତୁ । ସେପଟେ ହରିଣମାନେ କିଛି ବିପଦର ଆଶଙ୍କା କରୁଥିଲେ । ସେମାନଙ୍କ ଲମ୍ବା ଗୋଡ଼ଗୁଡ଼ିକ ଅସ୍ଥିର ହୋଇ ଆଗପଛ ହେଉଥିଲା । କିଛି ଜଣ ଆଗକୁ ଦୌଡ଼ି ଯାଉଥିଲେ । ପରେ ପରେ ସମସ୍ତେ ଧୀର ଗତିରେ ଆଗକୁ ଦୌଡ଼ିଗଲେ । କିଏ ଜୋରରେ ଦୌଡ଼ୁନଥିଲା । ସେମାନଙ୍କ ସରୁ ବେକ ସବୁ ଆଗକୁ ଲମ୍ବି ଯାଇଥିଲା । ଆଉ ଗୋଡ଼ ଗୁଡ଼ିକ ଖୁବ୍ ଜଲ୍ଦି ଆଗକୁ ବଢ଼ିଯାଉଥିଲା ।

ବାଘୁଣୀଟି ସେପର୍ଯ୍ୟନ୍ତ ଭିତର ପାଣିରେ ଥିଲା । କିଛିଟି ହରିଣ ଡରି ଅନ୍ୟ ଯାଗାରେ ପାଣି ଭିତରକୁ ପଶିଯାଇଥିଲେ । ସେ ଯାଗାରେ ଜୋରରେ ପାଣି ବୋହୁଥିଲା । ଗୋଟିଏ ହରିଣ କାଦୁଅ ଚଡ଼ା ଉପରକୁ ଉଠିଆସିଲା । ସେ ବହୁତ ଡରୁଥିଲା । କେମିତି ସେ ଜଙ୍ଗଲ ଭିତରକୁ ଜଲଦି ଚାଲିବ । ଏ ଖୋଲା ଚଡ଼ାଗୁଡ଼ା ବଡ଼ ବିପଦଜ୍ଜନକ ଜାଗା । ଏଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଘ ସହଜରେ ହରିଣକୁ ଧରିନେଇପାରେ । ଜଙ୍ଗଲର ଭିତରେ ବାଘକୁ ଦୌଡ଼ିବାକୁ ସହଜ ହେବ ନାହିଁ । ତେଣୁ ହରିଣଟି ବଡ଼ ଚଞ୍ଚଳ ହେଉଥିଲା । ତା'ର ପତଳା ଆଉ ଲମ୍ବା ବେକ ରବର ଟାଣିଲାଭଳି ଲମ୍ବିଯାଇଥିଲା । ପତଳା ମୁହଁଟି ଏକଦମ୍ ଆଗକୁ ଚାଲିଯାଇଥିଲା । ଚଞ୍ଚଳ ଗୋଡ଼ଗୁଡ଼ିକ କେମିତି ହରିଣକୁ ଆଗକୁ ନେଇଯିବ ସେଥିପାଇଁ ବ୍ୟସ୍ତ ଥିଲେ । ହରିଣଟି ଏକ ଖୋଜରେ ମାଟି ଉପରକୁ ଉଠିଆସିଲା । ତା'ପରେ ଜଙ୍ଗଲ ଭିତରକୁ ଜଲଦି ଚାଲିଗଲା । ଏଣେ ବାଘୁଣୀ ଟିକିଏ ଦୂରରେ ଧୀରେ ଧୀରେ ସେପଟ କୂଳରେ ପହଞ୍ଚି ଯାଇଥାଏ । କୂଳରେ ନରମ କାଦୁଅ । ତେଣୁ ବହୁତ ଧୀରେ ଧୀରେ ସେ କାଦୁଅରେ ଚାଲୁଥାଏ । ତା'ର ଶରୀର ଏବେ ପାଣି ଉପରକୁ ଆସିଗଲାଣି । ଏ ଭିତରେ ହରିଣମାନେ ବୋଧହୁଏ ବାଘୁଣୀର ଆସିବାର କିଛି ଅନ୍ଦାଜ କରି ନେଇଥିଲେ । ତେଣୁ ହରିଣଗୁଡ଼ିକ ଜୋରରେ ଦୌଡୁଥିଲେ । ଛାଇ ଅନ୍ଧାରରେ ହରିଣମାନଙ୍କୁ ଭଲ ଦେଖାଯାଏ ନାହିଁ । ବାଘକୁ ତ ବହୁତ ଭଲ ଭାବରେ ଦେଖାଯାଏ । ବାଘୁଣୀ ଛପି ଛପି କିଛିବାଟ ଚାଲିଯାଇଥିଲା । ସେଇଠୁ ହରିଣମାନଙ୍କୁ କେମିତି ସହଜରେ ଧରିନେବ ।

ଏପଟେ ଦୁଇଟି ଓଧ ପାଣିରେ ପହଁରି ଟିକିଏ ଦୂରକୁ ଚାଲି ଯାଇଥିଲେ । ସେମାନେ ମଧ୍ୟ କୂଳରେ ଅଧିକ ସମୟ ନରହି ଉପରକୁ ଆସି ଯାଇଥିଲେ । ପାଖରେ ବାଘୁଣୀ ନାହିଁ ତେଣୁ ସେମାନେ ବିପଦମୁକ୍ତ । ଏଣେ ବାଘୁଣୀର ସମ୍ପୂର୍ଣ୍ଣ ଲକ୍ଷ୍ୟ ସେହି ହରିଣମାନଙ୍କ ଉପରେ । ଏ ଭିତରେ କିଛି ସମୟ ବିତିଗଲା । ବାଘୁଣୀଟି ଜଙ୍ଗଲ ଭିତରେ । ଆଉ ହରିଣମାନେ ଏପଟ ସେପଟ ଦୌଡୁ ଦୌଡୁ ତା'ର ଛପିବା ସ୍ଥାନ ଜାଣିପାରିଲେନି । ଗୋଟିଏ ହରିଣୀ ବାଘଣୀର ଏକଦମ୍ ମୁହଁ ପାଖକୁ ଆସିଲା । ବାଘୁଣୀ ଦୁଇ ଖେପାରେ ସେହି ହରିଣୀକୁ ଧରିନେଲା । ବାଘ କାମୁଡ଼ାରେ ବହୁତ ଶକ୍ତି । ସେ ଜୋରରେ ହରିଣୀକୁ ମୁହଁରେ ଧରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇଥାଏ । ହରିଣୀର ବେକରେ ବଡ଼ ବଡ଼ କଣା । କିଛି ସମୟ ଧରିନେବା ପରେ ହରିଣୀ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କଲା । ତାପରେ ବାଘୁଣୀ ଶିକାରକୁ ଏକ ସୁବିଧା ଯାଗାକୁ ଟାଣି ଆଣିଲା ।

ଏହା ଭିତରେ ବାଘୁଣୀର ଛୁଆମାନେ ପାଖକୁ ଆସିଯାଇଥିଲେ । ଛୁଆଗୁଡିକ ଟିକିଏ ବଡ଼ ହୋଇ ଆସିଲେଣି । ସେମାନେ ଆଉ ଲୁଚି ରହିବାକୁ ଚାହୁଁ ନାହାନ୍ତି । ମା' ଆଉ ଛୁଆ ମଲାହରିଣୀର ପାଖରେ କିଛି ସମୟ ବସିରହିଲେ । ଛୁଆ ଦୁଇଟି ମଲାହରିଣୀକୁ ଟିକିଏ କାମୁଡିଲେ ଆଉ ତା'ର ରକ୍ତ ଚାଟିବାକୁ ଲାଗିଲେ । ମିଠା ତାଜା ରକ୍ତ ସେମାନଙ୍କୁ ବହୁତ ଭଲ ଲାଗୁଥିଲା । ଏମିତି ମା' ପାଖରେ ବସି ରହି ଛୁଆମାନଙ୍କୁ ରକ୍ତ ପିଆଇବା ଶିଖାଉଥିଲା । କିଛିସମୟ ପରେ ସେମାନେ ହରିଣୀକୁ ଖାଇବା ଆରମ୍ଭ କଲେ । ପ୍ରଥମେ ବାଘୁଣୀ ହରିଣୀର ଛାତିପଟୁ କାମୁଡ଼ି ଧରିଲା । ସେଇଠି ଖଣ୍ଡିଆ ହୋଇଥାଏ ତେଣୁ କିଛି ମାଂସ ସେଇଠୁ ଖାଇନେଲା । ଛୁଆମାନେ ଯୋଉଠୁ ପାରୁଥାନ୍ତି ସେଇଠୁ କାମୁଡି ଦେଉଥାନ୍ତି । ବାଘୁଣୀ ସାଧାରଣତଃ ଶିକାର ମାରିବା ପରେ ନରମ ମାଂସ ଦେଖି ଖାଇବାକୁ ଆରମ୍ଭ କରେ । ପିଚାପଟେ ନରମ ମାଂସ । ସେଇଠୁ କିଛି ମାଂସ ବାଘୁଣୀ ଖାଇବା ଆରମ୍ଭ କଲା । ଛୁଆମାନେ ହରିଣୀ ଶବର ଅନ୍ୟଯାଗାରୁ ଖାଇବା ଆରମ୍ଭ କଲେ । ଏମିତି ଖାଇ ଖାଇ ସେମାନଙ୍କର ପେଟ ପୂରିଗଲା ।

ସେମାନେ ମଢ଼ଠାରୁ ଟିକିଏ ଦୂରରେ ବିଶ୍ରାମ ନେଉଥିଲେ । ରାତି ଗଭୀର ହୋଇ ଯାଇଥିଲା । ଜଙ୍ଗଲର ସୋର୍ ଶବ୍ଦ ଲୋପ ପାଇଆସିଲା । ବାଘମାନେ ମଧ୍ୟ ଗଭୀର ରାତିରେ ବିଶ୍ରାମ ନିଅନ୍ତି । ସମୟକ୍ରମେ ରାତି ଅନେକ ବଢ଼ିଯାଏ । ଏମିତି ଦେଖୁ ଦେଖୁ ସକାଳ ହେଇଆସିଲା । ସକାଳରେ ଜଙ୍ଗଲଟି ରାତିର ଜଙ୍ଗଲଠାରୁ ଅନେକ ଭିନ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଯାଏ । ସକାଳରେ ଲାଗେ ଯେମିତି ଜଙ୍ଗଲଟିକୁ କେହି ଚିତ୍ରକର ଭଲ ଭାବରେ କାନଭାସ ଉପରେ ଆଙ୍କୁଛି । ଉପରେ ଲାଲ୍ ହଳଦିଆ ସୂର୍ଯ୍ୟକୁ ଏକ କଳା ହାଲ୍କା ଧଳାରଙ୍ଗର କାନ୍‌ଭାସ୍ ଉପରେ କିଏ ଆଙ୍କିଦେଇଛି । ପଛପଟଟା ହାଲ୍କା ନୀଳ । ତଳୁ ଜଳୀୟବାଷ୍ପ ସବୁ ଉଠି ଏକ ଚାଦର ଭଳି ଘାସୁଆ ଜମିକୁ ଆଉ କାଦୁଆ ଚଡ଼ାକୁ ଘୋଡେଇ ଦେଇଛି । କିଛି ପଶୁପକ୍ଷୀ ଦିଶୁନାହାନ୍ତି । କିଛିଦୂରରେ ହୁଏତ କିଛି ହରିଣ ଛିଡ଼ା ହୋଇଥିବେ । ବାଘମାନେ ଏ ଭିତରେ ପେଟ ଭରି ଖାଇ ଟିକିଏ ଦୂରରେ ବିଶ୍ରାମ ନେଉଥିଲେ ।

ଅନେକ ପ୍ରକାରର ମାଛରଙ୍କା ଚଢେଇ ଜଙ୍ଗଲରେ ଥିଲେ । ଅଳ୍ପ ଦୂରରେ ଆଉ ଏକ ମାଛରଙ୍କା ଚଢେଇ ଡାଳରେ ବସି ରହିଥିଲା । ଏ ସୁନ୍ଦରବନଟାରେ କେତେ ପ୍ରକାରର ମାଛ ଧରୁଥିବା ଚଢେଇ ଅଛନ୍ତି କହିହେବନି । କିଏ ମାଟି ଉପରେ ଶିକାର କଲାଣି ତ କିଏ ପାଣିରେ । କିନ୍ତୁ କିଏ ନା କିଏ କିଛି ନା କିଛି ଶିକାର କରି ଚାଲିଛି ।

ଗୋଟିଏ ଶିକାରା ପକ୍ଷୀ ଏକ ଉଚ୍ଚ ଗଛ ଉପରେ ବସି ରହିଥିଲା । ଏ ଶିକାରୀ ପକ୍ଷୀଗୁଡା ସବୁବେଳେ ଏକ ଉଚ୍ଚ ଏବଂ ଥୁଣ୍ଟା ଡାଳ ଉପରେ ବସି ସବୁଆଡକୁ ନଜର ରଖିଥାନ୍ତି । ଏମାନଙ୍କ ଦୃଷ୍ଟି ସବୁଆଡକୁ ଖେଳିଯିବ ଆଉ ସହଜରେ ଉଡି ଶିକାରକୁ ଧରିହେବ । ଏହି ଶିକାରୀ ପକ୍ଷୀମାନେ ସାଧାରଣତଃ ମଇଳା ରଙ୍ଗର ହୋଇଥାନ୍ତି । ଖୁବ ଉଜ୍ଜ୍ୱଳ ନହେବାର କାରଣ ହେଉଛି ସେମାନଙ୍କ ଅବସ୍ଥିତି ସହଜରେ କେହି ଜାଣି ନାପାରନ୍ତୁ ।

ଦିନ ଧିରେ ଅନେକ ବଢିଗଲା । ମଲା ହରିଣର ପେଟଟା ଫୁଲିଆସିଥିଲା । ମାଂସ ଆଉ ଏତେ ତାଜା ନଥିଲା । ଦିନ ଟିକିଏ ଅଧିକା ହେଲେ ମାଂସରୁ ବାସନା ବାହାରେ । ଦୁଇଟି ବାରହାକୁ ମାଂସର ଗନ୍ଧ ମିଳିଗଲା । ବାର୍ହାମାନେ ସାଧାରଣତଃ ମାଂସାଶୀ ନୁହଁନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ କେଉଁଠି କିଛି ଶବ ମିଳିଗଲେ ପାଟିଏ ଦିପାଟି ଖାଇଦେଇଥାନ୍ତି । ବଡ଼ ବାର୍ହାଟିଏ ତା'ର ଥୋବଣୀକୁ ଏପଟସେପଟ କରୁଥିଲା । କଳା ଆଖିଗୁଡ଼ିକ ଏକଦମ୍ ସ୍ଥିର ଥିଲା । ସେ ନିଶ୍ୱାସରେ କିଛି ଗନ୍ଧ ବାରୁଥିଲା । ତା'ର ପିଠିର ଲୋମଗୁଡ଼ିକ ଠିଆ ହୋଇଯାଇଥିଲା । ଯଦି ଶବ ଅଛି ନିଶ୍ଚିତ ଭାବରେ କିଏ ଶିକାରୀ ପାଖରେ ଲୁଚିରହିଥିବ । ବାରହାକୁ ସେମାନେ ମଧ୍ୟ ଶିକାର କରିନେଇପାରନ୍ତି । ତେଣୁ ଏ ଦୁଇଟି ବାର୍ହା ବଡ଼ ସାବଧାନ ଥିଲେ । ଦୌଡ଼ି ପଳାଇବାକୁ ଏକଦମ୍ ପ୍ରସ୍ତୁତ ହୋଇ ରହିଥିଲେ । ଯଦି କିଛି ଘଟିଯାଏ ସାଙ୍ଗେ ସାଙ୍ଗେ ଦୌଡ଼ି ଚାଲିଯିବେ । ଏମାନଙ୍କ ନାକ ଖାଲି ଏପଟସେପଟ ହେଉଥିଲା । ଏମାନେ ବହୁତ ଚଞ୍ଚଳ ଥିଲେ କିନ୍ତୁ ପଳାଇଯିବାକୁ ମନ ହେଉନଥିଲା । ମାଂସର ଗନ୍ଧଟା ବଡ଼ ତୀବ୍ର । ଯଦି ପାଖରେ ଶିକାରୀ ଥାଆନ୍ତା ଏତେବେଳକୁ ଏମାନଙ୍କୁ ତଡ଼ନ୍ତା । ପାଖରେ କେହି ଦେଖା ଯାଉନାହାନ୍ତି । ତେଣୁ ସାମାନ୍ୟ ଚେଷ୍ଟାକଲେ କ୍ଷତି କ'ଣ ? ସେମାନେ ଗୋଟିଏ ଦୁଇଟି ଖୋଜ ଆଗକୁ ନେଉଥିଲେ ପୁଣି ରହିଯାଉଥିଲେ । ଭୂମିକୁ ଶୁଙ୍ଘୁଥିଲେ । ପୁଣି ମୁଣ୍ଡ ଉପରକୁ ଉଠେଇ ଶୁଙ୍ଘୁଥିଲେ । କଳା ଆଖିଦୁଇଟି ସେହି ଶବକୁ ଦେଖିଲାଣି । ଶରୀରର ସବୁ ଲୋମ ଛିଡ଼ା ହୋଇଯାଇଛି । ପଛରେ ହାଲ୍କା ଜଙ୍ଗଲ ଆଉ ତଳେ ପେନ୍‌ସିଲ୍ ମୁଳ ଚାରିଆଡେ ।

ଜଙ୍ଗଲରେ ଏହି ବାର୍ହାଗୁଡ଼ିକ ବଡ଼ ସାବଧାନ ସହ ଆଗଉଥିଲେ । ଏବେ ହରିଣର ଶବଟା ବେଶୀ ଦୂର ନୁହଁ । ୨୦-୩୦ଫୁଟ ଦୂରରେ । ବାର୍ହା ଦୁଇଟିଙ୍କର ଲାଙ୍ଗୁଡ଼ ଜୋର୍‌ରେ ହଲୁଥିଲା । ଗୋଜିଆ ଥୋବଣୀ ଏକଦମ୍ ଜମି ସହ ସମାନ୍ତରଳ ଭାବରେ ରହି କିଛି ଗନ୍ଧକୁ ଶୁଙ୍ଘୁଥିଲା । ନା ଆଉ କିଛି ଗନ୍ଧ ଆସୁନି । ବୋଧହୁଏ ଶିକାରୀ ପାଖରେ ନାହିଁ । ଆଉ ଅନ୍ୟ କିଛି ଶବ୍ଦ ଆସୁନଥଲା । ବାଘ ପାଖରେ ଥିଲେ ଏତେବେଳକୁ ଏମାନଙ୍କ ତଡି ସାରନ୍ତାଣି । ବୋଧହୁଏ ବାଘ ଟିକେ ଦୂରରେ ଅଛି । କେଉଁଠି ବିଶ୍ରାମ ନେଉଛି । ସେମାନେ ଏମିତି ଜଗି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଗେଇ ହରିଣରଶବ ପାଖରେ ଆସି ପହଞ୍ଚିଗଲେ । ସେମାନଙ୍କ ଗୋଡ଼ ବହୁତ ଜୋରରେ ଏପଟ ସେପଟ ହେଉଥିଲା ଯେମିତିକି ସେମାନେ ନାଚୁଛନ୍ତି । ନାକ ଭୂମିକୁ ଛୁଏଁ ବା ନ ଛୁଏଁ କିନ୍ତୁ ଡର ଥିଲା ବହୁତ । ବାଘ ହଠାତ୍ ଆସିପାରେ । ଜଙ୍ଗଲ ବିଲେଇତ ଏତବଡ଼ ଶିକାର କରିପାରିବନି । ନିଶ୍ଚିତ ଭାବରେ ବାଘ କେଉଁଠି ଅଛି । ବେଶୀ ଶବରୁ ଖିଆ ହୋଇନାହିଁ । ତା' ଅର୍ଥ ବାଘ ଆଖପାଖରେ ଅପେକ୍ଷା କରି ରହିଛି ପେଟ ଖାଲି ହେଲେ ଆଉଥରେ ଆସିବ । ବାଘମାନେ ଶିକାର କଲାପରେ ସାଧାରଣତଃ ସାଙ୍ଗେ ସାଙ୍ଗେ ସବୁ ମାଂସକୁ ଖାଇପାରନ୍ତି ନାହିଁ । ଏତେ ମାଂସ ଖାଇବା ଦିନେ ବା ଦୁଇଦିନ ବା ଅତି ବେଶିରେ ତିନି ଦିନ ଚାଲିପାରେ ।

ଏ ବାର୍ହା ଦୁଇଟି ହରିଣର ପିଚା ପାଖକୁ ଚାଲିଗଲେ । ବାଘୁଣୀ ସେଇଠୁ କିଛି ଖାଇଥିଲା । ଭଲ ଖଣ୍ଡିଆ ଅଛି । ତେଣୁ ଏମାନଙ୍କୁ ଆଉ ଚମ ଚିରିବାକୁ ପଡିବ ନାହିଁ । ଏ ବାର୍ହା ଦୁଇଟି ଖୁବ୍ ଜଲଦି ଖାଇବାକୁ ଲାଗିଲେ । ସେମାନଙ୍କର ଗୋଜିଆ ଥୋବଣୀଟି ଲମ୍ବା ହୋଇଯାଉଥିଲା ଆଉ ଲମ୍ବା ଦାନ୍ତଗୁଡ଼ିକ ହରିଣର ମାଂସକୁ ଟାଣିଆଣୁଥିଲା । କିନ୍ତୁ ଏମାନଙ୍କର ମୁହଁର ଆକାର ଛୋଟ । ବହୁତ ଖାଇପାରିବେ ନାହିଁ ଏବଂ ମାଂସ ଛିଣ୍ଡାଇବା ଏମାନଙ୍କ ପାଇଁ ଏତେ ସହଜ ନୁହେଁ । ତେଣୁ ଯେତିକି ପାରୁଥିଲେ ସେତିକି ଖାଇଯାଉଥିଲେ । ଖାଇଲାବେଳେ ସେମାନଙ୍କର କାନ ପାରି ହୋଇଥିଲା । କେଉଁଠି ଶବ୍ଦ କିଛି ଆସିଲେ ଦୌଡ଼ି ପଳାଇବେ । ବଡମାଛି ଗୁଡ଼ିକ ଭଣ ଭଣ ଶବ୍ଦ କରୁଥିଲେ । ଅନ୍ୟ ଶବ୍ଦ ବାରିବା ଭାରି କଷ୍ଟ । କିନ୍ତୁ ଟିକିଏ ଖାଇ, ଟିକିଏ ପଛକୁ ଆସି ପୁଣି ଟିକିଏ ଖାଇ, ଟିକିଏ ପଛକୁ ଆସି ଶବ୍ଦ ବାରୁଥିଲେ । ଏମିତି ଖାଉ ଖାଉ ସେପଟୁ ସାମାନ୍ୟ ଭାରି ଶବ୍ଦ ଆସିଲା । ବାଘୁଣୀ ଗୋଟିଏ ବଡ଼ ବୁଦାତଳୁ ଏମାନଙ୍କୁ ଲକ୍ଷ୍ୟ କରିନେଲା । ଆଉ ଦୁଇ ଖୋଜରେ ଆଗକୁ ଆସିଗଲା । ତା'

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁହଁଟି ଭଲ ଭାବରେ ଦେଖାଯାଉଥିଲା । ଆରେ ଏ ଦୁଷ୍ଟ କିଏ ଖାଇବାରେ ଭାଗ କରୁଛି ? ସେ ଦୁଇ ତିନିଖୋଜ ଆଗେଇଆସିଲା । ବାର୍ହା ଦୁଇଟି ପ୍ରାଣ ବିକଳରେ ଦୌଡ଼ି ପଳାଇଲେ ।

ବାଘୁଣୀର ଅନାଇବା ଭଙ୍ଗୀଟି ବଡ଼ ଦର୍ଶନୀୟ ଥିଲା । କୁହାଯାଇପାରେ ଯେମିତି ଏକ ଭଦ୍ରମହିଳା ଜଙ୍ଗଲର ଧାରରୁ ଅର୍ଥାତ ତା'ର ଘର ଦୁଆର ମୁହଁରୁ ରାସ୍ତାକୁ ଅନାଇଛି । ମୁହଁରେ ସେମିତି କିଛି ରାଗ ନଥିଲା । ପେଟଟା ଭରିଯାଇଛି । ଟିକିଏ ଫୁଲିଆସିଛି । ତା' ଖାଦ୍ୟଟା ଧିରେ ହଜମ ହେଉଛି । ମୁହଁଟା ଖୋଲିନି । ଦାନ୍ତଟା ଦେଖାଉନି। ତା'ର କାନ ଗୁଡ଼ିକ ଟିକିଏ ପାରି ହୋଇଯାଇଛି । ବାଘୁଣୀ ବାର୍ହାକୁ ଏକ ଶିକାରୀ ବୋଲି କେବେ ଭାବିବନି । ତେଣୁ ଏ ବାର୍ହାଟା କିଛି ମାଂସ ଖାଇଥିବ ବୋଲି କେବେ ସେ ଭାବୁନଥିଲା । ଏଇ ଦୁଇଟା ସାଧାରଣ କନ୍ଦାମୂଳ ତାଡି ଖାଇବା ଜନ୍ତୁ । ଭୋକରେ ଖୋଜୁ ଖୋଜୁ ଏ ପାଖରେ ପହଞ୍ଚି ଯାଇଛନ୍ତି । ବାଘୁଣୀ ମୁହଁରେ ହସି ଫୁଟି ଉଠୁଥିଲା । ଛୁଆ ଦୁଇଟି ତା' ପାଖରେ ଆସି ଛିଡ଼ାହୋଇଗଲେ । ସେମାନେ ତଳେ ବସି ଆଗକୁ ଅନେଇଲେ । ଏ ବାର୍ହା ଦୁଇଟି ପ୍ରାଣ ବିକଳରେ ପଳାୟନ କରିସାରଥିଲେ ।

ଏବେ ଜଙ୍ଗଲଟା ପୂରା ଖାଲି । ବାଘୁଣୀଟି ଦି'ଖୋଜ ଆସିଲା । ତା' ମୁହଁଟା ଟିକେ ଖୋଲିଗଲା । ତା' ଖାଇବାରେ କିଛି ଖଣ୍ଡିଆ ହୋଇଥିବା ଜାଣିପାରିଲା । ତା' ଲମ୍ବା ଦାନ୍ତ ଗୁଡ଼ିକ ଏବେ ପରିଷ୍କାର ଦେଖାଯାଉଥିଲା । ଜିଭଟା ଗାଢ଼ ଲାଲ୍ । ତା' ମହଁଟା ଖୋଲି ଯାଇଥିଲା ଆଉ ସେ ଟିକେ ଗର୍ଜନ କରୁଥିଲା । ସାମାନ୍ୟ ବିରକ୍ତିର ଗର୍ଜନ । ମୁହଁର ନିଶ ଗୁଡ଼ିକ ପଛୁଆ ହୋଇଆସିଥିଲା । ଆଉ କାନ ଗୁଡ଼ିକ ଆଗୁଆ ହୋଇ ଆସିଥିଲା । ଯଦି ବାଘୁଣୀ ଏହି ସମୟରେ ବାର୍ହାକୁ ପାଇଥାଆନ୍ତା ତାହାହେଲେ ତା'କୁ ନିଶ୍ଚିତ ଭାବେ ତଡ଼ି ମାରିବାକୁ ଚେଷ୍ଟା କରିଥାଆନ୍ତା । ସେମାନେ କେଉଁଠି ଲୁଚିଗଲେଣି । ମା' ଆଉ ଦୁଇଛୁଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗେଇ ଆସିଲେ । ଶବଟା ସେମିତି ଖାଲି ପଡିଛି । ଏଠି ଲୁଚେଇବାର କିଛି ଆବଶ୍ୟକତା ନାହିଁ । କାରଣ ଜଙ୍ଗଲରେ ବାଘ ଶିକାରକୁ ଛଡାଇ ନେବାଭଳି ଆଉ କିଏ ଶିକାରୀ ତ ନାହାନ୍ତି । ଅନ୍ୟ ବଡ଼ ଜଙ୍ଗଲରେ ଗୋଟିଏ ଶିକାରକୁ ଆଉ କିଏ ଶିକାରୀ ଖାଇଦେଇପାରେ । ଏଠି ବାଘର ଅନ୍ୟ କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି । ତେଣୁ ଲୁଚାଇବାର ପ୍ରାୟ ଆବଶ୍ୟକତା ନାହିଁ ।

ଛୁଆ ଦୁଇଜଣ ଆଗକୁ ଆସିଲେ ଆଉ ପେଟେଇ ପଡ଼ି ଖାଇବାକୁ ଲାଗିଲେ । ମା’ ଟିକେ ଦୂରରେ ଛିଡ଼ା ହୋଇଥିଲା । ଛୁଆ ଦୁଇଟିର ଖାଇବା ଦେଖି ସେ ମଧ୍ୟ ଖାଇବାରେ ଲାଗିଗଲା । ସେମାନଙ୍କ ଉପରେ ହାଲ୍କା ସୂର୍ଯ୍ୟ କିରଣ ପଡୁଥିଲା । ମୁହଁଟା ଯେମିତି ଜଳୁଥିଲା । ମାଛି ଗୁଡ଼ିକ ସେମାନଙ୍କୁ ବଡ଼ ବିରକ୍ତ କରୁଥିଲେ । ଶବରେ ସବୁଆଡ଼େ ମାଛି ବସି ଯାଇଥିଲେ । ଭଣ ଭଣ କରି କାମୁଡୁଥିଲେ । କାନ ପାଖରେ ଭଁ ଭଁ ହେଉଥିଲେ । ବାଘମାନଙ୍କୁ ବହୁତ ବିରକ୍ତ ଲାଗୁଥିଲା । କିନ୍ତୁ ଯେତେ ଜଲ୍‌ଦି ହୁଏ ବାଘୁଣୀଟି ଖାଇ ନେଉଥିଲା । ଛୁଆ ଦୁଇଟି ଖାଇବା ସଙ୍ଗେସଙ୍ଗେ ନିଜ ଭିତରେ ଟିକିଏ କୁସ୍ତାକୁସ୍ତି ଆଉ ଠେଲାଠେଲି ହେଉଥିଲେ । ସେମାନଙ୍କର ମୋଟା ଥାବାଗୁଡ଼ିକ ଆରଜଣକୁ ବାଡ଼େଇ ଦେଉଥିଲା । ଜଣେ ଆଉ ଟିକିଏଭଲ ଯାଗା ଖୋଜି ଖାଇବାକୁ ଚେଷ୍ଟା କରୁଥିଲା । ସବୁ ଛୁଆଙ୍କର ସମାନ ଲକ୍ଷଣ । ଗୋଟିଏ ଛୁଆ ଖାଉଥିବାବେଳେ ଆଉ ଗୋଟିଏ ଛୁଆ ତା’ଠୁ କିଛି ଛଡ଼େଇ ଖାଇବାକୁ ଚେଷ୍ଟା କରେ । ଆଉ ବାଘର ସମାଜରେ ଏଇଟା ତ ଅତି ସାଧାରଣ କଥା । ଆର ଛୁଆଟି ଭାବେ ଏ ଛୁଆଟି ବୋଧେ ଭଲ ଖାଇଯାଉଛି ତେଣୁ ଚେଷ୍ଟା । ଅନ୍ୟଛୁଆଟି ଟିକେ ତା’କୁ ଠେଲିଦେଇ ତା’ ଯାଗାରୁ ଖାଇନେବା ପାଇଁ ଚେଷ୍ଟା କଲା । ସେ ଛୁଆଟି ଆଉ ଠେଲିଲାନି, ଯାଗା ଛାଡିଦେଲା । ଏମିତି ଖେଳାଖେଳିକରି ଖାଇନେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନଙ୍କ ପେଟ ଭରିଗଲା । ବାଘୁଣୀ ବଡ଼ ଆଁ କଲା ଆଉ ତା'ର ଲମ୍ବା ଜିଭ ବାହାରି ଆସିଲା । ସେ ଲାଲ୍ ଜିଭରେ ନିଜର ଥୋବଣି, ଓଠ ଆଦିକୁ ଭଲ ଭାବରେ ଚାଟିନେଲା । ତା'ର ଲାଲ୍ ଜିଭ ବାରବାର ଖୋଲି ଯାଉଥିଲା ଆଉ ବାଘୁଣୀଟି ନିଜକୁ ଚାଟିବାରେ ବ୍ୟସ୍ତ ଥିଲା । ଏମିତି କିଛିସମୟ ଚାଟି ଚାଟି ତା'ର ଥୋବଣୀକୁ ସଫାକରିନେଲା । ତା'ପରେ ଏପଟ ସେପଟ ଅନାଇଲା । ତା'ର ମୁହଁଟା ଟିକେ ଖୋଲିଯାଇ ଦାନ୍ତ ଗୁଡ଼ିକ ଦେଖାଯାଉଥିଲା । ସେ ସବୁଆଡକୁ ଅନାଇଲା । ନାଃ ପାଖରେ କେହି ନାହାନ୍ତି ।

ବାଘୁଣୀ ବଡ଼ ଆଶ୍ୱସ୍ତ ହୋଇଗଲା । ଛୁଆମାନେ ଏ ଭିତରେ ଖାଇବାରେ ବ୍ୟସ୍ତ ଥିଲେ । ସେମାନଙ୍କର ନାକ ମୁହଁ ସବୁଠି ରକ୍ତ ଲାଗିଥିଲା । ଧିରେ ସେମାନଙ୍କ ପେଟ ଭରିଗଲା । ସେମାନେ ଆଉ ନଖାଇ ନିଜ ନିଜ ଭିତରେ ଠେଲାଠେଲି ଆଉ ହାଲ୍କା କାମୁଡ଼ା କାମୁଡ଼ି ହେଉଥିଲେ । ସେମାନଙ୍କର ମୁହଁରୁ ଲମ୍ବା ଦାନ୍ତମାନ ମଝିରେ ମଝିରେ ବାହାରି ଆସୁଥିଲା । ଏଇଟା ଜଣେ ଜଣକୁ ଡରାଇବା ପାଇଁ । କିନ୍ତୁ ସେମାନେ ରାଗରେ କାମୁଡ଼ା କାମୁଡ଼ି ହେଉନଥିଲେ । ସେମାନଙ୍କର ଆଖିଗୁଡ଼ିକ ଏପଟସେପଟ ବୁଲୁଥିଲା । ବାଘୁଣୀ ଆଉ ତା'ର ଛୁଆଦୁହେଁ କିଛିସମୟ ଖେଳିବାରେ ବ୍ୟସ୍ତ ରହିଲେ । ମଝିରେ ମଝିରେ ଏଣେତେଣେ ଅନାଉଥାନ୍ତି । ଆଉ କେତବେଳେ କେମିତି ଆସି ମଢରୁ ଗୋଟିଏ ଦୁଇଟା ପୁଳା ଖାଇ ଦେଉଥାନ୍ତି ଆଉ ପୁଣି ଖେଳୁଥାନ୍ତି । ଏମିତି ଖେଳୁ ଖେଳୁ କିଛି ସମୟ ବିତିଗଲା ।

ସେମାନଙ୍କୁ ଶୋଷ ଲାଗିଲା । ବାଘୁଣୀ କେଇଖୋଜ ଆସି ପାଣିଧାରରେ ପେଟେଇ ପଡ଼ିଲା ଆଉ ଚକ୍ ଚକ୍ କରି ପାଣି ପିଇବାକୁ ଲାଗିଲା । ଏ ଲୁଣିଆ ପାଣିକୁ ଏମାନେ ପିଅନ୍ତି । ମିଠାପାଣି ଯେ କେଉଁ ପାଖରେ ନାହିଁ । ସମସ୍ତେ ପେଟ ଭରି ଖାଇ ନେଇଥିଲେ । ଶରୀର ବିଶ୍ରାମ ଚାହୁଁଥିଲା । ବାଘୁଣୀ ଶୋଇଗଲା ଆଉ ଦୁଇଛୁଆ ମା' ପାଖରେ ଘାରିହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୋଇଗଲେ । ମଝିରେ ବାଘୁଣୀ ଟିକେ ବୁଲିଗଲା । ତା'ର ମୁଣ୍ଡଟା ଉପରକୁ ହୋଇ ଯାଇଥିଲା । ଏମିତି ଗୋଡ଼କୁ ଟେକିଦେଇ ବାଘୁଣୀର ଶୋଇବାର ଅଭ୍ୟାସ ଥାଏ । ସେ ପୁଣି ମୁଣ୍ଡଟା ତଳକୁ ନେଇଆସିଲା । ଏମିତି ବାଘୁଣୀ ଆଉ ଛୁଆ ୨ଟା ବହୁତ ସମୟ ଶୋଇରହିଲେ । ଶବରେ ଏବେ ବି ବହୁତ ମାଂସ ଅଛି । ଏମାନେ ଆରାମରେ ଆଉ ୧-୨ଦିନ ଖାଇପାରିବେ । ବର୍ତ୍ତମାନ ବିଶ୍ରାମର ଆବଶ୍ୟକ । ଛୁଆମାନେ ଏମିତି ଖାଇ ଧୀରେ ଧୀରେ ବଡ଼ ହୋଇଯିବେ ଆଉ ମା'କୁ କିଛିଦିନ ପରେ ଛାଡ଼ି ଦୂରକୁ ଚାଲିଯିବେ । ବାଘ ସମାଜର ଏଇଆ ହି ନିୟମ ।

ସେମାନେ ଅନେକ ସମୟ ଶୋଇଲେ । ତାପରେ ଛୁଆଦୁହେଁ ଉଠି ଟିକେ ଗୋଡିଆ ଗୋଡି ଆଉ କାମୁଡାକାମୁଡି ହେଲେ । ପେଟ ଭରିଯାଇଛି ଆଉ ଏବେ ଖେଳିବାର ବେଳ । ଗୋଟିଏ ଛୁଆ ତଳେପଡିଗଲେ ଆର ଛୁଆଟି ତା'ର ବେକ ପାଖରେ କାମୁଡିବାକୁ ଚେଷ୍ଟା କରୁଥାଏ । କିନ୍ତୁ ସେ ଛୁଆ ନିଜ ଗୋଡରେ ଆର ଛୁଆକୁ ଠେଲି ଦେଉଥାଏ । କେବେବି ନିଜ ବେକକୁ ଆର ଛୁଆ ମୁହଁରେ ଦେବାକୁ ଦେଉ ନଥାଏ । ମା'ର ଏତେ ବେଳକୁ ନିଦ ଭାଙ୍ଗି ଗଲାଣୀ । ସେ ଅଳସୁଆ ଭଳି କିଛି ସମୟ ଶୋଇ ଛୁଆଙ୍କୁ ଅନାଇ ରହିଲା । ଛୁଆମାନେ ଖେଳନ୍ତ । ବେକକୁ କାମୁଡିବା ଅର୍ଥ ଶିକାରର ବେକ ଝୁଣି ମାରିବା । ଛୁଆ ଗୁଡାକ ଖେଳିବାବେଳେ ବେଳେବେଳେ ମା ଉପରେ ଚଢି ଯାଉଥାନ୍ତି । କିନ୍ତୁ ମା ମୋଟେ ବିରକ୍ତ ହେଉ ନଥାଏ । ତା'ର ଲାଙ୍ଗୁଡଟା ବେଳେ ବେଳେ ମାଟିରେ ପିଟି ଦେଉଥାଏ । ଛୁଆମାନେ ମା ଉପରେ ଚଢି କୁଦି ଅନେକ ସମୟ ଖେଳିଲେ । ମା ମଝିରେ ମଝିରେ ନିଜର ଚଉଡା ମୋଟା ଲାଲ ଜିଭରେ ଛୁଆଙ୍କୁ ଭଲଭାବରେ ଚାଟୁଥିଲା । ମା'ର ସ୍ନେହ ସବୁଠି ଅଛି ।

ଏଠି ଆଉ ଏକ ବଡ଼ ଶିକ୍ଷା ଅଛି ପାଣିରେ ପହଁରିବା । ସେ ଶିକ୍ଷାଟା ଛୁଆମାନେ ପାଇବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତି ଆବଶ୍ୟକ । ସୁନ୍ଦରବନର ବାଘର ଜୀବନର ଏକ ବଡ଼ ଅଂଶ ପାଣି ପହଁରାରେ ଯିବ । ବାଘୁଣୀ ଉଠି ଠିଆହେଲା । ଛୁଆଗୁଡାକ ମା ଠିଆହେବା ଦେଖି ଆଉ ନଖେଳି ମା ପାଖରେ ଆସି ମାକୁ ଲାଗି ଠିଆ ହୋଇଗଲେ । ମା କିଛି ନୂଆ ଦୁଃସାହାସିକ କାମ କରିବ ଆଉ ସେମାନେ ଆରାମରେ ଦେଖିବେ । ମା ଧୀରେଧୀରେ ପାଖରେ ଥିବା ପାଣି ସିଆରକୁ ଗଲା । ମୋଟେ କୋଡିଏ ଫୁଟ ଚଉଡାର ନାଳ । ବେଶି ପାଣି ନାହିଁ । ସେ ପାଣିରେ ପଶିଲା । କିନ୍ତୁ ଛୁଆମାନେ ପାଣିରେ ପଶିଲେ ନାହିଁ । ମା ସେମାନଙ୍କୁ ଡାକିଲା । ଛୁଆମାନେ କୁଁ କୁଁ ହେଉଥିଲେ । କିନ୍ତୁ ମୋଟେ ପାଣିକୁ ଓହ୍ଲାଇଲେ ନାହିଁ । ବାଘୁଣୀ ଆରପାଖ ଚଡାରେ ଥାଇ ଛୁଆଙ୍କୁ ଡାକୁଥିଲା । ତଥାପି ମଧ୍ୟ ଛୁଆମାନେ ପାଣିରେ ପଶିଲେନି । ତେଣୁ ବାଘୁଣୀ ପାଣିରେ ପଶି ଆଉଥରେ ଛୁଆମାନଙ୍କ ପଟକୁ ଆସିଲା ଛୁଆମାନେ ମା ଆସିବା ଦେଖି ମାକୁ ଲାଗି ଠିଆ ହୋଇଗଲେ । ବାଘୁଣୀ ଦେହରେ କାଦୁଅ ପାଣି ବୋହି ଯାଉଥିଲା । ସେ ଦୁଇଖୋଜ ପାଣି ଆଡକୁ ଚାଲିଲା । କିନ୍ତୁ କିଛି ଲାଭ ନାହିଁ । ଛୁଆମାନେ ମୋଟେ ଆସୁ ନଥିଲେ । ସେ ଶେଷରେ ଏକ ଛୁଆକୁ ମୁଣ୍ଡରେ ପାଣିକୁ ଠେଲିଦେଲା । ଛୁଆଟି ପାଣିରେ ବୁଡି ପୁଣି ଉଠିଗଲା । ଛୁଆଟି ଡରରେ ଜୋରରେ ଗୋଡ ହଲାଇବାକୁ ଲାଗିଲା । ଫଳରେ ବୁଡାଲାନି । ସେ ଛୁଆକୁ ନବୁଡିବାର ଦେଖି ଆର ଛୁଆଟି ପାଣି ଆଡକୁ ଦୁଇ ଖୋଜ ପକାଇଲା । କିନ୍ତୁ ପାଣି ଧାରରେ ଆସି ରହିଗଲା । ବାଘୁଣୀ ଆଉ ବିଳମ୍ବ ନକରି ସେ ଛୁଆକୁ ମଧ୍ୟ ପାଣିରେ ପକାଇଦେଲା ଆଉ ନିଜେ ପାଣି ଭିତରକୁ ଡେଇଁ ପଡିଲା । ବର୍ତ୍ତମାନ ମା ଆଉ ଛୁଆଦୁହେଁ ପାଣି ଭିତରେ । ଛୁଆ ଦୁହେଁ ବିକଳରେ ଜୋରରେ ଗୋଡ ହଲାଉଥାନ୍ତି । ମା ପାଖକୁ ଲାଗି ଆସୁଥାନ୍ତି । ମା ଧିରେ ପହଁରି ଆର କୂଳରେ ପହଁଞ୍ଚିଗଲା । ଛୁଆ ଦୁହେଁ ମଧ୍ୟ କାଦୁଅରେ ନସର ପସର ହୋଇ ମା ପାଖରେ କୂଳକୁ ଉଠିଗଲେ । ସେମାନଙ୍କର ଏକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଡ଼ ଶିକ୍ଷା ଆରମ୍ଭ ହେଲା । ସେମାନେ ଆଗକୁ ପାଣିକୁ ଏତେ ଡରିବେନି । ମା ଆଉ ଛୁଆ ଦୁହେଁ ସେମିତି ପାଣି କାଦୁଅ ହୋଇ ଆର ଜଙ୍ଗଲକୁ ପଶିଗଲେ । ଏଣେ ପଦାରେ ଶିକାରଟା ପଡିଥିଲା । ସେମାନେ କିଛି ଖେଳି କିଛି ବୁଲି ପୁଣି ମଢ ପାଖକୁ ଫେରିବେ । ଏବେ ବାରହାର ଆସିବା ସମ୍ଭାବନା କମ ।

ପାଓଲି ଏମିତି ଅନେକ ସମୟ ନିଜର ବୋଟରୁ ବାଘୁଣୀ ଆଉ ତା'ର ଛୁଆଙ୍କ ଲୀଳଖେଳା ଆଉ ଶିକ୍ଷା ଗ୍ରହଣ ଦେଖୁଥିଲେ । ବାଘୁଣୀ କିମ୍ବା ଜଙ୍ଗଲର କେହି ଜୀବ ତାଙ୍କର ଉପସ୍ଥିତିକୁ ଲକ୍ଷ୍ୟ କରିପାରିଲେ ନାହିଁ । ସେ ନିଜକୁ ବଡ଼ ଭାଗ୍ୟବାନ ମାନୁଥିଲେ । ଯାହାହେଉ ସେ ଏକ ମହାବଳ ବାଘୁଣୀର ଶିକ୍ଷାଦାନ ଦେବାର ଦେଖିଲେ । ତାଙ୍କର ମନରେ ଖୁସି ଖେଳିବୁଲୁଥିଲା ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ଷ୍ମୀ ନାରାୟଣ ଓ ରସଗୋଲା



ନିତ୍ୟ ରଞ୍ଜନ ନନ୍ଦ

ଭୋରୁ ଭୋରୁ ଟ୍ୟାକ୍ସିରୁ ଓଲ୍ହାଇ ଘର ଗେଟରେ ଭିତର ପଟୁ ଗୋଟେ ବଡ଼ ତାଲା ପଡିଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ନାରାୟଣ ବାବୁ । କାରଣ ଗତକାଲି ରାତିରେ ଫୋନ କରି ଧର୍ମପତ୍ନୀଙ୍କୁ ଜଣାଇ ଦେଇଥିଲେ ଯେ ଆଜି ଭୋରୁ ସେ ଆସି ପହଁଚିବେ ବୋଲି । ତାଲା କିଏ ପକାଇଲା !!

ଗେଟରେ ଲାଗିଥିବା କଲିଂ ବେଲ କାମ କରୁନି । ଓଃ, ମରାମତି ପାଇଁ କେତେଥର ଏଇକଥା ତାଙ୍କୁ ମନେ ପକାଇ ଦେଇଛନ୍ତି ଲକ୍ଷ୍ମୀ । ହେଲେ ସେ ଭୁଲିଯାଇଛନ୍ତି ।

ଗେଟ ଖଡ଼ ଖଡ଼ କଲେ ନାରାୟଣ ବାବୁ । କାହାର ବି ଦେଖା ନଥିଲା । ଡାହାଣ ପଟ ପଡୋଶୀ ନାୟକ ବାବୁଙ୍କ ସ୍ତ୍ରୀ ଦମୟନ୍ତୀ ଦେବୀ ବାଲକୋନିରେ ଠିଆ ହୋଇ ପଚାରିଲେ, “ଆପଣଙ୍କ ପାଖରେ ଡୁପ୍ଲିକେଟ ଚାବି ନାହିଁକି ? ଲକ୍ଷ୍ମୀ କଣ ଜାଣେ ଆପଣ ଆଜି ଆସିବେ ବୋଲି ? ଆଖି ଲାଗିଯାଇଥିବ ବୋଧେ । ଆସୁ ନାହାନ୍ତି ଆମ ଘରେ ଟିକେ ବସିଯିବେ । ଆଜି ମୁଁ ଓ ନାୟକ ବାବୁ ପୁରୀ ଯାଉଛୁ ନୀଳାଦ୍ରି ବିଜେ, ଲକ୍ଷ୍ମୀ ନାରାୟଣ ଭେଟ ଦେଖିବାକୁ । ଆପଣ ଦୁହେଁ ଯିବେ କି ?”

ତାଙ୍କ ପାଖରେ ଠିଆ ହୋଇଥିବା ନାୟକ ବାବୁ ହସିଦେଇ କହିଲେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ସେମାନେ ଦୁହେଁ ତ ଲକ୍ଷ୍ମୀ, ନାରାୟଣ, ଆଉ ଭେଟ କଣ ଦେଖିବେ ?"

ଫେଁ କିନା ହସି ଦମୟନ୍ତୀ କହିଲେ, "ଓଃ, ଆମ ଲକ୍ଷ୍ମୀ ତା'ହେଲେ ସେଥିପାଇଁ ଦୁଆର କିଳି ଦେଇଛନ୍ତି ?"

ଏ ମହିଳାଙ୍କୁ ଜମା ପସନ୍ଦ କରନ୍ତିନି ନାରାୟଣ ବାବୁ । ସବୁବେଳେ ଯା କଥା ତା କଥା ଗପି ଘରେ କଳି କଜିଆ ଲଗାଇବାରେ ଓସ୍ତାଦ ଏଇ ଦମୟନ୍ତୀ ଦେବୀ । ଓଠ ସାମ୍ନାକୁ ବାହାରିଥିବା ଦୁଇଟା ବଡ଼ ବେହେଡା ଦାନ୍ତ ପାଇଁ ନାରାୟଣ ବାବୁ ଯାଙ୍କୁ ଦନ୍ତାହାତୀ ବୋଲି କୁହନ୍ତି ।

ମୁହଁରେ ମିଛ ହସ ଖେଳାଇ ନାରାୟଣ ବାବୁ କହିଲେ, "ନା, ନା ଏଇନା କିଏ ହେଲେ ଗେଟ ଖୋଲିଦେବ ।"

ମନେମନେ ଚିନ୍ତା କଲେ, ଗୃହ ସହାୟକ ଭାବେ କାମ କରୁଥିବା ମାଧବ କଣ ଭୁଲରେ ତାଲା ପକାଇଛି ?

ତାକୁ ଫୋନ ଲଗାଇଲେ ନାରାୟଣ ବାବୁ । ସେପଟୁ କିଛି ଉତ୍ତର ନାହିଁ । ନିଶ୍ଚେ ଏ ଅଳସୁଆ ଶୋଇଥିବ । କେତେ ସମୟ ଆଉ ସେ ବାହାରେ ଠିଆ ହେବେ ? ଲକ୍ଷ୍ମୀଙ୍କୁ ଫୋନ କରି ଉଠାଇଲେ ସେ ଚିଡିବେ । ଅଗତ୍ୟା ମାଧବ ଉଦ୍ଦେଶ୍ୟରେ ଚିଡିଯାଇ ଡାକ ପକାଇଲେ ନାରାୟଣ ବାବୁ ।

- ମାଧିଆ, ମାଧିଆ ......

ଧଡପଡ ହୋଇ ମାଧବ ସାମ୍ନା କବାଟ ଖୋଲି ବାହାରକୁ ଆସିବାରୁ ବିରକ୍ତିଭରା ସ୍ୱରରେ ନାରାୟଣ କହିଲେ, "କେତେ ସମୟ ହେଲାଣି ମୁଁ ଡାକୁଛି ? ଏଡ଼େ ବଡ଼ ତାଲା କାହିଁକି ପକେଇଛୁ ? ଚାବି କାହିଁ ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଧବ କାନ କୁଣ୍ଡାଇ କହିଲା, "ଏ ତାଲା ମା ନିଜେ ପକାଇଛନ୍ତି ଓ କାନିରେ ଚାବି ବାନ୍ଧିଛନ୍ତି । କାଲି ରାତିରେ କାହିଁକି କେଜାଣି ଆପଣଙ୍କ ନାଁ ନେଇ ବହୁତ ଜୋରରେ ରାଗୁଥିଲେ । ତାଲା ପକେଇଲେ, ବାବୁ କେମିତି ଆସିବେ ବୋଲି ମୁ ପଚାରିବାରୁ କହୁଥିଲେ, ବାବୁ ଗେଟ ଡେଇଁକି ଆସନ୍ତୁ । ଆପଣ ମାଙ୍କୁ ଟିକେ ଫୋନ କରନ୍ତୁ ।"

ତାଙ୍କ ଉପରେ ରାଗିଛନ୍ତି ଲକ୍ଷ୍ମୀ !! ମନେ ମନେ ପ୍ରମାଦ ଗଣିଲେ ନାରାୟଣ ବାବୁ । ବହୁତ ଜୋରରେ ବାଥରୁମ ଲାଗୁଥିଲା ତାଙ୍କୁ । ଲକ୍ଷ୍ମୀ ତାଙ୍କୁ ଲୋକହସା କରାଇବେ ନା କଣ ?

ମାଧବକୁ କହିଲେ, "ତୁ ଟିକେ ମାଆଙ୍କୁ ଡାକିଦେ ।"

ଏତିକି ବେଳେ ବାମ ପାଖ ଘରେ ଏକାକୀ ରହୁଥିବା ପଡ଼ୋଶୀନୀ ପୁଷ୍ପାଙ୍କ ସୁଲଳିତ ସ୍ୱରରେ ବୁଲି ପଡି ଅନାଇଲେ ନାରାୟଣ ବାବୁ, "ଆରେ, ଆପଣଙ୍କୁ କଣ ପୁଣି ଭାଉଜ ଗେଟ ବନ୍ଦ କରି ବାହାରେ ଛିଡ଼ା କରାଇ ଦଣ୍ଡ ଦେଇଛନ୍ତି ? ଆସନ୍ତୁ, ଏକାଠି କଫି ପିଇବା ।"

କଫି କଥା ଶୁଣି ଚମକି ପଡିଲେ ନାରାୟଣ ବାବୁ ।

ସ୍ୱାମୀହରା ଏଇ ସୁନ୍ଦରୀ ମହିଳା ଗୋଟେ ଅଫିସରେ କାମ କରନ୍ତି । ହେଲେ ଲକ୍ଷ୍ମୀଙ୍କୁ ଜମା ପସନ୍ଦ ନୁହଁନ୍ତି ପୁଷ୍ପା । ମାଧିଆକୁ ସାଙ୍ଗରେ ଧରି ଲକ୍ଷ୍ମୀ ଚୁପକିନା ଆସି ତାଲା ଖୋଲିଲା ବେଳେ ନାରାୟଣ କହିଲେ, "ତମେ ଗେଟରେ ତାଲା କାହିଁକି ପକାଇଥିଲ ? ମୋତେ କେତେବେଳୁ ଜୋରରେ ଟଏଲେଟ ଲାଗୁଛି ।"

ତାଲା ଖୋଲୁ ଖୋଲୁ ଲକ୍ଷ୍ମୀ କହିଲେ, "ଆଚ୍ଛା, ତାଲା ପକେଇବିନି ? ଗୁଣ୍ଡିଚା ଯାତ୍ରା ସରିଲା ତୁମର ନା ଆଉ କୁଆଡେ ଯିବ ? ଅଫିସ କାମରେ ତମେ ମୋତେ ସାଙ୍ଗରେ ନନେଇ କୋଏମ୍ବାତୁର ଗଲ । କଣ ନା ଟାଇଟ ସିଡ୍ୟୁଲ ଯୋଗୁଁ ବୁଲିବା ପାଇଁ ଜମା ଟାଇମ୍ ହେବନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ସେଠୁ କେମିତି ଉଟି, କୁନୁର ଚାଲିଗଲ ? ଟଏଲେଟ ଯଦି ଲାଗୁଥିଲା, ତେବେ କଫି କଥା ଶୁଣି କେମିତି ସେ ମାଙ୍କିଡି ମୁହଁକୁ ଅନାଇଥିଲ ?"

ଘର ଭିତରକୁ ଯାଉ ଯାଉ ନାରାୟଣ କହିଲେ, "ହଠାତ ପ୍ରୋଗ୍ରାମ ହେଲା, ସାଙ୍ଗମାନେ ବାଧ୍ୟ କଲେ ।"

"ଆଚ୍ଛା, ବାଧ୍ୟ କଲେ ? ତମେ କଣ ଛୋଟ ପିଲା ହୋଇଛ ? ସବୁଦିନ ହୋଟେଲରେ ମନଇଚ୍ଛା ବଫେ ଖିଆ ଓ ତା ସହ କେକ, ମିଠା ! ତମର ସୁଗାର କେତେ ହୋଇଛି ଟେଷ୍ଟ କରିଛ ? ସେତିକିରେ ମନ ଶାନ୍ତି ହେଲାନି ଯେ ବାରରେ ମଦ ପିଇ ବାର ଗାର୍ଲମାନଙ୍କ ସହ ନାଚୁଥିଲ ? ସତେ ଯେମିତି ଇନ୍ଦ୍ରଙ୍କ ଦେବ ସଭାରେ ରମ୍ଭା ଉର୍ବଶୀଙ୍କ ସହ ନାଚ !"

ଚମକି ପଡି ନାରାୟଣ କହିଲେ, "କିଏ ତମକୁ ଏସବୁ କଥା କହିଛି ?"

ରାଗିଯାଇ ଲକ୍ଷ୍ମୀ କହିଲେ, "ତମ ଜୁନିଅର ବିନୟ ତା ଇଂଷ୍ଟାଗ୍ରାମରେ ପୋଷ୍ଟ କରିଛି । ସେ ମୋ ଫେସବୁକ ଫ୍ରେଣ୍ଡ ଲିଷ୍ଟରେ ଅଛି । ରୁହ ତମ ମଜା ଛଡୋଉଛି ।"

ନାରାୟଣଙ୍କୁ ଆଉ ଟଏଲେଟ ଲାଗୁନଥିଲା ।

ପଛପଟୁ ମାଧିଆ କହିଲା, "ବାବୁ କିନ୍ତୁ ବଢିଆ ନାଚୁଥିଲେ ।"

ନାରାୟଣଙ୍କ ଇଚ୍ଛା ହେଉଥିଲା, ସତରେ ଯଦି ତାଙ୍କ ହାତରେ ସୁଦର୍ଶନଚକ୍ର ଥାଆନ୍ତା, ତେବେ ଏଇନା ମାଧିଆର ଓ ବିନୟର ଶିରଚ୍ଛେଦ କରିଥାନ୍ତେ ସେ । ଦାନ୍ତ ଦେଖାଉଛି ମାଧିଆ । ବାବୁଆଣୀଙ୍କ ଆଜ୍ଞାଧୀନ ।

ସ୍ତ୍ରୀଙ୍କୁ ଭୁଲେଇବାକୁ ନାରାୟଣ ରସିକତା କରି କହିଲେ, "ସକାଳୁ ତୁମ ହାତ ଚା ଓ ଜଳଖିଆ କଥା ସବୁଦିନ ଭାରି ମନେପଡୁଥିଲା । ସେଠି ରାଗ ଓ ଖଟା ଖାଇ ଖାଇ ପାଟି ଅରୁଚି ମାରିଛି । ଆଜି ଟିକେ ଭଲ ଜିନିଷ ବନାଅ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମାଧିଆ, ବାବୁଙ୍କ ପାଇଁ ଯାହା ସବୁ ମୁଁ ବନେଇଛି ଜଲଦି ଆଣେ ଓ ଲଞ୍ଚ ପାଇଁ ତୋତେ କହିଥିବା ପରିବା ଦୋକାନରୁ ନେଇଆସେ ।"

ବ୍ରସ କରି ସାମ୍ନାରେ ଥୁଆ ହୋଇଥିବା ଜିନିଷ ଦେଖି ଚମକି ପଡିଲେ ନାରାୟଣ ବାବୁ ।

ବ୍ୟାଗ ଧରି ମାଧିଆ ଗେଟ ପାଖରେ ପହଁଚିଲା ବେଳକୁ ଘର ଭିତରୁ ନାରାୟଣ ବାବୁଙ୍କ ବିକଳ ସ୍ୱରରେ "ନା, ନା... ମୋତେ କ୍ଷମା କରିଦିଅ" ପାଟି ଶୁଭୁଥିଲା ଓ ତା ସହିତ ଲକ୍ଷ୍ମୀ ଦେବୀଙ୍କ "ମୁଁ କିଛି ଶୁଣିବିନି " ଚିତ୍କାର ଶୁଭୁଥିଲା ।

ଘରେ କାମ କରୁଥିବା କାମବାଲୀ ହେମା, ଗେଟ ପାଖରେ, ଧୀର ସ୍ୱରରେ ମାଧିଆକୁ ପଚାରିଲା, "କିରେ ପାଟି କାହିଁକି ଶୁଭୁଛି ?"

ଗମ୍ଭୀର ହୋଇ ମାଧିଆ କହିଲା, "ଏଇନା ଆମ ଘରେ ଅଣସର ଉପଚାର ଚାଲିଛି ।"

ହେମା କହିଲା, "କିରେ ଅଣସର ସରି, ଗୁଣ୍ଡିଚା ବାହୁଡା ପରା ଗଲାଣି ।"

ମୁରୁକି ହସି ମାଧିଆ କହିଲା, "ଆଜି ଲକ୍ଷ୍ମୀ ନାରାୟଣ ଭେଟ ପରା । ବାବୁ ମା'ଙ୍କୁ ସାଙ୍ଗରେ ନନେଇ ବୁଲିବାକୁ ଯାଇ ମଜା କରୁଥିଲେ ବୋଲି ମା ରାଗିଥିଲେ । ପୁଣି ବାବୁଙ୍କ ସୁଗାର ବଢିଛି ବୋଲି ମା ଟେଷ୍ଟ କରି ଜାଣି ଏଇନା କଲରାପତ୍ର ଜୁସ ଓ ପସାରୁଣୀ ପତ୍ର ଜନ୍ତା ରୁଟି ସହ ମେଥି ଚଟଣୀ ବାଢ଼ିଛନ୍ତି । ବାବୁଙ୍କୁ ଖାଲି ବାନ୍ତି ଉଠାଉଛି । ହେଲେ ମା କେଉଁ ଛାଡିବା ଲୋକ ? କୋଏମ୍ବାଟୁରରୁ ସିଲକ ବା ପାଟ ଶାଢ଼ୀ ଗୋଟେ ବି ଆଣିବାକୁ ବାବୁ ଭୁଲିଯାଇଛନ୍ତି ବୋଲି ଏଇନା ଖରାବେଳେ କଲରା ବିରିଆନି ଓ ପିତାଶାଗ ଭଜା ପାଇଁ ଜିନିଷ ବରାଦ କରିଛନ୍ତି ମା । ସପ୍ତାହେ ଏଇନା ସେଇ ମେନୁ, ବିଚରା ବାବୁ ।ଠାକୁରଙ୍କ ଅଣସର ସରିଛି, ମଣିଷ ନାରାୟଣଙ୍କ ଅଣସର ଆରମ୍ଭ ।"

ହେମା କହିଲା, "ବାବୁ ପାନେ ପାଇଛନ୍ତି । ଭଲ କରିଛନ୍ତି ମା । ତେବେ ବାବୁ ଏଇନା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ କରିବେ ?"

ଦାନ୍ତ ଦେଖାଇ ମାଧିଆ କହିଲା, "ଟିକେ ଅପେକ୍ଷା କର ଦେଖିବୁ । ନାରାୟଣଙ୍କ ମାୟା ।"

ଦୁହେଁ ଦେଖିଲେ ନାରାୟଣ ବାବୁ ଘରୁ ବାହାରି, କିଛି ସମୟପରେ ଗୁଡାଏ ପ୍ୟାକେଟ ଧରି ଫେରିଲେ । ମାଧିଆ ଓ ହେମା କବାଟ ସନ୍ଧିରେ ଲୁଚି ଦେଖୁଥଲେ, ନାରାୟଣ ବାବୁ ଲକ୍ଷ୍ମୀଙ୍କୁ ଗେହ୍ଲାରେ ଡାକି, ଟେବୁଲ ଉପରେ ପ୍ୟାକେଟରୁ ବାହାର କରୁଥିଲେ, ବିଭିନ୍ନ ରସଗୋଲା । ସାଲେପୁର ରସଗୋଲା, ପାହାଳ ରସଗୋଲା, ଗୁଡ଼ ରସଗୋଲା, ବେକଡ଼ ରସଗୋଲା ସହ ଆଉକିଛି ପ୍ରକାର ରସଗୋଲା ବି ଥିଲା ।

"ଏତେ ସବୁ ରସଗୋଲା କାହାପାଇଁ ?" ଲକ୍ଷ୍ମୀ ପଚାରୁଥିଲେ ।

ସ୍ମିତ ହସି ନାରାୟଣ ବାବୁ କହିଲେ, "ଆଜି ପରା ଠାକୁରଙ୍କ ନୀଳାଦ୍ରିବିଜୟ ସହ ଓଡ଼ିଆଙ୍କ ରସଗୋଲା ଦିବସ । ଜଗନ୍ନାଥ ଲକ୍ଷ୍ମୀଙ୍କୁ ରସଗୋଲା ଖୁଆନ୍ତି, ଆଉ ମୁଁ ତୁମକୁ ଖୁଆଇଦେବି । ମୋ ଭୁଲ କ୍ଷମା କର, ଆଗାମୀ ଟୁରରେ ତୁମକୁ ସାଙ୍ଗରେ ନେଇକି ଯିବି । ତମେ ଭଲ ପାଅ ବୋଲି ସବୁ ଭେରାଇଟି ଆଣିଛି । ତୁମକୁ ରସଗୋଲା ରାଣ, ଆଁ କଲ ।"

ଲାଜେଇ ଯାଇ ଲକ୍ଷ୍ମୀ, ସ୍ୱାମୀଙ୍କ ହାତରୁ ରସଗୋଲା ଖାଉଥିଲେ ।

ହେମା ଧୀର ସ୍ୱରରେ କହିଲା, "ଏତେ ରକମର ରସଗୋଲା ଆଣି, ବାବୁ କେତେ ସ୍ନେହରେ ମିଠା ଖୁଆଇ ଦେଉଛନ୍ତି, ଅଥଚ ମା ଗୋଟେ ମିଠାବି ବାବୁଙ୍କ ପାଟିରେ ଦେଉ ନାହାନ୍ତି । ଯାହା କହ, ଭାରି ନିଷ୍ଠୁର ଆମ ମା ।ରସଗୋଲା ତ ଦେଖିବାକୁ ଗଲେ ବାବୁଙ୍କ'ର ।"

ଦୀର୍ଘନିଶ୍ୱାସ ଛାଡି ମାଧବ କହିଲା, "ଲକ୍ଷ୍ମୀମାନେ ଜଗିଛନ୍ତି ବୋଲି ନାରାୟଣ ମାନଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହ ଭଲ ରହୁଛି । ଟିଭିରେ ଦେଖିଥିବୁ, ନୀଳାଦ୍ରିବିଜେ ଦିନ ରଥରୁ ଓହ୍ଲାଇ ଜଗନ୍ନାଥ ଶ୍ରୀମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଲକ୍ଷ୍ମୀ ପରା ରାଗ, ଅଭିମାନରେ ସିଂହଦ୍ୱାର କବାଟ କିଳି ଦିଅନ୍ତି । ଆଜି ମା ବି ବାବୁଙ୍କ ପାଇଁ ଫାଟକ ବନ୍ଦ କରିଦେଇଥିଲେ ।

ବିଚରା ଜଗନ୍ନାଥଙ୍କୁ ରସଗୋଲା ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିବାକୁ ହୁଏ । ତେବେ, କେବେ ଜଗନ୍ନାଥଙ୍କୁ, ଲକ୍ଷ୍ମୀ ରସଗୋଲା ଖୁଆଇଥିବାର କିଏ ଦେଖିଛି ନା ଶୁଣିଛି ? ସେକଥା ଛାଡ଼, ଜଗନ୍ନାଥଙ୍କ ଷାଠିଏ ପଉଟି, ଛପନ ଭୋଗରେ ନାନା ରକମର ସୁସ୍ୱାଦୁ ମିଠା ଅଛି, ହେଲେ ରସଗୋଲା ନାହିଁ । ତେଣୁ ରସଗୋଲା କେବଳ ମହାଲକ୍ଷ୍ମୀଙ୍କର ।”

ହେମା ମୁରୁକି ହସି କହିଲା, “ଲକ୍ଷ୍ମୀ କବାଟ ବନ୍ଦ କରିଦେଲେ ନାରାୟଣମାନେ କେତେ ଅସହାୟ ?”

ସ୍ମିତ ହସି ମାଧବ କହିଲା, “ପୁରୀରେ ସିଂହଦ୍ୱାର ବନ୍ଦ ହେଲା ବୋଲି, ଅନ୍ୟ ତିନିଟା ଦ୍ୱାର ଦେଇ ଜଗନ୍ନାଥ କାହିଁକି ଆସନ୍ତିନି ତା ମୁଁ ଜାଣିନି । ତେବେ ସବୁ ନାରାୟଣ ଅସହାୟ ନୁହଁନ୍ତି ।”

ଅବୁଝା ଆଖିରେ ଅନେଇଥିଲା ହେମା । ମାଧବ ନିରବରେ ଭାବୁଥିଲା, “ପୁଷ୍ପା ମ୍ୟାଡମଙ୍କ ଛାତ ହୋଇ ଆମ ଛାତ ଦେଇ ଘରକୁ ପଶିବା ବାଟ ଆମ ବାବୁଙ୍କୁ ଜଣା । ତେବେ ମାଙ୍କୁ ରସଗୋଲା ଖୁଆଇବା ସୁନିଶ୍ଚିତ ।”

ନିତ୍ୟ ରଞ୍ଜନ ନନ୍ଦ

ଡି ଏଲ ଏ-୧୨., ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ-୯୪୩୭୦୭୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଲୋଡ଼ନ



ଅମୃତ ନାରାୟଣ ଶତପଥୀ

ଶୁଭସ୍ମିତା ଚାହୁଁଥିଲା ଜଲଦି ରାକେଶ ସହିତ ତାହାର ବାହାଘର ହୋଇଯାଉ । କେତେଦିନ ଆଉ ବାହା ନ ହୋଇ ଏକାଠି ଗୋଟେ ଫ୍ଲାଟରେ ରହୁଥିବେ । କିନ୍ତୁ ଶୁଭସ୍ମିତାର କଥାକୁ ଗୁରୁତ୍ୱ ଦେଉନଥିଲା ରାକେଶ । ଏହା ହିଁ ସୃଷ୍ଟି କରିଥିଲା ଦୁହିଁଙ୍କ ସମ୍ପର୍କରେ ଆଲୋଡନ । ପ୍ରେମ ଯେ ଦୁହିଁଙ୍କ ସମ୍ପର୍କର ଭିତ୍ତିଭୂମି ଥିଲା ତାହା କହିବା ଭୁଲ୍ ହୋଇନପାରେ କିନ୍ତୁ ଏହି ଆଲୋଡନ ପ୍ରେମର ଜୁଆରରେ ଭଟ୍ଟା ସୃଷ୍ଟିର ମୂଳ କାରଣ ହୋଇଥିଲା । ବେଳେବେଳେ ବିଚଳିତ ହୋଇ ପଡୁଥାଏ ଶୁଭସ୍ମିତା, ପ୍ରକୃତରେ ରାକେଶର ଉଦ୍ଦେଶ୍ୟ ତା'ର ଗୋଚର ହେଉ ନଥାଏ । କେତେବେଳେ ରାକେଶର ବ୍ୟବହାର ତା'କୁ ଏପରି ଆକୃଷ୍ଟ କରେ ଯେ ସେ ସେହି କ୍ଷଣି ରାକେଶକୁ ଭାବିନିଏ ନିଜର ଜୀବନସାଥୀ । ସମାଜ ସଂସ୍କୃତି ଓ ଅନ୍ୟାନ୍ୟ ସମସ୍ତ ପରିସୀମା ଅତିକ୍ରମ କରି ବେଶ୍ ଅନ୍ତରଙ୍ଗ ହୋଇଯାଏ ରାକେଶ ସହ କିନ୍ତୁ ପୁଣି କେବେ ଆସେ ସେହି କରାଳ ମୁହୂର୍ତ୍ତ ଯାହା ମନରେ ଭୟ ସୃଷ୍ଟି କରେ ଏବଂ ହୃଦୟରେ ଭରିଦିଏ ଭିନ୍ନ ଏକ ଆଲୋଡନ ।

ରାକେଶ ଓ ଶୁଭସ୍ମିତା ଦୁହେଁ ଜନ୍ମରୁ ଅନାଥ । ଅନାଥାଶ୍ରମରେ ଲାଳନ ପାଳନ ତାଙ୍କୁ ଏଡୁଟିଏରୁ ଏଡେଟିଏ କରିଛି, ବାଲ୍ୟକାଳରେ ଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇ ପ୍ରିୟ ସାଥୀ ଯେ ଆଦ୍ୟ ଯୌବନର ଆକର୍ଷଣ ରେ ଆକର୍ଷିତ ତାହା ଜାଣିବାରେ କେହି ଭୁଲ୍ କରିନାହିଁ । ସତରେ ଦୁହେଁ ଦୁହିଁଙ୍କ ପ୍ରତି ଏକ ଅଦୃଶ୍ୟ ରଜ୍ଜୁରେ ବାନ୍ଧି ହୋଇଥିଲେ । ଏପରିକି ନିଜ ନିଜ ବୃତ୍ତି ରେ ଯୋଗ୍ୟ ହେଲାପରେ ଅନାଥାଶ୍ରମ ଛାଡି ରହିଥିଲେ ନିଜର ଏକ ଛୋଟ ଫ୍ଲାଟ୍ ରେ । ପ୍ରଥମେ ତ ଖୁବ୍ ଖୁସିଥିଲେ ଦୁହେଁ ହେଲେ ପରବର୍ତ୍ତୀ ସମୟରେ ସୃଷ୍ଟି ହେଲା ସେହି ଆଲୋଡନ ଶୁଭସ୍ମିତାର ମନରେ ।

ସେଦିନ ହଠାତ୍ ପୁଣି ସେହି ଦୁଃସ୍ୱପ୍ନ ଦେଖି ଉଠିଗଲା ଶୁଭସ୍ମିତା । ଦେଖିଲା ପାଖରେ ଶୋଇଛି ଗାଢ଼ ନିଦରେ ରାକେଶ; ଦୁହିଁଙ୍କ ବସନ ଇତସ୍ତତଃ ଏଥିରୁ ସ୍ୱଷ୍ଟ ଅନୁମେୟ ଦୁହିଁଙ୍କ ମଧ୍ୟରେ ଶାରୀରିକ ମିଳନ ହୋଇ ସାରିଛି, ଅବଶ୍ୟ ଏହା ନୂଆ ନୁହେଁ, ଆଦ୍ୟ ଯୌବନର ପ୍ରେମୀ ଯୁଗଳ ଗୋଟିଏ ଘରେ ଗୋଟିଏ ଛାତ ତଳେ ରହି ଦୁହେଁ ଦୁହିଁଙ୍କୁ ନିଜର ସର୍ବସ୍ୱ ସମର୍ପିତ କରି ଦେଇଛନ୍ତି, କିନ୍ତୁ ପ୍ରତି ମିଳନ ପରେ ସେହି ଏକ ପ୍ରକାରର ଦୁଃସ୍ୱପ୍ନ ଶୁଭସ୍ମିତାକୁ ଆଲୋକିତ କରି ଦେଇଛି । ସେ ସ୍ୱପ୍ନରେ ଦେଖୁଛି ନିଜ ବାଲ୍ୟକାଳର ଛବିପରି ଗୋଟିଏ ସୁନ୍ଦର ଛୋଟ ଝିଅ ଖୁବ୍ ମନଲୋଭା ହସ ହସି ଖେଳୁଛି ହେଲେ ହଠାତ୍... କଳା ବାଦଲ ସହ ଯେପରି ମାଡ଼ି ଆସୁଛି ଏକ ଘୂର୍ଣ୍ଣିଝଡ ଏବଂ ସ୍ୱପ୍ନରେ ହିଁ ସବୁକିଛି ନଷ୍ଟ କରି ଦେଉଛି । ସ୍ୱପ୍ନରେ ହିଁ ଆଖି ବୁଜି ହୋଇଯାଉଛି ଶୁଭସ୍ମିତାର, ଆଖି ଖୋଲିଲା ବେଳକୁ ଦେଖାଯାଉଛି ସବୁକିଛି ଶାନ୍ତ ଏବଂ ସାମ୍ନାରେ ଦେଖାଯାଉଛି ତା'ର ଚିରପରିଚିତ ଅନାଥାଶ୍ରମ ଏପରିକି ସେ ଅନାଥାଶ୍ରମର ଫଳକରେ ଲେଖାଥିବା ନାମ ଠିକଣା ମଧ୍ୟ ପ୍ରଚ୍ଛଦପଟ୍ଟ ପରି ତା ଆଖି ଆଗରେ ନାଚି ଉଠୁଛି ମୁହୂର୍ତ୍ତେ ମାତ୍ର ତା ପରେ ନିଦ ଭାଙ୍ଗି ଯାଉଛି ହଠାତ୍ ଦେହ ହାତ ଝାଳରେ ବୁଡି ଯାଉଛି ମନରେ ଭୟ ଉଦ୍ରେକ ହେବା ସହ ଭିନ୍ନ ଏକ ଆଲୋଡନ ସୃଷ୍ଟି ହେଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାକେଶକୁ ଥରେ ଦୁଇଥର ଏହି ପ୍ରସଙ୍ଗରେ କହିଲାଣି ଶୁଭସ୍ମିତା ଏବଂ ପରେ ପରେ ବାହାହେବା ପାଇଁ ଜିଦ୍ ବି କରିଛି ହେଲେ ରାକେଶ ସେହି ଚିରାଚରିତ ଢଙ୍ଗରେ ହସିଦେଇ କିଛି ନା କିଛି ବାହାନା କରି ଦେଇଛି ଯଦ୍ୱାରା ବାରମ୍ବାର ଆଲୋଡିତ ହୋଇଛି ଶୁଭସ୍ମିତାର ପ୍ରାଣ । ହେଲେ ସେ ନାଚାର ରାକେଶକୁ ନିଜର ଦେହ ମନ ହୃଦୟ ସର୍ବସ୍ୱ ଦେଲାପରେ ସେ ଅନ୍ୟକିଛି ଚିନ୍ତା ବି କରିପାରୁ ନାହିଁ, ଜୀବନର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ରଖିଛି ମନର ମଣିଷ ସହ ପବିତ୍ର ଅଗ୍ନିକୁ ସାକ୍ଷୀରଖି ବିବାହର ବନ୍ଧନରେ ଆବଦ୍ଧ ହେବାକୁ, କିନ୍ତୁ .... ରାକେଶ ଏ ଯାଏଁ ତା' ପାଇଁ ହୋଇ ରହିଛି ଏକ ରହସ୍ୟମୟ ବ୍ୟକ୍ତିତ୍ୱ । ରାକେଶ ସହ ଅଙ୍ଗାଙ୍ଗୀ ଭାବେ ପରିଚିତ ଶୁଭସ୍ମିତା ତା'ର ମନ ବହିର ମଲାଟ ସୁଦ୍ଧା ଖୋଲିପାରିନି କେବଳ ଏହି ବିବାହର ପ୍ରସଙ୍ଗରେ ।

ସେଦିନ ପୁଣି ଥରେ ସେହି ଦୁଃସ୍ୱପ୍ନ ଆସିଲା ଆଉ ଏକ ମନ ମାନସରେ ସେ ଆଉ କେହି ନଥିଲା ଥିଲା ରାକେଶର ଅବଚେତନ ମନର ପ୍ରଚ୍ଛଦପଟ୍ଟ । ସେହି ସ୍ୱପ୍ନ ଅବିକଳ ଥିଲା ଶୁଭସ୍ମିତାର ବର୍ଣ୍ଣିତ ସ୍ୱପ୍ନ ପରି କିନ୍ତୁ ଭିନ୍ନ ଥିଲା କେବଳ ରାକେଶକୁ ଶୁଭିଲା ସେହି କୁନି ଝିଅର ନିରିହ ସ୍ୱର । "ବାପା ... ବାପା ... ମୁଁ ବାପା ମା ଉଭୟଙ୍କର ସ୍ୱତନ୍ତ୍ର ପରିଚୟ ଚାହେଁ, ଜନ୍ମ ପୂର୍ବରୁ ବା ପରେ ମୋର ଏକ ଅଭିଭାବକ ବା ଅନାଦର ପରିଚୟ ନେଇ ବଞ୍ଚିବାକୁ ଆଦୌ ଇଚ୍ଛା ନାହିଁ ତୁମେ ଯଥାଶୀଘ୍ର ସମ୍ଭବ ମା କୁ ବିବାହ କରି ମୋତେ ମୋର ସମ୍ପୂର୍ଣ୍ଣ ପରିଚୟ ପ୍ରଦାନ କର" ।

ହଠାତ୍ ନିଦ ଭାଙ୍ଗିଗଲା ରାକେଶର । ସମ୍ଭବତଃ ତା'ର ହୃଦୟ ବି ଆଲୋକିତ ହୋଇସାରିଥିଲା ଭିନ୍ନ ଏକ ଆଲୋଡନରେ । ଉଠି ଦେଖିଲା ସକାଳର ସୁନେଲି ସୂର୍ଯ୍ୟ କିରଣ ଝରକା ଦେଇ ଆସି ତା ମୁହଁ ରେ ପଡୁଛି । ପାଖରେ ଦେଖିଲା ଶୁଭସ୍ମିତା ନାହିଁ । ଇତସ୍ତତଃ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୃଷ୍ଟି ବୁଲାଇ ଦେଖିଲା ସେ ଗାଧୋଇ ସାରି ଗାଧୁଆ ଘରୁ ଆସୁଛି, ହଠାତ୍ ମୁଣ୍ଡକୁ ଧରିପକାଇ ପଡ଼ିବାର ଉପକ୍ରମ କରୁଥିଲା ଶୁଭସ୍ମିତା ରାକେଶ ତୁରନ୍ତ ତାକୁ ଧରି ଆଣି ସୋଫାରେ ବସେଇ ଦେଇ ପଚାରିଲା –"କ'ଣ ହେଲା ଶୁଭସ୍ମିତା .... ଚାଲ ଡାକ୍ତର ପାଖକୁ ଯିବା ।"

ଡ଼ାକ୍ତରଖାନାରେ ଡାକ୍ତର ପରୀକ୍ଷା କରି କହିଲେ – "ଅଭିନନ୍ଦନ ଆପଣ ଦୁହିଁଙ୍କୁ ସନ୍ତାନ ସୁଖ ପ୍ରାପ୍ତ ହେବାକୁ ଯାଉଛି" । ରାକେଶ ସହର୍ଷ ବଦନରେ ବାହାରି ଆସିଲା ଶୁଭସ୍ମିତା ସହ , ଶୁଭସ୍ମିତା ଖୁସି ଥିଲେ ମଧ୍ୟ ମନ ଆଲୋଡିତ ହେଉଥିଲା ଭାବୁଥିଲା –"ରାକେଶ କେବେ ମୋତେ ବିବାହ କରିବ ?"

ଭାବନାରେ ବାଧା ଦେଇ ରାକେଶ କହିଲା –"ଶୁଭସ୍ମିତା ଚାଲ ଏହି ଦୁଇଦିନ ପରେ ଥିବା ଭଲ ତିଥିରେ ଦୁହେଁ ବୈଦିକ ରୀତିରେ ମନ୍ଦିରରେ ବିବାହ କରିବା" । ଚକିତ ହେଲା ଶୁଭସ୍ମିତା କହିଲା –"ରାକେଶ ତୁମେ ଏ କଥା କିପରି କହୁଛ ହଠାତ୍ ଏ ଶୁଭବୁଦ୍ଧି କିପରି ଉଦୟ ହେଲା" ? ରାକେଶ ଏକ ନିଶ୍ୱାସରେ ସମସ୍ତ ସ୍ୱପ୍ନ ବୃତ୍ତାନ୍ତ ଶୁଭସ୍ମିତାକୁ କହିଦେଲା ।

ଦୁହେଁ ବେଶ୍ ଖୁସି ଥିଲେ ଏବଂ ଭବିଷ୍ୟତର ବିବାହ ଓ ସନ୍ତାନ ପ୍ରାପ୍ତି କୁ ନେଇ ସହର୍ଷ ବଦନରେ ଦୁହେଁ ଘରକୁ ଫେରୁଥିଲେ ଓ ସେମାନଙ୍କର ସମସ୍ତ ଆଲୋଡନ ଦୂରେଇ ଯାଇଥିଲା ମନମାନସରୁ ଭାବୁଥିଲେ ସେହି ସ୍ୱପ୍ନ ଗୁଡିକ ସତରେ ଅଜନ୍ମା ସନ୍ତାନର ପବିତ୍ର ହୃଦୟର ଭାବ ସହ ଅନାଥର ନାଥ ଈଶ୍ୱରଙ୍କର ଶୁଭ ସଦ୍ ବୁଦ୍ଧି ଯାହା ସେମାନଙ୍କୁ ନବପୁଲକରେ ପୁଲକିତ କରି ସଫଳତାର ରାସ୍ତାରେ ଚାଲିବାର ରାହା ଦେଖାଇଛି ।

ନୟାପଲ୍ଲୀ, ଆଇ. ଆର୍.ସି ଭିଲେଜ୍,
ଜୟଦେବ ବିହାର, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ରାକ୍ଷୀ ଭିଜିଗଲା ଆଖି ଲୁହରେ...



ବାସନ୍ତୀଲତା ଜେନା

ନୀଳକଣ୍ଠପୁର ଗାଁର ମଧୁସୂଦନ ବେହେରାଙ୍କ ଘର । ମଧ୍ୟବିତ୍ତ ପରିବାରରେ ସେ ଖୁବ ଖୁସିରେ ଥାଆନ୍ତି । ତାଙ୍କର ଝିଅ ଝରଣା ଓ ପୁଅ ପ୍ରଶାନ୍ତ । ପିଲା ଦୁଇଟି ଶାନ୍ତ ଶିଷ୍ଟ, ଆଜ୍ଞାଧିକାରୀ । ହସ ଖୁସିର ପରିବାର ତାଙ୍କର । ଝିଅ ଝରଣାକୁ ମାଟ୍ରିକ ପାସ ପରେ ଉଚ୍ଚ ଶିକ୍ଷା ପାଇଁ ଭୁବନେଶ୍ୱରରେ ଛାଡି ଥିଲେ ତାର ମାମୁଁଙ୍କ ଘରେ । ମାମୁଁ ମାଇଁ ଅଜା ଆଈଙ୍କର ଗେହ୍ଲା ଥିଲା ସେ । ମାମୁଁ ଝିଅ ସୁନିତା ଏକା ଶ୍ରେଣୀରେ ପଢ଼ନ୍ତି, ଏକା ସାଙ୍ଗରେ କଲେଜ ଯାଆନ୍ତି, ଖାଆନ୍ତି, ଖେଳନ୍ତି ଶୋଅନ୍ତି, ଘର କାମ କରନ୍ତି । କିନ୍ତୁ ବିଧାତା ଏତେ ଖୁସି ସହି ପାରିଲେ ନାହିଁ । ମହାମାରୀ କରୋନା ଅକାଳ ଚଡକ ପକାଇଲା । ମାମୁଁ ଘରେ ଥିବା ସମୟରେ ଝରଣକୁ କରୋନା ହେଲା । ୨୦୨୦ ମସିହା ସେପ୍ଟେମ୍ବର ମାସରେ । ଘରେ ରହି ଝରଣା ଚିକିତ୍ସା ହେଉଥିଲା । ଦେହ ଅଧିକ ଅସୁସ୍ଥ ହେବାରୁ ତାକୁ ମାମୁଁ ମାଇଁ ସୋମ ହସ୍ପିଟାଲରେ ଭର୍ତ୍ତି କରାଇ ଭଉଣୀ ଭିଣୋଇ ମଧୁସୂଦାନ ଓ ରାଧା ରାଣୀକୁ ଖବର ପଠାଇଲେ । ଝରଣାର ପିତା ମାତା ଖବର ପାଇ ସଙ୍ଗେ ସଙ୍ଗେ ଯାଇ ପହଁଚିଲେ । ସୋମ ହସ୍ପିଟାଲରେ ଝରଣା ଏକ ମାସ ରହି ଚିକିତ୍ସିତ ହେଉ ଥିଲା । କିନ୍ତୁ କାଳ ହେଲା ବିଷମୟ । ଝରଣା ସୁସ୍ଥ ହୋଇ ପାରିଲା ନାହିଁ । ସେ ଚାଲି ଗଲା ପର ପାରିକୁ । ପିତା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାତା, ଭାଇ, ଆତ୍ମୀୟ ମାନଙ୍କୁ ଲୁହ ସାଗରରେ ଭସାଇ ଦେଇ । ପରିବାରରେ ଖେଳି ଗଲା ଦୁଃଖର ଛାୟା ।

ଆଜି ରାକ୍ଷୀ ପୂର୍ଣ୍ଣିମା । ପ୍ରଶାନ୍ତ ତାର ନାନୀ ଝରଣା କଥା ମନେ ପକାଇ କାନ୍ଦୁଛି । ମା ଖାଇବାକୁ ଯେତେ ଡାକିଲେ ବି ସେ ଖାଉ ନାହିଁ । ଝରଣା ତାର ସାନ ଭାଇକୁ ଯେଉଁ ରାକ୍ଷୀ ପ୍ରତି ବର୍ଷ ପିନ୍ଧାଏ, ସେ ୪/୫ଦିନ ପିନ୍ଧିବା ପରେ ସାଇତି ରଖି ଥାଏ ଗୋଟିଏ ଛୋଟ ବାକ୍ସରେ । ଆଜି ସେଇ ରକ୍ଷୀକୁ ସେ ଖୋଲି ଦେଖୁଛି । ଗତବର୍ଷ ରାକ୍ଷୀ ପ୍ରଶାନ୍ତ ମନକୁ ପାଇ ନ ଥିଲା ବୋଲି ସେ ତାର ନାନୀକୁ କେତେ କଥା କହିଥିଲା । ନାନୀ । ତୁ ଏତେ କୃପଣ ? ମୋ ପାଇଁ ଭଲ ରାକ୍ଷୀଟିଏ ଆଣିଲୁ ନାହିଁ । ମୁହଁ ଫୁଲାଇ ଥିଲା । ତାର ନାନୀ କହିଥିଲା, ଏ ବର୍ଷ ଚଳେଇ ଦେରେ । ଆସନ୍ତା ବର୍ଷକୁ ସୁନ୍ଦର ରାକ୍ଷୀ ତୋ ପାଇଁ ଆଣିଦେବି । ତୋ ମନ ପସନ୍ଦର । ସତ କହୁଛିରେ । ତା ପରେ ସେ ରାକ୍ଷୀ ପିନ୍ଧିଥିଲା । ଆଜି ପ୍ରଶାନ୍ତର ତା ନାନୀ କଥା ଭାରି ମନେ ପଡୁଛି । ନିଜ ହାତକୁ ସେ ବାରମ୍ବାର ଦେଖୁଛି । ପୁରୁଣା ରାକ୍ଷୀକୁ ବାକ୍ସରୁ କାଢି ଦେଖୁଛି, କାନ୍ଦୁଛି, ଚୁମା ଦେଉଛି । ତାର ଆଖି ଲୁହରେ ରାକ୍ଷୀ ଗୁଡିକ ଭିଜି ଯାଇଛି । ରାକ୍ଷୀକୁ କେତେ ବେଳେ ଛାତିରେ ଚାପି ଧରୁଛି ତ, କେତେ ବେଳେ ଅପଲକ ନୟନରେ ଅନାଇ ରହୁଛି ।

ମା ରାଧା ରାଣୀ ଡାକି ଆସିଲେ ପୁଅକୁ ଖାଇବାକୁ ଦେବା ପାଇଁ । ଦେଖିଲେ, ପୁଅ ତାର ନାନୀର ରାକ୍ଷୀକୁ ଦେଖି କାନ୍ଦୁଛି । ସେ ପୁଅକୁ କୁଣ୍ଢାଇ ପକାଇ କାନ୍ଦିବାକୁ ଲାଗିଲେ । ବହୁତ ବୁଝାଇଲେ । ନାନୀ ଏବେ ଅଫେରା ବାଟରେ ପଥିକ । ସେ ଭଗବାନଙ୍କ ପାଖକୁ ଚାଲି ଯାଇଛି । ଆଉ କେବେ ଫେରିବନିରେ । ସେ ଆମ ଠାରୁ ବହୁ ଦୁରକୁ ଚାଲି ଯାଇଛି ସତ । ଆମ ହୃଦୟରେ ସେ ସବୁଦିନ ପାଇଁ ଜୀବିତ ହୋଇରହିବ । ସେ ଯେଉଁଠି ଥିଲେ ବି ତୋତେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖୁଥିବ । ତୁ ଯଦି କାନ୍ଦିବୁ, ମନ ଦୁଃଖ କରିବୁ, ସେ ବି କାନ୍ଦିବ । ତା ଆତ୍ମା କେବେ ବି ଶାନ୍ତି ପାଇବନି । ମୋ ସୁନା ପୁଅଟା ପରା, ଚାଲ ଗାଧୋଇବୁ । ସୁନିତା ତୋ ପାଖକୁ ଦୁଇଟା ରାକ୍ଷୀ ପଠାଇଛି । ତୁ ପିନ୍ଧିକି ତୋ ନାନୀକୁ ଦେଖାଇ ଦେବୁ । ତୋ ନାନୀ ପାଇଁ ଗୋଟେ ଆଉ ସୁନିତାର ଗୋଟେ । ଚାଲ ବାବା ! ତୁ ଆଜି ରାକ୍ଷୀ ନ ପିନ୍ଧିଲେ ତୋ ନାନୀ ମନ ଦୁଃଖ କରିବ । ତୁ କଣ ଚାହୁଁଛୁ ତୋ ନାନୀ ତୋ ପରି ଆଜିର ଦିନରେ କାନ୍ଦୁ ? ମନ ଦୁଃଖ କରୁ ? ପ୍ରଶାନ୍ତ ମୁଣ୍ଡ ହଲାଇ ନାର ସଂକେତ ଦେଲା ।

ଗାନ୍ଧିନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଛ ଝୋଳ



ସରୋଜ କୁମାର ସାହୁ

ଦିପହରରେ ଭାତ ବାଢିଲା ବେଳେ ସାନ ନାତୁଣୀକୁ ଜେଜେ ଶୁଣିଲା ଭଳି କହିଲେ, "ଟିକେ ଦେଖିକି ବାଢରେ ମାଆ ? ଦିନକୁ ଦିନ ବେଳ ବୟସ ଗଲାଣି, ଶୁଖିଲା ପେଟରେ ଆଉ ଭୋକ କୁଆଡୁ ହେବ । ଦିନ ଥିଲା ଗୁଣ୍ଡାଏ ଜାଗାରେ ଦିଗୁଣ୍ଡା ବି ଖାଇକି ହଜମ କରି ଦେଉଥିଲି, ଏବେ ଆଉ ସେ ବେଳ ନାହିଁ... । ପୁଣି ତମେ ଯୋଉ ତୁଣ ତରକାରୀ ରାନ୍ଧୁଛ ନାଁ ମୋତେ ଆଉ ରୁଚୁନି, ପାଟିକୁ ନେଉ ନେଉ ବିଷ ଭଳି ଲାଗୁଛି ।

ଜେଜେଙ୍କ କଥାରେ ମୋଟେ ଧ୍ୟାନ ଦେଲାନି ରୁବି । ଏମିତି କଥା ତାର ନିତିଦିନିଆ ହେଇଗଲାଣି ଆଜିକାଲି । ସାଧା କି ବେସର ଯାହା କଲେ ବି ସବୁଥିରେ ନାପସନ୍ଦ । ସବୁବେଳେ ଆମିଷ ଆଉ ଡାଲି... ।

ରୋଷେଇ ଘରୁ ଶୁଣି ନ ଶୁଣିଲା ଭଳି ଥାଳିରେ ଅଧ ଥାଳିଏ ଗରମ ଭାତ ସହ ବଡ ପେଟି ମାଛ ଦି ପିସ୍, ମାଛମୁଣ୍ଡରୁ ଖଣ୍ଡେ, ଅଧ ଥାଳିଆଏ ଝୋଳ ଭରିକରି ନେଇ ଦେଉ ଦେଉ କହିଲା "ଆଉ କଣ ଭଜାଭଜି ଦେବି ନା ନାହିଁ.. ?"

କାନ୍ଥରେ ଅଣ୍ଟାକୁ ସଳଖି ଜେଜେ କହିଲେ, "ଆଜି କଣ ମାଛ ତୁଣ ହେଇଛି କି... ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-"ହଁ"

-"ତା ହେଲେ ଆଉ କଣ ହେବ, ସେଇତକ ତ କାଫି....

ଘଣ୍ଟାକ ପୂର୍ବରୁ ବୋଉ ଧୋଇ ଶୁଖାଇଥିବା କଂସା ବାସନତକ ଆଣିବାକୁ ବାଡି ପଟକୁ ଚାଲି ଯାଇଥିଲା ରୁବି ।

ଦଶ ମିନିଟ୍ ଯାଇନି ଜେଜେ ପୁଣି ଖାଇବା ଜାଗାରୁ ଡାକ ପକେଇଲେ"ରୁବି ...ରୁବି.. । କୁଆଡେ ଗଲୁ କିରେ ମାଆ ... ? ଆଉ ଦି ମୁଠା ଭାତ ଦେଲୁ ଝୋଳତକ ବଳିଲା ତ.... ?

ସରୋଜ କୁମାର ସାହୁ

ଆଠଗଡ଼, କଟକ

୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା



ସୁନନ୍ଦା ମହାନ୍ତି

ଛାଇ ଛାଇ ନିଦଟା ଟିକେ ବହଳ ହୋଇ ଆସିବା ବେଳକୁ ଦୁଆରେ ଖଟ ଖଟ ଶବ୍ଦ ସହିତ ରେବାରେ ରେବାରେ ଡାକରେ ଦୌଡ଼ିଗଲି । କବାଟ ଫିଟାଇ ମୋ ବାପାଙ୍କୁ ତୃତୀୟ ରଜରେ ଦେଖି ଏତେ ଖୁସି ହୋଇଗଲି କହିବାକୁ ଭାଷା ପାଉନି । ମୁଣ୍ଡିଆଟିଏ ମାରି ପିଠା ଖାଇବ ଆସ ବାପା । ପାନ ବି ରଖିଛି ଆସ ଆସ ଦେଖିବ ମୋ ଘର, ମୁଁ ଏବେ ଉପରେ ରହୁଛି ପରା, ତୁମେ ତ ଦେଖିନ, ଆସ ଆସ ।

ବାପା ବାରଣ କଲେ, ମାଆ ଉପରକୁ ମୁଁ ଯାଇପାରିବି ନାହିଁ । ବହୁତ କଷ୍ଟରେ ଆସିଛି ନାରଦ ମୁନିଙ୍କ ସଙ୍ଗରେ । ଝିଅ ତାଙ୍କୁ ଜପ କରେ ଦେଖିବୁ ଏ କଳି ଯୁଗରେ ଘରେ ଘରେ କଳି ଭିତରେ ବି ତୁ ଶାନ୍ତିରେ ରହିବୁ ମାଆ । ଆଉ ଗୋଟେ କଥା ତତେ କହିବି ବୋଲି ଆସିଛି ମାଆ, ଗତକାଲି ରଜ ସଂକ୍ରାନ୍ତିରେ ତୁ ମତେ ବହୁତ ମନେ ପକାଉଛୁ । ମୁଁ କିମିତି ଘର ସବୁ ବାହାରୁ ଚକ୍ ଖଡିରେ ଗାର ପକାଏ, ସର୍ପ ଭୟ ନରହିବା ପାଇଁ ଆସ୍ତିକ୍ ଆସ୍ତିକ ଡ଼ାକି ଘର ବାହାର କୋଉଠି ଜାଗା ନଛାଡି ମୁଣ୍ଡୁଳା ବୁଲାଇବା ସହ ପୁଜା ପରେ ପରେ ସିନ୍ଦୁର ଘିଅରେ ଗୋଳେଇ ଚନ୍ଦନ ସହିତ ସବୁ ଦ୍ୱାରରେ ଓଁ ଲେଖି ଜଳ ଦାନ କରେ ଇତ୍ୟାଦି ସବୁ ମନେପକାଉଥିଲୁ ନା ? ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁ ବାପା ହେଲେ ତୁମେ ଏତେସବୁ କଥା କେମିତି ଜାଣିଲ ? ? ମୁଁ ପରା ପିତୃପୁରୁଷ ହୋଇଗଲିଣି ମାଆ, ମୁଁ ସବୁ ଜାଣେ, ଆଉ ଏକଥା ବି ଜାଣେ ଯେ ତୋ ଦେହ ମନ ଭଲ ରହୁ ନଥିବାରୁ, କାମଦାମ, ପୂଜା ପଦ୍ଧତି, ଜଣାଣ ବୋଲା ସବୁଥିରେ ହେଲା କରୁଛୁ, ଆଉ ଗୋଟିଏ କଥା ମାଆ, ଏବେ ତୁ ଆଗପରି ପ୍ରତ୍ୟେକ ପିତୃପୁରୁଷଙ୍କ ନାମ ନେଇ ଭୋଗ ପୂଜା କରୁନୁ, କରିବୁ ମାଆ, ଭୂଲିବୁନି, ଦେଖୁନୁ ତୋ ଆଇ ତୋ ନାତୁଣୀ ହୋଇ ତୋ ଝିଅ କୋଳକୁ ଆସିଛନ୍ତି, ଆଉ ମୁଁ ତୋ ପୁଅର ପୁଅ ହୋଇ ଆସିବି ମାଆ । ତମେ ସତ କହୁଚ ବାପା କହି ବାପାଙ୍କୁ କୁଣ୍ଢେଇ ପକାଇଲା ବେଳକୁ ସେ ଘୁଞ୍ଚିଗଲେ । ମନ ଦୁଃଖରେ କହିଲି ମୁଁ ଆଉ ପାରୁନି ବାପା, ସବୁ ପାରିବୁ ମାଆ, ଧନ୍ୱନ୍ତରୀ ମହାପ୍ରଭୁଙ୍କୁ ପୂଜାରେ ସାମିଲ କରିନେ, ଦେଖିବୁ ଭଲ ହେଇଯିବୁ ।

ବାପା ବାପା କହି ଯେତେ ଡାକିଲେ ବି, ଦୂରେଇ ଯାଉଥିଲେ ବାପା । ନିଦ ଭାଙ୍ଗିଗଲା । ଆସନ୍ତା କାଲି ଦିଅଁ ଗାଧୁଆ, ବାପା ଯାହା ସବୁ କହିଗଲେ ସତ କି ମିଛ ପରଖିବାକୁ ମୋ ଅବଶ ପାଦ ଠାକୁର ଘର ଆଡ଼କୁ ପଡୁଥିଲା । ଆଖିରେ ଆଖିଏ ଲୁହ ଭରି ଆଣ୍ଠେଇ ପଡ଼ିଲି ସାଷ୍ଟାଂଗ ପ୍ରଣିପାତ ହେବାକୁ, କି ଆଶ୍ଚର୍ଯ୍ୟ ଆଜି ସକାଳୁ ଯେତେ ଚେଷ୍ଟା କଲେ ବି ସାଷ୍ଟାଂଗ ପ୍ରଣିପାତ କରିପାରୁନଥିଲି, ଏବେ ବାପାଙ୍କ ଯୋଗୁଁ କେବଳ, ହେ ପ୍ରଭୁ ଧନନ୍ତ୍ୱରି , ରକ୍ଷା କର ପ୍ରଭୁ ଚରିବାହୁ ସବୁରି କହି ସଞ୍ଜ ନେଇ ସିଢ଼ି ଚଢୁଥିଲି ,ଆରାମରେ ତୁଳସୀଚଉରା ମୂଳକୁ ।

ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏକ କଲେଜ ଝିଅର ଅକୁହା କାହାଣୀ



କୁଞ୍ଜ ବିହାରୀ ସାହୁ

ରୁଚିକା ମାର୍କେଟର ରିଲିଆନସ ଫ୍ରେଶରୁ ଫେରିଲା ବେଳକୁ ରଚିତା ସହ ଦେଖା ହେଇଗଲା ସୁକାନ୍ତର । ହିସାବରେ ସୁକାନ୍ତ ତା ଦୂର ସମ୍ପର୍କୀୟ ମଉସା । ବହୁତ ଦିନପରେ ଦେଖା ହୋଇଯିବାରୁ ଖୁସି ହେଇଗଲା ସୁକାନ୍ତ । ରଚିତା ବି ଅଙ୍କଲ କହି ନମସ୍କାର କଲା । ପଚାରିଲା - ଅଙ୍କଲ ଆପଣ ଏ ପାଖାପାଖି ରହୁଛନ୍ତି କି ?

ହଁ, ଏଇ ବରମୁଣ୍ଡା ଗାଁରେ ରହୁଛି । ପୁଅ ପ୍ରାଇଭେଟ ବ୍ୟାଙ୍କରେ ଡେପୁଟି ମ୍ୟାନଜର ଅଛି ।

ତୁ ହଠାତ୍ ଏଇଠି ? ସୁକାନ୍ତ କହିଦେଲା ଏକ ନିଃଶ୍ୱାସରେ ।

ମୁଁ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ସେକେଣ୍ଡ ଇଅରରେ ପଢୁଛି । ଆଜି ରବିବାର ହେତୁ ମୋ ସାଙ୍ଗ ସହ ରୁଚିକା ମାର୍କେଟ୍ ଆସିଥିଲି । ମୋ ସାଙ୍ଗ ଡେଣ୍ଟାଲ କ୍ଲିନିକ ଯାଇଛି । ଡଃ ମହାନ୍ତି ସାରଙ୍କ ସହ କନସଲଟ କରି ଫେରିବ । କାଲି ସୋମବାର ପାଇଁ କଦଳୀ କିଣୁଛି । ଶିବ ମନ୍ଦିରକୁ ଯାଇ ପୂଜା କରିବି । ଶ୍ରାବଣ ମାସର ସୋମବାରେ ମୁଁ ଶିବ ମନ୍ଦିରକୁ ଯାଏ । ଆଣ୍ଟି ଭଲ ଅଛନ୍ତି ?

ଅଙ୍କଲ ଚାକିରି ଅଛି ନା ସରିଗଲାଣି ।

ଏମିତି କାହିଁକି ପଚାରିଲୁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ଅଙ୍କଲ, ସେମିତି କିଛି ନାହିଁ । ମୋ ବାପା ତ ଚାକିରି କରିନାହାଁନ୍ତି । ଛୋଟକାଟିଆ ବ୍ୟବସାୟ କରୁଛନ୍ତି । ଯାହା କିଛି ରୋଜଗାର କରୁଛନ୍ତି, ମୋତେ ପଢ଼ଉଛନ୍ତି । ସାନ ଭାଇ ଏ ବର୍ଷ କଲେଜରେ ନାଁ ଲେଖେଇଛି ।

ଭଲ ହେଲା । ତୁମ ବାପା ପାଠ ପଢ଼େଇ ଚାଲିଛନ୍ତି । ସତରେ ମୁଁ ବହୁତ ଖୁସି ।

ଏ ପାଖାପାଖି ତ ରହୁଛୁ । ଆମ ଘରକୁ ସମୟ ଦେଖି ଆ..

ସମୟ ହେଉନି ଅଙ୍କଲ । ସବୁବେଳେ ପାଠପଢ଼ା । କମ୍ପିଟିଟିଭ ପାଇଁ ପ୍ରିପେୟାର କରୁଛି ।

କଥା ଛଳରେ ସୁକାନ୍ତ ରଚିତାର ଉଦାସ ମୁହଁକୁ ଚାହିଁ ନିରବିଗଲା କିଛି କ୍ଷଣ । ଶେତା ଦେଖାଯାଉଛି ।

ସୁକାନ୍ତ ପଚାରିଲା - ମେସରେ ଖିଆପିଆ ଠିକ୍ ଠାକ୍ ହେଉନି କି ? କାମ ଭିଡ ପଡୁଛି କି ?

ନା ସେମିତି କିଛି ନୁହଁ ।

ନା, ତୁ କିଛି ଲୁଚେଇଲା ପରି ଜଣାପଡୁଛି । ତୁ ତ ପିଲାବେଳେ ଭଲ ପଢାପଢି କରୁଥିଲୁ । ଖେଳୁଥିଲୁ । ବୁଲୁଥିଲୁ । ଗୋଲଗାଲ ଚ ଚେହେରା ଥିଲା । ଏବେ ଯେମିତି ଦେହରେ ମାଉଁସ ନ ଥିଲା ପରି ଜଣାପଡୁଛି । ନିହାତି କିଛି ଚାପରେ ରହୁଛୁ ।

ଅଙ୍କଲ ସେମିତି କିଛି ନାହିଁ । କଲେଜରେ ପାଦ ଦେଲାପରେ କାହିଁକି ଏ ପରିବେଶଟା ଭଲ ଲାଗୁନି । ଅଙ୍କଲ ମୋ ସାଙ୍ଗ ଆସିଲାଣି । କାଲି ମନ୍ଦିରରେ ଭୋଗ ପାଇଁ କିଣାକିଣି କରିବୁ । ଡେରି ହୋଇଯିବ । କେତେବେଳେ ଘରକୁ ଗଲେ କଥାହେବା ଅଙ୍କଲ ।

ରଚିତା ସୁକାନ୍ତଠୁ ବିଦାୟ ନେଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁକାନ୍ତ ଅବଶିଷ୍ଟ କାମ ସାରି ଫେରିଆସିଲା ଘରକୁ ।

ଶ୍ରାବଣର ଅଳସ ଅପରାହ୍ନରେ ରଚିତା ଘର ଖୋଜି ଖୋଜି ସୁକାନ୍ତ ଘରେ ହାଜର ହେଲା । କଲିଂବେଲରେ ହାତ ଦେଉ ଦେଉ ସୁକାନ୍ତର ସହଧର୍ମିଣୀ ସୁନୀ ଆସି ପଚାରିଲା - କିଏ ? କାହାକୁ ଖୋଜୁଛନ୍ତି । ଚମକି ପଡ଼ିଲା ରଚିତା ।

ଆଣ୍ଟି କଅଣ ଚିହ୍ନିପାରୁନାହାଁନ୍ତି । ଅବଶ୍ୟ ଦୀର୍ଘ ବର୍ଷ ତଳେ ଆଣ୍ଟି ସହ କଥା ହେଇଥିଲି ମୁଁ ଛୋଟ ଥିଲି । ମନକୁ ମନ ଭାବିଲା ରଚିତା । ଏହି ସମୟରେ ସୁକାନ୍ତ ଦୋକାନ ସଉଦା ଧରି ଫେରି ଦେଖିଲା ଦାଣ୍ଡ ଦୁଆରରେ ରଚିତା ।

କେତେବେଳୁ ଆସିଲୁ ? ସୁନୀ ଇଏ ଆମ ରଚିତା । ଚିହ୍ନିପାରୁନ କଅଣ । ରଚିତା ବଡ଼ ହୋଇ କଲେଜ ପଢିଲାଣି ବୋଲି ଚିହ୍ନିପାରୁନ ! ତାକୁ ଘର ଭିତରକୁ ନିଅ । ଦାଣ୍ଡ ଦୁଆରରେ ଠିଆ କରି ଖାଲି ଗପୁଛ ?

ଆ ଆ ରଚିତା ଘର ଭିତରକୁ ଆ..

ରଚିତା ମନଖୁସିରେ ଆଣ୍ଟିଙ୍କ ବେଡ୍ ଉପରେ ବସିଗଲା । ସୁନୀ ଡେରି ନ କରି ସ୍ନାକ୍ସ ଦେଲେ ରଚିତାକୁ । ଲାଜରେ ମନା କଲା । ସୁକାନ୍ତ ଓ ସୁନୀ ବାଧ୍ୟ କଲେ ଖାଇବାକୁ । ରଚିତା ଖାଉ ଖାଉ ପଚାରିଲା - ଘରେ କିଏ ନାହାନ୍ତି କି ? କାନ୍ଦି ପକେଇଲା ସୁନୀ । ହଁ ତୋଅରି ପରି ଝିଅଟିଏ ଥିଲା । କଲେଜ ଯାଉଥିଲା । ଭଲ ପାଠ ପଢୁଥିଲା । ସେ କିନ୍ତୁ ମନଦୁଃଖରେ ରହୁଥିଲା ସବୁବେଳେ । ତା ସାଙ୍ଗମାନେ ମାନସିକ କଷ୍ଟ ଦେଉଥିଲେ । କଲେଜରେ ବହି ଖାତା ଛଡ଼େଇ ନେଉଥିଲେ । ଶାରୀରିକ ନିର୍ଯ୍ୟାତନା ଦେଉଥିଲେ । ଆଉ କଲେଜ ଗଲାନି । ଘରେ ରହି ପାଠ ପଢିଲା । ହେଲେ କି ରୋଗ ତା ଦେହକୁ ଆସିଲା ଯେ ଦେହରେ କମ୍ପ ରହିଲା । ଫୁସଫୁସ ନଷ୍ଟ ହୋଇଗଲା । ଡାକ୍ତରଙ୍କ ସହ ପରାମର୍ଶ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚିକିତ୍ସା କରାଗଲା । ଦୁଇଦିନ ଭେଣ୍ଟିଲେଟରରେ ରହିବାପରେ ଆଖି ବୁଜିଦେଲା । ସେଇଦିନ ଠୁ ମୁଁ ଆଉ ତୋ ଅଙ୍କଲ ଭଲରେ ରହିପାରୁନୁ । ତୋ କଥା ଘରେ କହୁଥିଲେ । ରଚିତା ଭଲପିଲା । ଭଲପାଠ ପଢେ ବୋଲି ।

ଶାରୀରିକ ନିର୍ଯ୍ୟାତନା ଶୁଣି ଚମକି ପଡ଼ିଲା ରଚିତା । ଖାଉ ଖାଉ ତଣ୍ଟିରେ ଲାଗିଗଲା ମିକସ୍ଚର । କାଶ ହେଲା । ପାଣି ପିଇଲା । ସୁନୀ ପଚାରିଲା- ତଣ୍ଟିରେ କିଛି ଲାଗିଗଲା କି । ନା ତୋ ବୋଉ ବାପାଙ୍କ କଥା ମନେପଡୁଛି ?

କିଛି ସମୟ ନିରବିଗଲା ରଚିତା ।

ମୁଠାଏ ଆଶ୍ୱାସନା ଦେଇ ସୁନୀ କହିଲା- ତୁ ତ ବହୁତ ଦିନ ହେଲା ଆମ ଘରକୁ ଆସିନୁ । ଘରେ ସମସ୍ତେ ଭଲରେ ଥିବେ ।

ଆଲୋ ରଚିତା ତୋ ମୁହଁ କିଆଁ ଶୁଖିଲା ଦିଶୁଛି ? ପିଲାବେଳେ ତ ମୋଟାସୋଟା ଦିଶୁଥିଲୁ । ଏବେ କଲେଜରେ ପଢିଲୁଣି । ଟିକେ ଗୋଲଗାଲ ଚେହେରା ହେବା କଥା ! କିଛି ଅସୁବିଧା ହେଉଛି କି । ଟଙ୍କା ପଇସା ଦରକାର କି ? ନା ଆଉ କିଛି ।

ପ୍ରଶ୍ନ ଶୁଣିବା ଭିତରେ ସବୁ ସ୍ନାକ୍ସ ଖାଇଦେଲା ରଚିତା । ଜଣାପଡୁଥିଲା ତା ଆଖିକୋଣରେ ଦି ଟୋପା ଲୁହ ଲୁଚିକି ଅଛି । ଛଟପଟ ହେଉଛି ପଦାକୁ ବାହାରିବାକୁ ।

ସମ୍ଭାଳି ପାରିଲାନି ରଚିତା । କହିବକୁ ବାଧ୍ୟହେଲା ସେ ।

ହଁ ଆଣ୍ଟି, ମନ ଭଲ ନାହିଁ । ପାଠ ପଢିଲାବେଳେ ଉପର ବ୍ୟାଚର ପିଲାମାନେ ଡିଷ୍ଟର୍ବ କରୁଛନ୍ତି । କେତେବେଳେ କିଏ ବହି ଛଡେଇ ନେଉଛନ୍ତି । କେତେବେଳେ ଅସମୟରେ ଆସି ଅଶାଳୀନ ବ୍ୟବହାର କରୁଛନ୍ତି । ଅସାମାଜିକ କାମ କରିବାକୁ ବାଧ୍ୟ କରୁଛନ୍ତି । ବାରଣ କଲେ ଗାଳି କରି ମୋ ଡ୍ରେସରେ କାଳି ଫୋପାଡି ଦେଉଛନ୍ତି । ମୋ ଦେହରେ ଘଷି ହେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟାହିଟାପରା କରୁଛନ୍ତି । ଆଉ କଅଣ କହିବି, ମୋତେ ଯାହା ଭଲ ଲାଗୁନି ସେ କାମ କରିବାକୁ ବାଧ୍ୟ କରୁଛନ୍ତି ।

ଆଲୋ ରଚିତା, ସେଇଟା କେମିତିକା କଲେଜ ବା । ସେମାନେ ମଣିଷ ନା ପଶୁ ! ସେମାନଙ୍କର ଆଉ କିଛି ଧନ୍ଦା ନାହିଁ ! ତୋର ପାଠପଢାରେ ନିଆଁ ଲଗେଇ ଦେଉଛନ୍ତି । ମୋ ଝିଅକୁ ବି କଲେଜ ପିଲାମାନେ ହଇରାଣ କଲେ ବୋଲି ମୁଁ ଆଉ ତୋ ଅଙ୍କଲ ନେଇଆସିଲୁ । ଝିଅ ଯୋଉଠି ରହିଲେ ବି ପାଠ ପଢିବ । ତୁ ପ୍ରିନସିପାଲ କି ଓ୍ୱାର୍ଡେନକୁ କହିଦେଉନୁ । ଡରୁଛୁ କାହିଁକି ?

ପାଦେ ଆଗେଇଲେ ମାରିଦେବୁ ବୋଲି ଧମକ ଦେଉଛନ୍ତି ।

ସୁଜାନ୍ତ କହିଦେଲା - ତା ବୋଲି ତୁ ଚୁପ୍ ରହିବା ଭଲ ନୁହଁ । ପାଟି ଫିଟେଇ କହିଲେ ସିନା ତୋ ପଛରେ ସପୋର୍ଟ ମିଳିବ ।

ହଁ ଯେ ଅଙ୍କଲ, ମୋ ପରି ଶାନ୍ତଶିଷ୍ଟ ଝିଅକୁ କିଏ ସପୋର୍ଟ କରିବ । ମୋର ପାଠ ଦରକାର । ପାଠପଢ଼ି ଅଫିସର ହେବି । ବାପା ବୋଉଙ୍କର ନାଁ ରଖିବି । ଏ ଝଗଡ଼ା ଭିତରେ ମୁଣ୍ଡ ପୁରେଇଲେ ଲାଭ କଅଣ ହେବ ଯେ ! ସମୟ ବରବାଦ୍ ହେଇଯିବ ।

ନାରୀ ଶକ୍ତି ଆଜିକାଲି ଶକ୍ତିଶାଳୀ ହେଲାଣି । ଅଥଚ ତୁ ଡରିଯାଉଛୁ ସେମାନଙ୍କ ସହ ଯୁଝିବାକୁ । ନା, ଆଜିଠୁ ମନେରଖ ଯେତେ ବାଧା ଆସିଲେ ବି ତୋ ସ୍ୱାଭିମାନ ଉପରେ ଯିଏ ଆଙ୍ଗୁଠି ଉଠଉଛି ତାକୁ ଉଚିତ୍ ଜବାବ ଦେବୁ...

ହଁ ଯେ ଅଙ୍କଲ, ମୁଁ ତ ଗରିବ ଘରର ଝିଅ । ମୋର କିଏ ସାହା ଭରସା ଅଛି ଯେ ! ଏଇ ଦୁନିଆରେ ଭଲ ମଣିଷର ସ୍ଥାନ ନାହିଁ । ଉପରକୁ ମୁଣ୍ଡ ଟେକି ଚାଲିଲେ ବିପଦ । ତଳମୁହାଁ ହେଲେ ବି ବିପଦ । କେମିତି ଆଉ ଦି ବର୍ଷ ଯିବ, ଭାବୁଛି । ବାପା ତ ଗାଉଁଲି ଲୋକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେଜର ପିଣ୍ଡା ମାଡିନାହାଁନ୍ତି । ଇଞ୍ଜିନିୟରିଂ ପାଠ ବିଷୟରେ କଣ ବା ଜାଣିପାରିବେ । ଆଉ ରାଗିଂ କଥା କହିଲେ ସେ କଣ ବୁଝିପାରିବେ । ମୁଁ ଭାବୁଛି ଯଦି ବେଶୀ ରାଗିଁ ହୁଏ ମୁଁ ତୁମର ସାହାଯ୍ୟ ନେବି ।

ସାହାଯ୍ୟ କରିବ ତ ଅଙ୍କଲ !

ନିଶ୍ଚୟ । ମୋର ମହିଳା କମିଶନ ଅଫିସରେ ଚିହ୍ନା ଲୋକ ଅଛନ୍ତି । ଦରକାର ହେଲେ କମିଶନରେଟ ପୋଲିସରେ ଖବର ଦେବା । ତୁ ଆଦୌ ଡରିବୁନୁ । ପାଠପଢି ଯା...

ଖୁସି ଲାଗିଲା ଅଙ୍କଲ । ଟିକେ ମୁରୁକି ମୁରୁକି ହସିଲା । ମୁଁ ଏବେ ଘରକୁ ଯାଉଛି ।

ନା, ତୁ ଆଜି ଆମ ଘରେ ରହିବୁ । ସୁକାନ୍ତ ଓ ସୁନୀ ଏକ ସ୍ୱରରେ କହିଲେ ।

କିନ୍ତୁ ମୋତେ ସକାଳୁ ସକାଳୁ ମୋ ବସାରେ ଛାଡିଦେବେ

ହଁ..

ରାତି ସାରା ବର୍ଷା । ଶ୍ରାବଣ ମାସର ବେଙ୍ଗ ବୋବାଇବାର ବର୍ଷା ।

ଡିନର ସାରି ଆଣ୍ଟି ପାଖରେ ଶୋଇବାକୁଗଲା ରଚିତା । ତା ପୂର୍ବରୁ ଦାଣ୍ଡ ଘରେ ଟଙ୍ଗା ହୋଇଥିବା ଝିଅର ଫୋଟୋ ଦେଖି ଭାବୁଥିଲା - ତା ଜୀବନରେ ଏମିତି ଅଘଟଣ ଘଟିବ ନାହିଁ ତ !!

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାମ୍ପତ୍ୟ ଜୀବନ



ସୋନାଲି ଗଡ଼ନାୟକ

ସକାଳୁ ସକାଳୁ ଟିକିଏ ଭ୍ରମଣରେ ନଗଲେ ମନଟା ଶାନ୍ତି ହୁଅନି, ଦିନ ସାରା ଦେହ ବି ଫୁର୍ତ୍ତି ହୁଅନି । ସେଇଥି ପାଇଁ ସବୁଦିନ ସକାଳୁ ବାହାରିଯାନ୍ତି ରାଜେନ୍ଦ୍ର ବାବୁ ଟିକିଏ ସକାଳ ଭ୍ରମଣରେ । ଆଉ ସବୁଦିନ ଦୁଇ କପ ଚାହା ସହ ତାଙ୍କରି ବାଟକୁ ଅପେକ୍ଷା କରି ବସିଥାନ୍ତି ମୀରା ମ୍ୟାଡ଼ାମ । ହେଲେ ଆଜି ଏତେ ବେଳେ ହେଲାଣି, କୁଆଡେ ଗଲେ ରାଜେନ୍ଦ୍ର ବାବୁ ଅପେକ୍ଷା କରି କରି ଏପଟେ ଗୁରୁଗୁରୁ ହେବା ଆରମ୍ଭ ହେଲାଣି ମ୍ୟାଡ଼ାମଙ୍କର, "ଭୋଳା ଲୋକ ତ ଯଉଠି ହେଲେ ଗୋଟେ ଅଟକି ଯାଇ ଗପୁଥିବେ, ନେହେଲେ ଯଦି କିଏ ଦେଖା ହୋଇଯାଇଥିବ ବାଟରେ ତା ସହ ଚାହା ପିଆ କାମ ସାରିଦେଇଥିବେ । ତାହେଲେ ମୋତେ ଫୋନରେ ଟିକିଏ ଜଣେଇଦେଲେ ହବନି କି ? ? ସିଆଡେ ପୁଣି କେତେ କାମ ସାରିକି ମୁଁ ଅଫିସ ଯିବି । ଥରେ ହେଲେ ବି ମୋ ଚିନ୍ତା ନାହିଁ, ଆଉ ଟିକିଏ ପରେ ତୋଫାନ ଭଳି ମାଡି ଆସିବେ... ଆଉ କହିବେ ଶୀଘ୍ର ଖାଇବାକୁ ଦିଅ ମୋର କାମକୁ ଯିବାକୁ ବିଳମ୍ବ ହେଲାଣି, ଆଉ ଯଦି ଟିକିଏ ବିଳମ୍ବ ହୋଇଗଲା ତାହେଲେ ସଲା, ସାର ଏକାଥରେ ନିଜ ଗାଡି ନେଇକି ଛୁ । ହେଇତ ଆସିଲେଣି....କିହୋ ଆଜି କଣ ପାଇଁ ଏତେ ବିଳମ୍ବ? କିଛି ନ କହି ସିଧା ପଶିଯାଇଥିଲେ ରୋଷେଇ ଘରକୁ, ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜେ ନିଜେ ଚାହା ତିଆରି କରିବାକୁ ଲାଗିଲେ । ମୀରା ମ୍ୟାଡ଼ାମ ତାଙ୍କ ପଛେ ପଛେ ଗୋଡ଼ାଇ ଆସିଥିଲେ, ତମେ କାହିଁକି ଆସିଲ, ମୁଁ ନେଇକି ଯାଉଛି ଚାଲ । ନା ମୀରା ! ବରଂ ତମେ ଯାଇ ବସ ମୁଁ ଚାହା ନେଇ ଯାଉଛି । ମୀରା ମ୍ୟାଡ଼ାମ ଭାବୁଥାନ୍ତି ଆଜି ସୂର୍ଯ୍ୟ କେଉଁ ଦିଗରେ ଉଦୟ ହୋଇଛନ୍ତି, ରାଜେନ୍ଦ୍ର ବାବୁ ପୁଣି ମୋ ପାଇଁ ଚାହା ବନାଉଛି ।

"ନିଅ ଗରମ ଗରମ ଚାହା, ଆଉ ଚାହା ପିଉ ପିଉ ରାଜେନ୍ଦ୍ର ବାବୁ କହିଥିଲେ ଶୁଣ ତମେ ଆଜି ଅଫିସ ଯିବା ଦରକାର ନାହିଁ ଆମେ ଆଜି ପୁରା ଦିନ ଉଭୟ ଉଭୟଙ୍କ ସହ ସମୟ ବିତାଇବା । ଏ କଣ ! ଶୁଣୁଛନ୍ତି ମୀରା ଦେବି, ଲଙ୍କାରେ ପୁଣି ରାମ ନାମ । ଜୀବନର ଏତେ ବର୍ଷ ଯିଏ କର୍ମରେ ନିଜକୁ ସମର୍ପି ଦେଇଛନ୍ତି..... ଦିନେ ହେଲେ ବି ମୋ ପାଇଁ ସମୟକୁ ରାଜି କରେଇନାହାନ୍ତି, ଥରେ ବୁଲି ଚାହିଁ ନାହାନ୍ତି ମୁଁ କେମିତି ଅଛି ? ଖାଇଛି କି ନାହିଁ ?ସିଏ ଆଜି ମୋ ସହ ସମୟ ବିତାଇବାକୁ ଚାହାନ୍ତି... ଅସମ୍ଭବ !

ହଇ ହୋ ତମର ଆଜି କଣ ହୋଇଛି, ତମେ ପୁଣି ମୋ ସହ ! ହଁ ଏଥିରେ ଅସୁବିଧା ରହିଲା କେଉଁଠି ? ଆଉ ଥରେ ଭାବି ଦେଖ ରାଜେନ୍ଦ୍ର ବାବୁ । ହଁ ମୀରା ତମ ବିନା ମୋ ଜୀବନର ଯେଉଁ ସମୟ ବାରବାଦ କରିଦେଇଛି, ସେ ସମୟ ଆଜି ପାଇବାକୁ ଚାହେଁ, ଆଖି ଲୁହରେ ଜକେଇ ଆସିଥିଲା ରାଜେନ୍ଦ୍ର ବାବୁଙ୍କର । ହେଇଟି ସତ କୁହ କଣ ହୋଇଛି ତୁମର ? ଜାଣିଛ ମୀରା ଆଜି ମୁଁ ଆଳୁଚପ ଦୋକାନ ଆଗରେ ଠିଆ ହୋଇଥିବା ବେଳେ ଜଣେ ବୁଢ଼ୀ ଦୌଡ଼ି ଆସି ମୋତେ ଆଳୁଚପ ଖାଇବାକୁ ମାଗିଥିଲେ । ଆଉ ମୁଁ ତାଙ୍କୁ ନେଇକି ଦଶଟି ଆଳୁଚପ କିଣିଦେଲି, ଆଉ ସେଇଥିରୁ ସେ ଗୋଟାଏ ଆଳୁଚପ ତାଙ୍କ ଅଣ୍ଟିରେ ଲୁଚାଇ ଦେଲେ । ତାପରେ ମୁଁ ପଚାରିଲି ମାଉସୀ ଏ କଣ ? ତମେ ଆଳୁଚପ ଖାଇବ ବୋଲି ମାଗିଲ ଆଉ ମୁଁ କିଣିଦେଲି ହେଲେ ତମେ ସେଇଥିରୁ ଗୋଟେ ଲୁଚାଇ ଦେଲ । ଏଇଟା ମୁଁ ମୋ ପାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com


ନୁହଁ, ମୋ ବୁଢ଼ା ପାଇଁ ନେଇଯାଉଛି । ସେ କହୁଛି କୁଆଡେ ଯାଉଛୁ ମୋ ପାଇଁ ଆଳୁଚପ ଟିକିଏ ନେଇଆସନ୍ତୁନି,

ଆଉ ଯଦି ମୁଁ ତାକୁ ଆଳୁଚପ ଦିଏ ତାହେଲେ ପୁଅ ବୋହୂ କୁହନ୍ତି ଝାଡା ହେଲେ ତମେ ବୁଝିବ, ସେଇଥିପାଇଁ ତମରି ପାଖରେ ହାତ ପାତିଛି ଯେମିତ ମୋ ପୁଅ ନଜାଣିପାରେ । ଆଉ ହଁ ବାପା ଠାକୁରଙ୍କୁ ଟିକିଏ ଡ଼ାକିବ ବୁଢା ଶୀଘ୍ର ଚାଲିଯାଉ । ମୁଁ ସଙ୍ଗେ ସଙ୍ଗେ ପଚାରିଲି ମାଉସୀ ଏ କଣ ତମେ କେମିତିକା ସ୍ତ୍ରୀ, ତମେ ଚାଁହୁଛ ତମ ସ୍ୱାମୀ ଆଗ ଚାଲିଯାନ୍ତୁ, ତମେ କଣ ଅହିସୁଲଖନୀ ହେବାକୁ ଚାଁହାନି, ଶଙ୍ଖା ସିନ୍ଦୁର ନେଇ ଯିବାକୁ ଚାଁହନି । ନା ବାପା ମୁଁ ଆଗ ଚାଲିଗଲେ ଏ ବୁଢ଼ାତା କୁ କେହି ପଚାରିବେନି, ସେ ବେଡ଼ରେ ପଡ଼ି ରହି ଝାଡା ପରିସ୍ରା କରୁଛି କଉ ବୋହୂ ତାର ସେବା କରିବେନି, ତାକୁ ଏମିତି କଷ୍ଟରେ ଛାଡିଦେଇକି ଅହିସୁଲଖନୀ ହେଲେ କଣ ପାଇବି, ସେ ଭଗବାନଙ୍କ ଦୟାରୁ ଭଲରେ ଯାଉ ମୋ କଥା କିଏ ପଚାରେ ? ସେଇଠି ମୋ ଆଖି ଖୋଲିଗଲା ମୀରା, ଆଜି ବି ଦାମ୍ପତ୍ୟ ଜୀବନର ପ୍ରେମ ବଂଚିଛି, ଆଜି ବି ଜଣେ ଜଣଙ୍କୁ ଏତେ ଭଲ ପାଇପାରେ । ଯାହା ତମେ ସବୁବେଳେ ମୋ ପାଇଁ କରିଛ ହେଲେ ମୁଁ କୌଣସି କାମ ଆଳରେ ତମକୁ ଭୁଲି ଯାଇଛି, ହେଲେ ଆଜିଠୁ କଥା ଦେଉଛି ବାକି ଜୀବନର ସମୟ ତମର । ତମେ ସତ କହୁଛ ! ହଁ ଲୋ ମୋ ଗେଲ୍ଲୀ ସତ କହୁଛି, ଦୁହେଁ ହସ ହସ ମୁଁହରେ ଭିତରକୁ ଚାଲିଯାଇଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମେ ମାସ, ରଙ୍ଗ ବରଫ ଆଉ କୁସୁମ ଅପା



ଯଶୋଶ୍ରୀ ବେହେରା

ମେ ମାସର ଉଦୁ ଉଦିଆ ଦ୍ୱିପହର । ଘରେ ମା ଆଉ ଖୁଡିଙ୍କ ଏକା ତାଗିଦ ଯେ ଖରାବେଳେ କେହି ହେଲେ ଆମେ ଘର ବାହାରେ ପାଦ ଦେବୁ ନାହିଁ । ଯୌଥ ପରିବାରରେ ବଢ଼ି ଆସୁଥିବା ଆମ ପିଲାମାନଙ୍କ ପାଇଁ ଏଇଟା କୌଣସି ପରୀକ୍ଷାଠାରୁ କମ ନଥିଲା ଯେ କବାଟ କିଳି ହଟେଇ, ଗାଁକୁ ଆସୁଥିବା ରଙ୍ଗ ବରଫବାଲା ପଛେ ପଛେ ଦଣ୍ଡେ ଯାଏଁ ଦୌଡ଼ି ଯିବା ! ଠିକ ସେମାନେ ଶୋଉ ଶୋଉ ଆମ ପିଲା ମାନଙ୍କ କାମ ଆରମ୍ଭ ହୋଇ ଯାଏ ।

ମା ମାନେ ଆମକୁ ଶୋଇ ଦେବା ବେଳେ ଆମେ ଆଖି ବୁଜି ଶୋଇବାର ନାଟକ କଲା ପରେ, ଚୁପଚାପ ନିଜ ଆଉଜା କବାଟ ଖୋଲି ବାହାରେ ଆସି ମେଳି ହେବୁ । ଯଦି ଦୁର୍ଭାଗ୍ୟ ବଶତଃ କେଉଁ ଭାଇ କି ଭଉଣୀ ନିଜ ମାକୁ ଚକମା ଦେଇ ପାରିଲା ନାହିଁ, ତାହେଲେ କଥା ସରିଲା ! ଅନ୍ୟ ମାନେ ଚାଲିଯିବେ ତାକୁ ଏକଲା ଛାଡି ଦେଇ । ବିଚରା ଯଦିଓ ଅନ୍ୟ କାହା ନାଁ କହିବ ନାହିଁ,କାରଣ ମାଡ଼ ଖାଇବୁ ପଛେ ଆମ ସାଥି ମାନଂକୁ ଧରା ପକେଇବୁ ନାହିଁ ର ବଚନ ଯେଉଁ ଖାଇ ଥାଉ !

ସଭିଏଁ ମେଳି ହେଲା ପରେ ସିଧା ଭଣ୍ଡାର ଘର ଉପରେ ସଭିଙ୍କ ନଜର । ଜେଜେମା ର ପାନ ବଟୁଆ କୁ ଆଡେଇ ଦେଇ ସବୁଠାରୁ ବଡ଼ ପିଲା, ମାନେ ମୁଁ ଆଉ କୁସୁମ ଅପା ଗମ୍ଭୀରା ଭିତରକୁ ଯାଉ ଚାଉଳ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଣିବା ପାଇଁ । ଲକ୍ଷ୍ୟ କେବଳ ଗୋଟାଏ,ସେଇ ଚାଉଳ ବଦଳ ରେ ରଙ୍ଗ ବରଫ ଖଣ୍ଡେ ପାଟିରେ ବାଜିବ ବୋଲି ।

ବେଶୀ ଚାଉଳ ନେଲେ କାଳେ କେହି ଜାଣି ନେବ, ସେଥିପାଇଁ ମାତ୍ର ଦୁଇ ତାଟିଆ ଚାଉଳ ଆମେ ଦୁଇ ଜଣ କାଢି ଆଣୁ ସଭିଙ୍କ ନଜର ଆଢୁଆଳରେ । ତା ପରେ ତାଟି ଫିଟେଇ ମାଡି ଯାଉ ରଙ୍ଗ ବରଫ ଡାକି ଡାକି ଯାଉଥିବା ବିକ୍ରିବାଲା ପାଖକୁ ।

ତାକୁ ଦୁଇତାଟିଆ ଚାଉଳ ଦେଇ ଦୁଇଟା ରଙ୍ଗ ବରଫ ମାନେ ଆଇସକ୍ରିମ୍ କିଣି ଆଣୁ ଆମେ । ସେଇ ରଙ୍ଗ ବରଫରୁ ଟିକେ ଟିକେ ପାଇବା ପାଇଁ ଆମ ଭିତରେ ଆରମ୍ଭ ହୋଇ ଯାଏ ମହାଯୁଦ୍ଧ । ସଭିଙ୍କ ପାଟି ରେ ଟିକେ ଟିକେ ପଡିଗଲେ ମନ ପୁରିଯାଏ । ସେତେବେଳର ଶସ୍ତା ରଙ୍ଗ ବରଫକୁ ଦଶ ଜଣଙ୍କ ମଧ୍ୟରେ ବାଣ୍ଟି ଖାଇବାରେ ମଜା ଆଜିର ଦାମୀ ଆଇସକ୍ରିମ୍ ଏକଲା ଖାଇବା ରେ କାହିଁ ?

ଆମେ ଭାଇ ଭଉଣୀ ମିଶେଇ ମୋଟ ଉପରେ ଦଶ ଜଣ । କୁସୁମ ଅପା ଆଉ ମୁଁ, ନିଜ ଭଉଣୀ । ବାପା ସବୁଠାରୁ ବଡ଼ । ତାଙ୍କ ପରେ ସବୁ ସାନ ବାପାଙ୍କ ଗୋଟେ ପୁଅ ଗୋଟେ ଝିଅ । ବାସ ଆମେ ଦୁଇ ଜଣ ହିଁ ଆମ ଘରେ ଦୁଇଟା ଏକଲା ଝିଅ । ଅନ୍ୟ ସାନବାପା ମାନେ ଚାଷ କରୁଥିବା ବେଳେ ବାପା ଥିଲେ ମଧ୍ୟ ଇଂରାଜୀ ବିଦ୍ୟାଳୟ ର ଜଣେ ଶିକ୍ଷକ ।

ଯଦି ଆମେ ସଭିଏଁ ରଙ୍ଗ ବରଫ ଖାଉଥିବା ବେଳେ ବାପାଙ୍କ ସ୍କୁଲ ଛୁଟି ହୋଇ ଯାଇଥାଏ ଆଉ ଆମେ ହାବୁଡେ ପଡି ଯାଇଛୁ ଯଦି, ତାହେଲେ ତାଙ୍କ କୋପରୁ ଆମକୁ ରୋକେ କିଏ ? କାରଣ ସବୁ ପିଲାଙ୍କ ପାଇଁ ସ୍କୁଲ ଛୁଟି ହେଲେ ବି, ଶିକ୍ଷକମାନେ ସ୍କୁଲ ଯିବାକୁ ବାଧ୍ୟ ଥିଲେ । ତା ପରେ ଅପା ଆଉ ମୋ ଉପରେ ହୋଇ ଚାଲେ ପ୍ରହାର । କାରଣ ଆମେ ବଡ଼ ଅନ୍ୟ ମାନେ ସାନ । ଆମେ ଯାହା କରିବୁ, ଅନ୍ୟ ମାନେ ସେୟା ଶିଖିବେ କହି ବାପା ଆମ ଦୁହିଁଙ୍କୁ ହିଁ ବାଡାନ୍ତି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ସିନା କାନ୍ଦି ପକାଏ, ହେଲେ ଅପା ମୋ ଭାଗ ମାଡ଼ ତକ ବି ଖାଏ । କାରଣ ଅପା ମୋତେ ଭାରି ଭଲ ପାଏ । ସେଥିପାଇଁ ବାପା ମୋତେ ମାରୁଥିବା ବେଳେ, ଅପା ବେଳେ ବେଳେ ଜାଣି ଜାଣି ପଶି ଆସେ ଆଉ ମାଡରୁ ଅଧିକ ଭାଗ ତା ପିଠିରେ ଯାଇ ପଡେ ।

ସେଦିନ ବି ଠିକ ଏମିତି ଗୋଟେ ଖରାବେଳ ଥିଲା । ଅପା ଆମ ସଭିଙ୍କୁ ନେଇ ରଙ୍ଗ ବରଫ କିଣିବାକୁ ଯାଇଥିଲା । ସେବେ ଅପାର ନବମ, ମୋର ଚତୁର୍ଥ ଶ୍ରେଣୀ । ଅନ୍ୟମାନେ ତ ଆମ ଠାରୁ ଆହୁରି ସାନ । ନବମ ଶ୍ରେଣୀ ହେତୁ ଅପାକୁ ବେଶୀ ତାଗିଦ୍ କରୁଥିଲେ ସଭିଏଁ । ହେଲେ ଅପା ବେଫିକର୍ ଥିଲା ।

ଆମେ ସଭିଏଁ ରଙ୍ଗ ବରଫ ଖାଉଥିବା ବେଳେ ସବୁଠାରୁ ବଡ଼ ଭାଇ ଯିଏ କହିଲା, "କୁସୁମ ଅପା, ତୁ ସବୁବେଳେ କାହିଙ୍କି ଦୁଇଟା ତାଟିଆ ଚାଉଳ ଆଣୁଛୁ ? ଦଶଟା ଆଣୁନୁ । ଯେମିତି ଆମେ ସଭିଏଁ ମନ ଭରି ଗୋଟେ ଗୋଟେ ରଙ୍ଗ ବରଫ ଖାଇବୁ ।" ଅପା କେବଳ ହସି ଦିଏ ଆଉ କହେ, "ଆର ଥରକୁ ନିହାତି ଆଣିବ ।" ହେଲେ ଅପାର ଆରଥର କେବେ ହୁଏ ଆମେ ଜାଣୁନା ! କିନ୍ତୁ ମୁଁ ସବୁବେଳେ ଗୋଟେ କଥା ଦେଖିଛି ଅପା ଆମକୁ ଦେଇ ନିଜେ କେବେ ହେଲେ ସେ ରଙ୍ଗ ବରଫ ଖାଏ ନା । ଆମକୁ ଦେଇ ଦିଏ । ମୁଁ ତାକୁ ସବୁବେଳେ ପଚାରିବାକୁ ଭାବିଲେ ବି ପଚାରି ପାରେ ନା । ଓଲଟି ଖୁସି ହୁଏ ଯେ, ଅପା ଭାଗ ବରଫ ବି ମୋତେ ମିଳି ଯାଉଛି । ମୋର ଅବା ଆପତ୍ତି କଣ ରହିବ ?

ଅପା ସ୍କୁଲ ଛାଡି କଲେଜ ଗଲା । ହେଲେ ତାର ଆମ ପାଇଁ ରଙ୍ଗ ବରଫ କିଣିବାକୁ ଚାଉଳ ଲୁଚେଇ ଆଣିବା ଗୁଣଟା ଗଲା ନାହିଁ । ସେଦିନ ବି ଅପା ଆମ ସହିତ ଯାଉଥିଲା । ହଟାତ ବରଫୱାଲା ପାଖରେ ଗୋଟେ ଅପା ବୟସର ପିଲା ଠିଆ ହୋଇଥିଲା । ଅପା ଦୂରରୁ ତାକୁ ଦେଖିଲା ମାତ୍ରେ ଲାଜରେ ଝାଉଁଳି ପଡିଲା । ଆଉ ପାଦେ ହେଲେ ଆଗକୁ ବଢ଼ିଲା ନାହିଁ । ମୁଁ ବି ଆଶ୍ଚର୍ଯ୍ୟ ! ଏବେ ତ ଅପା ଆସୁଥିଲା ହେଲେ କଣ ହେଲା ହଠାତ ରହିଗଲା ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅପା ମୋ ହାତରେ ଚାଉଳ ଗିନା ଧରେଇ ଦେଇ କହିଲା, "ଆଜି ତୁ ଯାଆ ରଙ୍ଗ ବରଫ କିଣି ସଭିଙ୍କ ଭିତରେ ବାଣ୍ଟି ଦେବୁ ।"

"ହେଲେ ଅପା ତୁ ? ତୁ ଆସିବୁନି କି ? ତୁ ଜାଣିନୁ କି ତୁ ନଥିଲେ ଏମାନେ ସଭିଏଁ ବାଡ଼ିଆ ପିଟା ହେବେ । କେହି ସମାନ ଭାବେ ପାଇବେ ନାହିଁ ବୋଲି କଜିଆ କରିବେ ?"

"ଧେତ, ତୋତେ ଯେତିକି କହିଲି ସେତିକି କରୁନୁ । ଯାଆ ରଙ୍ଗ ବରଫ ସରିଯିବ ନହେଲେ !"

ରଙ୍ଗ ବରଫ ସରିଯିବ ଶୁଣି, ଆମେ ଧାଇଁଲୁ ତା ପଛେ ପଛେ । ଅପା କଦମ୍ବ ଗଛ ଆଢୁଆଳରେ ଥାଇ ଆମକୁ ଲୁଚି ଲୁଚି ଦେଖୁଥାଏ । ଆମେ ଯେବେ ରଙ୍ଗ ବରଫୱାଲା ପାଖରେ ପହଂଚିଲୁ ସେବେ ସେଇଠି ଯେଉଁ ପିଲାଟା ଠିଆ ହୋଇଥିଲା ତା ଚେହେରା ଦେଖା ଗଲା ।

ସିଏ ଆମ ଗାଁଆର ସାହିରେ ରହୁଥିବା ପୋଷ୍ଟ ମାଷ୍ଟରଙ୍କ ପୁଅ ଶାନ୍ତନୁ ଭାଇ ଥିଲେ । ଆମ ସଭିଙ୍କୁ ଦେଖି ଶାନ୍ତନୁ ଭାଇ ପ୍ରଶ୍ନ କଲେ, "କିରେ ତୁମେମାନେ ସବୁ କୁଆଡେ ?" ଶାନ୍ତନୁ ଭାଇ ଅପାର ହିଁ କ୍ଲାସମେଟ ଥିଲେ । ଅପା ଆଉ ସେ ଦୁହେଁ ଆମ ଗାଁ କଲେଜରେ ହିଁ ପଢୁଥିଲେ ।

ମୁଁ ତାଙ୍କୁ କହିଲି, "ଅପା ଆମକୁ ରଙ୍ଗ ବରଫ କିଣି ଖାଇବାକୁ କହି ନିଜେ ସେ ଗଛ ପଛରେ ଲୁଚିଛି ।" ଶାନ୍ତନୁ ଭାଇ ମୋ କଥା ଶୁଣି ହସିଦେଲେ । ମୋ ମୁଣ୍ଡକୁ ଆଉଁସି ଦେଇ କହିଲେ, "କେତେଟା ରଙ୍ଗ ବରଫ ନେବାକୁ ଆସିଛ ତୁମେ ମାନେ"

"ଦୁଇଟା ।" ମୁଁ କହିଲି ।

"ତୁମେ ମାନେ ଦଶ ଜଣ ହେଲଣି । ମାତ୍ର ଦୁଇଟା ରଙ୍ଗ ବରଫ ?" ତାଙ୍କ ସ୍ୱରରେ ହିଁ ଆଶ୍ଚର୍ଯ୍ୟ ଭାବ ଭରି ରହିଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଅପା ରଙ୍ଗ ବରଫ ଖାଏ ନା ଭାଇ ।" ମୁଁ ଚଟାପଟ ଉତ୍ତର ଦେଲି ।

"କାଇଁ, ତୋ ଅପା କଣ କୋଉ ଅଲଗା ଗ୍ରହର ଲୋକ ?" ହସି ହସି ସେ କହିଲେ ।

ସେ ରଙ୍ଗ ବରଫୱାଲାକୁ କହିଲେ, ଆମ ସଭିଙ୍କୁ ଗୋଟେ ଗୋଟେ ରଙ୍ଗ ବରଫ ଦେବା ପାଇଁ । ଜୀବନରେ ପ୍ରଥମ କରି ପୁରା ଗୋଟା ରଙ୍ଗ ବରଫ ପାଇ ଆମେ ସଭିଏଁ ଖୁସିରେ ଶାନ୍ତନୁ ଭାଇଙ୍କୁ ଘେରି ଗଲୁ । ଭାଇ ବି ଆମ ଖୁସି ଦେଖି ହସି ଦେଲେ । ହେଲେ ଏସବୁ ଗଛ ପଛରେ ଥାଇ ଦେଖୁଥିବା ମୋ ଅପା କଣ ପାଇଁ ହସୁଥିଲା ମୁଁ ବୁଝି ପାରୁ ନଥିଲି  !

ଆମ ରଙ୍ଗ ବରଫ ଖିଆ ସରିଲା ପରେ, ଶାନ୍ତନୁ ଭାଇ ଆହୁରି ଗୋଟେ ରଙ୍ଗ ବରଫ କିଣି ଦେଇ ମୋ ହାତରେ ଦେଇ କହିଲେ, "ଏଇଟା ନେଇ ତୋ ଅପାକୁ ଦେବୁ । ଆଉ କହିବୁ ଶାନ୍ତନୁ ଭାଇ କହିଲେ ତାଙ୍କ ରାଣ ତୁ ଏ ରଙ୍ଗ ବରଫଟା ଖାଇ ଦେ ।"

ଶାନ୍ତନୁ ଭାଇ ଯେମିତି କହିଥିଲେ, ମୁଁ ଠିକ ସେୟା କଲି । ରଙ୍ଗ ବରଫଟା ନେଇ ଅପାକୁ ଦେଇ କହିଲି, "ଶାନ୍ତନୁ ଭାଇ କହିଲେ ଏଇଟା ନ ଖାଇଲେ ତାଙ୍କ ରାଣ ।" ମୁଁ ଜାଣିଥିଲି ଅପା କେବେ ହେଲେ ରଙ୍ଗ ବରଫ ଖାଇବ ନାହିଁ । ସେଥିପାଇଁ ଆହୁରି ଗୋଟେ ପୁରା ରଙ୍ଗ ବରଫ ପାଇବା ଆଶାଟା ମୋ ମନ ରେ ଜାଗି ଉଠିଲା  ।

ହେଲେ ମୋତେ ଆଶ୍ଚର୍ଯ୍ୟ କରି ଦେଇ, ଅପା ତୁରନ୍ତ ମୋ ହାତରୁ ସେ ରଙ୍ଗ ବରଫଟା ଝାମ୍ପି ନେଇ ପାଟିରେ ପୁରେଇ ଦେଲା । ମୁଁ ଆବାକାବା ହେଇ ଅପାକୁ ଚାହିଁଥାଏ । ହେଲେ ସେ ରଙ୍ଗ ବରଫ ଖାଇବାରେ ବ୍ୟସ୍ତ ଥାଏ ।

ଛି..! ଅପାଟା କେଡେ ଲୋଭିଟା । ଆଗରୁ ଖଣ୍ଡେ ରଙ୍ଗ ବରଫ ନଖାଇ ମୋତେ ଦେଉଥିଲା । ହେଲେ ଏବେ ପୁରା ଗୋଟାଏ ରଙ୍ଗ ବରଫ ଏକା ଖାଇ ଦେଲା ମୋତେ ଟିକେ ହେଲେ ନ ଦେଇ ? ଅପା ଜମା ଭଲ ନୁହେଁ । ମୁଁ ମନେ ମନେ କହୁଥାଏ । ହେଲେ ମୋ ମନରେ ଅପା ପାଇଁ ବି ଟିକେ ଦୁଃଖ ହେଲା । କାରଣ ମୁଁ ଜାଣିଛି, ଅପା ମୋତେ ଭଲ ପାଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋଲି ତା ଭାଗ ରଙ୍ଗ ବରଫ ବି ମୋତେ ଦେଇ ଦିଏ । ସେଥିପାଇଁ ତ ଅପା ପାଇଁ ଜମାଟ ବାନ୍ଧିଥିବା ମୋ ରାଗ ତୁରନ୍ତ ରଙ୍ଗ ବରଫ ପରି ତରଳି ଗଲା ।

ତା ପର ଠାରୁ ମୁଁ ଖାଲି ଠାକୁରଙ୍କୁ ଡାକୁଥାଏ ଏମିତି ସବୁଦିନେ ଶାନ୍ତନୁ ଭାଇ ଦେଖା ହୁଅନ୍ତେ ନାହିଁ କି ! ସବୁବେଳେ ସିଏ ଆମ ସାହି ଆଡେ ଆସନ୍ତେ ନାହିଁ କି ! ଆମକୁ ଗୋଟା ରଙ୍ଗ ବରଫ ଖାଇବାକୁ ମିଳନ୍ତା ? କେବଳ ମୁଁ କାହିଁକି ଆମ ବାନର ସେନାର ସବୁ ଛୁଆ ମାନେ ସେୟା ଚାହୁଁଥିଲେ । ହୁଏତ ଭଗବାନ ବି ଟିକେ ଆମ ପ୍ରତି ସନ୍ତୁଷ୍ଟ ଥିଲେ ନା କଣ, ବେଳେ ବେଳେ ଶାନ୍ତନୁ ଭାଇ ଭେଟ ହୋଇଯାଆନ୍ତି ଠିକ ଏଇ ଦ୍ୱିପହର ବେଳରେ । ଆଉ ଆମ ହାତରେ ଧରେଇ ଦିଅନ୍ତି ଗୋଟା ରଙ୍ଗ ବରଫ । ହଁ, ଅବଶ୍ୟ ସେଇ ତାଙ୍କ ରାଣ ଦେଇ ମୋ ହାତରେ ଅପା ପାଇଁ ଗୋଟେ ରଙ୍ଗ ବରଫ ପଠେଇବାକୁ ଭୁଲନ୍ତି ନାହିଁ ସେ । ହେଲେ ଅପା ସାମ୍ନାକୁ ସେ କେବେ ଆସନ୍ତି ନାହିଁ, କି ଅପା ବି କେବେ ତାଙ୍କ ସାମ୍ନାକୁ ଯାଏ ନା । ସମୁଦ୍ରରୁ ସ୍ଥଳଭାଗ ଯେତିକି ଦୂର ସେତିକି ଦୂରତା ଥାଏ ତାଙ୍କ ମଝିରେ । ବାସ ମୁଁ ତ ବେଳାଭୂମି ପରି ଏକ ମାଧ୍ୟମ ସାଜି ଥାଏ !

ତା ପରବର୍ଷ ଅପାର ଯୁକ୍ତ ଦୁଇ ପଢା ସରିଗଲା । କିଏ ଜଣେ ଆମର ଦୂର ସମ୍ପର୍କୀୟ ଅପାପାଇଁ ଗୋଟେ ବାହାଘର ପ୍ରସ୍ତାବ ନେଇ ଆସିଥିଲେ । ପିଲାଟା ଚାକିରୀ କରିଥିଲା, ଭଲ ଘର ଆଉ ଭଲ ପରିବାର ବି । ସବୁଠାରୁ ବଡ଼ କଥା ଅପାର ରୂପ, ଗୁଣ, ଶିକ୍ଷା ସଂସ୍କାର ଦେଖି ସେ ବିନା ଯୌତୁକରେ ବିଭାଘର ପାଇଁ ରାଜି ହୋଇ ଯାଇଥିଲେ ।

ଏତେ ବଡ଼ ପରିବାରର ସମସ୍ତ ଝିଅମାନଙ୍କ ବିବାହ ପୁଣି ବାପାଙ୍କ ଅସ୍ଥାୟୀ ଚାକିରୀକୁ ସାନବାପା ମାନଙ୍କ ଚାଷ ବାସର ରୋଜଗାରରେ ଆମେ ସଭିଙ୍କୁ ଥିଲା ଥୋଇଲା ଘରେ ବେଶୀ ବେଶୀ ଜାନି ଯୌତୁକ ଦେଇ ବିଦା କରିବା ମୁଣ୍ଡ ବ୍ୟଥାର କାମ ଥିଲା । ସେଇ ଦୃଷ୍ଟିରୁ ଏ ପ୍ରସ୍ତାବଟା ଖୁବ ଜଲଦି ଗୃହୀତ ହୋଇଗଲା, ଅପାକୁ ନ ପଚାରି । ଅପାର କି ଭୂମିକା ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସଭିଙ୍କ ମତ ହିଁ ତା ପାଇଁ ନିର୍ଣ୍ଣୟ ।

ଠିକ ମେ ମାସ ସରୁ ସରୁ ଅପା ମୋର ବୋହୂ ବେଶ ସାଜି ବାହା ହୋଇ ଚାଲିଗଲା ଅନ୍ୟ କାହା ଘରକୁ । ଅପା ବିନା ଘର ଖାଲି ଖାଲି ଲାଗୁଥାଏ । ତା ପର ବର୍ଷ ଆମ ସଭିଙ୍କ ରଙ୍ଗ ବରଫ ଖିଆ ଚାଲିଥାଏ ହେଲେ ଗୋଟା ନୁହେଁ, ଖଣ୍ଡେ ଖଣ୍ଡେ ପୁଣି ସେଇ ଦୁଇ ତାଟିଆ ଚାଉଳ ବଦଳରେ, ଅବଶ୍ୟ ଆମ ଭାଗରେ ପରିବର୍ତ୍ତନ ହେଲା ନାହିଁ, କାରଣ ଅପା ଯେ ରଙ୍ଗ ବରଫ ଖାଏ ନା, ହେଲେ ଏବେ ଏକା ମୁଁ ହିଁ ରହିଗଲି ସେଇ ଦୁଇ ତାଟିଆ ଚାଉଳ ଆଣିବା ପାଇଁ । ଅପା ବାହା ହେଇଗଲା ଦିନରୁ ମୁଁ ଶାନ୍ତନୁ ଭାଇଙ୍କୁ କାହିଁ ଆମ ସାହିରେ ଆଉ ଦେଖି ନାହିଁ ! ଆଉ ଯେ କେବେ ଶାନ୍ତନୁ ଭାଇ ଆସିବେ ସେ ଆଶା ଆମର ସରି ଯାଇଥିଲା । କାରଣ ମାସ ସରିବାକୁ ଆସିଲାଣି ତାଙ୍କ ଦେଖା ନାହିଁ !

ଠିକ ମେ ଶେଷ ବେଳକୁ ଅପା ଆସିଥିଲା ଭାଇନାଙ୍କ ସହ ଆମ ଗାଁ ବୁଲି । ନୂଆ ବାହା ହୋଇ ମୋ ଅପା କି ସୁନ୍ଦର ଦିଶୁଥାଏ ! ଏତିକି ବେଳେ ଦାଣ୍ଡରୁ ରଙ୍ଗ ବରଫୱାଲାର ପାଟି ଶୁଣାଗଲା । ଅପା ତା ଭ୍ୟାନିଟିରୁ ଟଙ୍କା କାଢି ମୋ ହାତରେ ଥୋଇଦେଲା । ଆଉ କହିଲା, "ସଭିଙ୍କ ପାଇଁ ବାଣ୍ଟି କି ଗୋଟାଏ ଗୋଟାଏ ରଙ୍ଗ ବରଫ ଆଣିବୁ ।"

"ଅପା ଲୋ, ତୁ ଖାଇବୁ ନାହିଁ ?"

"ଛି ଛି, ସେଗୁଡା କଣ ମୁଁ କେବେ ଖାଏ ? ନାଇଁ ତୁମେ ମାନେ ଖାଅ । ମୋ ପାଇଁ ଆଣିବୁ ନାହିଁ ।"

"କଣ ଶାନ୍ତନୁ ଭାଇଙ୍କ ରାଣ ଦେଲେ ବି ଖାଇବୁ ନାହିଁ ?"

ଅପା ଆଖିରୁ ବହୁଥିବା ଅଦିନିଆ ଶ୍ରାବଣ, ମେ ମାସର ସେ ଉତ୍ତପ୍ତ ଅପରାହ୍ଣକୁ ଭିଜେଇ ଦେଉଥାଏ ।

ଠିକଣା - କଟକ,ଓଡିଶା, ପିନ ନଂ - ୭୫୪୦୩୧, ଯୋଗାଯୋଗ - ୬୩୭୨୭୬୦୦୯୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

।।୨୫ ଦୃଶ୍ୟ ।।

(ନାଥୁରାମ ରାଗରେ ଟହଲ ମାରୁଥାଏ)

ନାଥୁ- ନୋ ନେଭର ନାଠୁରାମ ଇଣ୍ଡିଆକୁ ବାୟ ବାୟ କଡ଼ି ଟା କଣ୍ଟ୍ରିକୁ ଛାଲିଯିବ । ଇଏସ, ଟା ଣ ହେଲେ ଇଣ୍ଡିଆନ ପିପୁଲ ମୋଟେ ଫିନିଶ କଡ଼ିଦେବେ । ବଟ ଯିବି ଖେମିଟି ? ପୋଲିସର ନଜଡ଼ ମୋ ଉପଡେ ଅଛି ।

(ନର୍ତ୍ତକୀର ଛଦ୍ମ ବେଶରେ ଶ୍ରାବଣୀକୁ ଧରି ବିକ୍ରମ ପ୍ରବେଶ କରେ)

ବିକ୍ରମ- ଗୁଡ଼ ଏଭିନିଙ୍ଗ ବସ ।

ନାଥୁ- ଗୁଡ଼ ଏଭିନିଙ୍ଗ ! ଇଉ ବିକ୍ରମ ! ହୁ ଆର ଶି ? (ଶ୍ରାବଣୀ ପ୍ରତି ଇଶାରା କରି)

ବିକ୍ରମ- ସି ଇଜ ଏ ଷ୍ଟ୍ରିଟ ଡାନ୍‌ସର । ଭାରତର ଅନେକ ପ୍ରକାର ପ୍ରଜାତି ମଧ୍ୟରୁ ଏଇ ପ୍ରଜାତିର ଡାନ୍‌ସ ଥରେ ଦେଖି ନିଅନ୍ତୁ ବସ ଏକାଥରେ ଆପଣଙ୍କ ଆତ୍ମା ପ୍ରଫୁଲ୍ଲିତ ହୋଇଯିବ ।

ନାଥୁ- ଓଃ ରିଏଲୀ ! ଓକେ ଓପନ ହାର ଫେସ ।

ବିକ୍ରମ- ଏଥର ମୁଣ୍ଡରୁ ଓଢଣୀ ଖୋଲି ଦେ ଲାଜବାନ୍ତି ।

ଶ୍ରାବଣୀ- (ମୁଣ୍ଡରୁ ଓଢଣୀ ଖୋଲେ)

ନାଥୁ- ଓଃ ବିଉଟିଫୁଲ, ଭେଡ଼ି ଭେଡ଼ି ବିଉଟିଫୁଲ । ବହୁତ ସୁନ୍ଦଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଟରଫ୍ଲାଇ ।

ନାଠୁରାମ ଟା ଲାଇଫଡେ ଏମିଟି ବଟରଫ୍ଲାଇ ଡେଖିନଠିଲା ।

ବିକ୍ରମ- ଇଏସ ବସ ଇଏ ଆମ ଭାରତର ନାରୀ ଜାତିଙ୍କ ମଧ୍ୟରେ ହାଇବ୍ରିଡ଼ ପ୍ରଜାତି ।

ନାଥୁ- ହ୍ୱାଟ ହାଇବ୍ରିଡ଼ ?

ବିକ୍ରମ- ମନଲୋଭା, ମନଜିଣା, ମନକିଣା ଏପରିକି ସବୁ ଗୁଣରେ ଭରପୁର ଏଇ ପ୍ରଜାତିର ନାରୀମାନେ ।

ନାଥୁ- (ହସ) ନାଠୁରାମ ଟା ଲାଇଫଡେ ବହୁଟ ନାଡିକୁ ଏଞ୍ଜୟ କଡ଼ିଛି । ବଟ ଇଉ ଜୁଏଲ । ନାଡିମାନଙ୍କ ଭିତଡେ ଇଉ ଆର ହେଲେଓ । କମ, କମଅନ ମାଇଁ ଡାର୍ଲିଙ୍ଗ । (ଶ୍ରାବଣୀକୁ ଧରିବାକୁ ହାତ ପ୍ରସାରେ)

ଶ୍ରାବଣୀ- ନା ବାବୁ ତୁମେ ସେମିତି କୁହନା । ମୁଁ ଜଣେ ଗାଉଁଲି ଝିଅ । ବୁଲି ବୁଲି ନାଟ ତାମସା କରି ଯାହା ରୋଜଗାର କରେ ଘର ଚଳେ । ଘରେ ମୋର ରଗିଣା ମା' ମୋ ବାଟକୁ ଚାହିଁ ବସିଥିବ ।

ବିକ୍ରମ- ଆଲୋ ତୁ ଏମିତି ଡରୁଛୁ କାହିଁକି ? ବସ ଆମର ଭାରି ଦୟାଳୁ । ଥରେ ତୋତେ ଚାଖିନେଲେ ସାରା ଜୀବନ ତୁ ଅଏସ କରିବୁ ।

ଶ୍ରାବଣୀ- ହେଇଟି ବାବୁ ! ତୁ ମୋତେ କହିଲୁ ଚାକରି କରେଇଦେବୁ । ଚାକିରୀ କରେଇଦେବା ବାହାନାରେ ଏଇ ରାକ୍ଷସଟା ପାଖକୁ ଆଣି ମୋତେ ନିଲାମ କରୁଛୁ । ତୋ ବିବେକ କଣ ଟିକେ ବାଧା ଦେଲାନାହିଁ ଜଣେ ଅସହାୟ ନାରୀର ମାନ ମହତକୁ ପରଦେଶୀ ଜାନୁଆର ପାଖେ ବିକି ଦେବାକୁ ?

ବିକ୍ରମ- ହେଃ ଚୁପ ରହ ! ମୋତେ ଉପଦେଶ ଦେଉଛି ! ତୁ ବୋଧେ ଜାଣିନାହୁଁ ବିକ୍ରମ ହେଉଛି ଜଣେ ନାରୀ ଦଲାଲ । ତୋ ଭଳି କେତେ କେତେ ପ୍ରଜାତିର ନାରୀଙ୍କୁ ମନେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫସେଇ ଜାଲରେ ଧରି ମୋର ଏଇ ବସଙ୍କ ନିକଟକୁ ନେଇଆସେ । ତା ବଦଳରେ ମୋତେ ମିଳେ ଅମାପ ଧନ ।

ଶ୍ରାବଣୀ- ତୋହରି ଭଳି ସୈତାନମାନଙ୍କ ପାଇଁ ଏ ଦେଶର ନାରୀମାନେ ଆଜି ଅସୁରକ୍ଷିତ । ତୋହରି ଭଳି ଗୃହଭେଦି ବିଭୀଷଣ ପାଇଁ ନାରୀମାନେ ରାସ୍ତା ଘାଟରେ ଚାଲି ପାରୁନାହାନ୍ତି । ତୁ ଏ ଦେଶର ଜଣେ ଅଦରକାରୀ ମଣିଷ ।

ବିକ୍ରମ- ତାମାନେ ତୁ ମୋତେ ଅଭିଶାପ ଦେଉଛୁ ନା ଗାଳି କରୁଛୁ ? ତୋ ଅଭିଶାପ ମୋ ଉପରେ ପଡିବନି କି ତୋ ଗାଳି ଏଠି କିଛି କାମ ଦେବନି । ତା ପୂର୍ବରୁ ତୋତେ ଏଠି ନାଚ ତାମସା କରି ମୋ ବସଙ୍କୁ ମସଗୁଲ କରେଇବାକୁ ହେବ । ଚାଲ ନାଚ-

ଶ୍ରାବଣୀ- ମୁଁ ତୋର ବେଠିଆ ନୁହେଁ ଯେ ତୋ କହିବା ମୁତାବକ ଏଇ ରାକ୍ଷସ ପାଖରେ ନାଚିବି ।

ବିକ୍ରମ- ତୋତେ ନାଚିବାକୁ ହେବ । ନାଚ (ଚାବୁକ ପ୍ରହାର କରେ)

ଶ୍ରାବଣୀ- ନା ମୁଁ ନାଚି ପାରିବିନି ।

ବିକ୍ରମ- ପୁଣି ସେଇ ଅଝଟ ହେଲୁ । ତୋତେ କହୁଛି ନାଚ । (ପୁଣି ଚାବୁକ ମାରେ)(ଶ୍ରାବଣୀ ଗୀତର ତାଳେ ତାଳେ ନାଚିବାକୁ ଲାଗେ)

(ନାଚ ଶେଷ ହେବା ପରେ ଶ୍ରାବଣୀ ନାଥୁରାମ ପକେଟରୁ ପିସ୍ତଲ ବାହାର କରି ଦୁହିଁଙ୍କୁ ଦେଖାଏ ।)

(ନାଥୁରାମ ଓ ବିକ୍ରମ ଭୟରେ ହାତ ଉପରକୁ ଉଠେଇ ଠିଆ ହୁଅନ୍ତି)

ବିକ୍ରମ- ଏ ଫିଙ୍ଗିଦେ ଫିଙ୍ଗିଦେ ସେଇଟା । ନଳୀରୁ ଗୁଳି ବାହାରିଗଲେ ସବୁ ଶେଷ ହେଇଯିବ । ମୋ ସୁନା ଭଉଣୀ ପରା ଫିଙ୍ଗିଦେ ।

ଶ୍ରାବଣୀ- ସୁନା ଭଉଣୀ ! ବଡ଼ ବିଚିତ୍ର ଜୀବ ତୁ । କେତେବେଳେ ପ୍ରମିକା କେତେବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଉଣୀ ଆଉ କେତେବେଳେ ନିଜର କାମନା ଚରିତାର୍ଥ ପାଇଁ ଦଲାଲ ବିକ୍ରମ ମୁହଁରେ ଭଉଣୀ ଶବ୍ଦ ଶୋଭା ପାଏନା । ବି କେୟାରଫୁଲ ମୁଁ ତୁମ ଦୁହିଁଙ୍କୁ...(ଫାୟାର ସମୟରେ ବିକ୍ରମ ଝାମ୍ପ ମାରି ପିସ୍ତଲ ଛଡେଇ ତଳେ ପକାଇଦିଏ ।ନାଥୁ ପିସ୍ତଲ ତଳୁ ଉଠେଇନିଏ ।)

ନାଥୁ- ରାସ୍କେଲ, ଟୁ ହାମକୁ ମଡିବୁ ? ମୁଁ ତୋର ବଡ଼ିରେ ଏମିଟି ଛୋଟ ମଡିବି ଅଳ ତେଜ ମନେ ଉହିବ । ବିକ୍ରମ ଟା ବଡିରୁ ଡ୍ରେସ ଖୋଲିଦେ-

ବିକ୍ରମ- ଇଏସ ବସ(ଶ୍ରାବଣୀର ଡ୍ରେସ ଖୋଲିବାକୁ ହାତ ବଢ଼ାଏ)

ଶ୍ରାବଣୀ- ନା ବାବୁ ପ୍ଲିଜ ତୁ ମୋତେ ଛୁଇଁବାକୁ ଚେଷ୍ଟା କରନା । ତା ନହେଲେ ଜଳି ପୋଡି ଧ୍ୱଂସ ହୋଇଯିବୁ ।

ବିକ୍ରମ- ଏ କଳିକାଳରେ ବି  ସତୀ ନାରୀର ଅଭିଶାପ । (ପୁଣି ଧରିବାକୁ ଆଗଉଥାଏ ସମ୍ବିତ ପଛପଟୁ ଆସି ବିକ୍ରମକୁ ଧକା ମାରେ ।)

ସମ୍ବିତ- ତୁମ ଦୁହିଙ୍କ ଖେଳ ଖତମ । ଏଥର ମରିବାକୁ ପ୍ରସ୍ତୁତ ହୋଇଯାଅ ।(ପିସ୍ତଲ ଦେଖାଏ)

ଶ୍ରାବଣୀ- ନା ସମ୍ବିତ ତୁମେ ମୋତେ ସେ ପିସ୍ତଲ ଦିଅ । ଏ ଦୁହେଁ ମୋ ଶିକାର ।

ସମ୍ବିତ- ଶିକାର ଯାହାର ହେଉନା କାହିଁକି ଶିକାରୀ ଯେତେବେଳେ ସମ୍ମୁଖରେ ଶିକାର ତ କରିବ ନିଶ୍ଚୟ ।(ବିକ୍ରମ ପ୍ରତି ଫାୟାର କରେ)

ବିକ୍ରମ-ଆଃ (ଯନ୍ତ୍ରଣାରେ ମୃତ୍ୟୁ)

ନାଥୁ- ହୁ ଅର ଇଉ ?

ସମ୍ବିତ- ତୋ ଯମ ।

ଶ୍ରାବଣୀ- ଯାହାକୁ ତୁମେମାନେ ଦିନ ରାତି ଖୋଜୁଛ । ଯାହାକୁ ଧରିବା ପାଇଁ ପୋଲିସ ଆଖିରେ ନିଦ ନାହିଁ ଆମେ ଦୁହେଁ ସେଇ ଆସାମୀ ।

ନାଥୁ- ଓଃ ଟୁମେ ଟାହେଲେ ମୋର ପାର୍ଟନାର ମାନଙ୍କୁ ମର୍ଡର କଡ଼ିଛ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣୀ- ତୁ ବି ମୋ ଟାର୍ଗେଟରୁ ବାହାରି ଯାଇନାହୁଁ ନାଥୁରାମ । ସେମାନଙ୍କ ଭଳି ଆଜି ତୁ ବି ମରିବୁ । ତୋର ଜୀବନ କାଳ ଶେଷ ହୋଇ ଆସିଲାଣି ।

ସମ୍ବିତ- ବି କେୟାରଫୁଲ ନାଥୁରାମ ପକେଟରେ ହାତ ପୂରେଇବାକୁ ଚେଷ୍ଟା କଲେ ତୋ ଛାତିରେ ମୋ ପିସ୍ତଲର ଗୁଳି ବିଦ୍ଧ ହେବାକୁ ବେଶୀ ସମୟ ଲାଗିବ ନାହିଁ । ।

ନାଥୁ- ନୋ ନୋ ପ୍ଲିଜ ହେଲ୍ପ ମି..ପ୍ଲିଜ ।

ଶ୍ରାବଣୀ- ଠିକ ଏଇଭଳି କାକୁତି ମିନତୀ ହୋଇଥିଲେ ମୋ ବାପା । ହେଲେ ତୁମେ ଚାରିହେଁ ତାଙ୍କୁ ଜୀବନରୁ ମାରିଦେଲ । ଗୋଟେ ପରିବାରକୁ ଭାଙ୍ଗିରୁଜି ନଷ୍ଟ କରିଦେଲ । ଜଣେ କଅଁଳ ଶିଶୁଠାରୁ ତା' ବାପାଙ୍କୁ ଛଡ଼େଇନେଲ । ତଥାପି ତୁମମାନଙ୍କ ମନ ବୁଝିଲା ନାହିଁ ଶେଷରେ ଏସ.ପି ଅମରେନ୍ଦ୍ର ଚୌଧୁରୀଙ୍କ ହାତ ଦୁଇଟା କାଟି ଅକର୍ମଣ୍ୟ ପଙ୍ଗୁ କରିଦେଲ । ଏତେପରେ ମଧ୍ୟ ପୋଲିସ ତୁମ୍ଭମାନଙ୍କୁ ଧରିପାରିଲା ନାହିଁ । ସେଥିପାଇଁ ଆମେ ଦୁହେଁ ଗୋଟି ଗୋଟି କରି ସଭିଙ୍କୁ ଶେଷ କରିଦେଇଛୁ କେବଳ ବାକି ରହିଛୁ ତୁ ।

(ନାଥୁରାମ ସନ୍ତର୍ପଣରେ ପିସ୍ତଲ ବାହାର କରି ସମ୍ବିତର ପିସ୍ତଲ ହାତକୁ ଫାୟାର କରେ, ସମ୍ବିତ ହାତରୁ ପିସ୍ତଲ ଖସିପଡ଼େ ।)

ନାଥୁ- ରିଲାକ୍ସ- ରିଲାକ୍ସ । ଟୁମେ ଦୁହେଁ ଭାବିଠିଲ ନାଠୁରମକୁ ସ୍ମାଶ କଡ଼ିଦେଢ଼ । ବଟ ରିମେମ୍ବର ନାଠୁରାମ ଇଜ ନାଠୁରାମ । ବାୟ୍ , ଗୁଡ଼ ବାୟ୍ ।(ନାଥୁରାମ ପ୍ରସ୍ଥାନ କରେ)

ଶ୍ରାବଣୀ- ତୁମର କିଛି ହୋଇନାହିଁ ତ ସମ୍ବିତ । ଆରେ ଏ କଣ ତୁମ ହାତରୁ ରକ୍ତ ଝରୁଛି ଯେ ! ଶୀଘ୍ର ହସ୍ପିଟାଲ ଚାଲିଲ ।(ଶ୍ରାବଣୀ ସମ୍ବିତକୁ ଧରି ପ୍ରସ୍ଥାନ ସମୟେ)

( ମଞ୍ଚ ଅନ୍ଧାର)

କ୍ରମଶଃ............email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଲିଳ (ଜଳ)



ଶିବ ନାରାୟଣ ଦାଶ

ତୁମେ ଭାସିବୁଲ କଳା ମେଘ ହୋଇ ନୀଳ ଆକାଶର କୋଳେ,
ବିଜୁଳି ଚମକେ ଝରିପଡ ପୁଣି ଝଡି ବରଷାର ଧାରେ ।
ଘଡଘଡି ମାରି ଗଗନ କମ୍ପାଇ ଢାଳିଯାଅ ଅସରାଏ,
ତୁମରି ପରଶେ ଧରଣୀ ହସଇ ଗଛ ଲତା ହସୁଥାଏ ।
ନଦୀ-ନାଳ ହୋଇ ତୁମେ ବୋହିଯାଅ ସାଗରେ ମିଶିବା ପାଇଁ,
ପାହାଡର ଫାଙ୍କୁ ନିର୍ଝରିଣୀ ହୋଇ ଝରିପଡ ଡେଇଁ ଡେଇଁ ।
କେତେବେଳେ ତୁମେ ନିଥର ନୀରବ, କେତେବେଳେ ସ୍ରୋତସ୍ୱିନୀ,
ପରାଣ ଥରାଇ କେତେବେଳେ କର ଗୁରୁ ଗର୍ଜନ ଧ୍ୱନି ।

ସଲିଳ ତୁମେ
ସୁଜଳା ତୁମେ
ତୃଷିତ ପ୍ରାଣେ ଜୀବନ ଦିଅ,
ଧରାରେ ଢାଳି ଧାରାର ବାରି ପଲକେ ତୁମେ ଝଲକୁ ଥାଅ ।

ତୁମେ କର ଲୀଳା ତ୍ରିବିଧ ରୂପରେ ଜଗତ କଲ୍ୟାଣ ପାଇଁ,
ବାରିଧାରା ଅବା ତୁହିନ ତୁଷାର, ସୂକ୍ଷ୍ମ ବାଷ୍ପକଣା ହୋଇ ।
ହିମାଦ୍ରୀ ଶିଖରେ ତୁମେ ରହିଅଛ ତ୍ରିସୀମା ପ୍ରାଚୀର ମେଳି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭେଦ୍ୟ ତୁମରି ପ୍ରସ୍ତର ତନୁ ଶତ୍ରୁଙ୍କୁ ଦିଏ ଠେଲି ।
ତୁମେ ବହିଯାଅ ସଜଳ ଧାରାରେ ହୋଇ ପୁଣି ମନ୍ଦାକିନୀ,
ଧୋଇଦିଅ ଶତ କଲୁଷ କଳଙ୍କ ପତିତ-ପାବନ-ଜନି ।
ବାଷ୍ପକଣା ହୋଇ ତୁମେ ଯାଅ ଉଠି ଆକାଶରେ ଖେଳି ବୁଲ,
ବରଷାର ଧାରା ଧରାରେ ଝରାଇ ପ୍ରାଣକୁ ଶୀତଳ କର ।

ଜୀବନୀ ତୁମେ
ପାବନୀ ତୁମେ
ପିୟୁଷ ଧାରା ପ୍ଲାବନି ହୋଇ,
ସ୍ନିଗ୍ଧ ତୁମ ପରଶ ଛୁଇଁ ଧରଣୀ ପରେ ଯାଅ ଯେ ବହି ।

ଧୂସର ଭୂଇଁକୁ ଉଷର କରାଅ ତୁମରି ପରଶ ଦେଇ,
ଶସ୍ୟ ଶ୍ୟାମଳା ସବୁଜ କ୍ଷେତରେ ଖୁସିର ଜୁଆର ବାହି ।
ଫୁଲେ ଫୁଲେ ପୁଣି ହରରଙ୍ଗୀ ରଙ୍ଗ ରଙ୍ଗୀନ କର ମହୀ,
ଇନ୍ଦ୍ରଧନୁର ସପ୍ତରଙ୍ଗେ ଦିଗନ୍ତ ଯାଅ ଛୁଇଁ ।
ଗ୍ରୀଷମ ତାପରେ ତାତି ଉଠୁଥିଲେ ବିଲ, ବାଡ଼ି, ବଣ ଭୂଇଁ,
ଧାରା ଶ୍ରାବଣର ବରଷାରେ ତୁମ, ଜଗତ ଉଠଇ ଚେଇଁ ।
ପଶୁ-ପକ୍ଷୀ ଅବା ଗଛ-ଲତା ପୁଣି ମଣିଷର ତୁମେ ଆଶା,
ନିଖିଳ ସୃଷ୍ଟି ସକଳ ପ୍ରାଣର ନିବାରଣ କର ତୃଷା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାସ୍ୟମୟୀ

ହାସ୍ୟମୟୀ

ସୁନୀଳ ତୁମ କାନ୍ତି ନେଇ,

ସାଗର, ମହାସାଗର ହୋଇ ଆବୋରି ଅଛ ବିଶ୍ୱ ଭୂଇଁ ।

ତୁମେ ଫୁତ୍କାର ସାଗର ଗରଭେ ଉର୍ମି ଝଞ୍ଜା ବାହି,

ନଦୀର ସ୍ରୋତରେ ଗର୍ଜନ କର ବନ୍ୟା ରାଗିଣୀ ଗାଇ ।

ଶାନ୍ତ ସଲିଳ କାନ୍ତିରେ ତୁମ ଜନ-ମନ ନିଅ ମୋହି,

ପ୍ରଳୟଙ୍କରୀ ତାଣ୍ଡବ ରଚି ଥରାଅ ବି ଧରା ଭୂଇଁ ।

ତୁମରି ବିହୁନେ କ୍ଲିଷ୍ଟ ପରାଣ ତ୍ରସ୍ତ ଜୀବନ ଧାରା,

ତୁମରି ବହୁଳେ ସୃଷ୍ଟି ବିନାଶ ବ୍ୟସ୍ତ ମଣିଷ ପରା ।

ତଥାପି ତ ତୁମେ ଯୁକ୍ତ ଜୀବନେ ଜନମୁଁ ମରଣ ଯାଏ,

ଜୀବନ ଅନ୍ତେ ଚିତା-ଅସ୍ଥି ଯେ ତୁମ ସ୍ରୋତେ ଭାସିଯାଏ ।

ଆଦ୍ୟେ ତୁମେ

ଅନ୍ତେ ତୁମେ

ଜୀବନ ପଥେ ସଂଗୀ ହୋଇ,


ଜୀବନ ସାଥେ, ଜୀବନ ସ୍ରୋତେ, ସଜଳ କର ଜୀବନ ଦେଇ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃସ୍ତୁତି



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଶୂନ୍ୟ ମନ୍ଦିରେ ମୁଁ ଯେ ସନ୍ଧାନ ପରିହରି
ପାତିଛି ଆସନ ମା'ଗୋ ତବ ପଦ  ପରଶେ
ଶୁନ୍ୟ ଏ ଥାଳ ମୋର ପୂର୍ଣ୍ଣ କର ଗୋ ମାଆ
ଚୂର୍ଣ୍ଣ କରି ମୋ' ମୋହ ଅକ୍ଷୟ ହରଷେ ।

ସଜଡା ସଖ୍ୟ ମୋର ଉଜୁଡି ଯାଇଛି ଆଜି
ଉଦ୍ଧତ କାମନାର ମିନାର ଯାଇଛି ଭାଜି
ହଜି ମୁଁ ଯାଇଛି ଖୋଜି ଖୋଜି ସବୁ ବରଜି
ପାଏନା ନିଜକୁ ଆଜି ଅନୁରାଗେ ହରଷେ ।

ହରାଇଲି ପାଇ ଯେତେ ତୋ' କରୁଣା ଅପ୍ରମିତ
ବିଟୋଳ ସନ୍ତାନ ତୋ'ର ବୁଝୁନା କି ଥରେ ମାତ
ଅନ୍ଧାରେ ବୁଲି ବୁଲି ଅନ୍ଧ ମୁଁ ପଡ଼ିଗଲି
ଉଦ୍ଧାରି ଧର ମା'ଗୋ ତୋ' ଅଭୟ ଭରସେ ।

ପଥହରା ପଥିକ ମୁଁ ବ୍ୟଥା ମୋ' ଯାଏ ବଢି
ଅନାଥ ଅରକ୍ଷ ମା'ଗୋ ଆତୁରେ ଛାଡେ ରଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କକ୍ଷପଥକୁ ଛାଡି ଲକ୍ଷପଥ ମୁଁ ହୁଡ଼ି

କରଯୋଡ଼ି ସମର୍ପିଲି ଏ ଜୀବନ ତୋ' ପାଶେ ।

ଅର୍ଚ୍ଚନା ପାଇଁ ମା'ଗୋ ମୋ'ପାଶେ କିଛି ନାହିଁ

କଞ୍ଜ ଚରଣେ ତୋ'ର ଶରଣାଗତ ମୁହିଁ


ମୋ' ଥାଳ ଦିଅ ମା' ଭରି ଦିବ୍ୟ ଜ୍ୟୋତି ସଂଚାରି

ପୂର୍ଣ୍ଣ କରେ ମୁଁ ପୂଜା ଜନମର ଅବଶେଷେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ମୃତ୍ୟୁଞ୍ଜୟ ପାତ୍ର

ଆକାଶରେ
ଅବିର ବୁଣିବାର
ସ୍ୱପ୍ନରେ
ପାଦରେ ଘୁଙ୍ଗୁରର
ଶିକୁଳି ପିନ୍ଧିନିଏ ମୁ

ଶୂନ୍ୟତା ଅନ୍ତରଙ୍ଗ ହୁଏ
ଆଉ ମୁ ପାଦ କଚାଡେ
ଦିଅଁ ଉଲ୍ଲସିତ ହୁଏ କି ନା
ମୁ ଜାଣେନା
କିନ୍ତୁ ଏଇଟା ଯେ ଭାଗ୍ୟ
ସ୍ୱତଃସ୍ଫୂର୍ତ୍ତ ବୁଝିପାରେ

ଲୁହର ଅଭ୍ୟସ୍ତତାରୁ
ଭାରି ନିଷ୍ଠୁର ଦିଅଁର ମଉନତା
ତଥାପି ହାରମାନେନି
ମୋ ଦୃଢତା

ନିତିଦିନ ଶୃଙ୍ଗାର କରି
ଅଭିସାରୀକା ର ବେଶରେ
ଉପସ୍ଥାପନା କରେ
ପରିଚୟାତ୍ମକ କ୍ରିୟା

କିନ୍ତୁ
ଦିଅଁର ନିସ୍ତବ୍ଧତା
ମୋ ପ୍ରେମ ଯାଚନାକୁ
ରଦ୍ଦି ସଜେଇ
ଫୋପାଡିଦିଏ
ମଉଳା ଫୁଲର ଚାଙ୍ଗୁଡାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆ ଫୁଲ
ନୂଆ ଅଭିସାରିକା
ପୁଣି ନୂଆ ଏକ
ପ୍ରେମ ନିବେଦନ
ଆଉ ପ୍ରତ୍ୟାଖ୍ୟାନ ବି

ଏଥର ଶବ୍ଦ ଭୁଲିବାର ପାଳି
ମୋର
ବୋଉ କଥା ସବୁ ମିଛଲାଗେ
ଏଠି ଦିଅଁ ସହ ମଣିଷକୁ
ବି ଖୁସିକରିବାକୁ ହୁଏ
ପୂଣ୍ୟ ର ଆଶାରେ
ପାପ ସାଉଁଟିବାକୁ ପଡେ
ଦିଅଁ ସବୁଥର ପରି
ଚୁପ୍ ରହେ

ମୁ ଯାହା ଡେଇଁପାରେନି
ଏରୁଣ୍ଡିବନ୍ଧ
ଫିଟେଇପାରେନି ପାଦରୁ ଶିକୁଳି
ଅବା
ବୁଣିପାରେନି ଆକାଶରେ ଅବିର ।

ଠିକଣା - ବାଲିଆପାଳ, ବାଲେଶ୍ୱର
ପିନ୍ -୭୫୬୦୨୬
ମୋବାଇଲ - ୯୩୩୭୩୮୬୯୭,
୭୫୦୪୦୨୫୭୮୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭୋଟ ଭିକ୍ଷା



ଅମୃତନାରାୟଣ
ଶତପଥୀ

ଆସ ଆସ ହେ ଜନତା ବୋଲନ୍ତି ଏ ନେତା

ନିର୍ବାଚନ ଆସୁଅଛି ନିଅ ଜୋତା ଛତା ।

ବିନୟେ ବନ୍ଦିଣ ବୃଦ୍ଧବୃଦ୍ଧାଙ୍କ ଚରଣ

ବେନି ଭୁଜେ ଧରି କରନ୍ତି ତ ଆଲିଙ୍ଗନ ।(୧)

ମହାନନ୍ଦେ ଯାଇ ପୁଣି ତାଙ୍କରି ଭବନେ

ଭୂମିପରେ ବସିଯାନ୍ତି ପୁଣି ଚକାସନେ ।

ଆଉ ଯେତେ ଘରଲୋକ ସେ ଘରେ ଥାଆନ୍ତି

ସମସ୍ତଙ୍କୁ ପୁଣି ମିଷ୍ଟ ବଚନ କହନ୍ତି ।(୨)

ଶ୍ରମ ଯୁକ୍ତ ହୋଇଛନ୍ତି କହିଣ ସକଳ

ମହାନନ୍ଦେ ସେଠି ପୁଣି ଖାଆନ୍ତି ପଖାଳ ।

କହିଥାନ୍ତି ଚିନ୍ତା ଆହା କରନାହିଁ କେହି

ଆମେ ଥିଲେ ଲୋଡ଼ା ନାହିଁ ବନ୍ଧୁ, ସଖା, ଭାଇ ।(୩)

ଦେଇ କେତେ ପ୍ରତିଶ୍ରୁତି ପୁଣି କେତେ କଥା

ବେଳେ ବେଳେ ଛୁଇଁଥାନ୍ତି କେତେକଙ୍କ ମଥା

କହିଣ ମଧୁର ଆଉ ଅମୃତର ବାଣୀ

ସରଳ ଲୋକଙ୍କ ମନ ନେଇଥାନ୍ତି କିଣି ।(୪)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲିଣ ଉନ୍ନତ ହେବ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା

ସମସ୍ତଙ୍କୁ ଭିକ୍ଷୁ ସମ କରି ଭୋଟ ଭିକ୍ଷା ।

କହନ୍ତି ସଭିଙ୍କୁ କରିଦେବୁ ସବୁ ସୁବିଧା

କାହାର କେଉଁଠି କେବେ ହେବନି ଅସୁବିଧା ।(୫)

ତାଙ୍କ ପ୍ରତିଶ୍ରୁତି ଫଳ କେତେ ମିଛ ସତ

ନିର୍ବାଚନ ସରିଗଲେ ହୁଅଇ ପ୍ରତ୍ୟକ୍ଷ ।

ଯେଉଁ ନେତା ଭାଇ ବନ୍ଧୁ ବୋଲି କହୁଥାଇ ।

ଜିତି ଗଲେ ଜନତାଙ୍କୁ ସେ ନଚିହ୍ନଇ ।(୬)

ସେଥିପାଇଁ ଜାଣି ଥାଅ ସଭିଏଁ ଏହି କଥା

ଅଟେ ଏକ ଫନ୍ଦି ଫିକର ଏହି ଭୋଟ ଭିକ୍ଷା

ହୃଦୟର ବିଚାରେ ସଠିକ ପାର୍ଥୀକୁ ଭୋଟ ଦିଅ

ପସନ୍ଦ ଯଦି ନୁହନ୍ତି କେହି "NOTA" ଦବାଇ ଦିଅ ।(୭)

ଆଇ.ଆର୍.ସି ଭିଲେଜ୍ , ଜୟଦେବ ବିହାର ଭୁବନେଶ୍ବର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଣୀ ବନ୍ଦନା



ନିରଞ୍ଜନ ସାହୁ

ତୁମେ ଏତେ ବଡ଼ କବିତା ମନସ୍କ
ଆଗରୁ ନ ଥିଲି ଜାଣି
ଏବେ ମୁଁ ଜାଣୁଛି ମୋ ପରି ବି ତୁମେ
ଆରାଧନା କର ବାଣୀ ।

ତୁମ କଥା ଲାଗେ କବିତା ପରିକା
ଏକଥା ଜାଣିଲି ଯେବେ
ଆଶ୍ଚର୍ଯ୍ୟ ହୋଇଲି କବି ନ ହୋଇକି
କେମିତି କହୁଛ ତେବେ
ଏବେ ମୁଁ ଜାଣିଲି କବିତାକୁ ତୁମେ
ସ୍ଥାନ ଦିଅ ହୃଦେ ଆଣି ।

ଧନ୍ୟ ମନେକଲି ନିଜକୁ ନିଜେ ମୁଁ
ମୋ ରୁଚି ସମ୍ମାନ ପାଏ
ସେଥିପାଇଁ ଏବେ ମୋହରି ଲେଖନୀ
ତୁମରି ପ୍ରଶଂସା ଗାଏ
ଆସ ସାଥି ହୋଇ ବନ୍ଦନା କରିବା
ବାକ୍ୟଦେବୀ ବୀଣାପାଣି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ, ୭୫୯୦୧୬
ମୋ : ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୁଝି ଗଲିଣି



ବିନୟ ମହାପାତ୍ର

ବୁଝି ଗଲିଣି ମୁଁ ଦୁନିଆଁ ହାଟରେ
ବାଣ୍ଟି ଦେଲି ଯେତେ
ସେତିକି ମୋ ଭାଗେ ଆସିବ ନାହିଁ,
ଦେଲା ବେଳେ କେବେ ଭାବି ମୁଁ ନ ଥିଲି
ପ୍ରତିଦାନ କିଛି ମିଳିବ ବୋଲି ।
ତଥାପି କେମିତି କହି ଦେବି ଆଜି
ମିଛ କଥା ଟିଏ,
ମୋହେ ବୁଡି ରହି ନିଷ୍କାମ ଥିଲା ମନ,
ମନ ଗହନରେ ଶୁପ୍ତ କାମନା
ଜାଗି ନାହିଁ କେବେ
ପାଇବାକୁ ପ୍ରତିଦାନ ।

ସେନେହ ଜତନ ବାତ୍ସଲ୍ୟ ମମତା
ଯେତେ ଯାହା କଲି
ସେ ସବୁ ଯେ ମୋର ଧରମ ଥିଲା,
ଦେଇ ଅଛି ବୋଲି ଭାବି ନାହିଁ ମନେ
ସେ ସବୁ ଯେ ତାଙ୍କ ପ୍ରାପ୍ୟ ଥିଲା ।
ପ୍ରେମ ଧନ ସିନା ବାଣ୍ଟି ଦେଇ ହୁଏ
ପ୍ରତିଦାନେ କେବେ କାହାକୁ କେମିତି
ସେନେହ ଟିକିଏ ମାଗି କି ହୁଏ ?

ଆକାଶର ପରି ସବୁ କିଛି ମୋର
ବାଣ୍ଟି ଦେଲା ପରେ,
ଜୀର୍ଣ୍ଣ ହୃଦୟ ଶୂନ୍ୟ ହାତରେ
ଅନାଇ ରହିଛି ଆକାଶେ ଆଜି,
ମିଳିଲାନି ବୋଲି ମୋ ଭାଗର ପ୍ରେମ
ଅଭିମାନ କେବେ କରିନି କା'ପରେ
ଜୀବନରେ କେବେ ପଡିନି ଭାଙ୍ଗି ।
ବୁଝି ଗଲିଣି ମୁଁ ଦୁନିଆଁର ଯେତେ
ନୁଆ ନୁଆ ରୀତି ନିୟମ ନୀତି
ଶିଖି ସାରିଲିଣି ଭଙ୍ଗା ହୃଦୟେ
ଏଇ ଦୁନିଆଁରେ
ନିସ୍ୱ ମଣିଷ ଜିଏଁ କେମିତି ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାର୍ଥକ ହେବ ଜୀବନ



ହରେରାମ ପଣ୍ଡା

ସେବାଠାରୁ ବଡ଼ ଆଉ କିଛି ଧର୍ମ
ନାହିଁ ଏ ସାରା ସଂସାରେ ,
ସେବା ବଳେ ନର ଲଭେ ମହାପୁଣ୍ୟ
ନାହିଁ ସନ୍ଦେହ ଏଥିରେ ।

ପିତାମାତାଙ୍କର ପଦ ସେବାଫଳେ
ପୁଣ୍ୟ ମିଳଇ ଅଶେଷ ,
ଗୁରୁଙ୍କର ସେବାକରି ଶିଷ୍ୟଗଣ
ଲଭନ୍ତି ସଂସାରେ ଯଶ ।

ନର ନାରାୟଣ ସେବାର ମହତ୍ତ୍ୱ
ଜାଣନ୍ତି ମହତ ଜନ ,
ଆରତ ଦୁର୍ଗତ ଜନେ ସେବାକରି
କୀର୍ତ୍ତି ରଚନ୍ତି ସୁଜନ ।

ଗାନ୍ଧୀ, ଗୋପବନ୍ଧୁ, ମଦର ଟେରେସା,
ସନ୍ଥ ବିନୋବାଭାବେ ,
ଜନସେବା ପାଇଁ ଏଇ ମାନଙ୍କର
ନାମ ରହିଅଛି ଭବେ ।

ଆମରି ଆଗରେ ଦୁଃଖ ଯନ୍ତ୍ରଣାରେ
ସଢୁଛନ୍ତି କେତେଜନ ,
ତାଙ୍କରି ସେବାରେ ଢାଳିଦିଅ ପ୍ରାଣ
ସାର୍ଥକ ହେବ ଜୀବନ ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ
ସମ୍ପର୍କ -୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାଜ ରାଜେଶ୍ୱର ବେଶ



ପୁଷ୍ପାଞ୍ଜଳୀ ପଣ୍ଡା

ଶ୍ରୀଜଗନ୍ନାଥଙ୍କ ସୁନାର ବେଶକୁ
ଦେଖିବାର ଆଶା ନେଇ
ଭକତ ନୁହେଁ ମୁଁ ତଥାପି ଆସିଛି
ପୁଣ୍ୟ ଶ୍ରୀ କ୍ଷେତ୍ରକୁ ଧାଇଁ
ମୁକତି ଲଭିବା ପାଇଁ । ।
ଶ୍ରୀପୟର ଶ୍ରୀଭୁଜ କିରିଟ ସହ
ଆଭରଣ ଓଡିଆଣି
ଚନ୍ଦ୍ର ସୁର୍ଯ କାନ ଉଜ୍ୱଳ ଦିଶନ୍ତି
ତଦୁପରେ ଆଡ଼କାନି
ରାଜା ବେଶ ଠାଣି ମାଣି । ।
ଘାଘଡା ମାଳି ତାବିଜ ମାଳି ପୁଣି
କଦମ୍ବ ନାମର ମାଳି
ହରିଡା ପରାଏ ମାଳି ଏକ ପୁଣି
ବାହାଡା ପରାଏ ମାଳି
ନାମ ପରା ବନମାଳି । ।
ସେବତୀ ଫୁଲର ମାଳି ପିନ୍ଧିଅଛ
ତିଳକ ଚନ୍ଦ୍ର ଅଳକା
ଝୋବାକଣ୍ଠୀ ସ୍ୱର୍ଣ୍ଣ ଚକ୍ର ପିନ୍ଧିଅଛ
ରୌପ୍ୟ ଶଙ୍ଖ ତ୍ରିଖଣ୍ଡିକା
ହୁଏ ମଣିମା ମଣିମା ଡ଼କା । ।
କେତେ ପରକାର ଅଳଙ୍କାର ପିନ୍ଧି
ରାଜ ରାଜେଶ୍ୱର ହୋଇ
ଜଗତ ଜନଙ୍କୁ ମୋହିତ କରଛ
ରଥେ ଦରଶନ ଦେଇ
ତୁମେ ସଭିଙ୍କ ପ୍ରିୟ ଗୋସେଇଁ । ।
ହେ କଳା ସାଆନ୍ତ ଏମିତି କରନ୍ତ
ତୁଣ୍ଡେ ତୁମ ନାମ ଧରି
ବାହୁଡ଼ା ଯାତରେ ବାହୁଡ଼ି ଯାଆନ୍ତା
ପିଣ୍ଡରୁ ପ୍ରାଣ ବାହାରି
ମୋହ ମାୟା ଶେଷ କରି । ।

ଯୋଜନା ସଂଯୋଜନା ବିଭାଗ
ଓଡ଼ିଶା ସରକାର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବନ୍ଧୁତା



ଆଶୁତୋଷ
ମେହେର

ବନ୍ଧୁତା ପବିତ୍ର ମିଠା ମିଠା କଥା ଚନ୍ଦନ ମହକ ବାସ
ମନ ମିଳିବାର ଜୀବନ କବିତା ନ ପାଇ ଦେବାର ଆଶ ।
ସ୍ୱରଗେ ଦୁର୍ଲଭ ମରତେ ବହୁଳ ଭାବ ଚାଷବାସ ଏଠି
ବନ୍ଧୁ ଆକର୍ଷଣେ ମହକଇ ଧରା ସ୍ୱର୍ଗ ପଲଟଇ ମାଟି ।।

ବନ୍ଧୁତା ମୋହନ କରେ ଅକର୍ଷଣ ମନରେ ଜଗାଏ ଭାବ
ଭାବବିନୋଦିଆ ନିଜେ ଭୋଗିଥିଲେ ସେ ଭାବର ଅନୁଭବ ।
ବନ୍ଧୁ ଆଣିଥିଲା ଗରିବ ହାତର ରାଜପ୍ରାସାଦକୁ ଖୁଦ
ଖୋଲି ଥିଲେ ନିଜେ ଅନନ୍ତ ମହିମା ପ୍ରିତିଭରା ଜଉମୁଦ ।।

ସୂରୁଯ ବନ୍ଧୁତା ସକାଳ ର ସାଥେ ସଞ୍ଜ ବସେ ପୁଣି ମିତ
ଆଲୁଅ ଦେଖାଏ ଅନ୍ଧାରରେ ବାଟ ଜୀବନେ ନିରାଟ ସତ ।
ମଳୟ ବହିଲେ ବସନ୍ତ ହସଇ ପଳାଶରେ ଭରେ ରଙ୍ଗ
କୋଇଲିର କୁହୁ ବଉଳ ସଞ୍ଜରେ ପ୍ରକୃତି ପିରତି ସଙ୍ଗ ।।


ବନ୍ଧୁତା ଶିଖାଏ ମଣିଷ ପଣିଆ ରକତ ରୁ ମୋଟା ପାଣି
ବନ୍ଧୁ ଚିତ୍ରକର ଆଙ୍କି ଦିଏ ଛବି ହୃଦୟରେ ଗାର ଟାଣି ।।

୫୪, ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜେଜେମା



ଅର୍ଚ୍ଚନା ଆଚାର୍ଯ୍ୟ

ଗଦା ଗଦା ସ୍ନେହ ଭଲ ପାଇବାକୁ
ଅସରନ୍ତି ଢ଼ାଳୁଥାଏ,
ବୋଉ ଗାଳି ଦେଲେ ବାପା ଗାଳିଦେଲେ
କୋଳକୁ କୋଳେଇ ନିଏ ।
ରାଗ ଅଭିମାନ ସବୁ ତା ପାଖରେ
କେତେ ଅଳି ଅର ଦଳି,
ତାର ଆଗ ପଛେ ନାଚି ନାଚି ବୁଲେ
ଦିଏନା କେବେ ସେ ପାଳି ।
ପାଠପଢ଼ା ସାରି ଘରକୁ ଫେରିଲେ
ଆଖି ଖୋଜେ ଖାଲି ତାକୁ,
ଗୋରା ମୁହେଁ ତାର ହସର ଝଲକ
ଥରୁଟିଏ ଦେଖିବାକୁ ।
ଖୁଆଇ ଦିଏ ସେ କୋଳରେ ବସାଇ
ଖୋଲିଦେଇ ଗପ ମୁଣି,
ନଖାଇଲା ଖାଦ୍ୟ ସବୁ ସରିଯାଏ
ତାର ସେ ଗଳ୍ପକୁ ଶୁଣି ।

ପେଟ ମୋ ପୁରିଲେ ଖୁସି ହୁଏ ଭାରି
ସତେକି ଖାଇଛି ସିଏ ,
ମୁହଁ ଧୋଇ ଦେଇ କାନିରେ ପୋଛଇ
ମୁଣ୍ଡକୁ ଆଉଁସି ଦିଏ ।
ପାଖରେ ଶୁଆଇ କହୁଥାଏ କେତେ
ପରିରାଇଜର ଗପ,
ନାଉ ଧୁଡୁକି କୁ ବୁଢି ଅସୁରୁଣୀ
ପୁଣି କେବେ ବେଙ୍ଗ ସାପ ।
ମାମୁଁଘର ଗଲେ ମନ ଦୁଃଖକରେ
ଲାଗେ ନାହିଁ ତାକୁ ଭଲ ,
ମାଛି ମରିଯିବ ମୁଁ ଗଲା ପରେ
କହିକି କରଇ ଗେଲ ।
ସାଙ୍ଗ ପରି ମୋର ସବୁକଥା ରଖେ
ମା' ପରି ଭଲ ପାଏ ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଲ ମନ୍ଦ ଅବା ସୁଖ ଦୁଃଖ ମୋର
ତା' ଆଗରେ ମୁହିଁ କହେ,
ରଜ ଆସିଗଲେ ପୋଡପିଠା ପୋଡେ
ଘସି ନିଆଁ ପରେ ରଖି,
ନଡ଼ିଆ ଲଡୁକୁ ଚିନିର ଉଖୁଡ଼ା
ଲାଳ ଗଡ଼େ ମୋର ଦେଖି ।
ସାଗ ତୋଳି ଯାଏ ପାଚିଆ ଧରି ମୁଁ
କେବେ ଭେଣ୍ଡି ବାଇଗଣ,
କେବେ ସାଥେ ତାର ମଞ୍ଜି ପୋତେ ମୁହିଁ
କେବେ ସଫା କରେ ବଣ ।
ସାଙ୍ଗ କରି ମୋତେ ସାଥିରେ ବୁଲାଏ
ଚିହ୍ନା ଏ ସେ ଗଛ ଲତା,
ଏକା ଯେବେ ହୁଏ ମନେ ପଡ଼ିଯାଏ
ମୋର ସେଇ ସବୁ କଥା ।
ଜେଜେମା ପରି ବନ୍ଧୁଟିଏ ମୋତେ
ମିଳିବେନି ଆଉ କିଏ ?
ବିନା ସ୍ୱାର୍ଥରେ ଯେ ସେନେହ କରିବ
ଅବିଶ୍ୱାସନୀୟ ଇଏ ।

ପୁନେ, ମହାରାଷ୍ଟ୍ର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେଦିନ ମନ ଖେଳିବୁ ଖେଳ



ତାରା ପ୍ରସାଦ ଜେନା

କେତେ ଦିନ ମନ ଖେଳିବୁ ଖେଳ
ନ ଜାଣିଲା ପରି କାଟିବୁ ବେଳ !

ଦିନେ ନାଇ ଦିନେ ପଡ଼ିବୁ ଧନ୍ଦି
ଭାଙ୍ଗି ଯିବ ତୋର ସ୍ୱାର୍ଥର ଫନ୍ଦି !

ପାଖରେ ନ ଥିବେ ଆପଣା ଜନ
ଲୁହ ବୋହିଯିବ ଅଥାନ ଥାନ !

ମଥାକୁ କୋଡ଼ିବୁ କାହିଁରେ କେତେ
ଦୁନିଆର ମାୟା ଭାବିବୁ ସତେ !

ଗଲା କଥା ଗଲା ଆସୁନି ଫେରି
ଦରଜଟା ଲାଗେ ଛାତିକୁ କୋରି !

ମୋହ ମାୟା ସବୁ କାରଣ ହେଲା
କାମିନୀ କାଞ୍ଚନ ବିହିତ ପାଲା !

ଦୁଃଖରେ ଅଧୀର ହୋଇବୁ ବେଶି
ନିଜକୁ ଭାବିବୁ ସବୁଠୁ ଦୋଷୀ !

କ୍ଷମାର ପାଇଁକି ନ ଥିବ ମେଳ
ସାଙ୍ଗ ହୋଇଥିଲୁ ପାମର ଖଳ !

ତୋଠାରୁ ଲାଭକୁ ଚିପୁଡ଼ି ଦେଇ
ଗୋଇଠା ମାରିଲେ ପଡ଼ିବୁ ଖାଇ !

ଯମର ଯନ୍ତ୍ରଣା ଏଇଠି ଅଛି
ସବୁ ତୋ ଭାଗ୍ୟରେ, ଛାଡ଼ିନି କିଛି !

ନିତି ମରୁଥିବୁ ଜୀଇବୁ ନିତି
ମନରେ ଯାହା ତୁ ହୋଇବୁ ଚେତି !

ଖୋଲିବ ନାହିଁ ତୋ ଅଫିଟା ପାଟି
ହାରିଗଲୁ ଆଜି ବାଜିର ଗୋଟି !

ରାଜ ରଣପୁର, ଜିଲ୍ଲା- ନୟାଗଡ଼,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଏ ଆସୁଛି...



ବିଶ୍ୱଜିତ ନାଥ

ଶ୍ରାବଣ ଆସିଛି
ଋତୁ ବି ଫେରିଛି
ମୌସୁମୀ ବର୍ଷୁଛି
ଭିଜା ମାଟି ବାସୁଛି
ସେହି ଶ୍ରାବଣ ରେ
ଇନ୍ଦ୍ରଧନୁଟିଏ
ସାତରଙ୍ଗ ଧରି ଚାହିଁ ରହିଛି
ସେ ସନ ଫଗୁଣରୁ
ଅପେକ୍ଷା କରିଛି ସେ
ତା ପାଇଁ କିଏ ଆସୁଛି ।
ବାଦଲ ମିଶା ଜହ୍ନ ରାତି ର ବର୍ଷା
ଟିକେ ଟିକେ ଆଲୋକର ଫର୍ଚ୍ଛା
ମିଞ୍ଜିମିଞ୍ଜି ହାତ ଗଣତି
ତାରାକାଙ୍କ ହସ
ଅଭିମାନିନୀ ସୌଦାମିନୀର
ଚମକ ଭରା ରୋଷ ।
କିନ୍ତୁ କାହିଁକି ?
ତା ମନରେ ଆଜି
ଫୁଟେ ସ୍ୱର୍ଗର ପାରିଜାତ
ଅନେକ ଦିନର ଅପେକ୍ଷା
ଆଜି ହୋଇଛି ଅନ୍ତ
କଣ କେହି ଜଣେ ଆସୁଛି କି !
ପ୍ରେମର ଫରୁଆ ଧରି
ସ୍ୱର୍ଗର ପରୀ ନା ସେ ଅପସରୀ
ମନର ରାଇଜକୁ ଆସେ
କେଉଁ ଅଜଣା ଜାଗାରେ ବସେ
କିଏ ସେ ?
ସେ କଣ ତାର ସେହି
ହଜିଲା ଦିନର ଫଗୁଣ
ଯାହାର ଆଗମନ ରେ ଆଜି
ହୋଇଛି ଯୁଗାନ୍ତର ମିଳନ

ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦୁଝର,
ଉଲ୍ଲୋଳ, କେନ୍ଦୁଝର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସରାଏ ଲୁହ



ଧୀରେନ୍ଦ୍ର କୁମାର ପ୍ରଧାନ

ଜହ୍ନ ଚାଲିଗଲା ଶ୍ରାବଣ ସଞ୍ଜରେ
ଜୋଛନା ତା ବୁଣିଦେଇ ।
ଜୀବନରୁ ମୋର ତୁ ପୁନେଇଁ ଚାନ୍ଦ
ଯାଇଛୁ ଉଆଁସ ଦେଇ ।
କଟିଯାଏ ରାତି ଉଜାଗର ହୋଇ
ସ୍ମୃତି ଦୀପ ଜାଳି ଦେଇ
ଝିଙ୍କାରିର ଗୀତ ମୋ ଶୂନ୍ୟ ସଙ୍ଗୀତ
ରାତି କଟେ ଚାହିଁଚାହିଁ ।
ଅସରା ବରଷା ରାତି ଜଡସଡ
କିଏ ଭିଜେ କାହାପାଇଁ
ମୋ ଲୁହରେ ମୁହିଁ ନିଜକୁ ଭିଜାଏ
ତୋକଥା ମନେପକେଇ ।

କେବେ କେବେ ଲୁହ ନିଆଁ ବି ଲଗାଏ
ଜଳେ ହୁତୁହୁତୁ ହୋଇ ।
ବରଷାରେ ଭିଜି ନିଜକୁ ଠକେ ମୁଁ
ଲୁହକୁ ଲୁଚାଇ ଦେଇ ।
କେବେ କାନ୍ଦେ ପୁଣି ଠୋଅ ଠୋଅ ହୋଇ
କେବେ ହସେ କଇଁକଇଁ,
ନିତି ଜଳେ ମରେ ବଞ୍ଚେ ପୁଣି ଉଠେ
ନିଜକୁ ବୁଝେଇ ଦେଇ ।

ହାଇଦ୍ରାବାଦ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସହର ଦେଲାଣି ଗାଆଁକୁ ଗିଳି



ନୀଳମଣି ଚାନ୍ଦ

ଆଗେ ଥିଲା ଗାଆଁ ପାଖେ ତୋଟା ବିଲମାଳ
ନଡ଼ିଆ ଖଜୁରୀ କୀଆ ବର ଆମ୍ବ ତାଳ ।
ବୁଲୁଥିଲେ ବଗବଣି ଚରୁଥିଲେ ଗାଈ
ଥିଲା ଭାଗବତ ଟୁଙ୍ଗି କହୁଥିଲେ ଆଈ
ଦିଶୁଥିଲା ବହୁଦୂରୁ  ଗାଆଁ ଚାଳଘର
ଗାଁ ମଶାଣି ନାଆଁ ଶୁଣି ଲାଗୁଥିଲା ଡର ।
କଚା ସଡ଼କ ତ ଲମ୍ବିଥିଲା ଗାଆଁ ଯାଏ
ଖାଲଖମା ରହିଥିଲା ବାଟେ ଠାଏ ଠାଏ  ।
କ୍ରମେ ଚାଳଘର ଭାଙ୍ଗି ଗଢ଼ାହେଲା କୋଠା
ଧୀରେଧୀରେ କମିଗଲା କ୍ଷେତବାଡ଼ି ତୋଟା ।
କଚା ରାସ୍ତା ପିଚୁହେଲା ଚାଲିଲାରେ ଗାଡ଼ି
କଳକାରଖାନା କୋଠା ଗଲା ଧୀରେ ମାଡ଼ି ।
ଭଳି ଭଳି ଦୋକାନ ତ ଯାଇଥିଲା ଖୋଲି
ତା'କୁ ଦେଖି କେ ଭାବିବ ଇଏ ଗାଆଁ ବୋଲି ।
ସହରର ସୁବିଧାଟି ମିଳୁଥିଲା ସବୁ
ବୁଲି ମଜା ମାରୁଥିଲେ  ଅମୁ ଅନୁ ଅବୁ ।


ସେ ଗାଆଁକୁ ଯିବାବେଳେ ଗାଡ଼ି ଅଟକେଇ
ପଚାରିଲି ରାସ୍ତା ଟିକେ ଦିଅ ହେ ବତେଇ ।
ଲୋକଟିଏ କହିଦେଲା "ଏଇଟା ସେ ଗାଆଁ
ପୂରାପୂରି ବଦଳିଛି ଖାଲି ଛାଡ଼ି ନାଆଁ ।"
ଭାବୁଥିଲି ଆସିଥିଲି ଦଶ ବର୍ଷ ତଳେ
ଏସବୁ ତ ନ ଥିଲାରେ କାହିଁ ସେତେବେଳେ ।
ଏଇ କେତେ ବରଷରେ ଯାଇଛି ଓଲଟି
ପୁରୁଣାରୁ ଯାଇଛି ସେ ନୂଆଟି ପାଲଟି ।
ପ୍ରଗତି ନାମରେ ଏଠି ଚାଲେ ଭଙ୍ଗାଗଢ଼ା
ଶସ୍ତାନାହିଁ ଚାଷ ଜମି  ଦାମ୍ ଭାରି ଚଢ଼ା ।
ଗାଆଁ ଆଉ ରହିନାହିଁ ଗାଆଁଟିଏ ଭଳି
ସହର ଦେଲାଣି ତା'କୁ ଆସି ଧୀରେ ଗିଳି  ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.ମୋ:୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଗଜ ଡଙ୍ଗା



ବୃନ୍ଦାବନ ପ୍ରଧାନ

ଖୁବ୍ ମନେ ପଡ଼େ ସେଇ
ପିଲାଦିନର କଥା
କାଗଜଡଙ୍ଗା ତିଆରି କରି
ବାପା ହୋଇ ଯାଉଥାନ୍ତି ଅଥା ।
ତଥାପି ସେ କାଗଜ ଡଙ୍ଗା
ତିଆରି ପାଇଁ କରୁଥିଲୁ ଅଳି
ଭାଇ ଭଉଣୀ ଭିତରେ
ତା ପାଇଁ ଲାଗୁଥିଲା କଲି ।
କାହା କାଗଜଡଙ୍ଗା ଆଗ ପହଞ୍ଚିବ
ନଦୀ ଠାରୁ ମହାନଦୀ କୂଳରେ
ବୁଲି ବୁଲି ଲାଗିଯିବ ଅବା
ନୀଳସାଗର ଦେଇ ମହାସାଗରରେ ।
କାଗଜ ଡଙ୍ଗା ଟି ଠିକ୍ ସେପରି ଅଛି
ସତେ ଅବା ସେଇ ଦିନ ଯାଇଛି ହଜି
ସେଇ କଥା ଭାବି ଭାବି
ଭସାଏ କାଗଜ ଡଙ୍ଗା ଭିଜି ଭିଜି ।

ବାଉଲସିଂହା, ଭଟଲି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜିର ସମାଜ



ଅନନ୍ତ କୁମାର

ପେଟ ପାଇଁ ଦାନା ମିଳୁ ନାହିଁ ଏଠି
ପିନ୍ଧିବାକୁ କନା ମିଳୁ ନାହିଁ ,
ଅଳିଆ ଗଦାରୁ ଖୁଣ୍ଟି ଖାଉଛି ମଣିଷ
ଶୋଇବାକୁ ଜାଗା ଟିକେ ନାହିଁ,

କେମିତି କହିବି କେମିତି କହିବି
କହିଲେ ହୋଇବ ବଡ ପୋଥି
ନ୍ୟାୟ ବଦଳରେ ଅନ୍ୟାୟ ମିଳୁଛି
ତୁଣ୍ଡ ଖୋଲିଲେ ହବ ଏଠି ଦୋଷୀ

ଖତ ଖାଇ ଗଲାଣି ମଣିଷ ପଣିଆ
ସବୁ ଏଠି ହେଉଛି ଜାଲିଆତି,
କହିବ କାହାକୁ ଶୁଣିବ କିଏ ଏଠି
ଏ ତ କଳି ଯୁଗର ରୀତିନୀତି

ହାତ ବାନ୍ଧି ପୋଲିସ୍ ବସେ
ବଡ ବଡିଆଙ୍କ ଆଦେଶରେ
ଗରିବ ନ୍ୟାୟ ପାଇଁ ଆଜି
କୋର୍ଟ କଚେରୀ ଯାଇ ମରେ,

ପରିବା ହାଟରେ ନାହିଁ ବେପାର
ଗରିବ ବସି ବସି ନିତି ଉପବାସ ମରେ
ସହରାଟା ସାରା ଭିଡ ଚାଲେ
ଦେହର ବେପାର ପାଇଁ ଏଠି
ଅନ୍ଧକାରେ

ନାଟକ ପରି ଚାଲିଛି ଆଜିର ସମାଜ
ତୁଣ୍ଡ ଖୋଲିବାକୁ ନାହାଁନ୍ତି କେହି ଏଠି,
ସବୁ ଜଣେ ଜଣେ ଏଠି ଅଭିନେତା ସାଜି
ଅଭିନୟ କରନ୍ତି ସଭିଏଁ ସବୁ ଦେଖି,

ସବୁର ଦିନେ ହବ ହିସାବ କିତାବ
ବଡ ଦେଉଳର ମହାପ୍ରଭୁଙ୍କ ପାଖେ,
ଧର୍ମର ହେବ ଦିନେ ବିଜୟ ନିଶ୍ଚିତ
ଅଧର୍ମ ସାଥେ କେହି ପାଖେ ନ ଥିବେ,

ତିହିଡି, ଭଦ୍ରକ, ଯୋଗାଯୋଗ- ୮୩୩୯୯୩୯୯୨୯

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନୁହୁରୀ ଶାଶୁ



ଶିଶିର କୁମାର
ପଣ୍ଡା

ନୁହୁରୀ ଶାଶୂ ମୋ ଏଡ଼ିକି ସିଆଣି
ମତେ ସେ ଶିଖେଇ ବୁଝେଇ
ମାଆକୁ ଅଲଗା କରିବ କେମିତି
କି ରାଗ ଜାଣେନା ଶୁଝେଇ ।

ବାପା ମରିଛନ୍ତି ଦି' ବରଷ ହେଲା
ସିଏ ଅଛି ମୋଓ ପାଖରେ
କେମିତି ଅଲଗା ରଖିବି କୋଉଠି
ମଣିଷ ହେଲି ଯା' କାଖରେ ?

ବାହା ହେଉ ହେଉ ଶାଶୂ ଏଠି ଆସି
କଳି ବୀଜ ବୁଣି ଦେଲାଣି
ଭାରିଯା ମୋହର ମୋ କଥା ନମାନି
ଆଉ ଯେ କାହାର ହେଲାଣି ।

କିଭଳି ମଞ୍ଜିରୁ ଜନମ କେଜାଣି
ଭାବି ମୁଣ୍ଡ ଗୋଳ ମାଳିଆ
ଲୁଗାଟେକି ଯାଙ୍କୁ ଦରକାର ସେକି
ଦେଇଯିବ କାଠ ଫାଳିଆ ।


ଏଭଳି ଶାଶୂଙ୍କୁ କାହିଁକି କେଜାଣି
ଆମପାଇଁ ପ୍ରଭୁ ଗଢ଼ିଲେ
ପିତ୍ତ ଚଢ଼ିଯାଏ ମୁଣ୍ଡକୁ ଏକଥା
ଖବରକାଗଜୁ ପଢ଼ିଲେ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଇନା



ହରପ୍ରିୟା ପାତ୍ର

ଚୁଲବୁଲି ଝିଅଟିଏ ମୁଁ ଗୋଟେ କାଚର
ଆଇନା
ଆଖିରେ ମୋର ଆଖିଏ ସ୍ୱପ୍ନ
ବାସ୍ତବତା ହୁଏ ଏ ଆନମନା ,
ଯେବେ ଆଇନାରେ ନିଜକୁ ଦେଖେ
ନିଜର ଛବି ନୁହଁ ଦେଖେ ତାର ପ୍ରତିଛବି ,
ମନର ପ୍ରଶ୍ନ ଅସେ
କିଏ ସେ, ଆଜି ନିଜର ରୂପ ବଦଳରେ
ଦେଖେ ତାର ପ୍ରତିଛବି ?

ନିଜେ ସୁନ୍ଦର ବୋଲି ବହୁତ ଗର୍ବ କରେ
ଯେବେ ତୋ ଆଗେ ହୁଏ ଠିଆ ,
ପ୍ରକୃତିର ରୂପ ପ୍ରକୃତିର ରାଣୀ ସହ
ମୁଁ ନିଜକୁ ବାନ୍ଧିଦେଇ
ତୋ ସାଥେ କରେ ବାର୍ତ୍ତାଳାପ ।

ନିଜର ରୂପ ସୋନ୍ଦର୍ଯ୍ୟକୁ ବର୍ଣ୍ଣନା କରିବି
ପାରୁନି
କାହ୍ନିକି ନା, ତୁମର ପ୍ରତିଛବି ଆଙ୍କି ଆସେ
ସେହି ପ୍ରତିବିମ୍ବ ହୋଇ । ।

ସବୁବେଳେ ମନେ ପଡେ
ପ୍ରଶ୍ନ ପଚାରେ ନିଜକୁ
କାହିଁକି ଏମିତି ହେଲା, ଜାଣି ମୁଁ ପାରେନା
ପ୍ରଶ୍ନ ବାଚି ଟି ଉଙ୍କି ମାରେ
ହାତଦେଇ ଧରିଥିଲ ତୁମେ
କାହିଁ ହାତ ଛାଡ଼ି ଗଲ
ଅନ୍ଧାରରେ ବାଟ ଖୋଜୁଛି ମୁଁ ଆଜି ,
କାହିଁ ହେଲା ମୋ ସାଥେ
ଏମିତି ଏକ ପ୍ରତାରଣା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଦି ଛକିରେ

ଦୁଇଟି ରାସ୍ତା,

ତୁମେ ପଥ ହେଲେ ମୁଁ ପଥିକ

ତୁମେ ମୋ ରୂପ ହେଲେ ମୁଁ ତୁମ ପ୍ରତିବିମ୍ବ

ମୁଁ ବାସ୍ତବ ହେଲେ ତୁମେ ମୋ ଆଇନା ।।

ମଧୁସୁଦନପୁର, ଅଁରପାଳ, ୭୫୬୧୧୬

ଭଦ୍ରକ, ଓଡ଼ିଶା

୬୩୭୦୪୬୬୬୯୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏଇଠି ଚେରାପୁଞ୍ଜି



ଦୀନବଂଧୁ ବେଜ

ଛେଚି ଛେଚି ବେହାଲ ହେଉଥିଲା ମଣିଷ

ଖାଲ ଖମା ରାସ୍ତାରେ ,

ଗାଡି ସାଇକେଲ ବି ହେଇ ଯାଉଥିଲେ

ଭିତରରୁ ଅସ୍ତବ୍ୟସ୍ତ ।

ଉଠାପକା ରାସ୍ତାପରେ ଭାବୁଥିଲା ଯାତ୍ରୀ

ସେ ମରୁଭୂମିରେ ଓଟର ସବାରୀ ...

ଏବେ ଶ୍ରାବଣ ! ରାସ୍ତା ବି ମହମ ପରି ନରମ ...

ଅବିଶ୍ରାନ୍ତି ବର୍ଷା ଛେଚି ଚାଲିଛି

ଛୋଟ ଛୋଟରୁ ବଡ଼ ବଡ ମୁଦ୍ରା ପର୍ଯ୍ୟନ୍ତ

ଚାରଣା ଅଠଣା ଟଙ୍କିକିଆ

ପାଞ୍ଚଟଙ୍କିଆ ଦଶଟଙ୍କିଆ ପରି ଜାମୁକୋଳି ଠୋପା

ତରଳାଇ ଦେଉଛି ମାଟି ଓ ମୋରମ ,,,

ବରଷାର ଧାରା ଅବିରତ ମାରିବାକୁ ଦେଉନି ନିଶ୍ୱାସ

ବରଷି ଚାଲିଛି ଦିନରାତି

ସଢ଼ ସଢ ଓଦାରେ ନିଗିଡି ପଡୁଛି ଆକାଶରୁ ପାଣି

ବେଙ୍ଗୁଲି ନାନୀ ହେଇଯାଇଛି ବିରକ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝିଣ୍ଟିକା ବି ଘରେ ବସି ପଢୁଛି ଗଣେଶଙ୍କ ସ୍ତୋତ୍ର

ବର୍ଷା ଏମିତି ହେଲେ ହେବ ଚେରାପୁଞ୍ଜି,

ଅବିରତ ବର୍ଷା ସହିତ ପବନର ଗତି ଆନମନା

ମଣିଷ ହେଉଛି ଭିତରରୁ ଧୁନ୍ଧି.... ।

ଶବ୍ଦାର୍ଥ ଖାତାରୁ ଶବ୍ଦ ଲିଭି ଗଲାଣି ବର୍ଷପାଣି ଖାଇ

ବହି ଚିତ୍ର ଭିତରୁ ହେଉଛି ରୁନ୍ଧି ,

ତଳି ଅଞ୍ଚଳର ମଣିଷ ହୃଦୟରୁ ଦେଉଛି କାନ୍ଧି......

ତୃଣ ଜଦି ଜୀବଙ୍କ ପାଦ ପୀଡାରେ ବଂଚିଛି

ମଣିଷ ସମସ୍ୟା ଭିତରେ ଥିବ ସେମିତି ମୁଣ୍ଡଟେକି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟିଣି ଟିଣି ଟିଣିକି ଟିଣା



ଦିବାକର ନାୟକ

ଟିଣି ଟିଣି ଟିଣିକି ଟିଣା
ସକାଳ ହେଲେ ଚାଉଳ କିଣା
ବାକି କରି କି ଖାଉଛୁ କେତେ
ପକୁଡ଼ି ରାଗ ଚଣା (୦)

ଖରା ତରାରେ କାମ କରୁଛୁ
ମୁଣ୍ଡର ଝାଳ ତୁଣ୍ଡେ ମାରୁଛୁ
ସଂଜରେ ମୂଲ ପଡ଼ିଲେ ହାତେ
ପିଉଛୁ ନାଲି ପଣା..
ଟିଣି ଟିଣି ଟିଣିକି ଟିଣା (୧)

ଡଜନେ ପିଲା ଅରଜି ଦେଲୁ
ଘରେ ହୁଅନ୍ତି ସାଲୁରୁବାଲୁ
ନିଜ ସଂସାର-ଡଙ୍ଗାରେ ନିଜେ
କରି ଦେଲୁ ତୁ କଣା..
ଟିଣି ଟିଣି ଟିଣିକି ଟିଣା (୨)

କରିଲେ କାମ ବୁଝି ବିଚାରି
ଫେରି ଆସିବ ତୋ ସୁଖ ଶିରୀ
ସାହି ପଡ଼ିଶା ଭଲ ପାଇବେ
ତୋତେ କି ନାହିଁ ଜଣା..
ଟିଣି ଟିଣି ଟିଣିକି ଟିଣା (୩)

ଜନମ ହେଲୁ ମଣିଷ ହୋଇ
ମଣିଷ ପଣ ଥିଲେ ରେ ଭାଇ
ପାଞ୍ଚ ଜଣରେ ଭଲ ମନ୍ଦରେ
ହୋଇବୁ ସିନା ଗଣା..
ଟିଣି ଟିଣି ଟିଣିକି ଟିଣା (୪)

ପାଟପୁର, କନିସି-୭୬୧ ୦୦୮
ଗଞ୍ଜାମ, ମୋ-୯୯୩୮୭ ୧୯୯୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିର କବିତା



ସିଦ୍ଧେଶ୍ୱର ତ୍ରିପାଠୀ

କବି ଭାବନାରେ ଭାଷାକୁ ସଜାଡେ
ଶବଦେ ଶବଦ ଖଞ୍ଜି
ସେଇ କବିତାରୁ ବାରି ହୋଇପଡେ
କାକର ବରଷା ଝାଞ୍ଜି ।

ଶିଶୁଟିଏ ହୋଇ ଚପଳାମୀରେ ସେ
ପିଲାବେଳ କଥା କହେ
ଶିକ୍ଷା ସଂସ୍କାରର କଥା କହୁ କହୁ
କୈଶୋର ମନେ ପକାଏ ।

ଯଉବନ ତିଥି ସେଇ ଜହ୍ନ ରାତି
ଫଗୁଣରେ ଦିଏ ଭରି
ବିରହର ବ୍ୟଥା କହେ ତା କଲମେ
କେତେ ଲୁହ ଯାଏ ଝରି ।

ଜୀବନ ଯନ୍ତ୍ରଣା ଭୁଲ୍ ବୁଝାମଣା
ବିଦ୍ୟା ବୃତ୍ତି ପେଟ ନାଟ
ଖଞ୍ଜିଦିଏ କଥା ଏମୁଣ୍ଡୁ ସେମୁଣ୍ଡ
ମଣିଷ ଜୀବନ ବାଟ ।

ଈଶ୍ୱର ପ୍ରକୃତି ମାଆ ଆଉ ମାଟି
ପ୍ରଥା ପରମ୍ପରା ନେଇ
ଢ଼ିଙ୍କିଶାଳ ଠାରୁ ଢେଙ୍କାନାଳ ଯାଏଁ
କାଗଜେ ଦିଏ ଗାରେଇ ।

ବଢିଲେ ବୟସ କମେଯେ ଆୟୁଷ
ମଶାଣୀ ତା ଶେଷ ଘର
ଦେଖ ଦେଖ କବି କଲମ କହୁଛି
ନିଜର ବି ହୁଏ ପର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହୁଁ ଚାହୁଁ କେବେ ଦିନ ସରି ଯାଏ
ଆସିଯାଏ ଶେଷ ରାତି
ଅଗଣିତ ସେଇ ଦରଜକୁ ନେଇ
ନୀରବି ଯାଏ ଏ ଛାତି ।

କେବେସେ ହସାଏ କେବେସେ କନ୍ଦାଏ
ଜୀବନର କଥା କହେ
କବିର ଦରଦ କାହୁଁ ସେ ବୁଝିବ
କବିତା ପଢେନି ଯିଏ ।

ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତିରୁ ଇତି



ବାସନ୍ତୀଲତା
ଜେନା

ଅତି ସ୍ନେହ ପ୍ରୀତି ତିଷ୍ଠି ରହେ ନାହିଁ
ଆଖି ଲୁହ ଭରି ଦିଏ
ବିଶ୍ୱାସରେ ଯଦି ଗରଳ ମିଳଇ
ହୃଦେ କୋହ ଭରି ଯାଏ ।୧।

ବାତ୍ସଲ୍ୟ ମମତା ଅତିରିକ୍ତ ହେଲେ
ପିଲାକୁ ବିଗାଡି ଦିଏ
ଅନୁ ଶାସନର କୋହଳ ହୋଇଲେ
କଠିନ ଯଦିବା ହୁଏ ।୨।

ବନ୍ଧୁ ବନ୍ଧୁ ମଧ୍ୟେ ପ୍ରେମ ବଢ଼ି ଗଲେ
ସ୍ୱାର୍ଥ ଯଦି ଲୁଚି ଥାଏ
ସମ୍ପର୍କର ଡୋର ଦିନେ ଛିଡି ଯାଏ
ଅତିରୁ ଇତି ସେ ହୁଏ ।୩।

ମାଟି ଘର କାନ୍ଥ ବହଳ ଲିପିଲେ
ଫାଟି ଫାଟି ଯାଇ ଥାଏ
ସବୁ ଦିନେ ନାହିଁ ଚାନ୍ଦିନୀର ରାତ୍ରି
ଏକ ପକ୍ଷ ଅମା ହୁଏ ।୪।

ଗିରିଷମ ଦାଉ ମେଣ୍ଟିବା ପାଇଁକି
ଲେମ୍ବୁ ପଣା କରାଯାଏ
ଲେମ୍ବୁଟିକୁ ଯଦି ଅତି ଚିପୁଡ଼ିବ
ପିତା ହୋଇଣ ସେ ଥାଏ ।୫।

ଅସତ୍ୟ ପଥରେ ଧନ ଅରଜିଲେ
ହୁଉ - ହୁଉ ବଢୁ ଥାଏ
ଅଳପ ଦିନରେ ଧନ ନଷ୍ଟ ହୁଏ
ଯଶ ଖ୍ୟାତି ଇତି ହୁଏ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନ କହିବା ଲୋକ ପଦେ କହି ଥାଏ
ନିନ୍ଦାର ପାତ୍ର ସେ ହୁଏ
ଠକାମୀ ଭଣ୍ଡାମୀ ତିଷ୍ଟି ରହେ ନାହିଁ
ଦିନେ ଶେଷ ହୋଇ ଯାଏ ।୭।

ବାଉଁଶ ବଢ଼ିଲେ ଡେଙ୍ଗା ହୋଇ ଥାଏ
ବାଉଁଶ ଫୁଲିଲେ ମରେ
ବେଲୁନ୍ ରେ ବାୟୁ ଅଧିକ ଭରିଲେ
ଫାଟି ଯାଇ ଶବ୍ଦ କରେ । ୮।

ଗର୍ବ ଅହଂକାର କାହାରି ରହିନି
ଏହି ମର୍ତ୍ତ୍ୟ ମଣ୍ଡଳରେ
ଗର୍ବ କରି ବଳି ପାତାଳେ ପଶିଲା
ତ୍ରିପାଦ ଭୂମି ଦେବାରେ ।୯।

ମହିଷା ରାବଣ ଗର୍ବ ଅହଂକାର
ଦିନେ ଚୂର୍ଣ୍ଣ ହୋଇ ଥିଲା
ଅସତ୍ୟ ଉପରେ ସତ୍ୟର ବିଜୟ
ଧର୍ମର ସ୍ଥାପନା ହେଲା ।୧୦।

ମିଥ୍ୟା ଗର୍ବ କରି କଉରବ ଧ୍ୱଂସ
ଅତିରୁ ଇତି ସେ ହେଲା
ପ୍ରତିଶୋଧ ନିଆଁ ହୃଦୟେ ଜଳିଲେ
ଶତ୍ରୁତା ବଢ଼ଇ ଭଲା ।୧୧।

ଅତିବଡ କଥା କହନି ବଉଳ
ଦିନେ ଲୋଟିବୁ ଭୂଇଁରେ
ସାଲିନତା ରକ୍ଷା କରି ପାରୁ ଥିଲେ
ପ୍ରଶଂସା ସର୍ବ ମୁଖରେ ।୧୨।


ନୀତି ନିୟମରେ ସ୍ୱଚ୍ଛତା ପଣରେ
ନିଜ କର୍ମ କରି ଯାଅ
ବଡ଼ ପଣ କହି ତୁଛ ହୁଅ ନାହିଁ
ସବୁରିଙ୍କ ପ୍ରିୟ ହୁଅ ।୧୩।

ଗାନ୍ଧୀନଗର, ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲଣ୍ଠନ



ସରୋଜ କୁମାର ସାହୁ

ସ୍ୱଚ୍ଛ ନିରିମଳ କାଚର ଦେହରେ
ଝଲସି ଉଠଇ ବତୀ
ଅଳପ ବହୁତ ଜଳେ ସେହି ପୁଣି
ସଞ୍ଜରୁ ବହଳ ରାତି ।
ଡରିଯାଏ ନାହିଁ ଝଡ ବତାସକୁ
ଥିରି ଥିରି ହୋଇ ଜଳେ
ଅନ୍ଧାର ହଟାଇ ଦେଖାଏ ଆଲୋକ
ଉଜ୍ଜ୍ୱଳ ଶିଖାର ବଳେ ।
ପବନର ବେଗ ବଢିଲେ ଯେତେବି
ସହଜେ ଯାଏନା ହାରି
ନିସ୍ୱାର୍ଥ ସେବାରେ ବିତାଏ ଜୀବନ
କେହି ନୁହେଁ ତାହା ପରି ।


ଦେହକୁ ତାର ରହିଥାଏ ଘେରି
ଛନ୍ଦା ଛନ୍ଦି ହୋଇ ତାର
ସରୁମୋଟା ଅବା ବହଳ ପାତରେ
ସାଜି ନିତି ପଟୁଆର ।
ଘରକାନ୍ଥ ଅବା ଦୁଆର ମୁହଁରେ
ସିପାହୀ ପରିକା ଜଗେ
ଚୋରଖଣ୍ଟ ଅବା ପଡୋଶି ଆସିଲେ
ନଜର ପଡେ ତା ଆଗେ ।
ଉଜାଗର ରହି ସାରାରାତି ସିଏ
ନିଜର କର୍ତ୍ତବ୍ୟ କରେ
ତା ପରିକା କେହି କର୍ମଠ ସଚ୍ଚୋଟ
ନାହିଁ ଏଇ ସମାଜରେ ।

ଆଠଗଡ଼, କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁମ ଆଶେ



ଜ୍ୟୋତିପ୍ରଭା ରଥ

ତୁମେ ଯଦି କେବେ ମୁହଁମୋଡି ନେବ
ବୃଥା ଅଭିମାନ କରି,
ଅଫେରା ବାଟରେ ଆଗେଇ ଯିବି ମୁଁ
ଆମ ପ୍ରେମକୁ ପାଥେୟ କରି !!
ପୃଥିବୀ କୋଳରେ ନିଶ୍ଚିନ୍ତ ନିଦ୍ରାରେ
ମୁଁ ଯାଇ ଶୋଇଯିବି,
ତୁମେ ଖୋଜୁଥିବ ମୋର ଉପସ୍ଥିତି
ମୁଁ ପବନେ ମିଳାଇ ଯିବି !!
ଉଚ୍ଚ ସ୍ୱରେ ଡାକି ଥକି ଯିବ ହେଲେ
ନା ବିଳପିବ ମୋ ସ୍ମୃତିରେ,
ନିରେଖି ଦେଖିଲେ ମୋ ମୁହଁ ଦେଖିବ
ଦୂର ତାରକା ମେଳରେ !!
କୋହ ଲୁହ ଢାଳି ଯେତେ ଲୋଭାଇଲେ
ଆସିବିନି ଜମା ଫେରି,
ଆର ଜନମକୁ ସାଥୀ ତୁମଲାଗି
ଥିବି ମୁଁ ଅପେକ୍ଷା କରି !!

ସେ ପ୍ରୀତି ଉପହାର ଯେବେ ହେ ଦେଖିବ
ପାଇବ ମୋହର ସ୍ପର୍ଶ,
ସ୍ମୃତିର ଲଫାପା ଭିତରେ ସାଇତା
ଗୋଲାପୀ ଗୋଲାପ ବାସ !!
ଅଦିନ ବର୍ଷାରୁ ମୋ ଛୁଆଁ ପାଇବ
ଭୁଲିବନି ଭିଜିବାକୁ,
ମାଘର ଯାଡ଼ରେ କୁହୁଡି ପହଁରି ଆସିବ
ମୋତେ ଦେଖା କରିବାକୁ !!
ଶରୀରଟା ସିନା ଅଦୃଶ୍ୟ ହୋଇବ
ମନ ଥିବ ତୁମ ପାଶେ,
ପୁନଃ ଜନମକୁ ଜଗି ରହିଥିବି
ତୁମ ସଙ୍ଗ ସୁଖ ଆଶେ !!

ଠିକଣା-ଦୁବାଇ
+971 54 323 7500

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧାରା ଶ୍ରାବଣ



ଅମରନାଥ ବାରିକ

ଧରା ଶିରାବଣ ମାସ
ହେଉଛି ବରଷା ଝିପିରି ଝିପିରି
ଗଛ ଲଗାଇବା ଆସ ।

ବିଲରେ ଛନକା ଘାସ
ଖୁଆଇବା ଆଣି ଗାଈ ବାଛୁରୀଙ୍କୁ
ହୋଇବେ ଦୁହେଁ ହରଷ ।

ସୁମନ ଭରିଛି ରସ
କରନ୍ତି ସଂଗ୍ରହ କଙ୍କି ପ୍ରଜାପତି
ଚୁମି ଫୁଲର ସୁବାସ ।

ମେଘୁଆ ଦିଶେ ଆକାଶ
ଆହାକି ସୁନ୍ଦର ପ୍ରକୃତି ରାଣୀର
ମନୋମୁଗ୍ଧକର ବେଶ ।

ହର ପାରବତୀ ରାସ
ଲୀଳା କରୁଛନ୍ତି କୈଳାସ ପର୍ବତେ
ନଭଦେଶେ ପରକାଶ ।

ମନରେ ରଖି ବିଶ୍ୱାସ
ପୂଜିବା ଶିବଙ୍କୁ ଦୁଦୁରା ଜଳରେ
ଶଙ୍କର ଦେବେ ଆଶିଷ ।

କିଏ ସେ ହେବ ସରସ
କହୁଛି କାନନ ବୃକ୍ଷଲତା ରାଜି
ସରିବ ଶ୍ରାବଣ ମାସ ।

ବରଷକେ ବାର ମାସ
ସବୁ ମାସଠାରୁ ବଳି ମହୀୟାନ
ଧାରା ଶିରାବଣ ମାସ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମେଘ ଡଗର



ବାଲାଜୀ ସେଠୀ

ଯାଆରେ ମେଘ ତୁ ଯାଆ,,,
ସପନ ଦେଶର ମୋ ପ୍ରିୟାର ଘର,
ଅଗଣା ଭିଜେଇ ଆ',,, ।୦ ।

ଝରକା ସେପାଖେ ଓଦା ପଲକରେ
ଚାହିଁଥିବ, ତାକୁ ଦେବୁ ବାରତା
କହିବୁ ବୁଝାଇ ଅନ୍ଧାର ଘୋଟିଲେ
ଦେହରୁ ଛାଇ କି ହୁଏ ଅଲଗା ( !)
ତା ବିନା ତା ସ୍ମୃତି ମୋର
ବଞ୍ଚିବା ରାହା,,,
ଯାଆରେ ମେଘ ତୁ ଯାଆ,,, ।୧ ।

ରହି ରହି ଟିକେ ବରଷୁଥିବୁ ତୁ
ଭିଜେଇବୁ ଅଳ୍ପ ତାର ଓଢଣୀ
ସେ ଓଢଣୀ ତଳେ ଲୁଚିଛି ଚନ୍ଦ୍ରମା
ପ୍ରୀତି ରାଇଜର ରାଜ ଦୁଲ୍ଲଣୀ
ହୃଦୟେ ବତାସ ଝଡ଼
ବିରହ ବାଆ,,,
ଯାଆରେ ମେଘ ତୁ ଯାଆ,,, ।୨ ।

ଭିଜେଇବୁ ନାହିଁ ତା ଅଙ୍ଗର କିଛି
ଭିଜିବା ଆଗରୁ ଭିଜି ସାରିଛି
ଇନ୍ଦ୍ରଧନୁ ଦେଖି ତାଜା ହେବ ସ୍ମୃତି
ଘଡଘଡି ଶୁଣି ଥରିବ ଛାତି
ଭିଜା ମନ ମାଟି ତଳୁ
ଉଠିବ ଧୂଆଁ,,,,,
ଯାଆ ରେ ମେଘ ତୁ ଯାଆ,,, ।୩ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ମନ ବୁଝିବା ନୁହଁଇ ସହଜ
ଭାରି ଅଭିମାନୀ ପ୍ରେମିକା ମୋର
ମନ ମାନିଥିଲେ ଅଭିସାରିକା ସେ
ମନ ଊଣା ହେଲେ ନୁହେଁ କାହାର
ଆଖି ଲୁହରେ ଜିଣିବ
ସାରା ଦୁନିଆ,,,
ଯାଆ ରେ ମେଘ ତୁ ଯାଆ,,, ।୪ ।

ସପନ ଦେଶକୁ ଆଖି ମୋ ପାଉନି
ବେଡି ପଡିଛି ମୋ ହାତ ଗୋଡ଼ର
ଫୁଲ ସଜ୍ଜାରୀକୁ ପଠାଇ ପାରୁନି
ବାରତା ନେଉଛୁ "ମେଘ ଡଗର"
ବାହୁଡା ବାରତା ଧରି
ବାହୁଡ଼ି ଆ',,,,

ଯାଆ ରେ ମେଘ ତୁ ଯାଆ
ସପନ ଦେଶର ମୋ ପ୍ରିୟାର ଘର
ଅଗଣା ଭିଜେଇ ଆ',,, ।୫ ।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଅନୁପସ୍ଥିତି



ଆଦରମଣି ପ୍ରଧାନ

ଅସରନ୍ତି ଦୁଃଖର ପାହାଡ଼
ଲଦି ହେଇ ପଡୁଛି
ମୋ ନରମ ଛାତିରେ,
ତୁମ ଅନୁପସ୍ଥିତିରେ,,,,,,,, ।

କେବେ ବି ବୋଲ ମାନୁନି
ଏ ଆଖିର ଅମାନିଆ ଲୁହ,
ହୃଦୟ ବି ଚିରି ପଡୁଛି
ହାତ ଗୋଡ଼ରେ ଆଜି
ସମ୍ପର୍କର ବେଢ଼ି ପଡିଛି
ତୁମ ଅନୁପସ୍ଥିତିରେ,,,,,

କଷ୍ଟ ଯନ୍ତ୍ରଣା ହତାଶା ଭାବର
ହଜାରେ ପ୍ରଶ୍ନ ଆଉ ପ୍ରଶ୍ନବାଚୀ
ଥକି ପଡୁଛି ମୁଁ ସେମାନଙ୍କୁ
ସାମ୍ନା କରି କରି,,,
ତୁମ ଅନୁପସ୍ଥିତିରେ,,,,,

ଇଛା ହୁଏ ଟିକେ ଭେଟିବାକୁ
ତୁମକୁ, ଆଉ ତୁମ ପ୍ରେମକୁ
ସାହସ ଜୁଟେଇ ସଜ ହୁଏ
ନିଜ ମାନସିକ ସ୍ତରରେ
ତୁମ ଅନୁପସ୍ଥିତିରେ,,,,,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତାରିତ ପ୍ରେମିକା ଟିଏ ପରି

ପ୍ରତି ଥର ଫେରିବାକୁ ହୁଏ

ମୋ ମନର ଶୁନ୍ୟ ଇଲାକାକୁ

ସାଥିରେ ନେଇ,,,

ତୁମ ଅନୁପସ୍ଥିତିକୁ,,,,

ତୁମେ ଅଛ,,,,ଏଇ ଦୁନିଆର

ପବିତ୍ରତା ର ପାଣି ପବନରେ

ପୃଥିବୀର ପହିଲି କିରଣ ରେ

ପ୍ରେମର ଗଙ୍ଗା ଜଳରେ

ମୁଁ ତୁମକୁ ଅନୁଭବ କରେ

ପାଗେଳି ଙ୍କ ପରି ପୁଣି ଖୋଜେ

ତୁମ ଅନୁପସ୍ଥିତିରେ,,,,

ନିହାତି ଆପଣାର ଭାବେ ବୋଲି

ସବୁ ସୁଖ ଦୁଃଖ କହିଦିଏ ଖୋଲି

ଏଇ ଦୁନିଆର ସବୁଠୁ ନିଜର

ସବୁଠୁ ଭଲ ଆଉ ସୁନ୍ଦର ବୋଲି

ମୁଁ ତୁମକୁ ଭଲ ପାଇଲି,,,,

ତୁମ ଅନୁପସ୍ଥିତ ରେ

ଏତେ କଷ୍ଟ ପାଇବି ଜାଣି ନ ଥିଲି,,,,

ବଞ୍ଚିବା ଶିଖେଇଲ

ମୋ ହସରେ ତମେ ହସିଲ

ମୋ ଦୁଃଖ ରେ ଦୁଃଖି ହୋଇ

କେତେ ଲୁହ ବି ଝରାଇଲ

ତମେ ବି କଣ ସତରେ,,,,

ମୋ ଅନୁପସ୍ଥିତରେ,,,,

ମୋତେ ଖୋଜୁଥିଲ,,,,

ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ତସ୍ନାନ



ବାପିନି ସିଂ

ବୋଲମନ ପଶା ଗୋଟିକୁ ଚଳେଇ
ପାଞ୍ଚାଳି ବସ୍ତ୍ର ହରିଲ
ଅନ୍ତର୍ଯ୍ୟାମୀ ଡାକ ଆକୁଳେ ଶୁଣିଣ
କୋଟି ବସ୍ତ୍ରେ ରକ୍ଷା କଲ ।

ଦୁଃଶାସନ ରକ୍ତେ କେଶ ପଖାଳିବି
ଦ୍ରୌପଦୀର ପଣ ଥିଲା
ଏକଥା ବି ହେଲା ଦୁଷ୍ଟ ନାଶ ହେଲା
ରୁଧିରେ କେଶ ଧୋଇଲା ।

ଆଜି ବି ଅନେକ ପିପାସୁ ରାକ୍ଷସ
ଉପୁଜି ବଢ଼ାନ୍ତି କାୟା
ହାରନ୍ତି ଜୀବନ ହାରିକି ଯୌବନ
କିଭଳି ତୋର ଏ ମାୟା ।

ନିରୀଗଣ ଜାଗ ବାଘ ବେଶେ ଛାଗ
କୁମ୍ଭୀର କାନ୍ଦଣା କାନ୍ଦି
ନଷ୍ଟ କରେ କେତେ ସରଳ ଜୀବନ
ତା କାମ ରଜ୍ଜୁରେ ବାନ୍ଧି ।

ରାକ୍ଷସ ମାରିଛି ସ୍ନାହାନ କରୁଛି
ତର୍ପଣ କରେ ରୁଧିରେ
ଗୁହାରି କରୁଛି ଅସ୍ତ୍ର ଧରି ଏବେ
ବାହାର ମ୍ଳେଚ୍ଛ ସଂହାରେ ।

ଦେଖାଅ ଗୋ ଏବେ ଚଣ୍ଡମୁଣ୍ଡ ବେଶ
ଦିଅ ଗୋ ରଣ ହୁଙ୍କାର
ସମୟ ଆସିଛି ନାଶିବାକୁ ଦୁଷ୍ଟ
ଅସହ୍ୟ ଏ ଅତ୍ୟାଚାର ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର ,ବାଲେଶ୍ୱର
ଦୂରଭାଷ : ୯୯୩୭୮୨୦୮୩୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପହିଲି ଆଷାଢ଼ ବର୍ଷା ଛିଟା



ଲକ୍ଷ୍ମୀଧର ସିଂ

ତମ କଥା ମନେ ପକେଇଦିଏ ପହିଲି ଆଷାଢ଼ ବର୍ଷା ଛିଟା

ପ୍ରେମିକାପଣ ବଖାଣେ ତମର ପହିଲି ଆଷାଢ଼ ବର୍ଷା ଛିଟା

ଛତାତଳେ ଓଦାହୋଇ କି ଅଧା ବାଟସାରା ଖାଲି ଥଟ୍ଟା ମଜା

ପାଣି ଛଟା ମନେ ପକେଇଦିଏ ପହିଲି ଆଷାଢ଼ ବର୍ଷା ଛିଟା

ଦିହମନ ଓଦାହେଇ କି ପ୍ରେମ ରାତିସାରା ହାଇ ଚମକା ନିଦ

ଓଦା ସ୍ମୃତି ମନେ ପକେଇଦିଏ ପହିଲି ଆଷାଢ଼ ବର୍ଷା ଛିଟା

ଝର୍କା ସେପଟେ ବର୍ଷାପଡେ ଝରି ଝର୍କା ଏପଟେ ହଉଛି ଝୁରି

ହଜିଲା ପ୍ରେମ କାହାଣୀ ବଖାଣେ ପହିଲି ଆଷାଢ଼ ବର୍ଷା ଛିଟା

ସ୍ମୃତି ତମର ରଖିଛି ସାଇତି ଏ 'ଲକ୍ଷ୍ମୀଧର' ଯତନ କରି

ମୋକଥା ମନେ ପଡେ କି ଛୁଇଁଲେ ପହିଲି ଆଷାଢ଼ ବର୍ଷା ଛିଟା

ଅଁଳାପାଳ, ଗରଡିହି, ବାଲେଶ୍ୱର


୭୩୭୦୦୨୬୮୦୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଳିଯାଆନ୍ତା କି ସେହି



ପ୍ରଶାନ୍ତ ବ୍ରହ୍ମା

ଖୋଜି ବୁଲୁଥାଏ ମୁଁ ଗହନ ବନରେ ଗଭୀର ମନରେ
ମିଳି ଯାଆନ୍ତା କି ସେହି ପୁରୁଣା ସ୍ମୃତି ସାଇତି ରଖନ୍ତି ପାଖରେ ।

ଆଜିବି ଝରୁଛି ଲୁହ ଲୁଚେଇବି ବୋଲି ପାରେନା ଲୁଚେଇ
କେଜାଣି କାହିଁକି ଯେତେ ବୁଝାଇଲେ ବୁଝେନା ଏ ଆଖି ଦୁଇ ।

ବୁଝେନା ଏ ମନ ସହେ ନାହିଁ ଏ ମନ ପାଗଳ କରିଦିଏ ସେଦିନର କଥା
ଯେଉଁଠି ଥିଲା ସେ ଥିଲି ମୁଁ ସାକ୍ଷୀ ଅଟନ୍ତି ସେହି ବନ ଆଉ ଲତା ।

ପୁରୁଣା ସ୍ମୃତିଟା ସତରେ ହଜି ଯାଇଛି ନା ସେ ଲୁଚେଇ ଦେଇଛି
କିମିତି ଜାଣିବି ତା ପାଖକୁ ଯିବି ନା ଯିବିନି ମନେ ମନେ ମୁଁ ଭାବୁଛି ।

ଧର୍ଯ୍ୟର ସିମା ଗଲାଣି ଟପି କିମିତି କହିବି କାହାକୁ
ଲାଜବି ଲାଗୁଛି ମନର ବେଦନା
କହିବାକୁ କାହାକୁ ।

ପଲାଶପୁର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଜପକ୍ଷୀ



ବିନୟାନନ୍ଦ
ବସ୍ତସ୍ୟ

ଏକା ଏକା ଉଡେ ଉଚ୍ଚ ଆକାଶରେ କ୍ଷୁଦ୍ର ପକ୍ଷୀ ସାଥୀ ଛାଡି,
ତୀକ୍ଷ୍ଣ ଦୃଷ୍ଟି ଧରି ଲକ୍ଷ୍ୟ ଭେଦେ ପୁଣି ଶିକାର ପଛରେ ପଡି ।

ମୃତ ଜୀବ କେବେ ନ କରେ ଭକ୍ଷଣ ଜୀଅନ୍ତାକୁ ଧରି ଖାଏ,
ଝଡ଼ ଆସିଗଲେ ଅତି ଉଚେ ଉଡେ କାହିଁ ଖାତିର ନ ଥାଏ ।

ନୀଡ଼ରେ ନରଖେ କୋମଳ ଘାସ ସେ କଣ୍ଟକିତ ଶଯ୍ୟା ତାର,
ଏହି ପାଞ୍ଚ ଗୋଟି ସଦଗୁଣ ବାଜ ପକ୍ଷୀଠାରୁ ଶିଖିବାର ।

ଏକା ଏ ସଂସାରେ ଚଳିବା ଛୋଟିଆ ସମସ୍ୟାକୁ ତେଜି ମନୁ,
ଲକ୍ଷ୍ୟ ସ୍ଥିର କରି ହାସଲ କରିବା ବଞ୍ଚିବା ଯେ ସନ୍ଦିହାନୁ ।

ଅତୀତକୁ ଛାଡି ବର୍ତ୍ତମାନ ସଦ୍ୟ ଆବୋରିବା ଦକ୍ଷତାରେ,
ସମସ୍ୟା ଆସିଲେ ସମ୍ମୁଖୀନ ହେବା ଅଣ୍ଟା ଭିଡି ତା ଆଗରେ ।

ସହଜେ ମିଳିବା କୋମଳ ଆରାମ ସଦା ଦୁଃଖର କାରଣ,
ବିବେକ ବୁଦ୍ଧିର ଆତ୍ମଶକ୍ତି ବଳେ ବଞ୍ଚିବା ସଂସାରେ ଜାଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମହତ୍ୟା କାହିଁକି !



ପଙ୍କଜ କୁମାର ମଙ୍ଗଳ

ସମୟ ଚକ୍ରରେ ଜୀବନର ଯାତ୍ରା କେମିତି ରହିବ ସ୍ଥିର,
ଉତ୍ଥାନ, ପତନ, ସୁଖ ପରେ ଦୁଃଖ ଅନୁଭବ ହେବ ଚିର ।
ଦୁଃଖ ବିନାକି ସୁଖର ମହତ୍ୱ ପାରିବକି କେହି ବୁଝି,
ଯନ୍ତ୍ରଣା ପୂରିଲେ ଆନନ୍ଦ ଭୋଗିବ ଜିତି ଯିବୁ ସବୁ ବାଜି ।
ଜୀବନ ଥିଲେ ସମସ୍ୟା ବି ଥିବ ମୃତ୍ୟୁ ନୁହେଁ ତାର ନିୟତି,
କର୍ମବୀର ସାଜି ସମାଧାନ କର ଆତ୍ମହତ୍ୟା କର କାହିଁକି !

ଜୀବନ ତୋହର ଦୁର୍ଲଭ ଅଟଇ ବହୁ ତପସ୍ୟାର ଫଳ,
ନ ହାରି ଏହାକୁ ଜୀଇଁବାକୁ ହେବ ଦେହରେ ଗୋଟାଇ ବଳ ।
ଏ କାୟା ତହର ନିଜର ହେଲେ ବି ଆଶ୍ରିତ ତ ଆତ୍ମୀୟ ସ୍ୱଜନ,
କେମିତି ଯିବୁ ଅନାଥ କରି ତାଙ୍କୁ ତୁଟାଇ ସଭିଙ୍କ ସପନ ।
ବଞ୍ଚିବା ପାଇଁ ସଙ୍ଘର୍ଷ ଜରୁରୀ ପଛେ ମିଳୁ ଯେଉଁ ପରିଣତି,
କର୍ମ ବୀର ସାଜି ସମାଧାନ କର ଆତ୍ମହତ୍ୟା କର କାହିଁକି !

ଜନନୀ ତୋହର ଧରିଥିଲା ଗର୍ଭରେ ତୋର ସବୁ ଯନ୍ତ୍ରଣାକୁ ସହି,
ତୋର ସମସ୍ୟା କି ସେ ଯନ୍ତ୍ରଣାଠାରୁ ଅସହ୍ୟ ଆତ୍ମଦାହ କରୁ ତାଙ୍କୁ ଲୁହ ଦେଇ ।
ଭାବିଛୁ କି କେବେ ତ ପିତାଙ୍କ ବେଦନା ତଥାପି ସେ ଥକି ନାହାଁନ୍ତି,
ସବୁ ସହି ଯାଇ ସୁଖ ବାଣ୍ଟୁଥାନ୍ତି ନିଜେ ପଛେ ଲୁହ ପିଅନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତ୍ମହତ୍ୟା ଅଟେ କାପୁରୁଷ ଲକ୍ଷଣ ଯେ ସମସ୍ୟାକୁ ଡରି କରନ୍ତି,
କର୍ମବୀର ସାଜି ସମାଧାନ କର ଆତ୍ମହତ୍ୟା କର କାହିଁକି !

ପ୍ରେମି ଛାଡ଼ିଗଲା, ଅର୍ଥ ହରିଗଲା ଏତ ପୁଣି ମିଳିଯିବ,
ପାଇଥିବା କାୟା ଫେରିବକି ଆଉ ଥରେ ଯଦି ଶବ ହେବ ।
ଆସିଥିଲୁ କି ଜନ୍ମ ସାଥେ ନେଇ ଆଜି ହରେଇକି ଭାଙ୍ଗିପଡ଼ୁ,
କର୍ମ ବଳରେ ପୁଣି ପ୍ରାପ୍ତ ହେବ ଏ ସମୟଟା ଚାଲିଯାଉ ।
ନିଜକୁ କାହିଁକି ଦୁର୍ବଳ ଭାବି ଏ ନିନ୍ଦନୀୟ ପନ୍ଥା ନେଉ ବାଛି,
କର୍ମବୀର ସାଜି ସମାଧାନ କର ଆତ୍ମହତ୍ୟା କର କାହିଁକି !

ସମସ୍ୟା ସରିବ ଭାବି ସିନା କେହି ନିଏ ଏ ଚରମ ନିଷ୍ପତ୍ତି,
ହେଲେ ଚିନ୍ତା କରିଛ କି ପରିବାର ଭୋଗେ କେଉଁ ଦୟନୀୟ ସ୍ଥିତି ।
ଯଦି ନିରାଶାର ବାଦଲ ଢାଙ୍କି ଦେଇଛି ଆଶାର ନୂଆ କିରଣକୁ,
ପ୍ରେରଣାର ଜ୍ୟୋତି ହୃଦୟରେ ଜାଳି ପାଦପକା ଲକ୍ଷ୍ୟ ପାଇବାକୁ ।
କିଏ ରହିଯାଏ କିଏ ଛାଡ଼ିଯାଏ କ୍ରନ୍ଦନର ନାହିଁ ପ୍ରୟୋଜନ,
କର୍ମ ଯଦି ତୋର ନିଷ୍କପଟ ଥିବ ମିଳିବ ନିଶ୍ଚିତ ତ ଲବ୍ଧ ସମ୍ମାନ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।
ଦୂରଭାଷ- ୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହରର ମିଜାଜ



ସ୍ମିତା ପଣ୍ଡା

ଦିନେ ସହରର ମିଜାଜ
ବିଗିଡ଼ି ଗଲା
ଭାବିଲା ,
ଆଜି ଅଠଚାଳିଶ ଡିଗ୍ରୀ  ତାତିରେ
ସିଝେଇବି ସହରବାସୀଙ୍କୁ  ।

ଏସି, କୁଲର, ପଙ୍ଖା
ଯିଏ ଯେଉଁଠି ପାରିଲେ
ନିଜ ନିଜକୁ
ଆଡଜଷ୍ଟ କରିନେଲେ
ସେଦିନ ଗାଁରୁ
ସହରକୁ ଆସିଥିବା ଲୋକ
ଖାଲି ଯାହା ଡହଡହ ଖରାରେ ସିଝିଲେ
ସହର ରାଗିଗଲା   ।

ଅପରାହ୍ନରେ ଡାକି ଆଣିଲା
କଳାହାଣ୍ଡିଆ ମେଘକୁ
ବର୍ଷା ବି ନିର୍ଦ୍ଧୁମ ଛେଚିଲା
ଘର, ବାଲକୋନି, କାର,
ଷ୍ଟେସନ୍....
ଯିଏ ଯେଉଁଠି ପାରିଲେ
ଆଉଜି ଗଲେ
ଗାଁକୁ ଫେରୁଥିବା ବସ୍
ଖାଲି ଯାହା
ଚାରି ଘଣ୍ଟା ଫସିରହିଲା
ସହର ରାଗିଗଲା   ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନେ ସହର

ପୁଣି ଡାକି ଆଣିଲା

ହାଡ଼ଭଙ୍ଗା ଶୀତକୁ

ଗାଡ଼ି, ମଟର, ଧୂଳି ଧୂଆଁରେ

ଶୀତ ଖଣ୍ଡିଆ ଖାବରା ହେଲା

ଆଉ ରାତି ଦେଖି

ସହର ବାହାରେ

ଗାଁ ଲୋକଙ୍କ ଉପରେ ସବାର ହୋଇଗଲା ।

ସହରିଆ ଆଉ

ସହରକୁ ଖାତିର କଲେନି

ସହର ରାଗିଗଲା

ଆଉ ଗାଁ ମୁହାଁ ହେଲା

ଗାଁର ସବୁଆଡ଼େ

କୋଠାବାଡ଼ି, ବସ୍, ଟ୍ରକ୍

ଚିକ୍ ଚିକ୍ ରାସ୍ତାଘାଟ,ଦୋକାନ ବଜାର

ସପିଙ୍ଗ ମଲ

ସବୁକିଛି ହୋଇଗଲା

ଏବେ ଗାଁ ଖୁସି

ସହରବି ଖୁସି

ଗାଁ ଆଉ ସହରକୁ ବେଶି ଯାଉନି

ବରଂ ସହର ଚାଲି ଆସୁଛି

ଗାଁ ଭିତରକୁ ।

ପାଇକପଡ଼ାପାଟଣା

ନରସିଂହପୁର, ଜି କଟକ

ଫୋନ୍ ନମ୍ବର ୯୮୬୧୪୮୧୯୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିନୋଟି ଏକପଦୀ



ସୁବ୍ରତ କୁମାର ପ୍ରଧାନ

## ଶ୍ରାବଣୀ

ମନ ସିନ୍ଧୁକରେ ଲୁଚାଇ ରଖିକି
   ଗୋପନ ଠିକଣା ତାର
ନିରିମାଖୀ ଝିଅ ଶ୍ରାବଣୀ ସୁନ୍ଦରୀ
   ଭିଜୁଥାଏ ବାର ବାର ।

## ତୁମ ଗାଁ ପୋଖରୀ

ତୁମ ଗାଁ ପୋଖରୀ କଇଁ ଭୂଷଣ ଧରି
   ସାଜୁ ଅଛି ମହା ସତୀ
ମନେ ପଡିଯାଏ ପୁରୁଣା ଦିନର
   ପ୍ରଣୟର ମିଠା ଗୀତି ।

## ତୁମ ଗାଁ

କାଦୁ ପଚ ପଚ ତୁମ ଗାଁ ରାସ୍ତା
   ପାଟ ବିଲ ବନ ଯେତେ
ଆପଣା ଆପଣା ଲାଗେ ତୁମ ଗାଁ
   ଆନମନା କରେ ମୋତେ ।

ଗୋପୀବଲ୍ଲଭପୁର, କୋଶଲା
ଅନୁଗୋଳ, ୭୫୯୧୩୦
ମୋ - ୯୮୨୧୯୭୦୪୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣୀ



ସତ୍ୟନାରାୟଣ ମିଶ୍ର

ବଡ଼ ଅଝଟିଆ ଅଭିମାନିନୀ
ଯେତେ ବୁଝାଇଲେ ଜମା ବୁଝେନି
ଅବିରତ ଝରେ ଆଖି ରୁ ପାଣି
ବାହୁନି କାନ୍ଦୁଛି ଶ୍ରାବଣୀ ।

ପ୍ରିୟ ଆଷାଢ଼ ତା ଯାଇଛି ଚାଲି
ପାରୁନି ପ୍ରିୟକୁ ମନରୁ ଭୁଲି
ଏଗାର ମାସର ବିଚ୍ଛେଦ ପ୍ରତୀକ୍ଷା
ସହିବାକୁ ଜମା ଚାହୁଁନି
ବାହୁନି କାନ୍ଦୁଛି ଶ୍ରାବଣୀ ।

ମଥାରେ ଥିଲେ ବି ମେଘ ଓଢଣୀ
ନାକରେ ବିଜୁଳି ହୀରା ବସୁଣି
ସାତ ରଂଗୀ ପାଟ ଇନ୍ଦ୍ର ସାୟକ
ଜମା ତାକୁ ଭଲ ଲାଗୁନି
ବାହୁନି କାନ୍ଦୁଛି ଶ୍ରାବଣୀ ।

ଝିଙ୍କାରୀ ବଇଁଶୀ ମୂର୍ଚ୍ଛନା ସୁର
ବେଙ୍ଗ ହୁଳହୁଳି କେଁ କଟର
ମେଘ ଘଡ଼ ଘଡି ତେଲିଙ୍ଗି ବାଜା
ମନକୁ ମନେଇ ପାରୁନି
ବାହୁନି କାନ୍ଦୁଛି ଶ୍ରାବଣୀ ।

ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏବେ ବି ପାଉଛି ଭଲ



ଶାନ୍ତନୁ କୁମାର
ରାଉତ

ପ୍ରଶ୍ନ କରେ ଆଜି ସେ ଦୂର ଜହ୍ନକୁ
କିଏ ହବ ତୋ ପରି...
ତୋ ଦେହେ କଳଙ୍କ ମୋ ମନେ ତୁ ଅଛୁ
ବଞ୍ଚୁଛି ତତେ ମୁଁ ଝୁରି..... ! !

ଅଲେଖା ଗପକୁ ସାଉଁଟି ରଖିଛି
ଏ ଜର୍ଜରିତ ହୃଦୟରେ
ନିର୍ମଳ ନିଷ୍ପାପ ଥିଲା ମନ ମୋର
ଆଜି କଳଙ୍କିତ କାହାଠାରେ...... ! ! !

ଭାବନା ରାଇଜେ ଥିଲୁ ଅଳଙ୍କାର
ଗଲାଣି କବର ହୋଇ
ପାନ୍ଥଶାଳାର ସେ କୋଠରୀ ଭିତରେ
ଆଜି ବି ରହିଛି ଚାହିଁ..... ! ! ! !

ମନ ଉପବନେ କେତେଯେ ତଟିନୀ
ଝଡିଗଲେ ତୁମ ପାଇଁ
ଅବ୍ୟକ୍ତ ଯନ୍ତ୍ରଣା ଯନ୍ତ୍ରଣାରେ ରହେ
ପାରିଲିନି କେବେ କହି...... ! ! ! ! !

ସପନରେ ତତେ ଦେଖୁଛି ମୁଁ ନିତି
କରୁଛି କେତେ ଯେ ଗେଲ
ଏ କାୟା ଜୀବନେ ତୁ ଥିଲୁ ଅଛୁ
ଏବେ ବି ପାଉଛି ଭଲ
ତତେ ଏବେବି ପାଉଛି ଭଲ ...... ! ! ! ! !

ପାଟରଙ୍ଗା,ଯାଜପୁର
୯୮୬୧୨୫୬୧୯୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ, ରକ୍ଷା ଓ ମୁଁ



ଦିନେଶ ମେହେର

ଥରେ ଥରେ ଭାବେ ,
କେବେ କେବେ ଦୁଶାସନ ସାଜି
ଅନେକ ପ୍ରସ୍ଫୁଟିତ କୁସୁମ ମାନଙ୍କୁ
ମଉଳେଇ ଦେଲା ପରେ
ଶେଷରେ ଜଗନ୍ନାଥ ସାଜି
ହାତରେ ପୁଣି ରାକ୍ଷୀ ବାନ୍ଧିବି,
ପୁଣି ମସ୍ତିଷ୍କ ଭିତରେ
ଅନେକଙ୍କୁ ଉଲଗ୍ନ କଲାପରେ
ଆଜି ରକ୍ଷା ବନ୍ଧନ ରେ
ନିଜ ଚରିତ୍ରକୁ କ୍ଷଣିକ ପାଇଁ
ବଦଳେଇ ଦେବି ।
ହଁ ଚରିତ୍ର !
ମୁଁ ବା ଗୋଟେ ପୁରୁଷ,
ଚରିତ୍ର କଣ ଲୋଡ଼ା ମୋର ।
ମାଲ କହୁଥିବା ଏହି ଓଠ
ହାତରେ ରାକ୍ଷୀ ବାନ୍ଧି ସରିଲା ପରେ
ରାକ୍ଷୀ ବଦଳରେ ରକ୍ଷା କରିବାର
ପ୍ରତିଶୃତି ଦେବା ଏକ ଲଜ୍ଜା ର
ଜ୍ୱଳନ୍ତ ଉଦାହରଣ ।
ଅନେକ ନିରୀହ ନିଷ୍ପାପ
କଳଙ୍କହୀନ କଳିକା ମାନଙ୍କୁ
କ୍ଷତ ବିକ୍ଷତ କରି ତାଙ୍କ ହୃଦୟକୁ ଭାଙ୍ଗି
ଚୁର୍ ମାର୍ କରିଦେଲା ପରେ
ଆଜି ଭଉଣୀ ର ସୁନା ଭାଇଟେ ସାଜି
ହାତରେ ପବିତ୍ର ସମ୍ପର୍କର ପବିତ୍ର ବନ୍ଧନ
ବାନ୍ଧି ହେବାକୁ ଯାଉଛି,
ସତରେ କେତେ ଚରିତ୍ରବାନ ମୁଁ
କେତେ ସ୍ୱଚ୍ଛ , କେତେ ପବିତ୍ର ମୁଁ
ସତରେ କେତେବଡ ନିର୍ଲଜ ଟେ ମୁଁ ।

ପଳାସ, କଳାହାଣ୍ଡି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଗାଆଁମାଟି ମହୁଲଭଟା



କୁମରଲାଲ ରଣା

ଆମ ମାଟି ମା    ମହୁଲଭଟା
  ଗାଆଁ ଦିଶଇ ସୁନ୍ଦର
ଲଙ୍କେଶିରୀ ମା   ଇଷ୍ଟ ଦେବତୀ
  ଭାଗ୍ୟ ରଚିଛି ସଂସାର
ନୂଆପଡାର    ପାଶରେ ଶୋଭା
  ଘେରିଅଛି ରାଜପଥ
ମାଟିରୁ ଗଢି    କୁମ୍ଭାର କୁମ୍ଭ
  ଦେଖାଇଦିଅନ୍ତି ବାଟ
କଲପି ଅଛି    ଦୁନିଆ ଭରି
  ମାଟିର କିସମ ସାଜି
ଗଠନ  କରେ    ଉର୍ବର ମାଟି
  ବିରି ସାରୁ ମୁଗ ଅର୍ଜି ।

ମହୁଆଭଟା, ନୂଆପଡା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦଭୁତ ସମୟ



ଭବାନୀ ଶଙ୍କର ଦାଶ

ସ୍ୱଳ୍ପ ସମୟେ ଚାଲିବି ମୁଁ ବହୁଦୂର,
ସପ୍ତଫେଣି ପରି ଏଜିବନ ମୋର
ଆଜି କ୍ଲାନ୍ତ ମୁଁହି ତଥାପି ଥକିନି,
ଅମୃତ ଚାହୁଁଛି ଲକ୍ଷ୍ୟସ୍ଥଳେ ମୋର ।
କଣ୍ଟକିତ ବୋଲି ଡରି ମୁଁ ଯାଇନି,
ଜାଣିଛି ଏ ଜୀବନ ପଥ ଶୃଙ୍ଗମାଳ
ଅଞ୍ଜନେୟ ସାଜି ଲଙ୍ଘିବି ମୁଁ ତାକୁ,
ଯେତେ ଥାଉ ଅବା ଝଡ କଷଣକାଳ ।
ମଣିଷ ପ୍ରକୃତି ଯେ ଅତି ଅଦଭୂତ,
ପୂର୍ଣ୍ଣିମା ସମୟେ ଦେଖାନ୍ତି ଅତୀତ
ଅମାବାସ୍ୟା କାଳେ ଆଲୁଅ ଲିଭାଇ,
ଦୁର ହୋଇଥାନ୍ତି ଆତ୍ମୀୟ ସମେତ ।
ସଂସାର ମାୟାରେ ଜନମିଛ ମୁଁହି ,
ପିତାମାତାଙ୍କ ପୂଣ୍ୟ ତପ ବଳେ
ଏ ଧରାପୃଷ୍ଠେ ଦୋହଲ୍ଲା ହୃଦୟେ,
ବଂଚିବି ମୁଁ ପୂଣ୍ୟ କର୍ମ ବଳେ ।
ଅଧିରତା ଅବା ବ୍ୟାଧି ଆସୁ ଯେତେ,
ଅସ୍ଥିରତାକୁ କରିବି ମୁଁ ଜୟ
ଏ ମହୀମଣ୍ଡଳେ ସମୟ ସରିଲେ,
ଲୀନହେବି ନାଥ ନ କରି ଭୟ ।

ଠିକଣା-ଗୌରାଦେଇପୁର, କୋଦଳା, ଗଞ୍ଜାମ
ଓଡ଼ିଶା, ୭୬୧୦୩୨
୯୦୧୯୮୯୭୭୯୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଗୁରୁ ହିଁ ମଙ୍ଗଳମୟ



ମନୋରଞ୍ଜନ ସୁରୁଜାଳ

ଗୁରୁ ହିଁ ସର୍ବତ୍ର ଶୁଦ୍ଧ ଜ୍ୟୋତିମୟ
ଗୁରୁ ଦେହେ ନାରାୟଣ
ଗୁରୁ ତ୍ରାଣକର୍ତ୍ତା ସଚରାଚରରେ
ଗୁରୁ ମଙ୍ଗଳ କାରଣ ।

ଗୁରୁ ମାତା ପିତା ସଖା ସହୋଦର
ଗୁରୁ ଭଜନ ଜଣାଣ
ଗୁରୁ ମନ୍ତ୍ର ତନ୍ତ୍ର ଯନ୍ତ୍ର ଭକ୍ତି ସିଦ୍ଧି
ଗୁରୁଟି ସକଳ ଜାଣ ।

ଗୁରୁ ହିଁ ହାଲୁକା ପୁଣି ଓଜନିଆ
ଗୁରୁ ନିରାକାର ତେଣୁ
ଗୁରୁ ସର୍ବସାର ନିର୍ବେଦ ପୁରୁଷ
ଗୁରୁ ଅଣୁ ପରମାଣୁ ।

ଗୁରୁ ସର୍ବସ୍ଥିତି ପ୍ରଳୟ ଉତ୍ପତ୍ତି
ଗୁରୁ ସ୍ୱୟଂ ଭଗବାନ
ଗୁରୁ ନାମ ଠୁଳ ଭକ୍ତର ସମ୍ବଳ
ଗୁରୁ ଜଗତ ଜୀବନ ।

ସେହି ନାମ ଗୋଟି ଅନ୍ତେ ସୁଧା ସାର
ଭଜିଲେ ତୁଟଇ ଭୟ
ଗୁରୁ ଭଗବାନ ଅଭିନ୍ନ ନୁହନ୍ତି
ଗୁରୁହିଁ ମଙ୍ଗଳମୟ ।

ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ତ୍ରିରଙ୍ଗା



ରାକେଶ ମୁଦୁଲି

ଆମ ତ୍ରିରଙ୍ଗା....
ତିନି ରଙ୍ଗରେ ସେ ହୋଇଛି ରଙ୍ଗା ।
ପ୍ରଥମ ରଙ୍ଗ ଯେ ହୁଏ ନାରଙ୍ଗୀ
ବଳିଦାନର ପ୍ରତୀକ ସେ ଦିଏ ସୂଚାଇ ।

ମନେ ଭରିଦିଏ ସେ ଅନେକ ସାହସ
ନିଃସ୍ୱାର୍ଥ ଭାବନା ମନେ କରେ ପ୍ରବେଶ ।

ଦ୍ୱିତୀୟ ରଙ୍ଗ ଯେ ଅଟଇ ଧଳା
ପ୍ରଦର୍ଶିତ କରେ ସେ ଶାନ୍ତି, ଜ୍ଞାନ, ଶୁଦ୍ଧତା ଓ ସଚ୍ଚୋଟତା ।

ଶେଷରେ ରହିଲା ସବୁଜ ରଙ୍ଗ
ବିଶ୍ୱାସ, ଉର୍ବରତା ଓ ସମୃଦ୍ଧି ଦର୍ଶାଏ ତୃତୀୟ ରଙ୍ଗ ।

ମଧ୍ୟ ଭାଗେ ଅବସ୍ଥିତ ଚକ୍ର ଅଟେ ଅଶୋକ ଚକ୍ର
ସେ ଚକ୍ରକୁ କହୁ ଆମେ ଧରମ ଚକ୍ର ।
କରୁଥିଲୁ ଗର୍ବ କରୁଅଛୁ ଗର୍ବ ସଦା କରୁଥିବୁ ଗର୍ବ ଆମେ
ତ୍ରିରଙ୍ଗାକୁ ଧରି ଭାରତ ମାଟିକୁ ମାରୁଥିବୁ ମସ୍ତକରେ ଆମେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅହିଂସା ଅସ୍ତ୍ରକୁ କରି ପ୍ରୟୋଗ ବିଦେଶୀ ଶତ୍ରୁକୁ କରିବୁ ବିତାଡିତ
ଶାନ୍ତିର ମାର୍ଗକୁ ଗଢିଦେବୁ ଆମେ ଅରାଜକତାକୁ କରି ନିପାତ ।

ଲକ୍ଷ୍ୟ ହେବ ଆମ ନାରୀ ସନମାନ ନାରୀ ପ୍ରଗତି
ନିରାପଦେ ନାରୀ ଭ୍ରମଣ କରିବ ଦିନ ହେଉ ବା ରାତି ।

ହତ୍ୟାଲୁଣ୍ଠନ ସୀମା ବିବାଦ ସବୁ କରିବୁ ଦୂର
ଭାଙ୍ଗି ଦେବୁ ଧନୀ ଗରିବ ଓ ଜାତିଧର୍ମ ପ୍ରାଚୀର ।

ଚତୁର୍ଦ୍ଦିଗେ ଭାରତମାତାର ହେବ ପ୍ରସାରିତ
ନବ କଳ୍ପିତ ନୂଆ ଆଲୋକ ହେବ ଉଜ୍ଜ୍ୱଳିତ ।

ଶିକ୍ଷାର ପ୍ରଚାର ପ୍ରସାର ହୋଇ ଆମ ତ୍ରିରଙ୍ଗା ଫର ଫର ହୋଇ ଉଡ଼ିବ
ସାରା ବିଶ୍ୱରେ ଭାରତର ସ୍ଥାନ ଉଚ୍ଚେ ରହିବ ।

ଜାତୀୟ ସଂଗୀତ କରିବା ଗାନ ତାଳ, ଲୟରେ
ଆମ ତ୍ରିରଙ୍ଗା ଉଡ଼ିବ ଦିଲ୍ଲୀ ଠାରୁ ଗାଁର ଭିଟା ମାଟିରେ ।

ତ୍ରିରଙ୍ଗା ଉଡୁଛି ହୋଇ ଫରଫର ଜଣାଇ ଦେଉଛି ଶାନ୍ତିର ପ୍ରତୀକ
ଭାରତ ଦେଶରୁ ଦୁଷ୍ଟ ବଦମାସ ଲୋକ କରିବା ନିପାତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁ



ରାହୁଲ ଚନ୍ଦ୍ର
ଘଡ଼େଇ

Part-1

ଜନ୍ମ ହୋଇ ନଥିଲେ ସେ ଏକା ସାଥିରେ
କିନ୍ତୁ ବନ୍ଧୁତ୍ୱ ବନ୍ଧା ହୋଇଯାଇଥିଲା ସେହି ମୁହର୍ତ୍ତରେ
ଜଣାବି ନଥିଲା ବନ୍ଧୁ ହେବେ ବୋଲି ଜନ୍ମ ଜନ୍ମକୁ
ବସି ଆଲୋଚନା କରୁଥିଲେ ସେଇ ପିଲାଦିନ ସ୍ମୃତିକୁ ।

ପିଲା ଦିନର ଲୁଚକାଳି ଖେଳ ଆଉ ତା
ସହ ପୁଣି କେତେ କଳି ଝଗଡାର କୋଳାହଳ
ଚକା ଚକା ଭଉରୀ ସାଙ୍ଗକୁ ଖରା, ଛାଇର ଖେଳ
ଖେଳ ଖେଳୁଥିଲେ ବୋଲି କୁହନ୍ତି ଆଜିବି ସେ ସବୁ ଅଭୁଲା ଦିନ ।

ଖେଳିବା ପାଇଁ ପାଠ ପଢ଼ିବାର ବାହାନା କରି
ଲୁଚି ଆସୁଥିଲେ ସାଙ୍ଗ ସାଥୀ ହୋଇ ଘରୁ ବାହାରି
ପଙ୍କ କାଦୁଅରେ ଦେହକୁ କରି ସରି ସରି
ଘରକୁ ଫେରୁଥିଲେ ଭାରି ଡ଼ରି ଡ଼ରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ସାଙ୍ଗରେ ପ୍ରଥମ ଥର ଭୁଲ କରି
କୁହନ୍ତି ମୁଁ କରିନି ମୁଁ କରିନି ସେ କହିଲା ବୋଲି
ସଂଜ ବୁଢ଼ରେ ଭୂତ ଗପ ଶୁଣି
ରାତ୍ରି ରେ ଶୋଇଲା ବେଳେ ନିଦରେ ବିଳି ବିଳାନ୍ତି ଭାରି ।

Part-2

ଯାଆନ୍ତି ଏକା ସାଙ୍ଗରେ ଚାଟଶାଳୀ ପାଠ ପଢ଼ିବାକୁ
ବାହାନା କରି ଆସନ୍ତି (ଏକ, ଦୁଇ) କହି ଆମ୍ବ ଚୋରି କରିବାକୁ
ଯେବେ ଆସନ୍ତି ଡେରି କରି ଚାଟଶାଳୀକୁ
ଗୁରୁଜୀ ଜଗି ବସିଥାଆନ୍ତି ବେତ ପାହାର ଦେବାକୁ ।

ଦୁଇ, ତିନି ଦିନ ଗଲେ ପାଠ ପଢ଼ିବାକୁ
ପରଦିନ କୁହନ୍ତି ଆଜି ଯିବୁ ନାହିଁ ପାଠ ପଢିବାକୁ
ଯେବେ ମିଳିଯାଏ ଦୁଇ ତିନି ଟଙ୍କା ଖର୍ଚ୍ଚ କରିବାକୁ
ପୁଣି ବାହାରି ଯାଆନ୍ତି ପାଠ ପଢିବାକୁ ।

କେବେ ହସନ୍ତି ତ କେବେ କାନ୍ଦନ୍ତି
ଜୀବନଠୁ ବେଶୀ ସେମାନେ ନିଜ ବନ୍ଧୁତ୍ୱକୁ ଭଲ ପାଆନ୍ତି
ଚଗଲା ବୟସରେ ଗଣ୍ଡଗୋଳ ସହିତ ଝଗଡା କରନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦଳେ ଦଳେ ହୋଇ ବନ୍ଧୁ ବନ୍ଧୁ ବୋଲାଇ ଚାଲନ୍ତି ।

ଚଗଲା ବୟସରେ କରୁଥିଲେ ଭାରୀ ଦୁଷ୍ଟାମୀ
ଚୋରି କରି ଆଣୁଥିଲେ ବାପାଙ୍କ ପକେଟରୁ ଟଙ୍କେ,ଆଠେଣୀ
ନଟଖଟିଆ ବୟସ ବୋହିଯାଏ ମନ ପାଣି ପବନ ପରି
ସାଇକେଲର ପଛରେ ବସି କୁହନ୍ତି ଗଛ ଚାଲୁଛି ଚାଲୁଛି ବୋଲି ।

ରାହୁଲ ଚନ୍ଦ୍ର ଘୋଡ଼େଇ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
୮୪୫୫୯୫୯୫୯୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦେବଦାସୀ



କିରଣ କୁମାର
ମହାନ୍ତି

ଥୋପା ଥୋପା ଉଷୁମ ରକ୍ତ ଯଥେଷ୍ଟ
ମୋ ମଥାରେ ତୁମ ପରିଚୟର ସ୍ୱାକ୍ଷର ପାଇଁ
ଚକୋର ସହ ଚନ୍ଦ୍ରମାର ସମ୍ପର୍କ
ସମସ୍ତଙ୍କୁ ଜଣେଇଦେବାପାଇଁ
ଆଉ ତୁମର ଏ ତଥାକଥିତ
ସମାଜରେ ସ୍ୱୀକୃତି ଲୋଡ଼ିବା ପାଇଁ
କିନ୍ତୁ ହୁଏତ ମୁଁ ତାହା ଚାହେଁନା ॥

ସବୁ ବର୍ଷା କଣ ଇନ୍ଦ୍ରଧନୁ ସର୍ଜିପାରେ ?
କିନ୍ତୁ ମନ ପ୍ରଜାପତିର ଡ଼େଣାରୁ
ଆଞ୍ଜୁଳା ଆଞ୍ଜୁଳା ରଙ୍ଗ ସାଉଁଟି
ତୁମ ହୃଦୟ ଅଗଣାରେ ବିଞ୍ଚିଦେବାରୁ ମୋତେ କିଏ ଅବା ରୋକିବ ?
ଗମ୍ ଗମ୍ ଝାଳର ଗଙ୍ଗାରେ ଗାଧୋଇବା
ମୋ ପାଇଁ ଦେହସୁହା ହେଲାଣି
ଶରୀରର ପ୍ରତିଟି ଅଙ୍ଗପରେ
ଭିନ୍ନ ଏକ କାଳି ରେ ତୁମ ହସ୍ତାକ୍ଷର ସ୍ପଷ୍ଟ ଫୁଟିଉଠୁଛି
ଶିରାପ୍ରଶିରା ସବୁ ବିଚିତ୍ର ମୁଦ୍ରା ରେ ନୃତ୍ୟରତ
ମୋହ ରୂପୀ ମଦିରା ରେ ବୁଡି ରହିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ ଅଭିନୟ ମାତ୍ର
ଆଖିରେ ଆଜି ବି ଅସୁମାରୀ ସ୍ୱପ୍ନ
ଅଥୟ ଉର୍ମି ଭଳି ଅଥଳ ସାଗର ରେ ବିନା ଆଶାରେ
ତଲ୍ଲୀନ ହୋଇଯିବା ପାଇଁ ॥

ପ୍ରତିଟି ରାତିର ଆସର ରେ
ଏ ଆଖି ଖାଲି ଜଣଙ୍କୁ ହିଁ ତ ଖୋଜେ
ଯାହା ଅତର ର ବାସ୍ନାରେ ହୃତସ୍ପନ୍ଦନ ବଢ଼ି ବଢ଼ି ଯାଏ
ରାତିରେ ଯାହାକୁ ଛୁଇଁଦେବା ପରେ
ବିଭା ହୋମର ଅଗ୍ନିଠୁ ବଳି ହୁତୁହୁତୁ ଜଳେ
ହୃଦୟରେ ଜଳୁଥିବା ପ୍ରେମର ଶୁଦ୍ଧପୂତ ହୁତାଶନ
ଯାହା ମୋତେ ପ୍ରତିକ୍ଷଣେ ପବିତ୍ର କରେ
ଅନ୍ୟର ସନ୍ଦେହୀ ନଜର କୁ ଜାଳିପୋଡ଼ି ଦିଏ
ଆଉ ମୋତେ ଯାଜ୍ଞସେନୀ ର ପରିଚୟ ଦିଏ ॥

ପ୍ରେମ ପାଇଁ ପରିଚୟ ଯେ ଜରୁରୀ
ମୁଁ ଭାବେନା
ସ୍ପର୍ଶ ମାତ୍ରକେ ଯେ ଚରିତ୍ର ବଦଳିଯାଏ
ମୁଁ ମାନେନା
ଶରୀରକୁ ଛୁଇଁବା ତ ଭାରି ସହଜ
କିନ୍ତୁ ଆତ୍ମାକୁ କଣ ସହଜରେ ସ୍ପର୍ଶ କରିହୁଏ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଯେ ଆତ୍ମାକୁ ଅନାୟାସ ରେ ଛୁଇଁ ଚାଲିଯାଏ
ତା' ପତ୍ନୀ ଅବା ପ୍ରେମିକା ହେବା ଅପେକ୍ଷା
ତା' ହୃଦୟ ଆସର ରେ
ବାରାଙ୍ଗନା ହେବାକୁ ମୁଁ ପସନ୍ଦ କରେ
କାରଣ
ଦି ଟୋପା ଲୁହ ବେଳେ ବେଳେ ସିନ୍ଦୂର ଠୁ ଭାରୀ ହୁଏ
ନୁପୂର ର ରୁଣଝୁଣ୍ ଶବ୍ଦ ଶଙ୍ଖା ଠୁ ଅଧିକ ହୁଏ
ବେନାମୀ ସମ୍ପର୍କ ବେଦପାଠ ଠୁ ବଳି ପବିତ୍ର ହୁଏ

ସବୁ ସମ୍ପର୍କର ନାମ ତ ନଥାଏ
ଖାଲି ଅନୁଭବ ଥାଏ
ଆଉ ସେ ଅନୁଭବ ବେଳେ ବେଳେ
ଈଶ୍ୱରଙ୍କୁ ବି ପ୍ରେମରେ ପକାଏ
ଉଆଁସ ରାତିରେ ଜହ୍ନ କୁ ଦେଖାଏ
ଆଉ
ଦେବଦାସୀ କୁ ଦେବୀ କରିଦିଏ ॥

ପ୍ରେରକ :- କିରଣ କୁମାର ମହାନ୍ତି
ଓ.ପ୍ର.ସେ-୧ , ଡେପୁଟି କଲେକ୍ଟର , ଗଜପତି
ମୋ-୮୧୪୪୧୦୫୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କହଲୋ ମା' ବସୁନ୍ଧରା



ଅହଲ୍ୟା ଦାଶ

ଜନକ ଜନନୀ ପାଶେ କେତେ ଏ ଜୀବନେ ଋଣୀ,

ଜନ୍ମଜନ୍ମାନ୍ତରେ ତାଙ୍କୁ ଆଉ କି ପାଇବି ପୁଣି ।

ମା' ପୃଥିବୀ ବସୁନ୍ଧରା କେତେ ତୋର ପାଶେ ଋଣୀ,

ନ ଜାଣେ ତୋ ସାଥେ ଭେଟ ହେବ କି ନ ହେବ ପୁଣି ।

ବକ୍ଷେ ତୋର ନାଚି କୁଦି ଆଣିଛି ଯାତନା ଘୋର,

ସହିଛୁ ସେନେହ ଭରେ ଅଳିଅର୍ଦଳି ତୁ ମୋର ।

ବାଲୁତ କାଳରେ କାଳେ ଲାଗିବ ମୋ ପାଦେ ତ୍ରାସ,

ଶ୍ରୀ ଅଙ୍ଗରେ ଆବୋରିଲୁ କୋମଳ ଶ୍ୟାମଳ ଘାସ ।

କେତେ ଧୂଳି ଆଣିଦେଲୁ ମୋର ଧୂଳି ଘର ପାଇଁ,

ସାଙ୍ଗ ସାଥୀ ଦେଲୁ ମୋତେ ଦେଲୁ ମୋ ଭଉଣୀ ଭାଇ ।

ସାଥୀ ଦେଲୁ ସଙ୍ଗୀ ଦେଲୁ, ଦେଲୁ କେତେ ଫୁଲ ଫଳ,

ଦେଇଛୁ ସାଧବ ବୋହୂ, ଦେଇଛୁ ବର ଓହଳ ।

ତୋ ଆକାଶେ ରଙ୍ଗାଇଛୁ, କେତେ ରଙ୍ଗେ ଇନ୍ଦ୍ରଧନୁ,

ଶୁଣାଇଲୁ ଶୁଷ୍କ କାନେ, କେତେ ସ୍ୱନ ତୋର ବନୁ ।

ଚଖାଇଲୁ ଶୁଷ୍କ କଣ୍ଠେ ଝରଣାର ସୁଧା ଝର,

ରଖାଇଲୁ ପଲ୍ଲୀ କୁଞ୍ଜେ, କରି ମୋ କୁଟୀର ଘର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ୟା ଦେଲୁ, ବୁଦ୍ଧି ଦେଲୁ, ଦେଲୁ ପ୍ରାଣ ସାଥୀ ପାଶେ ,

ମତାଇଲୁ କେତେ କାଳ ମୋତେ ଯଉବନ ରାସେ ।

ନୟନ ପ୍ରତିମା ମୋର ନାଚି ଖେଳି ଗୀତ ଗାଇ,

ପ୍ରାଣେ ଦେଲେ ଉନ୍ମାଦନା ମୋହନ ମୂରଲୀ ବାଇ ।

ଆଜି ସବୁ ଛାଡି ଦେଇ ଯେବେ ମୁଁ ପଡିବି ଶୋଇ,

ଏ ପାଖର ସୁଖ ଦୁଃଖ ସବୁ ସେ ପାଖରେ ଥୋଇ ।

ଜ୍ଞାତି ବନ୍ଧୁ ଦୁଇଦଣ୍ଡ କାନ୍ଦି, ମୋତେ ଯିବେ ଭୁଲି ,

ତୁହି ସିନା ଶେଷେ କୋଳେ ଜାଳିବୁ ମୋ ଚିତାଚୁଲୀ ।

ପଚାରେ ତୋତେ ମୁଁ ଆଜି କହଲୋ ମା' ବସୁନ୍ଧରା

ଏ ସଂସାରେ କିଏ ଏହା , ବରେ ଏତେ ସ୍ନେହ ବରି ।

ମୁମ୍ବାଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ଓଡ଼ିଶା ବୁକୁରେ



ନିକୁଞ୍ଜ କୁମାର ଘୋଷ

କଳାରେ ନିପୁଣ ଯଶକୀର୍ତିମାନ
ଓଡିଆ ଆମ ସଂସ୍କୃତି
କାଳିଆର ଘର ସୁରୁଜ ମନ୍ଦିର
କୋଣାରକ କଳାକୀର୍ତି ।।

ଚତୁର୍ଧାମେ ପୁରୀ ଗୋବର୍ଦ୍ଧନ ପୀଠ
ନିଷ୍ଚଳାନନ୍ଦ ସରସ୍ୱତୀ
ମଠ ମଧ୍ୟେ ମଠ ଅଟେ ସର୍ବଶ୍ରେଷ୍ଠ
ଶ୍ରୀମନ୍ଦିରେ ଆଜ୍ଞାପତି ।।

ମନ୍ଦିର ମାଳିନୀ ଭୁବନେଶ୍ୱରରେ
ମନ୍ଦିରରେ ଲିଙ୍ଗରାଜ
ଖାରବେଳ ସ୍ମୃତି ଖଣ୍ଡଗିରି ନାମେ
ଦିଶେ କଳାକୀର୍ତି ବୀଜ ।।

ଏ ଉଦୟଗିରି ରାଜରାଣୀ ପୀଠ
କେଦାର ଗୌରୀ ମନ୍ଦିର
ନନ୍ଦନକାନନ ପଶୁପକ୍ଷୀ ଘର
ସାତକୋଶିଆ କୁମ୍ଭୀର ।।

ଦାରିଙ୍ଗବାଡି ତ ଓଡିଶା କାଶ୍ମୀର
ପ୍ରକୃତିକୂଳକୁ ମୋହେ
ସିମିଳିପାଳରେ ବାଘ ବିଚରଣେ
ମୁକ୍ତ ଆକାଶ ଯେ କହେ ।।

କଟକ ନଗର ଯା'ର ଇତିହାସ
କହେ ବାରବାଟୀ ଦୁର୍ଗ
ସେଇ ଇତିହାସ ପୃଷ୍ଠାରେ ମିଶିଲା
ରାଇବଣିଆର ଗଡ ।।

Listen to Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୀମାନ୍ତ ଓଡିଶା ରାଇବଣିଆର
ଦିଶିଯାଏ ଭଗ୍ନସ୍ତୁପ
ଅଜ୍ଞାତ ବାସରେ ପାଣ୍ଡବ କାହାଣୀ
ବଖାଣିଯାଏ ତା' ରୂପ ।।
ଖୋରଧା ଗଡର ଲାଲ ରକ୍ତ ମାଟି
ନାଶେ ଚଣ୍ଡାଶୋକ ପାପ
ଧର୍ମାଶୋକ ବାଣୀ ଜଗତେ କୁହଇ
ଏ ଶାନ୍ତି ଧଉଳି ସ୍ତୁପ ।।
ମନ୍ଦିର ଭାଷ୍କର୍ଯ୍ୟ ପ୍ରକୃତି ସୌନ୍ଦର୍ଯ୍ୟ
ଆସ୍ୱାଦନେ ଆସେ ଲୋକ
ନୃତ୍ୟ, ଗୀତ ମେଳା ଦେଖି ପ୍ରାଣଭରେ
ଶତ ଶତ ପର୍ଯ୍ୟଟକ ।।
ଚିଲିକା, ଅଂଶୁପା ହ୍ରଦ ନାମେ ଦୁଇ
ଓଡିଶା ବୁକୁରେ ଦିଶେ
ଏକ ଲୁଣା ଏକ ମଧୁର ଲାଗଇ
ଏ ବିଶ୍ୱବାସୀଙ୍କ ପ୍ରାଣେ ।।

ସା-ମାଧବପୁର, ପୋ-ଲକ୍ଷ୍ମଣନାଥ, ଥାନା-ଜଳେଶ୍ୱର,
ଜିଲ୍ଲା-ବାଲେଶ୍ୱର, ଓଡିଶା, ୭୫୬୦୮୨
ଭ୍ରାମ୍ୟଭାଷ : ୮୧୪୪୮୫୧୦୪୫ / ହ୍ୱାଟ୍ସାପ୍ : ୮୦୯୩୭୩୦୭୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପ୍ରତାରଣା



ବିଶ୍ୱଭୂଷଣ ତାଣ୍ଡି

ପ୍ରେମ ପ୍ରତାରଣା ଆହା କି ବେଦନା
ଭରିଦେଲୁ ମୋର ଏହି ଜୀବନେ
ନଥିଲା ଫୁଲ ପ୍ରତି ଆଶ

ଆସି ତୁ କଲୁ ଜାତ
ତୋ ଗୁଣ ଚରିତ ବାସ
ଚହଟିଲା ମୋ ଅନ୍ତର ଯାକ
ତେଣୁ ପ୍ରସ୍ତାବ ରଖିଲି ତୋ ସନ୍ନିଧାନେ
ନାସ୍ତି କଲୁ  କହ ତୁ କି କାରଣେ  ।

ଅକୁହା ସେ କଇଁଜହ୍ନ ପ୍ରେମ
ଅଜଣା ବାଟେ ନଇଁର ସମୁଦ୍ର ସନ୍ଧାନ
ଚିହ୍ନାମଧ୍ୟେ ଅଚିହ୍ନା ତୋ ଚେହେରା
ମରୁ ହୃଦୟକୁ କଲା ଶସ୍ୟ ଶ୍ୟାମଳା
ତେଣୁ ହଜିଲା ଏ ମନ ତୋରି ପ୍ରେମେ
କିମ୍ବା ନିରାଶା ଅନଳ ଢାଳିଲୁ ମୋ ସପନେ ।

ପ୍ରଥମ ଦେଖା ଗୁରୁଶିଷ୍ୟ ମେଳେ
ସମାଲୋଚନା କଲି ଭକ୍ତି ଅର୍ଥରେ
ଆଗୋ ଚନ୍ଦ୍ରମୁଖି ବାଳସୂର୍ଯ୍ୟ ବଦନୀ
ସରୋଣପୁଷ୍ପ କୋକିଳ ଭାଷିନୀ
ତୋ ନେଇ ସପ୍ତସିନ୍ଧୁ ଲଙ୍ଘିବାକୁ ପାଇଲି ପ୍ରେରଣା
କିମ୍ବା ନିରାସା ବାଣିରେ ହାଣୁଛୁ ମୋ ଦୁଇ ଡେଣା  ।

ଦେଢ଼ଗାଁ, ସିନ୍ଧେକେଲା, ବଲାଙ୍ଗୀର
୭୬୭୦୩୫

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମ ଜୀବନ



ସାଇ ପ୍ରସାଦ ସାହୁ

ଆମ ପରିବେଶ ଆମ ଜୀବନ
ତା' ସୁରକ୍ଷା ଆମେ କରିବା ଆଗ ,
କେବେ ହେଲେ ଗଛ କାଟିବା ନାହିଁ
ସମସ୍ତଙ୍କୁ ଏକଥା ଦେବା ବୁଝେଇ ।

ବୃକ୍ଷ ଦେବତାଙ୍କୁ କରିବା ପୂଜା
ନ ମାନିବ ଯିଏ ଦେବାରେ ସଜା
ବୃକ୍ଷ ତ ଆମର ପରମ ମିତ୍ର
ତା' ସହିତ ଆମେ ସଦା ଜଡିତ ।

ବନମହୋତ୍ସବ ଆମେ ପାଳିବା
ଗଛଟିଏ ଆଣି ଲଗେଇ ଦେବା,
ଘର ଓ ବାହାରେ ଗଛ ଲଗାଇ
ପ୍ରକୃତିର ଶୋଭା ଦେବା ବଢାଇ ।

ସେ ଶୋଭାରେ ଆମ ମନ ଭରିବ
ସବୁ ଅବସାଦ ଦୂରେଇ ଯିବ,
ନିରୋଗ ଜୀବନ କରି ଯାପନ
ସୁଖରେ କାଟିବା ଆମରି ଦିନ ।

ସିନ୍ଧେକେଲା , ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତିମ ଇପ୍ସିତର ସନ୍ଧାନରେ



ଆଦିତ୍ୟ ମହାପାତ୍ର

ଜୀବନ ଚାଲେ ଠିକ୍. କାନ୍ଥଘଣ୍ଟା ପରି,
କାଳଚକ୍ର ଘଣ୍ଟା ବଢେ, ବେଳ ଯାଏ ସରି ।
କାଳଚକ୍ର ପେଶେ ଏଠି ଜୀବନର ଚକି,
ସେ ଚକିରେ ପେଶି ହୁଏ, ମଣିଷ ନିଇତି ।
ମଣିଷ ଚାହେଁ ସଦା ସୁଖର ଜୀବନ,
ତଥାପି ସେ ସୁଖ କେବେ ନୁହେଁ ତା' ଅଧୀନ ।
କେବେକେବେ ଭାବେ ଯେ, ସେ ଜୀବନ ହାରିବ,
ଜୀବନ ହାରିଲେ କି ସେ ସୁଖ ବା ମିଳିବ ?
ସୁଖ କେବେ ଏଠି ଚାହିଁଲେ ମିଳେନାହିଁ,
ତା ପାଇଁ ଏଠି ଅଛି ଅନେକ ବାଟ ରହି ।
ଅଛି ପୁଣି ଏଠି ଜୀବନ ଜୀଇଁବାର ବାଟ,
ସେ ବାଟେ ଚାଲିଲେ, ସୁଖ ଅବଶ୍ୟ ମିଳିବ ସଙ୍ଗାତ ।
ଜୀବନ ବହେ, ସତେ ଅବା ଏକ ଅକୁଳା ନଈ,
ଜୀବନ ଜୀଇଁ ଏ ନଈ ପାର ହେବାକୁ ହିଁ ଥାଇ ।
ଏ ନଈର ଘାଟେ ବନ୍ଧା ଗୋଟେ ଛୋଟ ଡଙ୍ଗା,
ନାମ ଅଟେ ଯାହାର "ମୋକ୍ଷଦ ଡଙ୍ଗା" ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ଡଙ୍ଗାରେ ଜଣେ ତେବେ ହିଁ ପାର ହେବ,

ଯେବେ ସେ ଶାନ୍ତିର ପଥେ ଅଗ୍ରସର ହେବ ।

ଶାନ୍ତିର ପଥ ଠିକ୍ ଏକ ଧର୍ମପଥ ପରି,

ପଥେ ପଥେ ରହିଅଛି କେତେ ଅବା ଅରି ।

ଅରି ବୋଲି କେବେ ହେଲେ ନଡରି ତାହାକୁ,

ହରିଙ୍କ ନାମ ଜପି ଜପି ସାମ୍ନା କରେ ତାକୁ ।

ଯେବେ ଏ ଅରି ତା'ଠୁ ପରାଜିତ ହେବ,

ଶାନ୍ତିର ପଥ ସେ ନିଶ୍ଚେ ଖୋଜି ହିଁ ପାଇବ ।

ପୁଣି ସେ ଶାନ୍ତିର ପଥେ ଅଗ୍ରସର ହେବ,

ମଶାଲ ସାଜି ସଭିଁଙ୍କୁ ସେ ମାର୍ଗ ଦେଖାଇବ ।

ସେ ମାର୍ଗର ଅନ୍ତେ ଅନ୍ତ ଘଟାଇ ତା' ଜୀବନ,

ଯହିଁଠାରେ ଅବସ୍ଥିତ ତା'ର ଈପ୍ସିତ ମୋକ୍ଷ-ସ୍ଥାନ ।

ଗ୍ରାମଶ୍ରୀ କଲୋନି, କେନ୍ଦୁଝରଗଡ, କେନ୍ଦୁଝର, ୭୫୮୦୦୧

ଫୋନ୍- ୭୩୭୭୭୩୯୫୦୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଖାଦ୍ୟ ସ୍ନେହେ ବନ୍ଧା ଖାଦକ



ରାଧା ମୋହନ
ପୂଜାହାରୀ

ଆଫ୍ରିକାର ତୃଣଭୂମି ସାଭାନ୍ନାରେ
କେତେ ଯେ ଘଟଣା ଘଟେ,
ଖାଦ୍ୟ ଓ ଖାଦକ ମଧ୍ୟେ ଘଟେ ଥରେ
ବିଚିତ୍ର ଘଟଣା ଗୋଟେ । (୧)

ଅସହ୍ୟ ଗ୍ରୀଷମେ ଖରା ବେଳେ ଦିନେ
ସିଂହୀ ତା' ଛୁଆକୁ ଧରି,
ବାହାରିଲା ସିଏ ପାଣି ଅନ୍ୱେଷଣେ
ଉତ୍ସାହ ତା' ମନେ ଭରି । (୨)

ମାଆ ଛୁଆ ଦୁହେଁ ଶୋଷ ବିକଳରେ
ବେଗେ ଯାଉଥିଲେ ଧାଇଁ,
କିନ୍ତୁ ଆଖେପାଖେ ନ ପାଇଲା ସିଂହୀ
ଜଳାଶୟ ଗୋଟେ କାହିଁ । (୩)

ପ୍ରଖର ଉତ୍ତାପେ ସାଭାନ୍ନା ର ତୃଣ-
ଭୂମି ଯାଉଥିଲା ତାତି,
ସେ ତାତି ଅସହ୍ୟେ ସିଂହ ଶାବକର
ଥରି ଉଠୁଥିଲା ଛାତି । (୪)

କଷ୍ଟ ପାଇ ଭୂମି ପରେ ସିଂହଛୁଆ
ପାରିଲାନି ଆଉ ଚାଲି,
ସିଂହୀ ଲକ୍ଷ୍ୟ କଲା ଫୋଟକା ହୋଇ ତା'
ପାଦ ପଡ଼ିଲାଣି ନାଲି । (୫)

ଦୂରେ ଥାଇ ଦନ୍ତାହାତୀ ଟିଏ ଏହି
ଦୃଶ୍ୟ ଲକ୍ଷ୍ୟ କରୁଥିଲା,
ଆସିବାକୁ କିନ୍ତୁ ସିଂହୀ ସମ୍ମୁଖକୁ
ପ୍ରାଣପଣେ ଡ଼ରୁଥିଲା । (୬)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତଥାପି କାହିଁକି କେଜାଣି ସେ ମନୁ
ଡ଼ରଭୟ ସବୁ ଛାଡ଼ି,
ସିଂହଛୁଆ କଷ୍ଟ ଦେଖି ନ ପାରି ସେ
ସହସା ଆସିଲା ମାଡ଼ି । (୭)

ସିଂହୀ ଦେଖି ତା'କୁ ଗର୍ଜନ ଛାଡ଼ିଲା
ତା' ପାଖକୁ ଗଲା ଧାଇଁ,
ଦନ୍ତା କବଳରୁ ଜଗିଲା ତା' ନିଜ
ଛୁଆ ପ୍ରାଣ ରକ୍ଷା ପାଇଁ । (୮)

କିନ୍ତୁ ସେ ଛୁଆକୁ ଚାହୁଁଥାଏ ଦନ୍ତା
ସ୍ନେହୀ ମାଆ ଟିଏ ପରି,
ଛୁଆ କଷ୍ଟ ଦେଖି ଦି' ଟୋପା ଲୁହ ତା'
ଆଖିରୁ ପଡ଼ିଲା ଝରି । (୯)

ଦୁର୍ଦ୍ଦଶା ଦେଖି ସେ କଅଁଳା ଛୁଆର
ଦନ୍ତା ଭାବେ ଡ଼ରି-ଡ଼ରି,
ତାତିଲା ମାଟିରେ ଛଟପଟ ହୋଇ
ଛୁଆଟି ଯିବ କି ମରି ? (୧୦)

ସିଂହଛୁଆ ପାଇଁ ବଢ଼ାଇଦେଲା ସେ
ଶରଧାରେ ତା' ଶୁଣ୍ଢକୁ,
ଟେକି ଆଣି ତା'କୁ ଧରିଲା ଯତନେ
ଆଉଁସିଦେଲା ମୁଣ୍ଡକୁ । (୧୧)

ଦନ୍ତାହାତୀ ର ଏ ଆଚରଣ ଦେଖି
ସିଂହୀ ହୃଦ ତରଳିଲା,
ଖାଦ୍ୟ-ଖାଦକ ର ସମ୍ପର୍କ ସେଇଠି
ବନ୍ଧୁତାରେ ବଦଳିଲା । (୧୨)

ଖରାରେ ଅତିଷ୍ଠ ହୋଇ ବାରମ୍ବାର
ସିଂହୀ ଥକି ପଡୁଥିଲା,
ତଥାପି ବି ଦନ୍ତା ସାଥେ ସାଥୀ ହୋଇ
ଆଗକୁ ସେ ବଢୁଥିଲା । (୧୩)

ସହସା ଦେଖିଲା ସିଂହୀ ଗାଡ଼ିଆଟେ
ଅନତି ଦୂରରେ ଥାଇ,
ଖୁସିରେ ସେ ହେଲା ଅତି ଆତ୍ମହରା
ପାଣିର ସନ୍ଧାନ ପାଇ । (୧୪)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧନ୍ୟବାଦ ଦେଲା ସିଂହୀ ସେ ଦନ୍ତାକୁ
ତା' ଦେହରେ ହୋଇ ଘସି,
ସମ୍ଭାଳି ନ ପାରି ବେଗେ ଧାଇଁଯାଇ
ଗାଡ଼ିଆରେ ଗଲା ପଶି । (୧୫)

ଖୁସି ହେଲା ଦନ୍ତା ଶାବକକୁ ତଳେ
ଯତନେ ଓହ୍ଲାଇ ଦେଇ,
ଅତି ଆଦରରେ ଥୋଇଦେଲା ଯାଇ
ତା' ମାଆ ପାଖରେ ନେଇ । (୧୬)

ସ୍ନେହୀ ହୋଇ ସୁଦ୍ଧା ଆଜି ବି ଏ ଜୀବେ
ହିଂସ୍ର ଜନ୍ତୁ ରୂପେ ଗଣା,
ତାଙ୍କରି ବି ଗୋଟେ ମନ ଥାଏ ବୋଲି
ଆମକୁ ନାହିଁ କି ଜଣା  ? (୧୭)

ଏମାନେ ବି ସ୍ନେହ-ଶ୍ରଦ୍ଧା ଟିକେ ପାଇଁ
ବିକଳ ହୁଅନ୍ତି ଅତି,
କିନ୍ତୁ ଆମ ଦେହେ ତିଳେ ଦୟା-କ୍ଷମା
ନାହିଁ ଏ ଜୀବଙ୍କ ପ୍ରତି । (୧୮)

ପଶୁ-ପକ୍ଷୀ-କୀଟ ଅଟନ୍ତି ସରବେ
ପ୍ରକୃତିର ଉପାଦାନ,
ତାଙ୍କୁ ରକ୍ଷା କରି ବଢ଼ାଇବା ଆସ
ଆଜି ପ୍ରକୃତିର ମାନ । (୧୯)

ଏ ଜୀବଙ୍କ ପ୍ରତି ଉଦାର ଭାବନା
ରଖିବାରେ ଯଦି ଆମେ,
ଆମରି ବିନାଶ କାଳେ ଏ ପ୍ରାଣୀଏ
ଆସିବେ ରେ ଦିନେ କାମେ । (୨୦)

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂର୍ଣ୍ଣିମାକଞ୍ଜରି



ଅନସୂୟା ପଣ୍ଡା

ପୂର୍ଣ୍ଣିମାକଞ୍ଜରି ଢାଳି ଦିଅ ତୁମେ ମୁଗ୍ଧ ଶୀତଳ ତନ୍ଦ୍ରା
ମାଟିର ଛାତିରୁ  ଡହଡହ  ତାତି ଲୁଟିନେଇ
ଢାଳି ଦିଅ ମଧୁକ୍ଷରି ପ୍ରୀତିଝରା ଫୁଲ ହୋଇ
ନୀରବ ମୂର୍ଚ୍ଛନା କୋଟି ପ୍ରାଣେ ଭରି ଦେଇ ।

ନୀଳ ଆକାଶରୁ  ବୋହି ଆସ ହୋଇ ମନ୍ଦାକିନୀ
ପ୍ରକୃତି ପୁରୀରେ ଖେଳିଯାଅ ଚିରି ଛାତି ହାସ୍ୟମୟୀ
ତିମିର ବିଦାରି ଉଜ୍ଜୀବିତ କର ନିଥର ଦେହରେ ସ୍ପନ୍ଦନ ଭରି
ବ୍ୟାକୁଳିତ ମନ ତନିମାରେ ମୁଗ୍ଧ ଭାବ ପଂକ୍ତିଧରି  ।

ଜୀବନ ତଟରେ ନିଦ୍ରିତ ମନ ଜାଗି ଉଠେ
ଏକ ପ୍ରେମସିକ୍ତ ସ୍ପର୍ଶର ସମ୍ବେଦନା ପାଇ
ପୂର୍ଣ୍ଣିମାକଞ୍ଜରି ତୁମ  ମଧୁର ସ୍ପର୍ଶରେ
ହସିଉଠେ ମାଟି ଭରିଯାଏ ଅବେଳାରେ ତାତି  ।

ଲାଗେ ଭାରି ଭାବ ଭରା ଅସରନ୍ତି ରାସ୍ତା
ଚାଲେ ଯେବେ ତୁମ ହାତ ଧରି
କେଉଁ  ବିଧାତାର ଅପୂର୍ବ କୁହେଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଦେହେ ଦେଇଛି ଯେ ଭରି ।

ପୂର୍ଣ୍ଣିମାକଞ୍ଜରି ଗୋ ତୁମେ ଅବିକଳ୍ପ
ତୁମ ଛୁଆଁ ତିଆରେ ଅନନ୍ୟ ଯାଦୁଗରି
ଜୋସ୍ନା ଭିଜା ଏକ ଚହଟ ଚମ୍ପାର ସୁଗନ୍ଧିତ ରାତି
ଚିନ୍ତା ଚେତନାର ସ୍ପନ୍ଦିତ ତାରୁଣ୍ୟ ତାତି ।

ପୂର୍ଣ୍ଣିମାକଞ୍ଜରି ତୁମେ ଅଳସ କନ୍ୟା ପରି
ସମ୍ମୋହନ ଭରା ତୃଷ୍ଣା ତଟରେ ଆଞ୍ଜୁଳାଏ ଦିଅ ତୃପ୍ତି
ତୁମେ କୁମୁଦିନୀ ସନ୍ତାପିତ ଅପେକ୍ଷାର ପୂର୍ଣ୍ଣାହୁତି
ସଫଳ ସ୍ୱପ୍ନର ନିରୁତା ପ୍ରେମର ମଧୁଗୀତି ।

ପୂର୍ଣ୍ଣିମାକଞ୍ଜରି ତୁମେ ଆଲୋଡନ ଭରା ମନର ନିବିଡ ଆଶ୍ଳେଷ
ଧୂସର ଦିଗନ୍ତରେ ଅସ୍ତ ସୂର୍ଯ୍ୟର ମ୍ଲାନ ପ୍ରହରରେ ଆସ
ଛୋଟ ଛୋଟ ପାଦ ଥାପି ବନ୍ଦନୀୟ ସନ୍ଧ୍ୟା ସଳିତାରେ
ମହାର୍ଘ କରିଦିଅ ତମସାର ଛାତି ସ୍ପର୍ଦ୍ଧାରେ
ଲେଖିଦିଅ ଆବାହନୀ ଶ୍ଳୋକ ସମ୍ଭାବନାରେ
ଭରିଦିଅ ସ୍ୱପ୍ନାସକ୍ତ କଲ୍ଲୋଳ ଆଶାରେ ।

ବୁର୍ଲା, ସମ୍ବଲପୁର, ୭୬୮୦୧୮
ଭ୍ରାମ୍ୟଭାଷ : ୯୪୩୭୨୧୧୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଲିଘର ଓ ସାବିତ୍ରୀ



ପ୍ରହ୍ଲାଦ ସାହୁ

ମିଛ ବାଲିଘର ତୋଳିଛି ଅନେକ ଥର
ମନେ ନାହିଁ ସତସତିକା ତରଙ୍ଗ ଆସି
ଧୋଇ ନେଇଛି  କେତେଥର  ।
"ଭାଙ୍ଗିଯିବି ପଛେ ନଇଁବି ନାହିଁ"
ଏଇ ତ ଥିଲା ଦୃଢ ସଂକଳ୍ପ,
ଗଢି ତୋଳିଛି ଆଜି ସତସତିକା ବାଲିଘର
ହେଲେ ଏକା ଏକା କି ମୂଲ୍ୟ ଏଠି ବଞ୍ଚିବାର ।

ସ୍ୱପ୍ନରେ ମୁଁ ପ୍ରତିକ୍ଷଣେ ଦେଖେ
ତୁମ ସଜଳ କଜଳ ଭରା ଆଖି
ପ୍ରତିକ୍ଷଣେ ତୁମ ଦରଦୀ ଓଠରେ
କଥା ହେବାକୁ ମନ ଯାଏ ଲାଖି ।
ତୁମ ସେହି ପ୍ରେମଭରା ପ୍ରୀତିପ୍ଲୁତ ବାଣୀ
ମୋ ମନକୁ କେବେଠୁ ନେଇଛି ସେ କିଣି ।
ଆଉ କେତେ କ୍ଷଣ ଅପେକ୍ଷା କରାଇବ ତୁମେ
ଏତେ ବଡ ମିଛ ଦୁନିଆର  ପ୍ରତାରିତ
କରିଯିବ ନାହିଁ ତ ମୋତେ  ? ? ?

ମିଛି ମିଛିକା ଅନ୍ଧାରଟା ଓହଳି ପଡିଛି ଆଜି
ସତସତିକା ସଫେଦ ଗାଲିଚା ଉପରେ;
କାରଣ,  ମୋ "ମାଆ" ପରେ ବୋଧହୁଏ
ତୁମେ ହିଁ ଜାଣିଛ
ମୟୂର ଚନ୍ଦ୍ରିକା କଳାଜାଇ ଚିହ୍ନଟା
କେଉଁଠି ଅଛି ମୋ ଭିତରେ ।
ସବୁ ସତ ଗୁଡାକ ଛନ୍ଦା ଛନ୍ଦି ହୋଇ
ମୋ ଭିତରେ ବସା ବାନ୍ଧିଥିବା ବେଳେ
କିଛି ମିଛ ତୁମେ କୁ ଢାଙ୍କି ଦେଇଥିଲା
ତୁମ ମିଛ ଆଚଂଳରେ,
ଯାହାପାଇଁ ତୁମେ ବିଶ୍ୱାସରୁ ଦୂରେଇ
ଜୀଇ ଥିଲ ଅବିଶ୍ୱାସର କାଚଘରେ ।
ଶୁଣି ଶୁଣାଇଥିବା କଥାରେ ସତ୍ୟତା ନଥାଏ,
ଆଖି ଦେଖୁଥିବା ଛବି ପ୍ରତିଛବିରେ
ନିଛକ ସତ ଛପି ରହିଥାଏ ।
"ସବୁ  ମଣିଷ  ଗୁଡାକ  ବିଦେଶରେ  ଅମଣିଷ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହନ୍ତି

ସବୁ ଅମଣିଷ ଗୁଡାକ ଦେଶରେ ବି ମଣିଷ ନୁହନ୍ତି ।"

"ଟିକିଏ ବିଶ ଯେମିତି ଅମୃତ ଭାଣ୍ଡକୁ ବିଶମୟ କରିଦିଏ

ଟିକିଏ ସନ୍ଦେହ ବି ସମ୍ପୂର୍ଣ୍ଣ ଜୀବନକୁ ଅନ୍ଧକାର କରିଦିଏ ।"

ସତ ଆଉ ମିଛର ଦ୍ୱାହି ଦେଇ ବଞ୍ଚିବା ଅପେକ୍ଷା

ବରଂ ସେହି ପ୍ରକୃତ ସତ୍ୟର କୋଳରେ ଚିର ନିଦ୍ରା ଶ୍ରେୟ

କିନ୍ତୁ ତା ଠାରୁ ଅଧିକ ସତ୍ୟ - "ଆତ୍ମାହୁତି ମହାପାପ"

ସେହି ସତ୍ୟକୁ ପାଥେୟ କରି ବଞ୍ଚିଛି ମୁଁ

ତୁମର  ସତ୍ୟବାନ ନ ହେଲେ ବି .......

ତୁମକୁ ସାବିତ୍ରୀ ରୂପେ ଦେଖିବାକୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱୀୟା



ଦଣ୍ଡାସି ପ୍ରଧାନ

ଗନ୍ଧରେ ସୁଗନ୍ଧ ତୁମେ     ହସ ଖୋଲା ହୃଦୟର
ନାଲି ଓଠେ ଝରା ଶବ୍ଦ     ମିଠା ନୀଳ ବନ୍ଧୁତାର
ଫୁଲର ସୌରଭ ଆଭା     ମକୁଳିତ ଗହନରେ
ମନସ୍ୱିନୀ ବଂଶୀ ସ୍ୱନ     ଶିହରଣ ଗୁଞ୍ଜନରେ ।୦୧

କଥାର ଊର୍ମି ମାଳା     ସୁବିସ୍ତାର ସରୋବରେ
କବିତାର ଭାବ ଧାରା     ସୁବିନ୍ୟାସ ଅଳଙ୍କାରେ ।
ରୂପ ଯୁକ୍ତ ଅବୟବ     ବିଚ୍ଛୁରିତ ଆଲୁଅର
ହୀରକ ଖଚିତ ପ୍ରଭା     ଘନ ଘଞ୍ଚ ଅନ୍ଧାରର ।୦୨

ବିଧୁର ପ୍ରାଣର ପ୍ରାଣ     କ୍ଷଣପ୍ରଭ ଜୀବନର
ଧମନୀର ସ୍ରୋତ ତୁମେ     ଶ୍ୱେତରଙ୍ଗୀ ଶୋଣିତର ।
ନୀଡଫେରା ବିହଙ୍ଗମ     ସାୟଂ ସଞ୍ଜ ଆଳତୀରେ
ଘଣ୍ଟ ଧ୍ୱନି ତାଳେ ତାଳେ     ଭଜନ ଲାଳିତ୍ୟ ସୁରେ ।୦୩

ପୁଣ୍ୟତୋୟା ମନ୍ଦାକିନୀ     ପାପପୂର୍ଣ୍ଣ ଶରୀରର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଶୀତଳ ମଳୟ ତ ଦୁଃଖାକୁଳ ବଳୟର ।
ପୂର୍ଣ୍ଣ ଇନ୍ଦୁ ଶୋଭା କାନ୍ତି ଜୋସ୍ନାୟିତ ରଜନୀରେ
ପ୍ରସ୍ଫୁଟିତ କୁମୁଦିନୀ ଶାରଦୀୟ ପ୍ରଭାତରେ ।୦୪

ସ୍ୱରାତୀତ ଧ୍ୱନି ତୁମେ ଅଙ୍କାବଙ୍କା ନଈ ଧାରେ
ବନ୍ଧୁତାର ବନ୍ଧ ଡେଇଁ ସ୍ୱୀୟା ତୁମ ଗୁଣ ଝୁରେ ।୦୦

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସେବା ସଂସଦ, ପାତ୍ରପୁର, ଗଞ୍ଜାମ ।
ଭ୍ରାମ୍ୟଭାଷ : ୮୭୬୦୯୯୪୯୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଭିମାନ



ସୁପ୍ରିୟା ପଣ୍ଡା

ଯାହାର ସମ୍ମାନ ଧରି ବୁଲେ ମୁହିଁ
ଯାହାର ଗରବେ ହୁଏ ମୁଁ ଖୁସି
ଯାହା ପାଇଁ ମୋର ଅମାପ ଶରଧା
ସିଏ ମୋ ଆକାଶେ ସରଗ ଶଶୀ ।
ଯେଉଁଠି ନଥାଏ ତାହାର ସମ୍ମାନ
ସେଇଠି ହୁଏ ମୁଁ ଅଜ୍ଞ ଅଜ୍ଞାନ
ଯେମିତି ମାଟିକୁ ଚାହିଁଛି ଆକାଶ
ଯେମିତି ଆଲୋକ ପ୍ରକାଶେ ଦିନ ।
ସୁନ୍ଦର ଦେହକୁ ଅଜସ୍ର ଜ୍ଞାନରେ
ସଜାଇ ରଖିଛି ଦେଖିବେ ସର୍ବେ
ମୁଣ୍ଡ ଟେକି ବାଟ ଚାଲୁଛି ସଂସାରେ
ସ୍ୱାଭିମାନ ମୋହ କହେ ଗରବେ ।

ମହିପାଳ, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛୁଆଦିନ୍



ବିଶ୍ୱନାଥ ଭୁଏ

ଛୁଆଦିନର୍ ସେ ସମିଆଁ
ଫିରି ତ ନେ ଆସେ ନ
ଯେନ୍ତା ଦିନ୍ ଥିଲା ଯେ
ଭୁଲି ଭି ତ ନେ ହଏନ.... !

ଆମ୍ ବୁରେଇର୍ ଆମ୍ ଖୁଆ
ଇଆଦେ ଭି ଶୋର୍ ହେସି ନ
ଚୁରାବାର୍ ଗୁଟେ ଅଲ୍'ଗା ମଜା
ଗେଲ୍ ଖାଏଲେ ଖଉଥିସୁଁ ନ.... !

ଶୋର୍ ହେସି ଡେଗାଉତ୍'କା ବନ୍'ହର୍ ଗୁଧା
ପାଏନ୍ ତ ଗୁନ୍'ଦାଲ୍ ହଉଥିଲା ନ
ବଡ୍ ବଡ୍'ଖାନୁ ଗାଏଲ୍ ଖାଏବାର୍ ଟା
ମଜା ସଥେ ଲାଗୁଥିଲା ନ.... !

ସକାଲୁ ବେଲ୍'ବୁଡାତକ୍
ଖେଲ୍ ଖେଲ୍ ଥି ଚାଲୁଥିଲା ନ
ସୁଆଧିନ୍ ଡେନା ଲଗେଇ ମନ୍
କେଢ଼େ ଉଷତେ ଉଡୁଥିଲା ନ.... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ - ୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଇଁ ପାଠ୍ ପଢାମି



ପ୍ରଗନ୍ କୁମାର ପାତ୍ର

ଚିକନ୍ ଚାକନ୍ ସଫେଦ୍ ଲୁଗା
ହାତେ ନୂଆ ଘଡି,
ରାଜା ଦାଦାର୍ ପଛେ ବସି ପଡିଛେଁ
ଗାଡି ଯାଉଥିଲା ଗଡି ।

ନୂଆଁ ନୂଆଁ ମୋର୍ ସହର୍ ବୁଲା
ବନେ ଲାଗୁଥିଲା ଖୁସି,
କାଣା ହେଲା ସେ ଦଇବ୍ ସାଜଲା
ଗାଡି ଗଲା ଆମର୍ ନସି ।

ଗାଡ଼ି ଗଡେଇଁ ଦୁହି ଜନ୍ ଯାକ
ପୁହୁଞ୍ଚି ଗେରେଜ୍ ପାଖେ,
ଗାଡ଼ି ଦେଇକି ଗେରେଜ୍ ବାଲାକେ
ବୁଲୁଥିଁଲୁ ଆଖେ ପାଖେ ।

କେନେ ଥିଲେ ଯେ ପିଲା ଗୁରୁଦେ
କୁଦି ଆଇଲେ ମୋର୍ ପାସ୍,
ଗୁଡ୍ ଧରିକି କାନ୍ଦି ପକାଲେ
କହେଲେ ପଢମୁ ପାଠ୍ ।

କାର୍ ଆଂଖ୍ ନାଇଁ କାର୍ ଗୋଡ୍ ନାଇଁ
କାର୍ ନାଇଁ ଥାଇ ହାତ୍,
କାନ୍ଦି କାନ୍ଦି ମୋତେ ମୁଡ଼ିଆ ମାଇଲେ
ଛାଡି ନାଇଁ ଦେଲେ ବାଟ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତେ ଦୁଃଖ୍ କଷ୍ଟ ଦେଖ୍ ଲା ଉତାରୁ
"ଆହା" ଲାଗଲା ମୋର୍ ମନେ,
କହିଲି ମୁଇଁ ହେଉରେ ପିଲେ
ପାଠ୍ ପଢ଼ାମି ଦିନେ ।

ଆଖିଁ ଖୁଲି କରି ଦେଖଲା ବେଳକେ
କେହି ନାଇଁ ମୋର୍ ଆଗେ,
ରାଜା ଶୁଇଛେ ଡେବିରି ପଟେ
ପଙ୍ଖା ବୁଲୁଛେ ଆର ପାଖେ ।

ଭାବ୍ ଲି ମୋତେ ସପନ୍ ଥି
ମାହାପୁରୁ କହେଲେ,
ଗୁରୁ ଅଧିକାର୍ ସବୁ ଲୋକ୍ କେ
ନାଇ ମିଲେ ମହୀ ତଲେ ।

ମନେ ଭାବଲି ମାଷ୍ଟର୍ ହେବି
ପଢାମି ଛୁଆକେ ପାଠ୍,
ପାଠ୍ ପଢ଼ିକି ପିଲା ମାନ୍ କର୍
ଖୁଲବା ଜୀବନ୍ ର ବାଟ୍ ।

ସକାଲୁ ଉଠି ଭାବଲି ମୁଇଁ
ଯାହା ହେଇଗଲେ ହେଉ,
ଯାହା ଘଟିଗଲା ଇ ଘଟନା
କେଭେ ନାଇଁ ଭୁଲେଁ ଆଉ
କେଭେ ନାଇଁ ଭୁଲେଁ ଆଉ ।।

ବୌଦ୍ଧ, ୭୬୨୦୧୪
praganpatra55@yahoo.com

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଖଁଣ୍ ମଧୁର୍ କଥା ଦୁଇପଦ୍



ସନ୍ତୋଷ କୁମାର
ଅଦାବର

ଛୁଆବେଲୁଁ ତୋର୍ ଛୁଆକେ ଯଧିରି
ଦେଉଥିବୁ ନ ନିନ୍ଦା
ବଡ୍ ହେଲେ ତାକେ ସେସ୍ଲୋ ଦେଖି
ସଭେ ମାର୍ବେ ବିଧା ।୧ ।

ଛୁଆର୍ ଆଘେ ଗାଲି ମାର୍ ହେଲେ
ନିଷ୍ଟେ ସେ ଶିଖ୍ବା ଗାଲି
ବଏସ୍ ବଢ୍ଲେ ସେ ବନ୍ବା ଗୁଣ୍ଡା
ନାଇଁ ପାରୁ ଆର୍ ସମ୍ଭାଲି ।୨ ।

ହୀନ୍ ଆଁଖି ଦେଖୁଥୁଲେ ଛୁଆକେ
ଡର୍ହା ହେଇଯିବା ଜଲ୍ଦି
ଜିଇଁ ଖାଇ ଆରୁ ନାଇଁ ପାରେ ସେ
ଦିନ୍ ଗୁଆଁବା କାନ୍ଦି କାନ୍ଦି ।୩ ।

ଛୁଆବେଲୁଁ ତାକେ ପର୍ଶଁସା କଲେ
ହେଇଯିବା ନ ସେ ଖୁସ୍
ବଡ୍ ହେଲେ ସେ ଗୁଣବାନ୍ ହେଇ
ହେବା ଗୁଟେ ଭଲ୍ ମୁନୁଷ୍ ।୪ ।

ନିୟେ ଅନିୟେ ବିଚାର୍ ଯଧିରି ସେ
ଛୁଆ ଦିନୁ ପାଉଥିବା
ବଡ୍ ହେଲେ ସେ ନ୍ୟାୟବାନ୍ ମୁନୁଷ୍
ନିଷ୍ଟେ ଭାଇ ହେଇଯିବା ।୫ ।

ଛୁଆର୍ ଭଲ୍କାମ୍ ସବୁକେ ଯଧିରି
ଗୁରୁଜନ୍ କର୍ବେ ସ୍ୱିକାର୍
ନିଜର୍ ସନ୍ମାନ୍କେ ବେଉଁତେ ରଖ୍ବା
ନାଇଁହୁଏ କେଭେଁ ବେକାର୍ ।୬ ।

ସେନ୍ହୋ ସନ୍ମାନ୍ ପାଉଥୁଲେ ଛୁଆ
ଗ୍ୟାନି ସିଆନି କଁର୍ ଠାନୁ
ସେ ଭି ସମ୍କୁ ସେନ୍ହୋ ସଁସେ ଦେବା
ପାସିରି ନାଇଁ ପାର ମନୁ ।୭ ।

ଠିକଣା:- ବୀରମହାରାଜପୁର, ସୁବର୍ଣ୍ଣପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

DrJyotiPrasad

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ କେମିତିଆ କୃଷ୍ଣ କେଜାଣି !



ବିଜୟ କୁମାର ସାହୁ

ଚିନ୍ତାମଣି ପ୍ରଳୟ ସଦ୍ମସୁକଳ୍ପବୃକ୍ଷ
ଲକ୍ଷାବୃତେଷୁ ସୁରଭୀରଭି ପାଳୟନ୍ତମ
ଲକ୍ଷ୍ମୀସହସ୍ରଶତସଂଭ୍ରମ ସେବ୍ୟମାନଂ
ଗୋବିନ୍ଦ ଆଦି ପୁରୁଷ ତମହ□ ଭଜାମି ॥ ( ବ୍ରହ୍ମ ସଂହିତା ୫ – ୨୯ )

ମୁଁ ଆଦିପୁରୁଷ ପ୍ରଥମ ସ୍ରଷ୍ଟା ଶ୍ରୀଗୋବିନ୍ଦଙ୍କର ଭଜନ କରୁଛି । ଯେ କି ଚିନ୍ତାମଣି ନିର୍ମିତ ଧାମରେ ଲକ୍ଷ ଲକ୍ଷ କଳ୍ପବୃକ୍ଷ ଦ୍ୱାରା ପରିବେଷ୍ଟିତ ହୋଇ ଗୋଚାରଣ କରୁଛନ୍ତି ଏବଂ ସମସ୍ତଙ୍କର ମନୋକାମନା ପୂର୍ଣ୍ଣ କରୁଅଛନ୍ତି । ସେ ସର୍ବଦା ଶତ ସହସ୍ର ଲକ୍ଷ୍ମୀଦେବୀଙ୍କ ଦ୍ୱାରା ଅତ୍ୟଧିକ ସଂଭ୍ରମ ଏବଂ ଶ୍ରଦ୍ଧା ସହକାରେ ସେବିତ ହେଉଅଛନ୍ତି ।

ସେ ଗୋବିନ୍ଦ କିଏ ? ସେ ନନ୍ଦନନ୍ଦନ, ଯଶୋଦାନନ୍ଦନ, ଦେବକୀନନ୍ଦନ, ବାସୁଦେବସୁତ, ମୁରଲୀମନୋହର, ରାଧାମନୋହର, ଗୋପୀହୃଦଚନ୍ଦନ, ଯୋଗୀଜନରଞ୍ଜନ, ଭକ୍ତଚକୋରଚନ୍ଦ୍ର, ବ୍ରହ୍ମାଶଙ୍କର ସେବ୍ୟମାନ, କଂସନିସୂଦନ, ନବନୀତଚୋର, ସେ ପୁଣି ମୟୂରଚୂଳିଆ, କଦମ୍ବମୂଳିଆ, ପୀତଦୁକୂଳିଆ ଏବଂ ଦ୍ୱାରିକାଧୀଶ, ମଥୁରେଶ, ବ୍ରଜେଶ । ସେ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ।

କୃଷ୍ଣ ......................କୃଷ୍ଣ ........................କୃଷ୍ଣ । ଅବତରିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନର ପରିସୀମା । କାରୁଣ୍ୟରସ, ମାଧୁର୍ଯ୍ୟରସ ତାଙ୍କ ଜୀବନରେ ସବୁ ରସର ସମାଗମ । ରସୋ ବୈଶଃ । ନୟନାରବିନ୍ଦରୁ, ମୁଖାରବିନ୍ଦରୁ, ପାଦାରବିନ୍ଦରୁ ଝରିପଡେ କେବଳ ଅମୃତ । ପୂର୍ଣ୍ଣପୁରୁଷ ଶ୍ରୀକୃଷ୍ଣ । ତାଙ୍କ ଜୀବନକୁ ସିଂହାବଲୋକନ କଲେ ଦେଖିବାକୁ ପାଇବା ତାଙ୍କର ହୃଦୟ ଏତେ କୋମଳ ପୁଣି ଏତେ ଆଦ୍ର, ନମନୀୟ ।

ମନୁଷ୍ୟ ଧର୍ମ ଓ ଈଶ୍ୱରଙ୍କୁ ଭୟ କରୁନଥିବାରୁ ବହୁତ ଦୁଃଖ ପାଏ । ଜୀବ ମରିବା ସମୟରେ ଅତି ବିକଳ ହୁଏ । ଯମଦୂତଙ୍କୁ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଅବଲୋକନ କରେ । ଯେ ପର୍ଯ୍ୟନ୍ତ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ପ୍ରାଣ ଯାଏ ନାହିଁ, ସେ ପର୍ଯ୍ୟନ୍ତ ଯମଦୂତମାନେ ତାକୁ ଲାତ ମାରୁଥାନ୍ତି । ସେତେବେଳେ ତା'ର ମନେପଡେ ହେ ପ୍ରଭୁ ତୁମେ ଆଧାର ଆଉ ମୁଁ ନିରାଧାର ।

ଭକ୍ତିମତୀ ମୀରା କହୁଅଛନ୍ତି – ଯାହାଙ୍କ ମସ୍ତକରେ ମୟୂରଚୂଳ ସେହି ଗିରିଧାରୀ ଗୋପାଲ ମୋର ପତି ଆଉ କେହି ନୁହଁନ୍ତି । ପିତାମାତା, ଭାଇବନ୍ଧୁ କେହି ଆପଣାର ନୁହଁନ୍ତି । ମୁଁ କୁଳ ମର୍ଯ୍ୟାଦା ପରିତ୍ୟାଗ କରିଅଛି । ମୋର କିଏ କ'ଣ କରିବ ? ସାଧୁମାନଙ୍କ ପାଖରେ ବସି ବସି ଲୋକଲଜ୍ୟା ହରାଇଛି । ଅଶ୍ରୁ ଜଳ ସିଂଚନ କରି ପ୍ରେମ ଲତା ବୃଦ୍ଧି କରିଅଛି ।

-୨-

ବର୍ତ୍ତମାନ ସେ ଲତାଟି ବଢିଛି ଏବଂ ସେଥିରେ ଅନେକ ଫଳ ଧରିଛି । ମୁଁ ଭକ୍ତିକୁ ବୁଝି ଏବଂ ଜଗତକୁ ଦେଖି ମୁଗ୍ଧ ହୋଇପଡିଛି । ହେ ଗିରିଧର କୃଷ୍ଣ ଏହି ମୀରା ଦାସୀକି ପରିତ୍ରାଣ କର ।

ଗୋପୀମାନେ କହୁଅଛନ୍ତି – ପତି ହେଉଛନ୍ତି ଦେହର ସ୍ୱାମୀ । ଏହି ଶରୀରର କେହି ପତି ଥାଇପାରନ୍ତି । ଏହି ଶରୀରର କେହି ପିତାମାତା ଥାଇପାରନ୍ତି କିନ୍ତୁ ଆତ୍ମାର କେହି ପତି ନାହାଁନ୍ତି କି ପିତା ନାହାଁନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୋ ପାଦପଦ୍ମ ଆମ୍ଭେ ପାଇ । କାହିଁକି ଯିବୁ ଭାବଗ୍ରାହୀ ॥

ତୋହର ପାଇଁ ଦାମୋଦର । ଛାଡିଲୁ ସୁତ ପତି ଘର ॥

ତୁ ଯେ ସକଳ ପ୍ରାଣୀଙ୍କର । ଦେହ ଜୀବନର ଠାକୁର ॥

ଯେ ପ୍ରାଣୀ ତୋହରେ ଭଜଇ । ତାହାର ଜନ୍ମ ବଧ ନାହିଁ ॥

ଅନେକ ପୂଣ୍ୟ କରିଥିଲେ । ତୋ ନାମ ଧରି ଅନ୍ତକାଳେ ॥

ଅଭୟ ବ୍ରାହ୍ମେ ଯେ ପଶନ୍ତି ॥ ଆମ୍ଭର ନାହିଁ ମନେ ଭ୍ରାନ୍ତି ॥

ଆଉ କି ଗୋପପୁର ଯିବୁ । ପତି ତନୟ ଆବୋରିବୁ ॥

ଆମ୍ଭର ତେଣେ ନାହିଁ ଆଶା । ତୋ ନାମ କରିଛୁ ଭରସା ॥

ଆତ୍ମାର ଧର୍ମ ହେଉଛି ପରମାତ୍ମାଙ୍କୁ ପ୍ରାପ୍ତ ହେବା । ଆତ୍ମା ସ୍ତ୍ରୀ ନୁହେଁ କି ପୁରୁଷ ନୁହେଁ । ପତିଙ୍କ ସେବା କରିବା ସ୍ତ୍ରୀର ଧର୍ମ କିନ୍ତୁ ଯେ, ସ୍ତ୍ରୀ ନୁହେଁ ସେ କାହାର ସେବା କରିବ ? ଅର୍ଥାତ ଶୁଦ୍ଧ ଚେତନ କାହାର ବା ସେବା କରିବ ? ଶରୀରର ଧର୍ମ ହେଉଛି ଅଲଗା । ଆତ୍ମାର ଧର୍ମ ହେଉଛି ଅଲଗା । ପ୍ରଭୁ ! ଆପଣ ଦେହ ଧର୍ମର ସମସ୍ତ ଉପଦେଶ ଦେଉଅଛନ୍ତି । କିନ୍ତୁ ଆତ୍ମଧର୍ମ କାହାକୁ କୁହନ୍ତି ତାହା କହୁନାହାଁନ୍ତି ତ ? ଶୁଦ୍ଧ ଚେତନ ଆତ୍ମା ପରମାତ୍ମାକୁ ଛାଡି ଜୀବ କୁଆଡେ ? ଆମେ ଯିବୁ କୁଆଡେ ? ଆମେ ଆପଣଙ୍କ ଚରଣାରବିନ୍ଦରେ ରହିବୁ ।

କୃଷ୍ଣଙ୍କର ପ୍ରତ୍ୟେକ କଥା, ପ୍ରତ୍ୟେକ ଲୀଳା ଶ୍ରବଣ ଉପବାସୀ କର୍ଣ୍ଣ ଲାଗି ବ୍ରତ ପାର୍ବଣ ସ୍ୱରୂପ ଏବଂ ଏହା କୌଣସି ପ୍ରକାରର ବିକୃତି ନଥାଏ ଏବଂ ଏପରି ଲୀଳା ଶ୍ରବଣ ସଂସାରର ଦୁଃଖ ନିବୃତ୍ତିର କାରଣ । ଭଗବତ ଗୀତାରେ ବର୍ଣ୍ଣିତ ଅଛି – "ଯଷ୍ମାତକ୍ଷରମତୀତୋ ହମକ୍ଷରାଦପି ଚୋତମଃ । ଅତୋ ସ୍ମିଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥" (ଗୀତା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୫ – ୧୮ )

ଭକ୍ତ ପ୍ରହ୍ଲାଦଙ୍କୁ ଭଗବାନ କହିଲେ ପ୍ରିୟପୁତ୍ର ! ତୁମର ବୟସ ଖୁବ କମ । ତୁମର ଏହି କୋମଳ ଓ ସୁକୁମାର ଶରୀର ଉପରେ ତୁମର କଠୋର ହୃଦୟ ପିତାଙ୍କର ଅସହ୍ୟ ଦାରୁଣ ଅତ୍ୟାଚାର ଏକ ଅଭୁତପୂର୍ବ ଘଟଣା । ଏ ପ୍ରକାର ଅତ୍ୟାଚାର ପୂର୍ବରୁ କେବେ ହେଲେ ମୁଁ ଦେଖିନାହିଁ । ଏଣୁ ତୁମକୁ ରକ୍ଷା କରିବା ପାଇଁ ମୋର ଆସିବାରେ ଯଦି ବିଳମ୍ବ ହୋଇଥାଏ ତେବେ ମୋତେ କ୍ଷମାକର । "କ୍ଳେଦ ବପୁଃ ବୟଃ ସୁକୁମାର ମେତତ । କ୍ୱୈତାଃ ପ୍ରମତ୍ତ କୃତ ଦାରୁଣ ଯାତନାସ୍ତେ ॥ ଆଲୋଚିତ ବିଷୟ୍ ମେତଦଭୂତ ପୂର୍ବଂକ୍ଷମ ବ୍ୟମଙ୍ଗ ଯଦି ମେ ସମ ୟେ ବିଳମ୍ବଃ ॥

କୃଷ୍ଣ .......କୃଷ୍ଣ .... କୃଷ୍ଣ । ଏ କେମିତି ବିସ୍ମୟ ଯେ କୃଷ୍ଣ ବନ୍ଦୀ ଶାଳାରେ ଆବିର୍ଭାବ ହେଲେ । ମାତା ଦେବକୀ, ବସୁଦେବଙ୍କୁ ଚତୁର୍ଭୁଜ ରୂପ ଦର୍ଶନ କରାଇଲେ । ଲୁହାର ଶୃଙ୍ଖଳରୁ ମୁକ୍ତ ହେଲେ । ଘୋର ଅନ୍ଧକାର ରାତ୍ରିରେ ବର୍ଷାରେ ଭିଜି ଭିଜି ଯମୁନା ନଦୀ ପାର ହୋଇ ନନ୍ଦ ଗୃହ ଅଭିମୁଖେ କୃଷ୍ଣଙ୍କୁ ନେଇ ଯାତ୍ରା କଲେ । ଆହା ଭଗବାନ ସେଠାରେ ଯଶୋଦାଙ୍କ କୋଳ ମଣ୍ଡନ କଲେ । ଶିଶୁ କାଳରେ ପୁତନା ରାକ୍ଷସୀକୁ ମାରିଲେ । ଅଘା, ବକା, ଶକଟା, ଚାଣୁର ଇତ୍ୟାଦି ଅସୁର ମାନଙ୍କୁ ହତ୍ୟାକଲେ । ନକଲି ଭଗବାନ ପୌଣ୍ଡ୍ରକକୁ ବିନାଶ କଲେ । ଜରାସନ୍ଧକୁ ବିନାଶ କରି ଶତାଧିକ ରାଜାମାନଙ୍କୁ ବନ୍ଦୀଶାଳାରୁ ମୁକ୍ତ ବି କଲେ । ଏପରିକି ପରିଶେଷରେ ନିଜର କୁଟୁମ୍ବମାନଙ୍କୁ ପରିତ୍ୟାଗ କରି ଶିଆରି ଲତା ତଳେ ଶୟନ କରିବା ଅବସ୍ଥାରେ ଜରାଶବର ଦ୍ୱାରା ଶରବିଦ୍ଧ ହେଲ ।

-୩-

ମହାମାନୀ ଦୁର୍ଯୋଧନ ଭୀମକୁ ବିଷ ଦେଇ ମାରିବାର ଚକ୍ରାନ୍ତରୁ ତାଙ୍କୁ ବଞ୍ଚାଇବା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାକ୍ଷାଗୃହରୁ ପାଣ୍ଡବମାନଙ୍କୁ ରକ୍ଷା କରିବା, କୁରୁ ରାଜସଭାରେ କୁଳବଧୂ ଦ୍ରୌପଦୀର ମାନ ରକ୍ଷା କରିବା, ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ସାରଥି ହେବା ଏବଂ ଯୁଦ୍ଧ କ୍ଷେତ୍ରରେ ମଧ୍ୟମ ପାଣ୍ଡବକୁ ସମଗ୍ର ବିଶ୍ୱ ପାଇଁ ଗୀତା ଜ୍ଞାନ ପ୍ରଦାନ କରିବା, ଧର୍ମ ଯୁଦ୍ଧରେ ବିଜୟ ପରେ ମହାରାଜ ଯୁଧିଷ୍ଠିରଙ୍କର ରାଜ୍ୟାଭିଷେକ କରିବା, ରାଜସୂୟ ଯଜ୍ଞରେ ଅଇଁଠା ପତ୍ର ଉଠାଇବା ଆଦି କୃଷ୍ଣଙ୍କର ଗୋଟିଏ ଗୋଟିଏ ଚରିତ୍ର । ସମଗ୍ର ବ୍ରହ୍ମାଣ୍ଡର ସ୍ୱାମୀ ଭଗବାନ ଶ୍ରୀକୃଷ୍ଣଙ୍କ ପକ୍ଷରେ ଏହା ହିଁ ତ ସମ୍ଭବ ।

ଆଜି ଅତ୍ୟାଧୁନିକ ଭୌତିକ ଜଗତରେ ଏଭଳି କେଉଁ ସମ୍ରାଟ ଅଛି ଯେ ଅଇଁଠା ପତ୍ର ଉଠାଇବ । ମଣିଷ କେବଳ ଆସ୍ପର୍ଦ୍ଧା କରି ଜାଣେ । ଅଭିମାନ କରି ଜାଣେ । କ୍ଷମତା ଜାହିର କରି ଜାଣେ । କଳ୍ପନା ବିଳାସୀ ମଣିଷ ଧନ, ଜୀବନ, ଯୌବନର ପ୍ରାଚୀର ଉପରେ ଦଣ୍ଡାୟମାନ ହୋଇ ଚିତ୍କାର କରି ଜାଣେ । ମୁଁ ସର୍ବଶ୍ରେଷ୍ଠ ମୋଠାରୁ କେହି କ'ଣ ଅଧିକ ପାରିବାର ମଣିଷ ଅଛି ଯେ । ଦେଖାଯାଉଛି ବିଶ୍ୱର ଏଭଳି ଶାସକ ସମଗ୍ର ବିଶ୍ୱକୁ ନିଜ ବୃଦ୍ଧା ଅଙ୍ଗୁଳିରେ ରଖିବାକୁ ଚେଷ୍ଟା କରି ଗୋଟାଏ ପରେ ଗୋଟାଏ ପ୍ରାଚୀନ ସଭ୍ୟତାକୁ ଅତ୍ୟାଧୁନିକ ଅସ୍ତ୍ର ସାହାଯ୍ୟରେ ଧୂଳିସାତ କରି ଦେଉଅଛି । ସମଗ୍ର ଜଗତବାସୀ ପ୍ରତିବାଦ ନ କରି ତା'ର ଗୋଡାଣିଆ ହେବାରେ ନିଜକୁ ସଙ୍କୁଚିତ ମନେ କରୁନାହିଁ । ପ୍ରାଚୀନ କାଳର ଅନେକ ଶାସକ ଏପରି ବର୍ବର କାର୍ଯ୍ୟ କରି କ୍ଷମା ପାଇନାହାଁନ୍ତି । ତା'ର ନଜିର ମଧ୍ୟ ଅଛି । ପୁରାଣ ଇତିହାସକୁ ଯଦି ଅବଲୋକନ କରାଯାଏ ତେବେ ଅବଶ୍ୟ ଅନେକ ଉଦାହରଣ ମିଳିବ । ହିରଣ୍ୟକଶିପୁ, ହିରଣ୍ୟାକ୍ଷ, ରାବଣ, କଂସ, ଦୁର୍ଯୋଧନ, ବୃତାସୁର, ଜରାସନ୍ଧ, ଶିଶୁପାଳ, ମହିଷାସୁର ପରି ଅନେକ ଟେରୋରିଷ୍ଟି ମାନଙ୍କର ଶୋଚନୀୟ ମୃତ୍ୟୁ ହୋଇଛି । ତାଙ୍କର ଅହଂକାରର ପ୍ରାଚୀର ଧ୍ୱଂସ ହୋଇଯାଇଛି । ଏମାନେ ସମସ୍ତେ ଭଗବାନଙ୍କୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିରସ୍କାର କରିଥିଲେ ତାଙ୍କ ସହିତ ଯୁଦ୍ଧ ବି କରିଥିଲେ । ପରିମାଣତଃ ସେମାନଙ୍କର ବିନାଶ ହେଲା । "ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାବି ଯୁଗେ ଯୁଗେ ............"

ସେ କେମିତିକା କୃଷ୍ଣ କେଜାଣି ଗୋପାଙ୍ଗନା ମାନଙ୍କର ବସ୍ତ୍ର ଚୋରାଇନେଲେ ।

ବ୍ରଜେ ବସନ୍ତ ନବନୀତ ଚୌରଂ । ଗୋପାଙ୍ଗନାନାଂ ଚ ଦୁକୂଳ ଚୌରଂ ॥

ଅନେକ ଜନ୍ମାର୍ଜିତ ପାପ ଚୌରଂ । ଚୌରାଗ୍ର ଗଣ୍ୟଂ ପୁରୁଷ ନାମାମି ॥

ଷୋଳସହସ୍ର ଗୋପୀମାନଙ୍କ ସହିତ ଯମୁନା କୂଳରେ ରାସକ୍ରିଡା କଲେ । ସେ ରସ ସାଗର, ନଟ ନାଗର ।

ଗୋବିନ୍ଦ ବିଚାରନ୍ତି ମନେ । ଆଜି ରମିବା ବୃନ୍ଦାବନେ ॥

ଅନନ୍ତ ଯୋଗମାୟା କରି । ଷୋଳସହସ୍ର ରୂପ ଧରି ॥

ଗୋପୀକେ ଗୋବିନ୍ଦ ଗୋଟିଏ । ସ୍ୱର୍ଗେ ଦେଖନ୍ତି ଦେବତାଏ ॥

ଗୋପୀମାନେ କହିଲେ –

ତୋ ପାଦପଦ୍ମ ଆମ୍ଭେ ପାଇ । କାହିଁକି ଯିବୁ ଭାବଗ୍ରାହୀ ॥

ତୋହର ପାଇଁ ଦାମୋଦର । ଛାଡିଲୁ ସୁତ ପତି ଘର ॥

ତୋହର ରୂପ ହୃଦେ ଗୁଣି । ବ୍ରହ୍ମାଣ୍ଡେ ଯେତେକ ତରୁଣୀ ॥

କେ ଦେହ ଧରିବ ନିର୍ଭରେ । ଶୁଣିଲା ନାହିଁ ତିନି ପୁରେ ॥ ( ଭାଗବତ )

ସେ ଉଦ୍ଧବଙ୍କର ଉପାସ୍ୟ ନିର୍ଗୁଣ ବ୍ରହ୍ମ, ସେ ଅର୍ଜ୍ଜୁନଙ୍କର ସଖା । ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ – ହେ କୃଷ୍ଣ ହେ ଯାଦବ ହେ ସଖେତି । ଅଜାନତା ମହିମାନଂ ତବେଦଂ – ମୟା ପ୍ରମାଦାତ ପ୍ରଣୟେନ ବାପି ॥ ( ଗୀତା ) ଅର୍ଜୁନ ଭଗବାନଙ୍କର ବିଶ୍ୱରୂପ ଦର୍ଶନ କଲାପରେ କେତେ କ'ଣ କହିଗଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ – ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ । ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା – ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥

ସୁଦାମାଙ୍କର ବାଲ୍ୟବନ୍ଧୁ, ନନ୍ଦ ବାବାଙ୍କର ଗେଲ ବସରିଆ କାହ୍ନା, ଜରାସନ୍ଧ ଆଦି ରାକ୍ଷସ ମାନଙ୍କ ନିମିନ୍ତ ମହାକାଳ ଅଟନ୍ତି । ଏପରି କେତେ ଚରିତ୍ର ତାଙ୍କର । ତାଙ୍କର ଅଭିନୟ ସତରେ ଅଦ୍ଭୁତ, ଚମତ୍କାର ଅଟେ । ତାଙ୍କର ସହସ୍ର ବାହୁ, ସହସ୍ର ମସ୍ତକ । "ସହସ୍ର ଶୀର୍ଷା ପୁରୁଷ" । ସେ ସଚରାଚର ବ୍ରହ୍ମାଣ୍ଡର ଅଧୀଶ୍ୱର ଅଟନ୍ତି ।

-୪-

ସେ କୃଷ୍ଣ ହେଉଅଛନ୍ତି ସମସ୍ତ ଲୋକର ପିତା, ପ୍ରପିତାମହ ଓ ସମସ୍ତଙ୍କର ପୂଜ୍ୟ । ସେହି ପରମ ପୂଜନୀୟ ଠାକୁର ଶ୍ରୀକୃଷ୍ଣଙ୍କୁ ପାଇବାର ଉପାୟ କ'ଣ ? ଭାଗବତ କହୁଅଛନ୍ତି;

ନ ହି ସାଧନ ସଂପତ୍ୟା ହରି ସ୍ତୁଷ୍ୟତି କସ୍ୟଚିତ ।
ଭକ୍ତାନାଂ ଦୈନ୍ୟମେବିକଂ ହରି ତୋଷଣ ସାଧନମ ॥

ଅର୍ଥାତ ଭଗବାନଙ୍କୁ ପ୍ରସନ୍ନ କରିବାର ଏକମାତ୍ର ଶ୍ରେଷ୍ଠ ସାଧନ ହେଉଛି ଦୈନ୍ୟ ଭାବ । ମଣିଷ ଯେ ପର୍ଯ୍ୟନ୍ତ ହୃଦୟର ସହିତ ଦୀନ ନ ହୋଇଛି ସେ ପର୍ଯ୍ୟନ୍ତ ଈଶ୍ୱରଙ୍କର ପ୍ରିୟ ହୋଇପାରିବ ନାହିଁ । ଶେଷରେ ଅର୍ଜୁନ କହିଲେ ହେ ଭଗବନ ! ମୁଁ ତୁମ ସମ୍ମୁଖ ଭାଗରୁ, ତୁମ ପାଶ୍ଚାତ ଭାଗରୁ, ତୁମ ଦକ୍ଷିଣ ଭାଗରୁ ଏବଂ ତୁମ ବାମ ଭାଗରୁ ବାରମ୍ବାର ନମସ୍କାର କରୁଅଛି । ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ ନମୋ ସ୍ତୁ ତେ ସର୍ବତ ଏବ ସର୍ବ । ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ – ସର୍ବଂ ସମାପ୍ନୋଷି ତତୋ ସି ସର୍ବଃ ॥ (ଗୀତା ୧୧ / ୪୦ )

ହେ କୃଷ୍ଣ ! ହେ ଭଗବାନ ! ଆପଣ ସର୍ବବ୍ୟାପକ, ସର୍ବସ୍ଥିତ ଏବଂ ସର୍ବଶକ୍ତିମାନ୍ । ଆପଣ ଅଛନ୍ତି ବୋଲି ମୁଁ ଅଛି । ଆପଣ ନିରାକାର, ନିରଞ୍ଜନ, ଅବ୍ୟକ୍ତ ଅଟନ୍ତି । ଆପଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହିରଣ୍ୟଗର୍ଭ ହୋଇ ଥିବାରୁ ସମସ୍ତ ବିଶ୍ୱ ଆପଣଙ୍କ ଗର୍ଭ ଭିତରେ । ଆପଣ ସଗୁଣ, ନିର୍ଗୁଣ, ପରାତ୍ପର ଭଗବାନ ଅଟନ୍ତି । ହେ କୃପାଳୁ ! ଭଗବାନ ସମସ୍ତ ଜୀବମାନଙ୍କର ଆପଣ ହେଉଅଛନ୍ତି ପାଳନକର୍ତ୍ତା । ସମସ୍ତ ସଚରାଚର ପ୍ରାଣୀମାନେ ଆପଣଙ୍କୁ ଆଶ୍ରା କରି ଏ ଜଗତରେ ବଞ୍ଚିରହିଅଛନ୍ତି । ଆପଣ କାଳର କାଳ ଅଟନ୍ତି । ମହାକାଳ ପ୍ରତି ସମୟରେ ଆପଣଙ୍କୁ ବିନୀତ ଭାବରେ ପ୍ରାର୍ଥନା କରି ଜୀବମାନଙ୍କୁ ସେମାନଙ୍କର କୃତକର୍ମ ଅନୁଯାୟୀ ଦଣ୍ଡବିଧାନ କରିଥାନ୍ତି । ଉପନିଷଦରେ ବର୍ଣ୍ଣନା କରାଯାଇଅଛି ଆପଣ ପୁରୁଷ ନୁହଁନ୍ତି କି ସ୍ତ୍ରୀ ନୁହଁନ୍ତି କି କ୍ଳୀବ ଲିଙ୍ଗ ନୁହଁନ୍ତି । ଆପଣଙ୍କୁ ଅପୌରୁଷେୟ ବୋଲି କୁହାଯାଇଛି । କିନ୍ତୁ ଆପଣ ଭକ୍ତମାନଙ୍କର ଚିତ୍ତବିନୋଦନ ନିମିତ୍ତ ଅବତାର ଗ୍ରହଣ କରି ସ୍ୱକୀୟ ଲୀଳା ମାଧ୍ୟମରେ ଭକ୍ତମାନଙ୍କୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ନିଜେ ମଧ୍ୟ ଆନନ୍ଦ ଲାଭ କରିଥାନ୍ତି ।

ହେ ପୁରୁଷ ଶ୍ରେଷ୍ଠ ! ଆପଣ ପୁରୁଷୋତ୍ତମ ଅଟନ୍ତି । ଆପଣ ଏ ବିଶ୍ୱବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଏବଂ ସତ୍ୟ ପୂର୍ବକ କହିଅଛନ୍ତି – ଯେଉଁ ଜୀବମାନେ ମୋର ଅର୍ଚ୍ଚନା, ବନ୍ଦନା ଏବଂ ମୋର ପାବନ ଲୀଳାକୁ ଶ୍ରବଣ, କୀର୍ତ୍ତନ, ମନନ ଓ ନିଧିଧ୍ୟାସନ କରିଥାନ୍ତି ସେମାନେ ମୋର ଅତି ପ୍ରିୟ । ହେ ଭଗବାନ ! ତୁମେ ଗୁରୁଙ୍କର ଗୁରୁ, ତୁମେ ପିତୃପୁରୁଷମାନଙ୍କର ପ୍ରପିତାମହ ଅଟ । ହେ ନାଥ ! ମୁଁ ଏତିକି ମାତ୍ର ନିବେଦନ କରୁଅଛି ମୋତେ ଆପଣଙ୍କର ସର୍ବୋତ୍ତମ ବୈଷ୍ଣବମାନଙ୍କର ସତସଙ୍ଗ ମିଳୁ । ଯେଉଁ ଲୋକମାନେ ତୁମର ମାୟାଧୀନ ହୋଇ ଶରୀର, ଘର, ସ୍ତ୍ରୀ, ପୁତ୍ରାଦିଙ୍କର ଆସକ୍ତ ହୋଇଥାନ୍ତି ସେମାନଙ୍କ ସଙ୍ଗ ମୋତେ କଦାପି ଦିଅନ୍ତୁ ନାହିଁ ।

ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୧୪୮୬୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଣ୍ଡିତ ଗୋଦାବରୀଶ



ଅକ୍ଷୟ କୁମାର
ରାଉତ

ସତ୍ୟବାଦୀର ସଖା-ପଣ୍ଡିତ ଗୋଦାବରୀଶ

ସଭ୍ୟତାର ସୂର୍ଯ୍ୟୋଦୟଠାରୁ କେତେ ମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ, ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନଙ୍କୁ ଆଲୋକିତ କରି ସତ୍ୟ, ଦୟା, କ୍ଷମା ଓ ଶାନ୍ତିର ଆଦର୍ଶକୁ ଦୀପ୍ତିମନ୍ତ କରିଛନ୍ତି । ସେମାନଙ୍କ ମଧ୍ୟରୁ ସତ୍ୟବାଦୀର ସଖା ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ । ୧୮୮୬ ମସିହା ଅକ୍ଟୋବର ୨୬ ତାରିଖ କାର୍ତ୍ତିକ ଦୀପାବଳୀ ଅମାବାସ୍ୟା ଦିନ ପୁରୀ ଜିଲ୍ଲାର ବାଣପୁର ନିକଟସ୍ଥ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଲିଙ୍ଗରାଜ ମିଶ୍ର ଥିଲେ ଜଣେ ଚଣ୍ଡୀ ସାଧକ ଓ ବୈଦ୍ୟ । ଗୋଦାବରୀ ତୀର୍ଥଯାତ୍ରା ପରେ ପୁତ୍ରଲାଭ ହୋଇଥିବାରୁ ପିତାମାତା ଗୋଦାବରୀ ମିଶ୍ର ନାମ ରଖିଥିଲେ । ମାତ୍ର ଭକ୍ତ କବି ମଧୁସୂଦନ ଗୋଦାବରୀ ବାଳିକା ନାମକୁ ବାଳକ ନାମ ଗୋଦାବରୀଶ ମିଶ୍ର ରଖିଥିଲେ । ପଣ୍ଡିତ ଗୋଦାବରୀଶ ସ୍କୁଲରେ ପାଠ ପଢୁଥିବା ବେଳୁ ସ୍ତ୍ରୀ ଲୋକଙ୍କ ଭଳି ମୁଣ୍ଡରେ ଚୁଟି ରଖିବା ଓ କାନରେ ନୋଳି ପିନ୍ଧିବା ତାଙ୍କର ଥିଲା ଅଭ୍ୟାସ ।

ଗୋଦାବରୀଶଙ୍କର ଶିକ୍ଷା ଗାଁ ଚାଟଶାଳୀର ଅବଧାନ ଗିରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା । ଉଚ୍ଚ ପ୍ରାଥମିକ ପରିକ୍ଷା ପୂର୍ବରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କର ବିବାହ ସମ୍ପନ୍ନ ହୋଇଗଲା । ବାଣପୁରରେ ମଧ୍ୟ ଓଡିଆ ପଢି ସେ ଦ୍ୱିତୀୟ ଶ୍ରେଣୀରେ ପାସ କରିବାରୁ ବୃତି ମିଳିଲାନାହିଁ । ତେଣୁ ପାଠପଢା ବନ୍ଦ ହୋଇଗଲା । ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୈଦିକ କର୍ମକାଣ୍ଡ ଇତ୍ୟାଦି ଶିକ୍ଷା କଲେ । ପିତାଙ୍କ ଅନୁପସ୍ଥିତରେ ଠାକୁର ପୂଜାଭାର ତାଙ୍କ ଉପରେ ପଡିବାରୁ ସେ ଠାକୁରଙ୍କୁ ଖଟୁଳିରୁ ଉଠାଇ ଆଣି ଭାତରେ ମୁହଁ ମାଡି ଦେଇଥିଲେ । ସେ ଜଣେ ସଂସ୍କାରି ନୀତିବାନ୍ ବ୍ରାହ୍ମଣଟି ହୋଇପାରିଲେ ନାହିଁ । ପଇତା ଛିଣ୍ଡାଇ ଆମିଷ ଭୋଜନ କରୁଥିଲେ । ତେଣୁ ଗାଁ ଲୋକେ ଗୋଦାବରିଶଙ୍କୁ କଳାପାହାଡ ନାମରେ ଡାକିଲେ । ପିତା ଲିଙ୍ଗରାଜ ମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲ ହେବ । ତେଣୁ ସେ ନିଜର ପୈତୃକ ଜମିରୁ କିଛି ଅଂଶ ବିକି କରି ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢିଲେ । ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ପାଶ କରିଥିବାରୁ ରାମକୃଷ୍ଣ ବୋଷ ମାସିକ ୫ ଟଙ୍କା ବୃତ୍ତି ପାଇବାର ବ୍ୟବସ୍ଥା କରିଦେଲେ । ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲା ବେଳେ ଶଶିଭୂଷଣ ରାୟ ଚୌଧୁରୀ ସହିତ ପରିଚିତ ହୋଇଥିଲା । ପୁରୀ ବଡଦାଣ୍ଡରେ ବିଦେଶୀ ଲୁଗା ପୋଡା ସମୟରେ ଗୋପବନ୍ଧୁଙ୍କ ସହିତ ପ୍ରଥମ ଥର ଦେଖାହେଲା । ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ । ଗୋପବନ୍ଧୁଙ୍କ ସ୍ୱେଚ୍ଛାସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟ କଲେ ।

ଗୋଦାବରୀଶଙ୍କ ପିନ୍ଧା ଲୁଗା ଥିଲା ମାତ୍ର ଖଣ୍ଡିଏ । ସେ ଲୁଗାଟିକୁ ଛୁଟିଦିନରେ ଝରକା ଦେଇ ଧୋବାକୁ ସଫା କରିବାକୁ ଦିଅନ୍ତି ଓ ନିଜେ ଲୁଗା ପାଇବା ପର୍ଯ୍ୟନ୍ତ କବାଟ କିଳି ଘରେ ରୁହନ୍ତି । ପିତାଙ୍କର ହଇଜାରେ ମୃତ୍ୟୁ ଖବର ପାଇ ଘରେ ପହଚିଂବା ପର ମୁହୂର୍ତରେ ତାଙ୍କ ବୋଉ ମଧ୍ୟ ହଇଜାରେ ଦେହତ୍ୟାଗ କଲେ । ଘରେ ଅନ୍ଧୁଣୀ ବୁଢୀ ମା ଓ ଆଠ ବର୍ଷର ଭଉଣୀଙ୍କୁ ଛାଡି ପୁଣି ଫେରିଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଚଂ ଟଙ୍କା ବୃତ୍ତିରୁ ଟଙ୍କାଟିଏ ବଳକା କରି ଘରକୁ ପଠାଉଥିଲେ । ୧୯୦୭ ମସିହାରେ ପ୍ରବେଶିକା ପରିକ୍ଷାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦ୍ୱିତୀୟ ଶ୍ରେଣୀରେ ପାଶ କରି ଦଶଟଙ୍କା ବୃତି ପାଇଲେ । ଏହି ବୃତ୍ତି ପଇସାରେ କଲେଜରେ ନାମ ଲେଖାଇ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ । ତା ବଦଳରେ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ ।

୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟା ବିପନ୍ନମାନଙ୍କୁ ସାହାଯ୍ୟ କାର୍ଯ୍ୟ କରି ଫେରିବା ବେଳକୁ ସେ ଜ୍ୱରରେ ଆକ୍ରାନ୍ତ ହେଲେ । ଜ୍ୱର ଭଲ ହେବାର କିଛି ଦିନ ଅନ୍ତରରେ ତାଙ୍କର ସାନଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନପାଇ ଅତି କଷ୍ଟରେ ମୃତ୍ୟୁ ବରଣ କରିଥିଲା । ବାଣପୁର ଅଚଂଳରେ କଲେଜ ପଢୁଆ ଯୁବକ ଭାବରେ 'ଭଗବତୀ ପ୍ରସାଦିନୀ' ସମିତିଟିଏ ଗଠନ କରି ସରକାରୀ ଅଫିସରମାନଙ୍କ କୁ-ଆଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁ ମିଛ କାଠ ଚୋରି ଅଭିଯୋଗରେ ଫସାଇ ଦିଆଗଲା । ଗୋଦାବରୀଶ ଉପରସ୍ଥ ଅଫିସରମାନଙ୍କୁ ଜଣାଇବାରୁ ତଦନ୍ତ ହେଲା । ତଦନ୍ତ ପରେ ବାଣପୁରର ସବୁ ସରକାରୀ ଅଫିସରମାନଙ୍କୁ ବଦଳି କରାଗଲା । ସେ ପାଉଥିବା ଦଶ ଟଙ୍କା ବୃତ୍ତିର ପାଞ୍ଚ ଟଙ୍କା ତାଙ୍କ ସ୍ତ୍ରୀ ଓ ମା'ଙ୍କ ପାଇଁ ପଠାଉଥିଲେ । ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନଶାସ୍ତ୍ରୀରେ ଅନର୍ସ ନେଇ ପାଠପଢିଲେ । କିନ୍ତୁ ତାଙ୍କୁ ୧୦ ଟଙ୍କା ବୃତି ଖର୍ଚ୍ଚ ପାଇଁ ନଅଣ୍ଟ ହେଲା । ଘର ଖର୍ଚ୍ଚ ପାଇଁ ଆଉ ଟଙ୍କା ପଠାଇ ପାରିଲେ ନାହିଁ । କଟକରେ ତରୁଣ ଉତ୍କଳ ସଂଘ ଗଠନ କରାଗଲା । ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟ କଲେ । ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ । ତାଙ୍କ ଅଭିନୟରେ ଖୁସି ହୋଇ ଇଂରେଜୀ ଅଧ୍ୟାପକ ଗୋଦାବରୀଶଙ୍କୁ ଗୃହ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ । ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ ଟଙ୍କିଆ ବୃତ୍ତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେ ସଙ୍ଗେ ଏମ୍.ଏ ପାଠ ପଢିଲେ । ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେ ଦିନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରେଳ ଷ୍ଟେସନରେ ପ୍ରାୟ ପାଞ୍ଚହଜାର ଲୋକ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । କଲିକତାରେ ଶଶିଦା ଓ ନିଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେ କିଛି ଅସୁବିଧା ହେଉନଥିଲା ।

ଏମ୍.ଏ.ରେ ତୃତୀୟ ଶ୍ରେଣୀ ହୋଇଥିବାରୁ ସେ ବହୁତ ମନ ଦୁଃଖ କରିଥିଲେ । କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶୀକ୍ଷକ ସହିତ ବିଦେଶରେ ଶିକ୍ଷା ସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡିଥିଲେ । ଦୀର୍ଘ ୩୦୦ ମାଇଲ ଦୂରରୁ ଗୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେ କଲିକତା ମୂକ ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ । ଏଣେ ଓଡ଼ିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ । ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା । ଆଇନ ପାଠ ଶେଷ କରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟ କରି ସିଧା ଆସି ସତ୍ୟବାଦୀ ବନବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇଥିଲେ । ସେଠାରେ ସେ ୩୦ ଟଙ୍କା ବେତନ ପାଇଲେ । ତିନି ବର୍ଷ ଶିକ୍ଷକତା ପରେ ସେ କଲିକତା ଆସି ଶିକ୍ଷକ ଟ୍ରେନିଂ ନେଲେ । ସେଠାରେ 'ପୁରୁଷୋତମ' ନାଟକ ରଚନା କରି ପ୍ରକାଶ କରିଥିଲେ । ସେ ଖଣ୍ଡିଏ ଇଂରେଜୀ କବିତା ବହି ସଂକଳନ କରିଥିଲେ ।

ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମ କରିବା ପଇଁ ୧୯୧୯ ମସିହାରେ ଆଗେଇ ଆସି ସିଂହଭୂମିରେ ଥିବା ଲୋକଙ୍କ ମଧ୍ୟରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇଥିଲେ । ଓଡିଆ ଭାଷ ଓ ଶିକ୍ଷାର ପ୍ରସାର ପାଇଁ ଚକ୍ରଧରପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରିଥିଲେ । ସିଂହଭୂମି କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁ ଚାଲି ଆସିଲେ । ସେଠାରେ ଶିଳ୍ପର ଉନ୍ନତି ପାଇଁ ଭୁବନାନନ୍ଦ ଦାସ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଜୁମଦାର ଓ ଗୋଦାବରିଶ ମିଶି ଏକ 'ଜାତୀୟ ଶିଳ୍ପ ସଦନ' ନାମରେ ଅନୁଷ୍ଠାନ ଗଠନ କରିଥିଲ । ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରିଦାସ ରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏ ସମବାୟ ବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ ।

ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ଥିଲେ । ପାରଳା ମହାରାଜ ଓ ଗୋଦାବରିଶଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା । ୧୯୫୨ ମସିହାରେ ବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟହେଲେ । ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ସୁସାହିତ୍ୟିକ । ଗୋଦାବରୀଶ ତାଙ୍କ ଜୀବନକାଳରେ ଗୁଡିଏ ଉପାଦେୟ ପୁସ୍ତକ ରଚନା କରିଥିଲେ । ତଙ୍କର 'କାଳିଜାଇ' କବିତା ବେଶ ଲୋକପ୍ରିୟ । ସେ କିଛିଦିନ ସମାଜର ସମ୍ପାଦକ୍ ଥିଲେ । ବିହାର ଓଡିଶା କାଉନସିଲର ସଭ୍ୟ ହୋଇଥିଲେ ।

ଗୋଦାବରିଶ ବ୍ରିଟିଶ ସରକାରଙ୍କର ବିରୁଦ୍ଧାଚରଣ କରି ୭ଥର ଜେଲଦଣ୍ଡ ଭୋଗିଥିଲେ । ସର୍ବମୋଟ ୧୧ ବର୍ଷ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗ କରି ସେ ଚାଲିଗଲେ ଅମର ପୁରକୁ । ଓଡିଆ ମାଟି, ଓଡିଆ ଭାଷା ଓ ଓଡିଆ ଲୋକଙ୍କୁ ଆଲୁକ ଦେଖାଇ ନିଜେ ଲିଭି ଯାଇଥିଲେ । ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ, କବି ଓ ଲେଖକ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର

ମୋ-୯୯୩୭୬୯୧୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୌରୀଶଙ୍କର ରାୟ



ଅସିତ ମହାନ୍ତି

## ଭାଷା ସୁରକ୍ଷାର ଅଗ୍ରସାରଥି ଗୌରୀଶଙ୍କର ରାୟ

*"ହେ ଗୌରୀଶଙ୍କର ଧନ୍ୟ ତୁମର ସାହସ,*
*ଦୀପିକା ଲେଖୁଛ ବସି ତିରିଶ ବରଷ ।*
*ନ ମାନି ବିପଦ ବାଧା, ନ ଚାହିଁ ନିଜକୁ*
*ମନ ପ୍ରାଣ ସମରପି ପାଳିଛ ବ୍ରତକୁ ।*
*ଦେଖି ଦେଖି ଢେର ଦିନ ଜାଣିଛି ବିଶେଷ,*
*ଅଟ ତୁମ୍ଭେ ଜଣେ Man of Business."- ବ୍ୟାସକବି ଫକୀରମୋହନ*

ଆଧୁନିକ ଓଡ଼ିଶାର ନିର୍ମାଣକର୍ତ୍ତା ତଥା ଓଡିଆ ଭାଷା ଏବଂ ସାହିତ୍ୟର ଜଣେ ରକ୍ଷକ ତଥା ଊନବିଂଶ ଶତାବ୍ଦୀର ଶେଷ ଭାଗରେ 'ଓଡିଆ ବଞ୍ଚାଅ' ଆନ୍ଦୋଳନର ନେତୃତ୍ୱ ନେଇଥିବା ମହାନ ଏବଂ ଲୋକପ୍ରିୟ ବ୍ୟକ୍ତି ଥିଲେ କର୍ମବୀର ଗୌରୀ ଶଙ୍କର ରାୟ । ଓଡିଆ ଭାଷାର ସଂରକ୍ଷଣ ତଥା ସଂରକ୍ଷଣରେ ତାଙ୍କର ଅବଦାନ ଅତୁଳନୀୟ । ସେ ପୂର୍ବ ବଙ୍ଗଳାର ଏକ ଜମିଦାର ପରିବାରରେ ୧୩ ଜୁଲାଇ ୧୮୩୮ ରେ ଜନ୍ମ ଗ୍ରହଣ କରିଥିଲେ. ଏହା ସେହି ସମୟ ଥିଲା, ଯେତେବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ବଙ୍ଗାଳୀ, ପଶ୍ଚିମରେ ହିନ୍ଦୀ ଏବଂ ଦକ୍ଷିଣ ଓଡ଼ିଶାର ତେଲୁଗୁ ଦ୍ୱାରା ଓଡିଆ ବିରୋଧୀ ଆନ୍ଦୋଳନ ପ୍ରଦେଶକୁ ଥରାଇ ଦେଇଥିଲା, ଯାହା ଶେଷରେ ବିଫଳ ହୋଇଥିଲା ଏବଂ ଓଡିଆକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଆଯାଇଥିଲା ଏହାର ନିର୍ଦ୍ଦିଷ୍ଟ ସ୍ଥାନ । ସେ ଓଡିଶାରେ ମୁଦ୍ରଣ ଏବଂ ପ୍ରକାଶନ ଶିଳ୍ପ ସହିତ ସମବାୟ ଆନ୍ଦୋଳନର ଜନକ ଥିଲେ । ସେ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କରିଥିଲେ ଏବଂ ୧୮୬୬ ମସିହାରେ ସାପ୍ତାହିକ ଭାବରେ ମୁଦ୍ରିତ ହୋଇଥିବା ପ୍ରଥମ ଓଡିଆ ଖବରକାଗଜ ଉତ୍କଳ ଦୀପିକାଙ୍କୁ ସମ୍ପାଦନା କରିଥିଲେ । ଓଡ଼ିଶାର ସାମାଜିକ-ରାଜନୈତିକ ଜୀବନରେ ଜାତୀୟତାବାଦ ବୃଦ୍ଧି ହେତୁ ଉତ୍କଳ ଦୀପିକା ଜନ୍ମଗ୍ରହଣ କରିଥିଲା । ଆଧୁନିକ ସାଂସ୍କୃତିକ, ସାମାଜିକ ଓ ରାଜନୈତିକ ଜୀବନର ବିଶ୍ୱସ୍ତ ବାର୍ତ୍ତାବହ ହେଉଛି ସମ୍ବାଦପତ୍ର ଏବଂ ପତ୍ରିକାସମୂହ । ଜାତୀୟ ଜୀବନର ବିଚିତ୍ର ପ୍ରାଣପ୍ରବାହ ସମ୍ବାଦପତ୍ର ରୂପୀ ଜଳାଧାରରେ ସମ୍ମିଳିତ ହୁଅନ୍ତି । ପତ୍ରିକା ଓ ସମ୍ବାଦପତ୍ର ସମୂହ ରାଜକୀୟ ଶକ୍ତି ନିକଟରେ ଜନମତର ପ୍ରଖ୍ୟାପକ । ପୁଣି ଶାସନ ବିଧାନର ବାଣୀ ଜନସାଧାରଣରେ ଏହା ଦ୍ୱାରା ପ୍ରଚାରିତ ହୁଏ । ସେଇଥିପାଇଁ ଏମାନେ ସମାଜର ଦର୍ପଣ ତଥା ଅପରିହାର୍ଯ୍ୟ ଅଂଗ ବିଶେଷ । ଜୀବନଧର୍ମୀ ଆଭିମୁଖ୍ୟର ସାର୍ଥକ ପ୍ରକାଶଭୂମି ଯେତେବେଳେ ଏହି ପତ୍ରିକା ଓ ସମ୍ବାଦପତ୍ର ସମୂହ, ଓଡ଼ିଶା ସେଥିରୁ ବାଦ ପଡନ୍ତା କେମିତି ? ଓଡ଼ିଶାରେ ଏହି ଜୀବନଧର୍ମୀ ଆଭିମୁଖ୍ୟର ପରିପ୍ରକାଶ ଘଟିଥିଲା କଟକରୁ ପ୍ରକାଶିତ ଉତ୍କଳଦୀପିକା ଓ ବାଲେଶ୍ୱରର ସମ୍ବାଦବାହିକା ପତ୍ରିକା ମାଧ୍ୟମରେ । ଏକ ପକ୍ଷରେ ଓଡ଼ିଆ ଭାଷା ବିଲୋପ ପାଇଁ ଆନ୍ଦୋଳନରେ ଉତ୍କଳହିତୈଷିଣୀ ଓ କଟକ ଷ୍ଟାର ଏବଂ ଅନ୍ୟ ପକ୍ଷରେ ଭାଷା ବଞ୍ଚାଅ ଆନ୍ଦୋଳନରେ ଉତ୍କଳ ଦୀପିକା ଓ ସମ୍ବାଦବାହିକା ପ୍ରତ୍ୟକ୍ଷ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଥିଲେ । ଭାଷା ବିଲୋପ ଆନ୍ଦୋଳନ କାଳରେ ଓଡ଼ିଆ ଭାଷାର ସ୍ୱକୀୟତା ପ୍ରତିପାଦନ, ଦେଶୀୟ ଭାଷାର ଉନ୍ନତି କାମନା ସହ ଓଡ଼ିଆ ଭାଷା ବିଦ୍ୟାଳୟ ଓ କଲେଜରେ ପ୍ରଚଳନ, ଓଡ଼ିଶାରୁ ବଙ୍ଗଭାଷା ଉଚ୍ଛେଦ ପାଇଁ ସେଦିନ ସମ୍ବାଦ ପତ୍ରିକା ଉତ୍କଳ ଦୀପିକା ମାଧ୍ୟମରେ ସିଂହରଡ଼ି ଦେଇଥିଲେ ପୁରୁଷସିଂହ ଉତ୍କଳପ୍ରାଣ ଶ୍ରୀ ଗୌରୀଶଙ୍କର ରାୟ । ଏହି ସିଂହରଡ଼ି ସେଦିନ ଓଡ଼ିଶା ଶାସନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାୟିତ୍ୱରେ ଥିବା ବ୍ରିଟିଶ ଶାସକ ତଥା ଅଣଓଡ଼ିଆ ଅମଲାତନ୍ତ୍ରର ଆସ୍ଥାନ ଦୋହଲାଇ ଦେଇଥିଲା ।  ସେ ସଚ୍ଚୋଟତା ଏବଂ ବଳିଦାନର ଜୀବନ ବିତାଇଥିଲେ । ୧୮୪୮ ମସିହାରେ ତାଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ, ସେ କଟକକୁ ଏକ ଗ୍ରାମ ବିଦ୍ୟାଳୟ ଏବଂ ପାର୍ସୀ ପାଇଁ କଟକ ଆସିଥିଲେ । କଟକ ବିଦ୍ୟାଳୟରେ ଅଧ୍ୟୟନ କଲେ, ଯାହା ବର୍ତ୍ତମାନ ରେଭେନ୍ସା କଲେଜିଏଟ୍ ସ୍କୁଲ୍ । ୧୮୫୫ ମସିହାରେ ଜୁନିଅରସିପ୍ ସ୍କଲାରସିପ୍ ପାଇଥିଲେ । ୧୮୫୬ ମସିହାରେ କଲେଜ ଶିକ୍ଷା ପାଇଁ  ହୁଗୁଳୀକୁ ଯାଇଥିଲେ । ଗତାଗତ ବ୍ୟବସ୍ଥା ନଥିବାରୁ କିଛି ଦୂର ଚାଲିଚାଲି ଏବଂ ବାକି ରାସ୍ତା ବଳଦଗାଡ଼ିରେ ଯାଇ ୨୨ ଦିନରେ ସେଠାରେ ପହଞ୍ଚି ଥିଲେ । ୧୮୫୮ରେ ଇଂରାଜୀରେ ଦକ୍ଷତା ପ୍ରମାଣପତ୍ର ପାଇଲେ ଏବଂ ବାଲେଶ୍ୱରରେ ଜଣେ ଶିକ୍ଷକ ଭାବରେ ନିଯୁକ୍ତି ପାଇଲେ । ତାଙ୍କର ଛାତ୍ର  ଓଡ଼ିଶାରେ ଶତାବ୍ଦୀର ତିନିଜଣ ମହାନ ବ୍ୟକ୍ତି ରାଧନାଥ ରାୟ, ବୈକୁଣ୍ଠ ନାଥ ଦେ ଏବଂ ମଧୁସୂଦନ ଦାସ ଥିଲେ । ୧୮୫୯ରେ ସେ  କଟକ ଆସିଥିଲେ, ମନିଅର୍ଡର ଏଜେଣ୍ଟ ଭାବରେ କମିସନରଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ । ସାର୍ବଜନିକ ଜୀବନ ଆରମ୍ଭ କରିଥିବା ପ୍ରଥମ ସଂଗଠନ ଭାବେ ସେ  ୟଙ୍ଗ ମେନ ଆସୋସିଏସନ ପ୍ରତିଷ୍ଠା କରିଥିଲେ । ୧୮୬୪ରେ ସହଯୋଗୀ ଭିତ୍ତିରେ କଟକ ପ୍ରିଣ୍ଟିଂ କମ୍ପାନୀ ଗଠନ କଲେ ଏବଂ ୧୮୬୫ ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ । ୧୮୬୬ରେ ଦୁର୍ଭିକ୍ଷରେ ପୀଡିତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ସ୍ୱେଚ୍ଛାସେବୀ ଦଳ ଗଠନ କରିଥିଲେ ଏବଂ ସରକାରଙ୍କୁ ସ୍ମାରକପତ୍ର ଦାଖଲ କରିଥିଲେ । କେବଳ ସେତିକି ନୁହେଁ ଓଡ଼ିଶାରେ ଜଳସେଚନ, ଯୋଗାଯୋଗ ଏବଂ ରେଳ ସୁବିଧା ସୁଦୃଢ । କରିବା ପାଇଁ ସରକାରଙ୍କ ଉପରେ ଚାପ ପକାଇଥିଲେ । ଉତ୍କଳ ଦୀପିକାରେ ଦୁର୍ଭିକ୍ଷର ଦୁଃଖଦ କାହାଣୀ ପ୍ରକାଶ କରିଥିଲେ । ଉତ୍କଳ ଦୀପିକାର ପ୍ରତିଷ୍ଠାତା-ସମ୍ପାଦକ-ପ୍ରିଣ୍ଟର୍-ମ୍ୟାନେଜର ଭାବରେ ଗୌରୀଶଙ୍କର ପ୍ରକୃତରେ ଓଡ଼ିଶାରେ ଆଧୁନିକ ନବଜାଗରଣ ଯୁଗ ଆରମ୍ଭ କରିଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁରାଣ ପ୍ରକାଶନ କମ୍ପାନୀର ପ୍ରତିଷ୍ଠାତା-ପରିଚାଳକ ଭାବେ ୧୮୬୭ ମସିହାରେ ଓଡିଆ ମହାଭାରତ, ରାମାୟଣ, ପୁରାଣ ଇତ୍ୟାଦି ପ୍ରକାଶ କରୁଥିବା ଏକ ସମବାୟ ସଂସ୍ଥା ବିକଶିତ କରିଥିଲେ । ପ୍ରତିଷ୍ଠାତା-ସଚିବ, ଉତ୍କଳ ଭାସୋଦଦୀପିନି ସଭା ଭାବରେ - ସେ ଓଡ଼ିଶାର ଭାଷା ଏବଂ ସାହିତ୍ୟ ଉପରେ ଅମୂଲ୍ୟ କାର୍ଯ୍ୟ କରିଥିଲେ । ସର୍ବଭାରତୀୟ ବ୍ୟବହାର ପାଇଁ ଓଡିଆ ପଞ୍ଜାଙ୍ଗ ପ୍ରକାଶିତ କରିଥିଲେ । ୧୮୬୮ ମସିହାରେ, ଓଡିଆ ବଞ୍ଚାଅ ଆନ୍ଦୋଳନ ଗୌରୀଶଙ୍କରଙ୍କ ନେତୃତ୍ୱରେ ହୋଇଥିଲା ଏବଂ ଓଡିଆ ଭାଷାର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସେ କାର୍ଯ୍ୟ କରିଥିଲେ ଏବଂ ଓଡ଼ିଆ ଭାଷାକୁ ତାର ସମ୍ମାନ ମିଳିଥିଲା । ୧୮୬୯ ମସିହାରେ ଉତ୍କଳ ଉଲ୍ଲାସିନୀ ସଭା, ଏକ ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ସଂଗଠନର  ପ୍ରତିଷ୍ଠାତା ହୋଇଥିଲେ । ୧୮୭୦ ମସିହାରେ ସେ ବ୍ରହ୍ମୋ ସମାଜରେ ଯୋଗ ଦେଇଥିଲେ ଏବଂ ଏହାର ସଚିବ ହୋଇଥିଲେ । ୧୮୭୨ ମସିହାରେ ସେ କଟକ ଜିଲ୍ଲା ଜଜ୍ କୋର୍ଟରେ ଅନୁବାଦକ ଭାବରେ ଯୋଗ ଦେଇଥିଲେ । କଟକ କଲେଜ (ବର୍ତ୍ତମାନ ରେଭେନ୍ସା କଲେଜ) ପ୍ରତିଷ୍ଠା ପାଇଁ ସେ ୩୦,୦୦୦ ଟଙ୍କା ଜମା କରାଇଥିଲେ ଏହା ଏକ ସର୍ବସାଧାରଣ ସଂଗ୍ରହ ଥିଲା । ୧୮୭୪ରେ ଓଡିଆ ଭାଷାର ପୃଥକ ଏକକ ପ୍ରମାଣ କରିବାକୁ ଜନ୍ ବିମ୍ସଙ୍କୁ ବିଭିନ୍ନ ପୁସ୍ତକ ଉପସ୍ଥାପନ କରିଥିଲେ ଯାହାଦ୍ୱାରା ସେ ବୁଝିଥିଲେ ଯେ ଓଡ଼ିଆ ଭାଷା କେତେ ମହତ୍ୱପୂର୍ଣ୍ଣ । ୧୮୮୨ରେ ଓଡ଼ିଶାସଭାକୁ ଉତ୍କଳସଭା ବା ଉତ୍କଳ ଆସୋସିଏସନ୍ ଭାବରେ ନାମିତ କରାଗଲା । ସେ ୧୯୧୫ ପର୍ଯ୍ୟନ୍ତ ଆସୋସିଏସନର ସଚିବ ଥିଲେ, ଏହା ଓଡିଆ ଭାଷା କ୍ଷେତ୍ରର ଏକୀକରଣ, ଓଡ଼ିଶାର ଏକ ପୃଥକ ପ୍ରଦେଶ ଗଠନ, ଲୁଣ ଆଇନ ରଦ୍ଦ କରିବା, ମ୍ୟୁନିସିପାଲିଟି ଏବଂ ଜିଲ୍ଲା ବୋର୍ଡ ପରି ସ୍ଥାନୀୟ ସ୍ୱୟଂଶାସନ ପ୍ରବର୍ତ୍ତନ ପାଇଁ କାର୍ଯ୍ୟ କରିଥିଲା । ୧୮୮୬ରେ ଭାରତୀୟ ଜାତୀୟ କଂଗ୍ରେସ ସହିତ ଉତ୍କଳ ସଭାର ମିଶ୍ରଣ ହୋଇଥିଲା ଏବଂ ୧୮୮୭ରେ ମାଡ୍ରାସରେ କଂଗ୍ରେସ ଅଧିବେଶନରେ ସେ ଯୋଗ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଇଥିଲେ । ୧୮୯୯ରେ ରାଜ୍ୟାଭିଷେକ ଲାଇବ୍ରେରୀର ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ । ୧୯୦୧ ମସିହାରେ ପି ଏମ ପରିସରରେ ଏକ ହଷ୍ଟେଲ ପ୍ରତିଷ୍ଠା କରିଥିଲେ ପରବର୍ତ୍ତୀ ସମୟରେ ଏକାଡେମୀ ଏହାର ନାମ ଗୌରୀଶଙ୍କର ଛାତ୍ରାବାସ ରଖିଥିଲେ । ୧୯୦୩ ମସିହାରେ ଉତ୍କଳ ସାହିତ୍ୟ ସମାଜ, ରାଜ୍ୟର ଏକ ପ୍ରମୁଖ ସାହିତ୍ୟ ଏବଂ ସାଂସ୍କୃତିକ ସଂଗଠନ ଗଠନ କରାଗଲା ଏବଂ ରଘୁବଂଶକୁ ଗୌରୀଶଙ୍କର ଓଡିଆରେ ଅନୁବାଦ କରିଥିଲେ ଏବଂ ଏହିପରି ସାହିତ୍ୟ ରଚନା କରିଥିଲେ । ମଧୁସୂଦନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀରେ ଗୌରୀଶଙ୍କର ଯୋଗ ଦେଇଥିଲେ ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ସେଠାରେ ସକ୍ରିୟ ଭାବରେ କାର୍ଯ୍ୟ କରିଥିଲେ । କର୍ମବୀର ଗୌରୀଶଙ୍କର ଏ ଜାତିର ଭାଷା ସୁରକ୍ଷା, ସାଂସ୍କୃତିକ ଅଭ୍ୟୁଥାନ, ଓଡ଼ିଆ ବୋଲି ନିଜର ପରିଚୟ ଦିଆଇବା ପାଇଁ ଯେଉଁଭଳି ଭାବେ ସଂଗ୍ରାମ କରିଛନ୍ତି, ତାହା ଯୁଗ ଯୁଗ ଧରି ଓଡ଼ିଶା ଇତିହାସର ପୃଷ୍ଠା ମଣ୍ଡନ କରୁଥିବ ଉଜ୍ଜ୍ୱଳ ଅକ୍ଷରରେ । ସେ ଥିଲେ ପୁରୁଷସିଂହ, କର୍ମବୀର । ସେ ହିଁ ଅଗ୍ରପୁରୋଧା, ପ୍ରଥମ ସାମ୍ବାଦିକ, ପ୍ରକାଶକ ଏବଂ ଆମ ଭାଷାରେ ଉତ୍କଳପ୍ରାଣ କର୍ମବୀର ଗୌରୀଶଙ୍କର । ଏହି ବୀର ସନ୍ତାନଙ୍କର କର୍ମମୟ ଜୀବନର ଅବସାନ ଘଟିଥିଲା ୧୯୧୭ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ।ଏହି ମହାପୁରୁଷଙ୍କୁ ବ୍ରିଟିଶ ସରକାରଙ୍କ ତରଫରୁ ୧୯୧୬ ମସିହାରେ ମିଳିଥିଲା #ରାୟବାହାଦୂର ଉପାଧି । ଓଡ଼ିଶାର ଏଇ ବିନ୍ଧାଣିଙ୍କୁ ଶ୍ରଦ୍ଧାଞ୍ଜଳି ।

ଅସିତ ମହାନ୍ତି
ସୁଜନପୁର , ଯାଜପୁର
୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନ୍ୟାୟାଳୟ



ତଥ୍ୟ ଉପରେ ଆଧାରିତ ବିଚାର କରି ଦୋଷୀକୁ ଶାସ୍ତି, ନିର୍ଦ୍ଦୋଷକୁ ନ୍ୟାୟ ପ୍ରଦାନ କରାଯିବା ଲକ୍ଷ୍ୟ ରଖି ସଂସ୍ଥାପିତ ନ୍ୟାୟାଳୟର ପ୍ରକୃତ ଏବଂ ଅଲୌକିକ ବାସ୍ତବତା କ'ଣ ?

ପଙ୍କଜ କୁମାର
ପାଣିଗ୍ରାହୀ

ଭାରତୀୟ ନ୍ୟାୟିକ ବ୍ୟବସ୍ଥା କେବଳ ଉଚ୍ଚ / ଉଚ୍ଚତ୍ତମ ନ୍ୟାୟାଳୟ ମଧ୍ୟରେ ପରିସର ଭୁକ୍ତ ନୁହେଁ ! ଆମ ଦେଶର ଅନେକ ସରକାରୀ କାର୍ଯ୍ୟାଳୟରେ ନିୟୋଜିତ ବିଭିନ୍ନ ପଦସ୍ଥ ଅଧିକାରୀ ସ୍ଥଳବିଶେଷକୁ ନେଇ ଜଣେ ଜଣେ ବିଚାରପତି ଭାବେ ନିୟୋଜିତ ହୋଇଥା'ନ୍ତି ! ସେମାନେ ନିଜନିଜ କ୍ଷମତା ପରିସରଭୁକ୍ତ ନ୍ୟାୟ ପ୍ରଦାନରେ ବିଚ୍ୟୁତି/ବ୍ୟତିକ୍ରମ ଦେଖାଗଲେ ଉଚ୍ଚ/ଉଚ୍ଚତ୍ତମ ନ୍ୟାୟାଳୟର ଆଶ୍ରୟ ନେଇ ଲୋକଙ୍କୁ ନିଜର ନ୍ୟାୟ ଭିକ୍ଷା କରିବା ବ୍ୟବସ୍ଥା ଅତ୍ୟନ୍ତ ମର୍ମସ୍ପର୍ଶୀ । କାରଣ ଯଦି ଜଣେ ନ୍ୟାୟଦାତା ପ୍ରକୃତ ନ୍ୟାୟ ଦେବାରେ ଅକ୍ଷମ ପ୍ରମାଣିତ ହୁଅନ୍ତି ତାହେଲେ ତାଙ୍କୁ ଜଣେ ନ୍ୟାୟଦାତା/ନ୍ୟାୟାଧୀଶ ଭାବେ ନିୟୋଜିତ କରାଯିବା ଅର୍ଥ କ'ଣ ଆମ ବୁଝିବା କ୍ଷମତା ବହିର୍ଭୁତ ? ଆଉ ଜଣେ ବ୍ୟକ୍ତି ଯଦି ନିମ୍ନ ନ୍ୟାୟାଳୟରେ ଉପଯୁକ୍ତ ନ୍ୟାୟ ପାଇପାରୁନାହିଁ ତାହେଲେ ସେ ଉଚ୍ଚ/ ଉଚ୍ଚତ୍ତମ ନ୍ୟାୟାଳୟରେ ନ୍ୟାୟ ପାଇବା ଆଶା କେତେ ଏବଂ ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟବସ୍ଥା କାହିଁକି/କିପରି ହୋଇଥାଏ ? ଆମ ତଳୁ ଉପର ପର୍ଯ୍ୟନ୍ତ ଥିବା ନ୍ୟାୟିକ ବ୍ୟବସ୍ଥାରେ କ'ଣ ପ୍ରକୃତ ନ୍ୟାୟ ମିଳିଥାଏ ନିର୍ଦ୍ଦୋଷକୁ ? ନା କେତେକ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖାଯାଏ ? ଏମିତି ଅସୀମ ପ୍ରଶ୍ନ ସୃଷ୍ଟି ହୁଏ ମନରେ ଯାହାର ଉତ୍ତର ଦେବାରେ ସମ୍ପୃକ୍ତ ନ୍ୟାୟାଳୟ/ନ୍ୟାୟାଧୀଶ ମଧ୍ୟ ନିର୍ବାକ ? ଆଉ ସାଧାରଣ ଲୋକେ ଏହି ବ୍ରିଟିଶ ନିୟମରେ ପରିଚାଳିତ ନ୍ୟାୟିକ ବ୍ୟବସ୍ଥାକୁ ବୁଝିଛନ୍ତି କେତେ ଯେ, ନିଜର ନିର୍ଦ୍ଦୋଶକୁ ସାବ୍ୟସ୍ତ କରି ନ୍ୟାୟ ପାଇଁ ନିଜର ବିଶ୍ୱାସ ରଖିପାରିବେ ? ଅନେକ ପ୍ରଶ୍ନକୁ ନେଇ କିଛି ତର୍ଜମା କରି ବିଚାର କରି ଦେଖିଲେ ମନକୁ ଆସେ କି........

ଆମେ ଭାରତୀୟ ଭାବେ ଜନ୍ମ ହୋଇ ଆମ ଦେଶର ସଂସ୍କାର, ସଂସ୍କୃତିକୁ କେବେ ହେଲେ କେହି ପ୍ରତ୍ୟାଖ୍ୟାନ କରିପାରିବା ନାହିଁ । ଆମ ଦେଶର ଅନେକ ନ୍ୟାୟ ପଦ୍ଧତି ଥିଲା ଯାହା ସବୁ ବର୍ତ୍ତମାନ କାର୍ଯ୍ୟକ୍ଷମ ନଥାଇ କେବଳ ବ୍ରିଟିଶର ନକଲ ଲିଖିତ ସମ୍ବିଧାନ ଏବଂ ଆଇନ ଗୁଡିକ ମାଧ୍ୟମରେ ଭାରତର ବ୍ୟବସ୍ଥା ଚାଲୁଥିବା ସମସ୍ତେ ଜାଣନ୍ତି । ଏହାର ଗୋଟିଏ ଅତି ସାଧାରଣ ଉଦାହରଣ ଏହା ହୋଇପାରେ ଯେ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଭାରତୀୟ ଭାଷାରେ ଲିଖିତ ଦଲିଲ, ଦସ୍ତାବେଜ ଗ୍ରହଣୀୟ ହୁଏ ନାହିଁ ! କେବଳ ବ୍ରିଟିଶ ଭାଷାରେ ଲେଖାଯାଇଥିବା ଦଲିଲ, ଦସ୍ତାବେଜ ଗ୍ରହଣ କରାଯାଇ ଭାରତୀୟ ନାଗରିକଙ୍କୁ ନ୍ୟାୟ ପ୍ରଦାନ କରାଯିବା ବ୍ୟବସ୍ଥା ମଧ୍ୟରେ ଜଣେ ସାଧାରଣ ନାଗରିକ ଯାହା ବୁଝୁଥିବ ଏବଂ ସେଗୁଡିକୁ ତର୍ଜମା କରି ଯାହା ଉତ୍ତର ପ୍ରଦାନ କରିବାରେ ସମର୍ଥ ହେବ ସେସବୁ ସହଜେ ଅନୁମେୟ ! ଅଧିକନ୍ତୁ ଇଂରେଜ଼ ବ୍ୟତୀତ କେତେକ ରୋମାନ ଏବଂ ପାର୍ସି ଭାଷାର ମଧ୍ୟ ପ୍ରୟୋଗ ହୋଇଥାଏ ଆମ ନ୍ୟାୟାଳୟରେ ଯାହା ସାଧାରଣ ଲୋକଙ୍କ ବୁଝିବା କ୍ଷମତା ବହିର୍ଭୂତ କ'ଣ ସମ୍ପୃକ୍ତ ଆଇନଜୀବୀମାନେ ମଧ୍ୟ ବେଳେ ବେଳେ ବୁଝିବାକୁ କଷ୍ଟକର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଥାଏ ! ଆଉ ଏହି ବ୍ୟାବସ୍ଥାରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବାପାଇଁ ମଧ୍ୟସ୍ଥିତା କରୁଥିବା ଓକିଲ (ଆଇନଜୀବୀ) ମାନଙ୍କ ବିଷୟରେ ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଅନୁଭୂତି ଯାହା..... ! !

ପ୍ରାଚୀନ ଭାରତୀୟ ନ୍ୟାୟୀକ ପଦ୍ଧତିରେ ଜଣେ ଦୋଷୀ ଖସିଯାଇ ନିର୍ଦ୍ଦୋଶକୁ ଦଣ୍ଡବିଧାନ କରାଯିବା ଅତୀବ ବିରଳ ଥିଲା । କାରଣ କୌଣସି ଘଟଣା/ଦୁର୍ଘଟଣାର, ବିଚାରପତିଙ୍କ ଠାରୁ ଆରମ୍ଭ କରି ରାଜା, ମହାରାଜାଙ୍କ ଦ୍ୱାରା କରାଯାଉଥିଲା ଯାହା ପ୍ରୟୋଗାତ୍ମକ ତଥ୍ୟ ଏବଂ ତତ୍ୱ ଉପରେ ଆଧାର କରି ଗୋଟିଏ ଥରରେ ନିଷ୍ପତ୍ତି ନିଆ ଯାଉଥିଲା । ପୁଣି ସେହି ନିଷ୍ପତ୍ତିରେ ବ୍ୟତିକ୍ରମ ଦେଖିବାକୁ ମିଳୁନଥିଲା । ନ୍ୟାୟାଧୀଶ ନିଜର ସ୍ୱାଭିମାନ/ଗୌରବ ରକ୍ଷା କରି କେତେକ କ୍ଷେତ୍ରରେ ନିଜେ ଭୁଲ କରୁଥିବା କଥାକୁ ସ୍ୱୀକାର କରୁଥିଲେ । ନ୍ୟାୟବେଳେ ଅଭିଯୁକ୍ତ ନ୍ୟାୟାଧୀଶଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଯଥା ସମ୍ଭବ ଶାସ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେଉଥିଲେ । ଅନ୍ୟଥା କଠୋର ଦଣ୍ଡ ଭୋଗିବାକୁ ପଡୁଥିଲା ଯାହା ସ୍ଥଳ ବିଶେଷରେ ମୃତ୍ୟୁଦଣ୍ଡ ମଧ୍ୟ ହେଉଥିଲା । କି'ନ୍ତୁ କୌଣସି ମତେ ଲୋକଙ୍କ ସେହି ନ୍ୟାୟାଧୀଶଙ୍କ ଉପରେ ପ୍ରଗାଢ଼ ଅନୁରୋକ୍ତି ଏବଂ ବିଶ୍ୱାସ ରହିଥିଲା । ସର୍ବୋଚ୍ଚ କ୍ଷେତ୍ରରେ ଦୋଷୀଙ୍କୁ ଦଣ୍ଡ ଏବଂ ନିର୍ଦ୍ଦୋଷଙ୍କୁ ନ୍ୟାୟ ନିଶ୍ଚିତ ଭାବେ ମିଳୁଥିଲା ଯାହା ବର୍ତ୍ତମାନ ଅତ୍ୟନ୍ତ ବିରଳ ଦେଖିବାକୁ ମିଳୁଛି । କାରଣ କ'ଣ ଏବଂ କେଉଁ ଅଭାବନୀୟତା କାରଣରୁ ଏମିତି ହେଉଛି ବିଚାର କରିବା....... !

ଅନ୍ୟୁନ ୩୦-୪୦ କୋଟି ଲୋକଙ୍କୁ କ୍ଷମତା ପରିସରଭୁକ୍ତ କରି ଶାସନ କରିବା ପାଇଁ ଲକ୍ଷ ଲକ୍ଷ ବ୍ରିଟିଶ ଆସି ନଥିଲେ । କେତେକ ହାତଗଣତି ବ୍ରିଟିଶ ଦୂତ ଆମ ଦେଶରେ ନିୟୋଜିତ ଥାଇ ଆମ ଦେଶର କିଛି ଲୋଭାଶକ୍ତ ଭ୍ରଷ୍ଟାଚାରୀ, ଦେଶଦ୍ରୋହୀଙ୍କୁ କରାୟତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି ଆମ ପୂର୍ବଜଙ୍କୁ ଶାସନ ପରିସର ଭୁକ୍ତ କରି ରଖି ସେମାନଙ୍କୁ ଶୋଷଣ, ଅତ୍ୟାଚାର କରି ଜୀବନ ହନ୍ତସନ୍ତ କରୁଥିଲେ ସେମାନେ ମିଳିମିଶି ! କୌଣସି କାରଣବଶତଃ ଅସହିଷ୍ଣୁତାର ସ୍ୱର ଉତ୍ତୋଳନକାରୀଙ୍କୁ ଦଣ୍ଡବିଧାନ କରିବା ଏବଂ ସେମାନଙ୍କ ଚାଟୁକାରଙ୍କୁ ମିଥ୍ୟା ନ୍ୟାୟ ପ୍ରଦାନ କରିବା ଦେଖାଇ ସାଧାରଣ ଲୋକଙ୍କୁ ଭଣ୍ଡିବା ପାଇଁ ସେମାନଙ୍କ ଦ୍ୱାରା ବ୍ୟାପକ ଆଇନ ପ୍ରଚଳନ କରାଯାଇଥିଲା, ଯାହାର ସଜ୍ଞା ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ଭାବେ ଦର୍ଶାଯାଉଥିଲା ଯାହା ଏପର୍ଯ୍ୟନ୍ତ ଆମ ଦେଶରେ ପ୍ରଚଳିତ ଏକ ଅମାନବୀୟ ଆଇନ କହିଲେ ଅତ୍ୟୁକ୍ତି ହେବନାହିଁ ! ସେହି ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ନୀତିକୁ ଧରି ସେମାନେ ଅସୀମ ଅନ୍ୟାୟ ଅତ୍ୟାଚାର କରିବାରେ ସକ୍ଷମ ହେଉଥିଲେ ସେହି ସମୟରେ ଯାହା ଏପର୍ଯ୍ୟନ୍ତ ଆମକୁ ଛାଡ଼ିନାହିଁ ! ସେମାନଙ୍କ କବଳରୁ ଆମ ଦେଶ ବଂଚିତ ହୋଇଛି ସତ୍ୟ କିଂନ୍ତୁ ଦେଶବାସୀ କୌଣସି ମତେ ରକ୍ଷା ପାଇନାହାନ୍ତି ! କାରଣ ସେମାନଙ୍କ ପରବର୍ତ୍ତୀ ଯେଉଁସବୁ ଶାସନ ଭାରପ୍ରାପ୍ତ ମଣିଷ ଦେଶରେ କାର୍ଯ୍ୟ କରି ଆସୁଛନ୍ତି, ସେହି ବ୍ରିଟିଶ ନୀତିକୁ ଆଦରି ଯଥେଷ୍ଟ ସ୍ୱାର୍ଥ ହାସଲ କରିବା ଦିଗରେ ସମର୍ଥ ତଥା ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିବାରେ ଯଥେଷ୍ଟ ସହାୟକ ସେହି ବ୍ରିଟିଶ ଆଇନ ଗୁଡିକୁ ପରିବର୍ତ୍ତନ କରାଯିବା ଲକ୍ଷ୍ୟ ରଖିନାହାନ୍ତି, ରଖିବେ ଅବା କାହୁଁ ?! ସାଧାରଣ ଲୋକେ, ଆମ ଦେଶବାସୀ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହି ସମୟୋପୋଯୋଗୀ ଶାସନ ବ୍ୟବସ୍ଥାର ମିଥ୍ୟା କୁହେଳିକାରେ ନିଜକୁ ଜଡିତ କରି ପ୍ରତାରିତ ହେଉଥିବା ସମ୍ପୂର୍ଣ୍ଣ ସ୍ୱୀକାର୍ଯ୍ୟ ! ଆଉ ଏହି ସାମ୍ବିଧାନିକ ବ୍ୟବସ୍ଥା ସହିତ ଅଂଗୀକାରବଦ୍ଧ ନ୍ୟାୟିକ ବ୍ୟବସ୍ଥାଯେ ସେହି ବ୍ରିଟିଶ ମାନଙ୍କ ପ୍ରତାରଣାପୂର୍ଣ୍ଣ, ଛଳନାତ୍ମକ ନିୟାମକ ଗୁଡିକୁ ଅନ୍ତରଣୀୟ କରି ଲୋକଙ୍କ ସେବାରେ ନିୟୋଜିତ ହେଉଛି ତାହା କେହି ଅସ୍ୱୀକାର କରିପାରିବେ ନାହିଁ ! ଆମ ସଂସ୍କୃତିର ନ୍ୟାୟୀକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟବସ୍ଥା ଯାହା ଥିଲା ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଣୟନ ଆଜିର ଏହି ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ କ'ଣ ବିଚାର କରିବା...........

ସତ୍ୟ ସବୁବେଳେ ଶାଶ୍ୱତ, ଚିରନ୍ତନ ! ସତ୍ୟର ଅମଳିନତାକୁ ଅସ୍ୱୀକାର କରିବା ଅର୍ଥ ନିଜକୁ ନିଜେ ଦଣ୍ଡିତ, ପ୍ରତାରିତ କରି ନିଜର ମାନବିକତାକୁ ହତ୍ୟା କରିବା ! ତେଣୁ ନ୍ୟାୟୀକ ବ୍ୟବସ୍ଥାରେ ସତ୍ୟକୁ ନ୍ୟାୟ ଦେବା ପାଇଁ ଉଦ୍ୟମରତ ନ୍ୟାୟାଧୀଶ କେବେହେଲେ ପାର୍ଶ୍ୱ ପରିବର୍ତ୍ତନ କିମ୍ବା ପାକ୍ଷିକ ବିଚାର କରିବା ଲକ୍ଷ୍ୟ ରଖିବା ଅର୍ଥ ନ୍ୟାୟୀକ ବ୍ୟବସ୍ଥାକୁ ହତ୍ୟା କରିବା ସହିତ ସମାନ ହୋଇଥାଏ ବୋଲି ବିଚାର ଆମର । ବ୍ରିଟିଶ ସେହି ପାକ୍ଷିକ କଠୋର ଏବଂ ପାକ୍ଷିକ ନମନୀୟ ଆଇନ ସାହାଯ୍ୟରେ ସବୁବେଳେ ସେମାନଙ୍କ ସହଚର ମାନଙ୍କୁ ଅନୈତିକ ନ୍ୟାୟ ପ୍ରଦାନ କରାଯିବା ଲକ୍ଷ୍ୟ ରଖି ଏହି ବର୍ଷ ବର୍ଷ ଧରି ବିଚାରାଧୀନ ବ୍ୟବସ୍ଥା ଲାଗୁ କରିଥିଲେ ଯାହା ସାହାଯ୍ୟରେ ପ୍ରମାଣ ନଷ୍ଟ କରିବା ପାଇଁ ଯଥେଷ୍ଟ ସମୟ ମିଳିବା ସାଙ୍ଗକୁ ଘଟଣାର ସତ୍ୟାସତ୍ୟ ଭୁଲିଯାଇ ସମୟ ସାପେକ୍ଷ ଯୁକ୍ତି ବଢ଼ିବାରେ ଯଥେଷ୍ଟ ସହାୟକ ହେଉଥିଲା ଯାହା ଅଦ୍ୟାବଧି ଆମ ଦେଶରେ ବଳବତ୍ତର ରହି ସେହି ଅମାନବୀୟ ବିଚାର ପ୍ରଦର୍ଶନ କରାଯିବାରେ ସିଦ୍ଧହସ୍ତ ହେଉଅଛି । ବର୍ଷ ବର୍ଷ ଧରି ବିଭିନ୍ନ ମାମଲା ବିଚାରାଧୀନ ରଖାଯାଉଥିବା ହେତୁ ପ୍ରକୃତ ଘଟଣାକୁ କରାୟତ କରାଯିବା ପରିବର୍ତ୍ତେ ଦୋଷୀକୁ ନିର୍ଦ୍ଦୋଷ ସାବ୍ୟସ୍ତ କରାଯିବାରେ ଯଥେଷ୍ଟ ସୁବିଧା ମିଳୁଛି ଯାହା ବ୍ରିଟିଶ ଆଇନର ମୂଳ ଲକ୍ଷ୍ୟ ଥିଲା । ତେଣୁ କହିବାକୁ ଗଲେ କେବଳ ମିଥ୍ୟାକୁ ସତ୍ୟରେ ପରିଣତ କରିବା ପାଇଁ ନ୍ୟାୟୀକ ବ୍ୟବସ୍ଥା ଯଥେଷ୍ଟ ସାହାଯ୍ୟ କରୁଥିବା ବେଳେ ସତ୍ୟର ଅନ୍ତ କରିବା ଏହି ନ୍ୟାୟୀକ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ଭଳି ଅନୁଭବ ହୁଏ ଆଜି ସମୟରେ ଯାହା ସେହି ବ୍ରିଟିଶମାନଙ୍କ ମୂଳ ମନ୍ତ୍ର ରହିଥିଲା ! କାରଣ ସେମାନେ ସେହି ଆଇନ ବଳରେ ସାଧାରଣ ଲୋକଙ୍କୁ ପ୍ରତାରିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି କଠୋର ଶାସନ ବ୍ୟବସ୍ଥା ମଧ୍ୟରେ ନିଜର ଶାସନ ପ୍ରଚଳନ କରୁଥିଲେ !

ସତ୍ୟ କେବେ ଲୁଚିରହେନା ବୋଲି ଆମ୍ଭ ଉକ୍ତିଟି କଣ ବାସ୍ତବରେ ମର୍ମହୀନ ? ନାଁ ! ଏହା ସତ୍ୟଯେ, ସତ୍ୟ କେବେ ଲୁଚି ରହେନା । କାରଣ ସତ୍ୟ ସବୁବେଳେ ଶାଶ୍ୱତ ଏବଂ ଚିରନ୍ତନ । କିନ୍ତୁ ମିଥ୍ୟକୁ ସତ୍ୟରେ ପରିଣତ କରି ନିଆଯାଉଥିବା ନିଷ୍ପତ୍ତି ସେହି ବ୍ରିଟିଶ ମାନଙ୍କ ନ୍ୟାୟ ଭଳି ହୋଇପାରେ । ଆଉ ସେମାନଙ୍କ ନ୍ୟାୟ ବ୍ୟବସ୍ଥାର ମୂଳ ଆଧାର ହେଉଛି ମିଥ୍ୟାକୁ ସତ୍ୟରେ ପରିଣତ କରିବା ! ବିଚାରାଳୟ/ନ୍ୟାୟାଳୟ ସହିତ ଅସଂଖ୍ୟ ଆଇନ/କାନୁନ ପ୍ରଚଳନ କରାଯିବାର ଅର୍ଥ ହେଉଛି କେବଳ ମିଥ୍ୟାକୁ ସତ୍ୟ ବୋଲି ସାବ୍ୟସ୍ତ କରାଯିବା ଯାହା ଏକ ତାର୍କିକ ଯୁକ୍ତି ମାତ୍ର ! କାରଣ ପ୍ରକୃତ ନ୍ୟାୟ ପାଇଁ ତର୍କ ନୁହେଁ ତଥ୍ୟ, ତତ୍ୱର ଆବଶ୍ୟକତା ରହିଥାଏ ଯାହା କେବଳ ମିଥ୍ୟା ଆଉ ସତ୍ୟ ଏହି ଦୁଇଟି ଯୁକ୍ତି ମଧ୍ୟରେ ସୀମିତ । ସେହି ମିଥ୍ୟା ଏବଂ ସତ୍ୟକୁ ଉନ୍ମୋଚନ କରାଯିବା ଲକ୍ଷ୍ୟ ରଖାଗଲେ ଅଜସ୍ର ଆଇନ, କାନୁନର କୌଣସି ଆବଶ୍ୟକତା ନଥାଇ କେବଳ ପ୍ରୟୋଗାତ୍ମକ ଅନୁଶୀଳନ ଏବଂ ଉନ୍ମୋଚନର ଆବଶ୍ୟକତା ରହିଥାଏ । ବ୍ରିଟିଶ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏବଂ ସେମାନଙ୍କ ମସ୍ତିଷ୍କ ବିଚଳନ କରି ସତ୍ୟକୁ ମିଥ୍ୟା, ମିଥ୍ୟକୁ ସତ୍ୟରେ ପରିଣତ କରିବା ପାଇଁ ଯେଉଁସବୁ ହଜାର ହଜାର ଆଇନ ତିଆରି କରିଥିଲେ ସେଗୁଡିକ ବାସ୍ତବ, ସତ୍ୟ ଏବଂ ମାନବୀୟ ବିଚାରଧାରା ସମ୍ପନ୍ନ ନୁହେଁ କି ଭାରତୀୟ ସଂସ୍କୃତି, ସଂସ୍କାର ଉପରେ ଆଧାରିତ ନୁହେଁ ! ତେଣୁ ସେମାନଙ୍କ ଦ୍ୱାରା ପ୍ରଚଳିତ ଏହି ଆଇନରେ ଜଣେ ମିଥ୍ୟାବାଦୀ କେବଳ ଭାଗିଦାରୀତା କରି ନିଜକୁ ମୁକୁଳାଇବା ପାଇଁ ଚେଷ୍ଟା କରିବା ଛଡା ଯଦି କୌଣସି ସତ୍ୟବାଦୀ ଏହି ଆଇନର ଆଶ୍ରୟ ନିଏ ତାହେଲେ ସେହି ବ୍ୟକ୍ତି ପାଇଁ ତାହା ଏକ ଅଭିଶପ୍ତ ଦଣ୍ଡ ଭଳି ହେବାଛଡା ଆଉ କିଛି ନୁହେଁ ! କାରଣ ସତ୍ୟକୁ ପ୍ରମାଣ କରି ଉପସ୍ଥାପନ କରିବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ନ୍ୟାୟାଧୀଶଙ୍କ ଅପେକ୍ଷା ଅନୁସନ୍ଧାନକାରୀଙ୍କ ଉପଯୋଗୀତା ଯଥେଷ୍ଟ ଅଧିକ ରହିଥାଏ । ଅନୁସନ୍ଧାନ କରି ସତ୍ୟ, ମିଥ୍ୟାର ଉନ୍ମୋଚନ ହେବା ପରେ ନ୍ୟାୟ ଦେବା ପାଇଁ କୌଣସି ଅସୁବିଧା ହୁଏନାହିଁ ଯାହା କେତେକ ଜଟିଳ ନିୟାମକ ମଧ୍ୟରେ ପାଳିତ ହୋଇଥାଏ ଏହି ବ୍ରିଟିଶ ଆଇନ ମାଧ୍ୟମରେ ଯାହା ସେମାନଙ୍କୁ ଯଥେଷ୍ଟ ସହାୟକ ହେଉଥିଲା । ଆଉ ସେହି ଆଇନ ପ୍ରଚଳନ କରି ଆମେ ଅଦ୍ୟାବଧି ନିଜକୁ ସ୍ୱାଧୀନ ରାଷ୍ଟ୍ରର ନାଗରିକ ବୋଲି କହୁଥିବା କେତେ ଯୌକ୍ତିକ ବିଚାରଯୋଗ୍ୟ ! ସତ୍ୟବାଦୀଙ୍କ ପାଇଁ ଏହି ନ୍ୟାୟୀକ ବ୍ୟବସ୍ଥା ଏକ ଅଲୌକିକ ସ୍ଥାନ ଭଳି ବିବେଚିତ ହେଉଥିବା ବେଳେ ମିଥ୍ୟାଚାରୀ, ଦେଶଦ୍ରୋହୀ, ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଯୋଗାଇଦେଇ ସେମାନଙ୍କ ଆତ୍ମରକ୍ଷା କବଚ ଭଳି ଦଣ୍ଡାୟମାନ ଏହି ବ୍ରିଟିଶ ବ୍ୟବସ୍ଥାରେ ପିଢ଼ିକୁ ପିଢ଼ି ପ୍ରଚଳିତ ହୋଇ ଆସୁଥିବା ଅମାନବୀୟ ଆଇନ, କାନୁନ ବ୍ୟବସ୍ଥାର ଅନ୍ତ କେବେ..... ? ! !

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୭୨୪୯୧୭.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୀବନଯାତ୍ରା



ଡଃ ମନୋରଞ୍ଜନ ବିଷୋୟୀ

ଏ ବିଶାଳ ପୃଥିବୀରେ ମନୁଷ୍ୟ ମୁକ୍ତ ଭାବରେ ଜନ୍ମନିଏ । ଜନ୍ମ ପରବର୍ତ୍ତୀ ସମୟ ଠାରୁ ବିଭିନ୍ନ ଭାବରେ ତା'ର ପ୍ରସାରଣର ମାର୍ଗ ଅବରୁଦ୍ଧ ହୋଇଉଠେ । କୁହାଯାଏ ମନୁଷ୍ୟ ଯେଉଁ ବନ୍ଦୀଶାଳାରେ ଅବରୁଦ୍ଧ; ତା'ର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥାଏ । କିନ୍ତୁ ଏଇ ଦ୍ୱାର ଦେଇ ଅନ୍ୟ ଗୋଟିଏ ପରିସରକୁ ଗଲାବେଳେ ତାହା ମନେହୁଏ; ଯେପରି ଅନ୍ୟ ଏକ ବନ୍ଦୀଶାଳାର ପ୍ରବେଶ ଦ୍ୱାର । ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବ୍ୟକ୍ତିର ସ୍ୱଚ୍ଛନ୍ଦ ପରିପ୍ରକାଶ ଅବରୁଦ୍ଧ ହୋଇଥିବା ଭଳି ମନେହୁଏ । କିନ୍ତୁ ଏସବୁ ସତ୍ତ୍ୱେ ବଞ୍ଚିବାର ମୋହ ମନୁଷ୍ୟକୁ ଜଡ଼େଇ ରଖେ । ସବୁ ପ୍ରତିକୂଳତା ଭିତରେ ଜିଇଁବାର ଦୁର୍ବାର ବାସନା ଅନାହତ ହୋଇ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ହେଉଛି ନିଜେ ସବୁ ଦୁଃଖର କାରଣ । ମନୁଷ୍ୟ ସମାଜ ଗଢ଼େ; ନିତି, ନିୟମ ଓ ଆଦର୍ଶର ଦ୍ୱାହି ଦେଇ ଆପଣା ନିମନ୍ତେ ଏକ ଆଦର୍ଶ ତିଆରି କରିଥାଏ । ଦୁର୍ବାର ମନର ଆହ୍ୱାନରେ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରେ । ନିଜେ ହିଁ ପାପ ପୁଣ୍ୟର ମଧ୍ୟବିନ୍ଦୁରେ ପେଣ୍ଡୁଲମ୍ ଭଳି ଏପଟ ସେପଟ ହୁଏ । ନିଜର ବିଜ୍ଞତା/ ଅଜ୍ଞତା ବିଶ୍ୱ ପ୍ରବାହରୁ କିଛି ବି ପରିବର୍ତ୍ତନ ଆଣିବାର ସମର୍ଥ ହୁଏନାହିଁ । କାରଣ କାଳ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ସମୟର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧାରାରେ ଉତ୍‌ଥାନ ପତନ ଦେଇ ଗତି କରୁଥିବା ମନୁଷ୍ୟ ତା'ର ଚତୁର୍ଦ୍ଦିଗର ପରିବର୍ତ୍ତନକୁ ଅନୁଭବ କରେ । ଦର୍ଶନ ଓ ତତ୍ତ୍ୱର ନିବିଡ଼ ପରିସରରେ ତାକୁ ପରଖିବାକୁ ଚେଷ୍ଟା କରେ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତୀୟ ଦୃଷ୍ଟିକୋଣରେ ଜୀବନ ହେଉଛି ଏକ ରଙ୍ଗମଞ୍ଚ । ବିଶ୍ୱନିଅନ୍ତାଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ଏଠାରେ ଆପଣା ଆପଣାର ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ଏହି ରଙ୍ଗମଞ୍ଚରେ ବିଭିନ୍ନ ଭୂମିକାରେ ଅଭିନୟ କଲାବେଳେ ଅନେକ ସମୟରେ ନିଜର ସ୍ଥିତି ଭୁଲିଯାଏ ମନୁଷ୍ୟ । ଗଭୀର ତନ୍ମୟତାରେ ଆପେ ହିଁ ଘାରି ହୁଏ । ଏ ମୋହରୁ ମୁକ୍ତି ପାଇବା ହିଁ ହେଉଛି ଜୀବନର ଲକ୍ଷ୍ୟ । କିନ୍ତୁ ଏଠାରେ କହିରଖେ ସନାତନ ଆର୍ଯ୍ୟ ପରମ୍ପରାରେ ମନୁଷ୍ୟ ଜନ୍ମ ଓ ମୃତ୍ୟୁକୁ ଜୀବନର ଆରମ୍ଭ ଓ ଶେଷ ଭାବରେ ଗ୍ରହଣ କରିନାହିଁ । ପୁଣି ସେ ଜିଉଁଥିବା ଜୀବନ ତା'ର ସବୁକିଛି ନୁହେଁ । ସେ ସମକାଳରେ କେବଳ ବଞ୍ଚେ ନାହିଁ । ଅତୀତର କର୍ମଫଳ ଯେମିତି ଅନୁରଣିତ ହେଉଥାଏ ସମଗ୍ର ଜୀବନ । ପୁଣି ଆଗାମୀ ଜନ୍ମ ନିମନ୍ତେ କିଛି ସଞ୍ଚିତ କରି ରଖିବାର ବ୍ୟଗ୍ରତା ତାକୁ ଉଦଗ୍ରୀମ କରେ; ସତରେ କ'ଣ ପୁନର୍ଜନ୍ମ ସତ୍ୟ ? ପୁଣି ଅତୀତର କର୍ମଫଳ ନେଇ ବାକିଥିବା ଜୀବନ କାଟିବାକୁ ପଡ଼େ । ଏହିପରି ଏକ ଆବେଗର ସମାହାର ହେଉଛି ମନୁଷ୍ୟ ଜୀବନ । ତେଣୁ ତ କୁହାଯାଏ ଜୀବନର ଗତି ବଡ଼ ବୈଚିତ୍ର୍ୟମୟ । ଏହି ସତ୍ୟକୁ ବୁଝିବା ପାଇଁ ଯୁଗେ ଯୁଗେ ମାନବ ଖୋଜିଛି ବିଭିନ୍ନ ପଥ । କିନ୍ତୁ ଜୀବନର ସୀମିତ ପରିଧି ଭିତରେ ହୁଏତ ସମ୍ଭବ ହୋଇପାରିନାହିଁ ଏହାର ସମାଧାନ ।

ପରିଶେଷରେ କେବଳ ଏତିକି କହିବି ମାନବ ଜୀବନ ହେଉଛି ଏକ ଅନ୍ୱେଷା । ଏ ଅନ୍ୱେଷାର ଧାରା ଗଡ଼ିଆସିଛି ଅବାରିତ ଭାବରେ କାଳ କାଳ ଧରି । ବିଶ୍ୱ ପ୍ରଦକ୍ଷଣ ପରେ ଅନ୍ତରୀକ୍ଷ ଯାତ୍ରା ସାରି ସତେ ଯେମିତି ମନେ ହୋଇଛି ସବୁ ଅନ୍ୱେଷା ବୃଥା । ଏ ପିଣ୍ଡ ହିଁ ତ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବ୍ରହ୍ମାଣ୍ଡ । ଏଇଠି ନିତ୍ୟ ବୃନ୍ଦାବନ । ସୋଃହଂର ସ୍ୱର ନିନାଦିତ ହୁଏ ସଚରାଚର । ଜଗତ ରହେ ମନର ମୂଳରେ । ତେଣୁ ତ ଦୃଶ୍ୟମାନ ଜଗତ ହେଉଛି ମନର ଏକ ରୂପାନ୍ତରଣ । ଚିତ୍ତବୃତ୍ତିର ପ୍ରତିଫଳନ ନେଇ ଦିଗ୍ୱିଦିଗ ଖେଳିଯାଏ ଭାବନାର ତରଙ୍ଗ । ସବୁ ସ୍ୱପ୍ନ, ସବୁ ବିଶ୍ୱାସ, ସବୁ ଆଶ୍ୱାସନା, ସବୁ ପ୍ରାପ୍ତି ଓ ଅପ୍ରାପ୍ତି ବେଦନା ତିଆରି ହୁଏ ଆପେ ଆପେ ଏବଂ ନିଶ୍ଚିନ୍ନ ମଧ୍ୟ ହୁଏ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୦୪୧୭୨୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରାକ୍ଷୀ



ଆଲୋକ କୁମାର ସାହୁ

ରକ୍ଷା ବନ୍ଧନ:-

ରକ୍ଷା କରିବ ।

କ୍ଷମା କରିବ ।

ବନ୍ଧନମୁକ୍ତ କରିବ ।

ଧ୍ୟାନ ରଖିବ ।

ନ ଭୁଲିବ ।

ଏ ବନ୍ଧନ ହେଉଛି ଭାଇଭଉଣୀର ପବିତ୍ର ସମ୍ପର୍କର ବନ୍ଧନ । ସୁତାଖିଅଟିଏ ସାକ୍ଷୀ ରହିଥାଏ ସାରା ଜୀବନ, ଭାଇଭଉଣୀର ଅତୁଟ ପ୍ରେମର ଏ ହେଉଛି ମୁକସାକ୍ଷୀ । ଭାଇଭଉଣୀ ଭିତରେ ରାଗ, ରୁଷା, ମାନ, ଅଭିମାନ ଲାଗି ରହିଥାଏ ତଥାପି ତା ଭିତରେ ଭଲପାଇବା ଲୁଚି ରହିଥାଏ । ଦୁହିଁଙ୍କ ଭିତରେ ଝଗଡ଼ା ହୁଏ, ପୁଣି ଦୂରେଇ ଗଲେ ଝୁରନ୍ତି ।

ଭାଇ ରାକ୍ଷୀର ମାନ ରଖିବା ପାଇଁ ତାକୁ ସାରା ଜୀବନ ତାର ଛାଇ ଭଳି ପାଖେ ପାଖେ ରହୁଥାଏ, ଭାଇ ପାଖରେ ଥିଲେ ଭଉଣୀ ବିପଦରେ ପଡେନି, ସାହସ ହାରେନି, କାହାକୁ ଡରେନି । ଭଉଣୀ ଧୂପ, ଦୀପ, ଫୁଲ ଧରି ଚାହିଁ ରହିଥାଏ ସେ ଶୁଭ ମୁହୂର୍ତ୍ତକୁ କେମିତି ଭାଇର ହାତରେ ରାକ୍ଷୀ ବାନ୍ଧିବ, ଆଉ ତା ଠାରୁ କିଛି ଆଶା ରଖିଥାଏ ପାଉଣା ପାଇବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଇ ଯେତେ ଦୁଃଖରେ ରହୁନା କାହିଁକି ଭଉଣୀକୁ କେବେ ଦୁଃଖରେ ରଖେ ନାହିଁ । ତାର ଆଖପାଖରେ ଛାଇ ଭଳି ରହିଥାଏ । ଯେଉଁ ମାନଙ୍କର ଭାଇ କିମ୍ବା ଭଉଣୀ ନଥିବେ ସେମାନେ ବହୁତ୍ ଦୁଃଖ ଅନୁଭବ କରୁଥିବେ । ଏହି ସମ୍ପର୍କ ସାରା ଜୀବନ ପବିତ୍ର ହେଇ ରହିଥାଉ ।

ଏ ବନ୍ଧନ ହେଉଛି ସମ୍ପର୍କର ବନ୍ଧନ ।

ଏ ବନ୍ଧନ ହେଉଛି ସ୍ନେହର ବନ୍ଧନ ।

ଏ ବନ୍ଧନ ହେଉଛି ଦୃଢ଼ ବିଶ୍ୱାସ ର ବନ୍ଧନ ।

ଏ ବନ୍ଧନ ହେଉଛି ଭଉଣୀକୁ ସୁରକ୍ଷା ଦେବାର ବନ୍ଧନ ।

ପବିତ୍ର ରକ୍ଷା ବନ୍ଧନର ଶୁଭେଚ୍ଛା ଓ ଶୁଭକାମନା ।

ବିଧାରପୁର, ଗନ୍ଦିଆ, ଢେଙ୍କାନାଳ

୭୫୯୦୧୬, ଓଡ଼ିଶା


୬୩୭୦୬୬୫୫୫୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମହତ୍ୟା



ମଧୁସ୍ମିତା ସାହୁ

ଆତ୍ମାକୁ ବାଧିଲେ ହିଁ ଆତ୍ମହତ୍ୟା କରିଥାନ୍ତି ।

ପ୍ରଥମତଃ---

ଆତ୍ମହତ୍ୟା ଅଭିଯୋଗ ସଂଖ୍ୟା ଦୂର କରିବାର ଏହା ଏକ କ୍ଷୁଦ୍ର ମନ୍ତ୍ର ଅଟେ । ଯାହା ଦ୍ୱାରା ସହଜରେ ରୋକି ପାରିବାରେ ସାର୍ଥକ ହୋଇ ପାରିବା । କାରଣ କେବଳ ପ୍ରେମ ନୁହଁ, ନିରାକରଣ ହିଁ ପ୍ରେମର ଯଥାର୍ଥତା । ପ୍ରେମକୁ ଆଧାର କରି ନୂତନ ଉଦ୍ୟମ ଓ ପଦକ୍ଷେପ ଅଟେ । ଅଭିନବ ପ୍ରୟାସ ହିଁ ଚରମପନ୍ଥୀ । ।

ଏକ ସରଳ ମନର ମାନବ ପ୍ରଲୋଭିତ ହୁଏ ପ୍ରକୃତ ପ୍ରେମ ପାଇବାକୁ । ସେହି ପ୍ରେମ ଯେଉଁଠାରୁ ବେଶି ମିଠାକଥା ପଦେ, ଆଶ୍ୱାସନା, ବୁଝାମଣା, ନିଃସ୍ୱାର୍ଥପର, ନିଷ୍କପଟ ନିରହଂକାରୀ, ନିଷ୍କଳଙ୍କ, ନିବିଡ଼, ଘନିଷ୍ଠ, ସମ୍ବେଦନଶୀଳ, ଉଦାରଭାବ, ପ୍ରେରଣା ଭାବ ଇତ୍ୟାଦି ଚାହେଁ । ।

ପ୍ରେମ ଏକ ବିସ୍ମୟ ଜାଦୁଗର ଅଟେ, ଯାହା ଫଳରେ ଯେ କୌଣସି ଅସମ୍ଭବପର କାର୍ଯ୍ୟ ସହଜରେ ସମ୍ଭବ ନିଶ୍ଚିତ ହୁଏ । ଅସାଧ୍ୟ କାର୍ଯ୍ୟ ସାଧିତ ହୁଏ । କଥାରେ ଅଛି, "ପୋଥି ପୁରାଣ ପଢ଼ି ଜ୍ଞାନୀ ପଣ୍ଡିତ ନୁହେଁ, କେବଳ ଅଢେଇ ଅକ୍ଷର ପ୍ରେମ ପଢ଼ି ପଣ୍ଡିତ ହୁଏ ।" ପ୍ରେମ ମାନେ ସମସ୍ତ ତଥ୍ୟକୁ ବୁଝାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହେଁ ଶାରିରୀକ, ମାନସିକ, ଆଧ୍ୟାତ୍ମିକ, ଦୈବିକ, ପ୍ରାକୃତିକ ତଥା ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ପାରିବା । ପ୍ରେମରେ ପ୍ରତିବିମ୍ବ,ପ୍ରତିସ୍ପୃହା, ପ୍ରିତିରଞ୍ଜନ ଝଲସୀ ଉଠେ ।

ମୋ ମତରେ, ଆତ୍ମହତ୍ୟା କରୁଥିବା ବ୍ୟକ୍ତିଙ୍କ ପାଖରେ ଭିନ୍ନଭିନ୍ନ କାରଣ ଥାଇପାରେ କିନ୍ତୁ ସେ ଯେଉଁ ଅନ୍ତିମ ପଦକ୍ଷେପ ଉଠାଇବା ସମୟରେ ସମସ୍ତ ଉପାୟ ଭାବିବା ପରେ ନିରୁପାୟ, ନିରୁତ୍ତର, ନିରୁତ୍ସାହ, ପଶ୍ଚାତାପ, ଅନୁତାପ, ହତାସ, ପଥଭ୍ରଷ୍ଟ ହୋଇ ନିଜ ବହୁମୂଲ୍ୟ ଜୀବନକୁ ନଷ୍ଟ କରିବାକୁ ଆଗେଇ ଥାଏ ।

ପ୍ରାୟତଃ ୧୨ବର୍ଷ ବୟସରୁ ଏହି ରୋଗ ଟି ଆକ୍ରମଣ କରିବା ଆରମ୍ଭ ହୁଏ ।

ଶୂନ୍ୟତା, ପଥହରା ମାନସିକ ଭାରାକ୍ରାନ୍ତ ହୋଇ ଅସଃହାୟ ହୋଇ ବଞ୍ଚି ରହିବା ଆଶାକୁ ନଷ୍ଟ କରିଦିଏ । ଏହି ମାନସିକ ଚାପରେ ରହୁଥିବା ବ୍ୟକ୍ତି ଚେତନା, ଭାବନା ହରାଇଦିଏ । ନୂତନ ଉନ୍ମାଦ ଆଶାର ଆଲୋକ ଦେଖାଇ ବୁଝାଇ କେହି ଜଣେ ନିର୍ଭୟ ଭାବ, ଆଶ୍ୱାସନା ଦେଲେ ଆଗକୁ ବଢ଼ିବାରେ ସାହସ, ଧୈର୍ଯ୍ୟ, ପ୍ରେରଣା, ଶାନ୍ତ୍ୱନା ଦେବା ଦ୍ୱାରା ଏହି ବିଷମ ଯନ୍ତ୍ରଣାରୁ ମୁକ୍ତ କରି ପାରିଥାନ୍ତେ ।

ଭୟଭୀତ ଜୀବନରେ ସାହାଯ୍ୟ ନିଶ୍ଚିତ ଆବଶ୍ୟକ । ଅନ୍ତହୀନ ଆବେଗପୂର୍ଣ୍ଣ ନିଃସନ୍ଦେହ ଛଳନାହୀନ ପ୍ରେମ ହିଁ ଆତ୍ମହତ୍ୟା ରୋଗର ନିବାରକ, ନିରାକରଣ ଔଷଧ ଅଟେ । କାରଣ ଯାହା ମଧ୍ୟ ରହୁ ଯଦି ଏହାର ଉଦ୍ଧାର କରିବା ଅସମର୍ଥ ହେବା ତେବେ ଦେଶର ଉତ୍ତମ ନାଗରିକଙ୍କୁ ହରାଇ ପାରିବା । କଠୋର, କ୍ରୋଧୀ, ନିଷ୍ଠୁର, ରୁଢ଼ିବାଦୀ ଆଦୌ କରନ୍ତି ନାହିଁ ।

ସରଳ ଦୂର୍ବଳ ଉପରେ ସବଳର ଅତ୍ୟାଚାର । ଆତ୍ମହତ୍ୟା ପରି ଜରାଜୀର୍ଣ୍ଣ ରୋଗକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଟକାଇବାରେ ପ୍ରେମ ହିଁ ଶ୍ରେଷ୍ଠ ଗୁରୁ ଓ ସାଧନ ।।

ଦ୍ୱିତୀୟତଃ--

ଯେତେବେଳେ ଆତ୍ମହତ୍ୟା କରିବାକୁ ଉଦ୍ୟମ ସମୟରେ ଭାବନା ଶକ୍ତିକୁ ପ୍ରାଧାନ୍ୟ ସୁଦୃଢ଼ କରି ଭଗବତ ପ୍ରେମୀ ହୋଇ ଈଶ୍ୱରଙ୍କ ବିସ୍ମିତ ସୃଷ୍ଟି ରଚନା କରିଥିବା ପ୍ରମୁଖ ଉପାଦାନକୁ ସ୍ମରଣ କରି ତାଙ୍କରି ସରଞ୍ଜନାକୁ ଦିବ୍ୟ ଅନୁଭବ କରିବା ଦ୍ୱାରା ଆମର ଆତ୍ମ ଚିନ୍ତନ ପରିପ୍ରକାଶ ହେବା ସହ ମନୋବଳ ଦୃଢ ହେବ ।

ସୃଷ୍ଟି ରଚନାର ଗୁଣ ଓ ମହାନତାକୁ ଆମେ ଦିଗ୍ ଦର୍ଶନ ଦେଇ ପାରିଲେ ଆମ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଜାଣିପାରିବା ଫଳରେ ଆତ୍ମଜ୍ଞାନ ଚେତନା ଆସିଗଲେ ଆତ୍ମହତ୍ୟା କରିବାକୁ ଉଦ୍ୟମ ବିଫଳ ହୋଇପାରିବ । ଆମକୁ ସ୍ୱୟଂ ଭଗବାନ ସୃଷ୍ଟି କରି ଏକ ମହତ୍ତ୍ୱପୂର୍ଣ୍ଣ କାରଣ ସକାଶେ ପ୍ରତିଦିନ ପରୀକ୍ଷା କରିଥାନ୍ତି ।ଯିଏ ଯେତେ କଷ୍ଟ ସହିବ ସିଏ ସେତେ ପୂଜା ପାଇବ । ସରଳ ମାନଙ୍କ ପାଖରେ ଭଗବାନ ବିରାଜିତ ରହି ଦୃଢ ସାହାସ ଦେଇଥାନ୍ତି । ଆଗକୁ ବଢ଼ିବାରେ ସାମର୍ଥ୍ୟ ଦେଇ ଲୁକ୍କାୟିତ ପ୍ରତିଭା ସାମ୍ନା କରାଇଥାନ୍ତି । ସର୍ମପଣ ଯଦି ଈଶ୍ୱରଙ୍କ ପାଖରେ କରିଦେବା,ତେବେ ନିଶ୍ଚିତ କାର୍ଯ୍ୟ ସିଦ୍ଧ ହେବ ।

ଉଦାହରଣ ସ୍ୱରୂପ----

ଥରେ ଦୁଇଟି ପଥର ଗୋଟିଏ ସ୍ଥାନରେ ଥିଲା । ଶିଳ୍ପୀଟିଏ ଆସି ସେହି ମଧ୍ୟରୁ ଗୋଟିଏ ପଥରକୁ ବାଛି ନେଇ ଚାଲିଗଲା । ସେ ନେଇଥିବା ପଥରକୁ ନିଖୁଣ ଭାବରେ ମୂର୍ତ୍ତି ତିଆରି ପରେ ମନ୍ଦିର ପ୍ରତିଷ୍ଠା କରି ତାକୁ ସ୍ଥାପନ କରି ଦେଲେ । ଏଥି ଉତ୍ତାରୁ ସେହି ପଥରଟି ଆଣି ମନ୍ଦିର ନିର୍ମାଣ ରାସ୍ତାରେ ପକାଇ ଦେଲେ । ଏହା ପରେ ଦୁଇଟି ପଥର ପରସ୍ପର ମଧ୍ୟରେ କଥା ହେଲେ ଯେ, ତୋତେ ମୋତେ ପୃଥକ୍ ରୂପେ ବ୍ୟବହାର କରି ଏହା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରମାଣିତ କରି ଦେଇଛନ୍ତି, ଯେତେ ସହ୍ୟ କରିବ ସେତେ ସୁନ୍ଦର ରୂପେ ମୂର୍ତ୍ତି ହୋଇ ପୂଜା ପାଇବ । ଏଣୁ ସହ୍ୟକରି ସମସ୍ତ ଭାବନାକୁ ଈଶ୍ୱର ବିଶ୍ୱାସରେ ସମର୍ପଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ଆମର ଆତ୍ମ ପ୍ରକାଶ ହୋଇଯାଏ ଓ ସତ୍ ମାର୍ଗ ପରିଦର୍ଶନ କରାଇଥାନ୍ତି । ଆତ୍ମାର ପ୍ରତିଭାକୁ ଜାଣି ଆତ୍ମହତ୍ୟା କରିବାକୁ ଉଦ୍ୟମ ବିଫଳ ହୋଇ ପାରିବ । ଈଶ୍ୱର ବିଶ୍ୱାସର ପ୍ରମାଣ ସହଜ ମିଳିଯିବ । ।

// କରି କରାଉ ଥାଉ ତୁହି,

ତୋ ବିନୁ ଅନ୍ୟ ଗତି ନାହିଁ । ।//

ବ୍ରହ୍ମା ନଗର ପ୍ରଥମ ଗଳି,

ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ,

ଓଡ଼ିଶା, ୯୩୪୮୨୮୫୪୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ସ୍ୱାଧିନତା



ତ୍ରିନାଥ ନନ୍ଦୀ

ସ୍ୱାଧିନତା ଦିବସ, ଆମେ ଆଜି ଏଇ ସ୍ଥାନରେ ସ୍ୱାଧୀନ ଭାବରେ ବସବାସ କରିବା ପାଇଁ ଆମେ ଇଂରେଜ ସରକାର ସହିତ ସଂଗ୍ରାମ କରୁଥିଲୁ । କେତେ ପରାଜୟ କେତେ ବନ୍ଦୀକୁ ଖାତିର ନକରି ସେଇ ଭାରତ ମାଆର ବୀର ପୁତ୍ର ମହାପୁରୁଷ ମାନେ ଲଢେଇ କରୁଥିଲେ ।

ଭାରତୀୟ ଜନତା ମଧ୍ୟ ଅନେକ ଶହିଦ ହୋଇଛନ୍ତି । ଯଦି ଏହି ଭାରତ ସ୍ୱାଧୀନତାର ଇତିହାସ ପୃଷ୍ଠାଟି ଓଲଟାଇ ଦେବା ତେବେ ଅନେକ ମହାପୁରୁଷମାନେ ଅନେକ ପ୍ରକାରର ଆନ୍ଦୋଳନ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପର୍ଯ୍ୟନ୍ତ ।

ଆଜି ସେଇ ମାନଙ୍କୁ ଆମେ ମନେରଖିଛୁ । ତାଙ୍କର ବୀରତ୍ୱର ଗାଥା ଆମେ ପାଠ କରୁଛୁ । ତାଙ୍କ ସାହାସିକ କାର୍ଯ୍ୟପନ୍ଥାକୁ ମଧ୍ୟ ଆମ ନିତିଦିନିଆ ଜୀବନଯାତ୍ରାରେ ବ୍ୟବହାର କରୁଛୁ । ଆଜି ଆମେ ସ୍ୱାଧୀନତା ଦିବସର (ପ୍ଲାଟିନମ୍ ଜୟନ୍ତୀ) ୭୫ ତମ ଉତ୍ସବ ପାଳନ କରୁଛେ ତତ୍ ପରେ ମଧ୍ୟ ଆମେ ସ୍ୱାଧୀନ ନୋହୁଁ ଆଜି ମଧ୍ୟ ଆମେ ସମ୍ପୁର୍ଣ୍ଣ ଭାବେ ସ୍ୱାଧୀନତା ଉପଭୋଗ କରିପାରୁ ନାହୁଁ ।

ଜଣେ ଅନ୍ୟ ଜଣକୁ ହତ୍ୟା କରିଦେଉଛି । ରାସ୍ତାର ଗଲାବେଳେ ଲୁଟ୍ ଡକାୟତି ଭଳି ଘଟଣା ଘଟୁଛି । ଏ ସୃଷ୍ଟିର ଜନନୀ ମାଆ ପରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାରୀଟିଏ ବାଟରେ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବରେ ଚଲାବୁଲା କରିପାରୁ ନାହିଁ ।

ସ୍ୱାଧିନତା ସଂଗ୍ରାମ ଆମ ଭାରତର ଏକ ବଡ଼ ସଂଗ୍ରାମ । ଯେଉଁଥିରେ ଅନେକ ସାଧାରଣ ଜନତା ମଧ୍ୟ ଶହିଦ ହୋଇଥିଲେ । ସଂଗ୍ରାମର ଇତିହାସ ପୃଷ୍ଠାଟି ଓଲଟାଇ ଦେଇ ଦେଖିଲେ ଆମ ଆଖିରୁ ଛଳ ଛଳ ହୋଇ ଲୁହ ଝରୁଥାଏ । ସେଇ ମହାପୁରୁଷମାନେ ଅନେକ ପ୍ରକାରର ଆନ୍ଦୋଳନ ପାଇଁ ସଂଗ୍ରାମ କରୁଥିଲେ ।

ସେଇ ମହାପୁରୁଷ ମାନେ ଅନେକ ପ୍ରକାରର ଆନ୍ଦୋଳନ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ କରିଛନ୍ତି ଓ ସେଇ ଇଂରେଜ ମାନଙ୍କୁ ଚଢିବା ପାଇଁ ଅଧିକ ସମୟରେ କାରାଦଣ୍ଡ ମଧ୍ୟ ଭୋଗ କରିଛନ୍ତି ।

ମହାତ୍ମା ଗାନ୍ଧୀ :-

ତାଙ୍କର ପ୍ରତ୍ୟେକଟି ଆନ୍ଦୋଳନରେ ସେ କେବଳ ନିଜର ନୁହେଁ ସାରା ଭାରତରେ ଜନସାଧାରଣ ପାଇଁ ସେ ଲାଗି ରହିଥାନ୍ତି । ତାଙ୍କର ଦୃଢ଼ ପ୍ରତିବାଦ ଓ ଆନ୍ଦୋଳନ ପାଇଁ ଇଂରେଜ ସରକାର ତାଙ୍କୁ କାଇଜର-ଇ-ହିନ୍ଦ୍ ଉପାଧି ଦେଇଥିଲେ । କିନ୍ତୁ ଜାଲିଆନା-ୱାଲା-ବାଗରେ ଇଂରେଜ ସରକାରଙ୍କ ବର୍ବରୋଚିତ କାଣ୍ଡ ପାଇଁ ସେ ଏହି ଉପାଧି ତ୍ୟାଗ କରିଥିଲେ । ଜନସାଧାରଣଙ୍କ ମଧ୍ୟରେ ନୂତନ ଦେଶପ୍ରେମ ସୃଷ୍ଟି କରିବା ପାଇଁ ସେ ଭାରତୀୟ ଜାତୀୟ କଂଗ୍ରେସ ନାମକ ଏକ ରାଜନୈତିକ ଦଳ ଗଠନ କରିଥିଲେ । ତାଙ୍କର ଏହିପରି ଅନେକ କଥା ରହିଛି ଯାହାକି ଆଜି ପରିପ୍ରକାଶ କରିବା ସମ୍ଭବ ନୁହେଁ ।

ରବିନ୍ଦ୍ର ନାଥ ଠାକୁର:-

ସେ ଜଣେ ବିଶିଷ୍ଟ କବି । ତେଣୁ ମଧ୍ୟ ଇଂରେଜ ସରକାର ଏକ ଉପାଧି ଦେଇଥିଲେ, ତାହା ହେଲା ନାଇଟ ଉପାଧି । ସେ ମଧ୍ୟ ଜାଲିଆନାୱାଲାବାଗରେ ଇଂରେଜ ମାନଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ବରୋଚିତ କାଣ୍ଡ ପାଇଁ ନାଇଟ୍ ଉପାଧି ତ୍ୟାଗ କରିଥିଲେ ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ :-

ସେ ଜଣେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଥିଲେ । ସେ ମଧ୍ୟ ସ୍ୱାଧୀନତାର ସ୍ୱାଦ ଚାଖିବା ପାଇଁ ଆନ୍ଦୋଳନ କରିଥିଲେ ତାଙ୍କର ବଳିଷ୍ଠ କାର୍ଯ୍ୟପାଇଁ ଆଜି ସେ ଆମ ଭାରତର ଲୌହମାନବ ଭାବରେ ପରିଚିତ ।

ସେଇ ସ୍ୱାଧିନତାର ସ୍ୱାଦ ଚାଖିବା ପାଇଁ କେବଳ ଏଇ ମହାପୁରୁଷମାନେ ନୁହନ୍ତି ସେ ସମୟର ଜନସାଧାରଣ ମଧ୍ୟ ଆନ୍ଦୋଳନରେ ଜଡିତ ଏବଂ ସହିଦ ମଧ୍ୟ ହୋଇଛନ୍ତି । ତାରି ଭିତରେ ଛୋଟ ପୁଅ ବାର ବର୍ଷର ପୁଅ ବାଜିରାଉତ ମଧ୍ୟ ରହିଛି ।

ବାଜି ରାଉତ :-

ଛୋଟ ପିଲାଟେ ହୋଇ ମଧ୍ୟ ସେ ଏ ଇଂରେଜ ସରକାରଙ୍କ ବର୍ବରୋଚିତ କାଣ୍ଡ ବିଷୟରେ ସେ ବିଶେଷ ଭାବରେ ଅବଗତ ଥିଲା । ନିଜ ଗାଁର ସୁରକ୍ଷା ପାଇଁ ସେ ଇଂରେଜ ମାନଙ୍କ ଗୁଳିରେ ପ୍ରାଣ ହରାଇଥିଲା ।

ଦୁଇଶହ ବର୍ଷ ଧରି ଇଂରେଜମାନଙ୍କ ଶାସନ ସହ ସଭିଏଁ ଲଢେଇ କରି ସଭିଏଁ ସ୍ୱାଧିନତାର ସ୍ୱାଦ ଚାଖିଥିଲେ । ଯାହାର କି ଆଜି ଆମେ ୭୫ ତମ ସ୍ୱାଧିନତା ଦିବସ ପ୍ଲାଟିନମ ଜୟନ୍ତୀ ପାଳନ କରୁଛେ ।।

ତ୍ରିନାଥ ନନ୍ଦୀ

ଦେଉଳୀପଞ୍ଜୁଘଣ୍ଟା, ଜଳେଶ୍ୱର, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଣ୍ଠଶିଳ୍ପୀ ପବନଦୀପ ରାଜନ୍



ରାମଚନ୍ଦ୍ର ପ୍ରଧାନ

ଭାରତୀୟ ସଂଗୀତ ଜଗତରେ ପୱନ୍ ରାଜନ୍ ଏକ ସୁନାମଧନ୍ୟ ପ୍ରଚ୍ଛଦପଟ୍ଟ ଗାୟକ । ସଂଗୀତର ସୁମଧୁର ଯାଦୁରେ ସେ ଅଗଣିତ ଶ୍ରୋତାଙ୍କୁ ନିଜର ପ୍ରଶଂସକ କରିଦେଇଛନ୍ତି । ସେ ୧୯୯୬ ମସିହା ଜୁଲାଇ ୨୭ ତାରିଖରେ ଉତ୍ତରାଖଣ୍ଡର ଚମ୍ପାୱତରେ ଏକ ସାଧାରଣ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସୁରେଶ ରାଜନ ଓ ମାତାଙ୍କ ନାମ ସରଜୋର ରାଜନ । ତାଙ୍କର ଦୁଇ ଭଉଣୀ ଜଣେ ଜ୍ୟୋତିଦୀପ୍ ରାଜନ ଆଉ ଜଣେ ଚାନ୍ଦିନୀ ରାଜନ । ତାଙ୍କ ଡାକ ନାମ ପୱନ । ପିଲାଟିବେଳୁ ସଂଗୀତର ଛାପ ତାଙ୍କ ଉପରେ ପଡିଥିଲା କାରଣ ପୱନଙ୍କ ପିତା, ଦାଦା ଓ ଭଉଣୀ ଆଗ ଧାଡ଼ିର ଗାୟକ ଥିଲେ । ଛୋଟ ବେଳୁ ପୱନ ସଂଗୀତରେ ରୁଚି ରଖୁଥିବାରୁ ତାଙ୍କ ପିତା ତାଙ୍କୁ ଦେଢ଼ ବର୍ଷ ବୟସରେ ଏକ ତବଲା ଉପହାର ଦେଇଥିଲେ ଏବଂ ଅଢେଇ ବର୍ଷ ବୟସରେ ତାଙ୍କୁ ଉତ୍ତରାଖଣ୍ଡର ସର୍ବ କନିଷ୍ଠ ତବଲା ବାଦକ ପୁରସ୍କାର ମିଳିଥିଲା । ମାତ୍ର ଚାରି ବର୍ଷ ବୟସରେ ପୱନଦୀପ୍ ନିଜ ବାପାଙ୍କ ଠାରୁ ଗୀତ ଶିଖିବା ଆରମ୍ଭ କରି ଦେଇଥିଲେ । ତା' ପରଠୁ ଆଉ ସେ ପଛକୁ ଫେରି ନାହାଁନ୍ତି । ସ୍କୁଲ,କଲେଜ ସବୁଠି ସେ ତାଙ୍କ ଗୀତର ଯାଦୁ ଦେଖାଇଛନ୍ତି । ପୱନ୍ ରାଜନ୍ ଚମ୍ପାୱତ ସ୍ଥିତ ୟୁନିଭର୍ସିଟି ସିନିଅର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେକଣ୍ଡାରୀ ସ୍କୁଲରୁ ସ୍କୁଲଶିକ୍ଷା ସମାପନ କରି ନୈନିତାଲର କୁମାଉନ୍ ୟୁନିଭେର୍ସିଟିରୁ ସ୍ନାତକ ପାସ୍ କରିଥିଲେ ।

ସବୁବେଳେ ସଂଗୀତରେ ମଜି ରହୁଥିବା ପଵନଦୀପ୍ ରାଜନ୍ ୨୦୧୪ ମସିହାରେ ଚଣ୍ଡିଗଡ଼ ଆସି ନିଜର ଗୋଟେ ମ୍ୟୁଜିକାଲ୍ ବ୍ୟାଣ୍ଡ ଆରମ୍ଭ କରିଥିଲେ ଯାହାର ନାମ 'ରୟତ୍' । ସେହି ବ୍ୟାଣ୍ଡରେ ତାଙ୍କ ସହ ପରାଶ ରୋରୀଆଲ, ପଵନ ଭଟ୍ଟ ଓ ବିଶାନ୍ତ ନାଗ୍ରା ସହ କଳାକାର ଭାବେ କାର୍ଯ୍ୟ କରୁଥିଲେ । ୨୦୧୪ ମସିହାରେ ପଵନ୍ ରାଜନ୍ ନିଜ କଣ୍ଠର ସୁଲଳିତ ଯାଦୁରେ ବିଚାରକ ମଣ୍ଡଳୀଙ୍କୁ ବିମୋହିତ କରି "ଭଏସ୍ ଅଫ୍ ଇଣ୍ଡିଆ"ର ବିଜେତା ସାଜିଥିଲେ । ପୁରସ୍କାର ସ୍ୱରୂପ ତାଙ୍କୁ ୫୦ଲକ୍ଷ ଟଙ୍କା, ଗୋଟେ ମାରୁତି ସୁଜୁକି ଆଲଟୋ କାର ଏବଂ ଏକ ମ୍ୟୁଜିକାଲ କମ୍ପାନୀର କଣ୍ଟ୍ରାକ୍ଟ ପାଇଥିଲେ । ଏହା ପରେ ସେ 'ରୋମିଓ ବୁଲେଟ' ଫିଲ୍ମରେ ଗୀତ ଗାଇବାର ସୁଯୋଗ ପାଇଥିଲେ ଯାହା ଶ୍ରୋତାଙ୍କ ମହଲରେ ଖୁବ ପ୍ରଶଂସା ସାଉଁଟି ଥିଲା । ଜଣେ ସଂଗୀତ ନିର୍ଦ୍ଦେଶକ ହିସାବରେ ସେ "ଶ୍ରୀ" ମୁଭିରେ ପ୍ରଥମେ ଗୀତ ଗାଇଥିଲେ । ଖାଲି ସେତିକି ନୁହେଁ, ପଵନ୍ ରାଜନ୍ ୨୦୨୦-୨୧ ବର୍ଷ ପାଇଁ ସୋନୀ ଟିଭି ପ୍ରଯୋଜିତ "ଇଣ୍ଡିଆନ୍ ଆଇଡଲ୍ ସିଜନ-୧୨ରେ ପ୍ରତିଯୋଗୀ ସାଜି ସଭିଙ୍କୁ ଚକିତ କରିବା ସହ ବିଜେତା ବନିଥିଲେ । ଯାହାର ଫଳସ୍ୱରୂପ ସୁପ୍ରସିଦ୍ଧ ଗାୟକ ପଵନଦୀପ୍ ରାଜନଙ୍କୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପୁଷ୍କର ସିଂହ ଧାମୀ କଳା, ସଂଗୀତ ଓ ପର୍ଯ୍ୟଟନର ବ୍ରାଣ୍ଡ ଆମ୍ବାସାଡ଼ାର (ରାଷ୍ଟ୍ରଦୂତ) ଭାବେ ଘୋଷଣା କରିଥିଲେ । ବାସ୍ତବରେ  ଭାରତୀୟ ସଂଗୀତ ଜଗତରେ ପଵନଦୀପ୍ ରାଜନ୍ ଜଣେ ବହୁମୁଖି ପ୍ରତିଭାର ଅଧିକାରୀ ଓ ଅପ୍ରତିଦ୍ୱନ୍ଦୀ  ଯୁବ ପ୍ରତିଭା ।

ଶିକ୍ଷକ, ସାନ୍ତରାପଲ୍ଲୀ,ଗଞ୍ଜାମ, ମୋ: ୯୮୭୧୨୩୮୭୩୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମାତୃଭାଷା



ସୁନନ୍ଦା ମହାନ୍ତି

ବହୁତ ଦିନ ପରେ ଦିଲ୍ଲୀରୁ ଆସିଥିବା ବନ୍ଧୁ ନାକ ଟେକୁଥିଲେ, ଆମ ଛୋଟ କିନ୍ତୁ ଆଧ୍ୟାତ୍ମିକ ଓ ଶାନ୍ତି ପ୍ରିୟ ଅଞ୍ଚଳକୁ ଦେଖି । ସହି ପାରିଲିନି ମୋ ଛୋଟ ସହରର ଅମର୍ଯ୍ୟାଦା, ତ କହିଲି ଖୁବ ଶୀଘ୍ର, ଏଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ହେଇଛି ତ ଆମ ଏ ଛୋଟ ଆଧ୍ୟାତ୍ମିକ ପୂର୍ଣ୍ଣ ଜାଗାଟିର ନିଶ୍ଚୟ ମହତ୍ତ୍ୱ ବଢିଯିବ । ତଥାପି ତାଙ୍କ ନାକଟେକା ତଥା ଓଡିଆ କିଏ ପଢ଼ିବ ଶୁଣି ଆମ ବାବୁ, କଥା ବଙ୍କେଇ, ଅର୍ଥାତ ମନ ରଖି କହୁଥାନ୍ତି, କିଏ ପଢ଼ିବ, ଖାଲି ଷଣ୍ଢ ଆଉ ବୁଲା ଜନ୍ତୁଙ୍କ ଆଡ୍ଡା ସ୍ଥଳୀ ପାଲଟିବା ସାର ହେବ । ମୁଁ ନିରୁତ୍ତର ରହିଲି ।

ଖିଆ ପିଆ, ଦୁଃଖ ସୁଖ ଭିତରେ ମୋ ପ୍ରକାଶିତ ବହି ପାଞ୍ଚଖଣ୍ଡ ଉପହାର ସ୍ୱରୂପ ପ୍ରଦାନ କଲି ଓ ବିଭିନ୍ନ ସ୍ଥାନରୁ ମର୍ଯ୍ୟାଦା ହିସାବରେ ପାଇଥିବା ଗାମୁଛା ଖଣ୍ଡିଏ ଦେଇ କହିଲି, ଏହାକୁ ସାଧାରଣ ଗାମୁଛା ବୋଲି ଭାବିବେନି, ଏହା ଏକ ସମ୍ମାନ, ଓଡ଼ିଆ ଭାଷାର ଅଗ୍ରଗତି କରିଥିବା ଯୋଗୁଁ ମିଳୁଛି କେବେ କେବେ । ସେ କହୁଥିଲେ ନିଶ୍ଚୟ ନିଶ୍ଚୟ । ତା ପରେ ମତେ ମିଳିଥିବା ସମ୍ବର୍ଦ୍ଧନା ସବୁ ପଢ଼ି ଖୁସି ହେଲେ । କୋଉ ଲେଖାଟି ଖୁବ ଭଲ ହେଇଛି ବୋଲି ମଧ୍ୟ ପ୍ରଶଂସା କରୁଥିଲେ ।

ପୁଅ ବୋହୁ ସେଇ ଦିଲ୍ଲୀରେ ରହୁଛନ୍ତି ଜାଣି ଖୁସି ହେବା ସହ ଏତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ ଘର କରିଛନ୍ତି କିଏ ରହିବ ବୋଲି ଦୁଃଖ ପ୍ରକାଶ କରିବା ସହ, ବୋହୁର କଳାକୃତି ଯଥା ପେଣ୍ଟିଂ ଗୁଡ଼ିକ ଦେଖି ଖୁବ ଖୁସି ହୋଇ ଶାଶୁ ବୋହୁଙ୍କ ଖୁବ୍ ପ୍ରତିଭା ଅଛି କହି, ମୋର ପେପରରେ ବାହାରିଥିବା ଗୋଟେ ଦିଟା ଗଳ୍ପ କବିତା ପଢ଼ି ବିଭୋର ହୋଇ ପ୍ରଶଂସା କଲେ, ତ ମୁଁ କହିଲି ସେହି ମାତୃଭାଷା ଓଡିଆ ପାଇଁ ଏସବୁ । ସେ ଯେବେ ପଚାରୁଥିଲେ, ପ୍ରତିଭା ସହ ଓଡ଼ିଆ ଭାଷାର କଣ ସମ୍ପର୍କ, ମୁଁ ବହେ ହସିଲି, ଆଉ ସବୁ ପ୍ରତିଭା ଯେ ମାତୃଭାଷାରୁ ଉତ୍ପତ୍ତି ବୋଲି ବୁଝାଇବାକୁ ଚେଷ୍ଟା କରି କହିଥିଲି, ଦେଖିବେ, ଆରଥର ଆପଣ ଆସିଲା ବେଳକୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଏ ସ୍ଥାନର ଗୁରୁତ୍ୱ କେତେ ବଢ଼ିଯାଇଥିବ । ମତେ ଖାଲି ଆପଣଙ୍କ ଗାଡ଼ିରେ ଟିକେ ବୁଲାଇ ଆଣିବେ, ହସି ହସି ବିଦାୟ ନେଉଥିବା ବନ୍ଧୁ କହୁଥିଲେ ନିଶ୍ଚୟ ନିଶ୍ଚୟ ।

ସାକ୍ଷୀଗୋପାଳ, ପୁରୀ

୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତକିଆ କହିବ ରାତିର ବେଦନା



ଅନନ୍ତ କୁମାର

ମଣିଷ ଜୀବନ ଦୁଇ ଦିନ, ଆଜି ଅଛି ତ କାଲି ନାହିଁ । ଏ ଧରାକୁ କେବଳ ଅଢେଇ ଦିନର ଅତିଥି ସାଜି ଆସିଛି ପୁଣି କେତେ ବେଳେ ଫେରିଯିବ କିଏ ବା କହିବ ! ତଥାପି ସେହି ଅଢେଇ ଦିନ ଭିତରେ ନିଜର ଲକ୍ଷ୍ୟ ସ୍ୱପ୍ନ ପୁରା କରି ଟିକେ ଶାନ୍ତିରେ ନିଶ୍ୱାସ ମାରିବା ପାଇଁ ଚାହେଁ ହେଲେ ଏ ସଂସାରରେ କଣ ସତରେ ଶାନ୍ତି ଅଛି ? କେବଳ ମନକୁ ବୁଝାଇବା ପାଇଁ ସବୁ ବେଳେ ଟିକେ ବିଶ୍ରାମ ନିଏ ମଣିଷ । ଏ ସଂସାର ଜଞ୍ଜାଳ ଏମିତି ମଣିଷକୁ ଗ୍ରାସ କରି ଗଲାଣି ମଣିଷ ଶାନ୍ତିରେ ନିଶ୍ୱାସ ମାରିବା ସମ୍ଭବ ନୁହଁ, ଏତେ ଚିନ୍ତା ଆଉ ରୋଗ ବ୍ୟାଧି ବଢିଗଲାଣି ଏ ସମାଜରେ ବଞ୍ଚିବା କଷ୍ଟ ସାଧ୍ୟ । ମଣିଷ ଟଙ୍କା ଆଉ ନିଜର ପରିଚୟ ପାଇଁ ଧାଆଁଦଉଡ ଭିତରେ ନିଜକୁ ଭୁଲି ଯାଉଛି ସବୁ ବେଳେ ଅନେକ ଚିନ୍ତା, ଜାଣିନି ଏହି ଚିନ୍ତା ବେଳେ ବେଳେ ମଣିଷକୁ ଚିତା ପାଖରେ ପହଞ୍ଚାଇ ଦିଏ, ମଣିଷ ଦିନ ଯାକର ପରିଶ୍ରମ ସାରି ରାତିରେ ଶୂନଶାନ ଅନ୍ଧକାର କୋଠରୀକୁ ଯାଏ ଟିକେ ଶାନ୍ତିରେ ଆଖି ବୁଜି ଶାନ୍ତିରେ ଶୋଇବା ପାଇଁ, ହେଲେ ବେଳେ ବେଳେ ଏମିତି ସମୟ ଆସେ ତାହା ବହୁତ କଷ୍ଟ କହିବା, ବେଳେ ବେଳେ ନିଦ୍ରା ଗଲା ପରେ ହଠାତ ନିଦ୍ରା ଭଗ୍ନ ହେଇଯାଏ, ତା ପରେ ଅନେକ ଚେଷ୍ଟା ପରେ ବି ଏ ଆଖିକୁ ନିଦ ଆସେନି କେବଳ ମୁଣ୍ଡକୁ ନାନାଦି ଚିନ୍ତା ଆସେ, ଯେଉଁ ଚିନ୍ତା ରାତି ଯାକ ଏ ମଣିଷକୁ ଶୁଆଇ ଦିଏନି କେବଳ ଯନ୍ତ୍ରଣା ଦେଇଥାଏ, ଶୂନଶାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ଧକାର କୋଠରୀ ଭିତରେ ତକିଆ ଉପରେ ମଥା ରଖି ବାରମ୍ବାର କଡ ଲେଉଟାଇ ମନରେ ଅନେକ ପ୍ରଶ୍ନ ଆଉ ଅନେକ ଚିନ୍ତା କରି କରି ରାତି ଧୀରେ ଧୀରେ ଗଡି ଯାଏ, ବେଳେ ବେଳେ ଆଖିର ଲୁହ ବହି ଆସି ଠପ ଠପ ହେଇ ତକିଆରେ ପଡି ସାରା ତକିଆ ଭିଜେ, କିନ୍ତୁ ଏ ଆଖିକୁ ନିଦ ଆସେ ନାହିଁ, ଅନେକ ଶାରୀରିକ ଯନ୍ତ୍ରଣା ଆଉ ମାନସିକ ଯନ୍ତ୍ରଣା ରାତିଯାକ ଅନୁଭବ ହୁଏ ଏବଂ ଏ କ୍ଲାନ୍ତ ଶରୀରରଟା ରାତିର ଅନ୍ଧକାର ଭିତରେ ଛଟପଟ ହୁଏ, ନା ପାଖରେ କିଏ ଥାଏ ନା କାହାକୁ କହି ହୁଏ, ବାସ ଛଟପଟ ହେବା ଛଡା ଅନ୍ୟ ରାସ୍ତା ନ ଥାଏ, କେବଳ ଭଗବାନଙ୍କୁ ସ୍ମରଣ କରି ଦୁଃଖରେ ମନ ଭାଙ୍ଗି ଯାଏ, ଏ ଦୁଃଖ କାହାକୁ କହି ହୁଏନି କି ସହି ହୁଏନି, କେବଳ ନିଜ ଭିତରେ ଜଳି ଜଳି ମରିବାକୁ ହୁଏ, କାହାକୁ କହିବ ଏ କଥା ରାତିରେ ନିଦ ହେଉନି ସମସ୍ତେ ଅନ୍ୟ ଅର୍ଥରେ ନେଇ ଲୋକ ହସା କରିବେ, କେହି ଦରଦୀର ବେଦନା ବୁଝିବେ ନାହିଁ, ଏମିତି ଜୀଅନ୍ତା ଶବ ପରି ଏ କଡ ସେ କଡ ହେଇ ହେଇ ଶୁଖିଲାରେ ମାଛ ପରି ଛଟପଟ ଯନ୍ତ୍ରଣା ସହ୍ୟ କରି ରାତି କଟେଇବାକୁ ଦିନେ ଦିନେ ପଡେ, ବେଳେ ବେଳେ ଏତେ ଚିନ୍ତା ଆଉ ଯନ୍ତ୍ରଣା ହୁଏ ଆତ୍ମହତ୍ୟା କରି ଦେବାକୁ ଇଛା ହୁଏ, କିନ୍ତୁ ପୁଣି କିଛି କଥା ଭାବି ପଛକୁ ଫେରି ଆସିବାକୁ ହୁଏ, ଏ ଦୁଃଖ ସବୁଠାରୁ ମଣିଷର ବଡ ଦୁଃଖ ନା କାହାକୁ କହିପାରେ ନା ସହି ପାରେ । କେବଳ ତକିଆ ସବୁ ମୁକସାକ୍ଷୀ ଥାଏ, ଆଉ ଏ ଅନ୍ଧକାର କୋଠରୀ ଭିତରର ସବୁ ବେଦନା ସେହି ହିଁ ଜାଣି ଥାଏ, ଆଉ କେହି ନୁହଁ, ସତରେ ରାତିରେ ଏମିତି ନିଦ ନ ହେବା ଏମିତି ରାତି ସାରା ଛଟପଟ ହେବା ଅନେକ କଷ୍ଟଦାୟକ, ସତରେ ମଣିଷ ଜୀବନରେ ଶାନ୍ତି ନାହିଁ କେତେ ବେଳେ ମଧ୍ୟ । କେବଳ ଚିନ୍ତା ଚିନ୍ତା, ମାନସିକ ଚିନ୍ତା ତ ଶାରିରୀକ ପୀଡା ତ କେତେ ବେଳେ ମାନ ହାନି, ଏ ସବୁ ଭିତରେ ମଣିଷ ଭାଙ୍ଗି ପଡେ ଆଉ ନିରାଶ ହେଇ ଯାଏ, ଆଉ ଭଗବାନଙ୍କୁ ପ୍ରଶ୍ନ କରେ ସତରେ କଣ ପ୍ରଭୁ ମଣିଷ ଜୀବନ ଏତେ କଷ୍ଟ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ସେପ୍ଟେମ୍ବର ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ସେପ୍ଟେମ୍ବର ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ୍ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan